

ଆମଦାନୀ ଶୁଳ୍କ ପ୍ରତ୍ୟାହାର ଲାଗି ବିଜୟଙ୍କ ଚିଠି ପୃଷ୍ଠା ୪


# ସଂଚାର

THE SANCHAR

Website: sanchar.live mail Id: sancharodisha@gmail.com

RNI NO :ODIODI/2001/04811 Postal Regd No : BN/249/15-17

Vol. 34 | ISSUE 54 ଭାଗ ୩୪ | ସଂଖ୍ୟା ୫୪ | Saturday 16 May 2026 | Page 8 Rs. 5.00 | ଭୁବନେଶ୍ୱର ଶନିବାର ୧୬ ମେ ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


# ଦେଶବାସୀଙ୍କୁ ଟ୍ରିପଲ୍ ଝଟ୍‌କା




- ଆମେରିକା-ଇରାନ ଯୁଦ୍ଧର ଭୟଙ୍କର ପ୍ରଭାବ
- ପେଟ୍ରୋଲ ଓ ଡିଜେଲ ଦରରେ ୩ଟଙ୍କା ବୃଦ୍ଧି
- ୨ ଟଙ୍କା ବଢ଼ିଲା ସିଏନଜି ଦର
- ଇନ୍ଧନ ଦର ଆହୁରି ବଢ଼ିବା ସମ୍ଭାବନା
- ଖାଦ୍ୟଠୁ ପରିବହନ ସବୁକିଛି ମହଙ୍ଗା ଆଶଙ୍କା

ନୂଆଦିଲ୍ଲୀ,୧୫।୫: ଇରାନ ଓ ଆମେରିକା ମଧ୍ୟରେ ଚାଲିଥିବା ଯୁଦ୍ଧ ଏବେ ସିଧାସଳଖ ଭାରତୀୟ ଅର୍ଥନୀତିକୁ ପ୍ରଭାବିତ କରିଛି। ଗତ ଦୁଇ ଦିନ ଧରି ପେଟ୍ରୋଲ ଓ ଡିଜେଲ ଦର ବଢ଼ିବ ବୋଲି ହେଉଥିବା ଚର୍ଚ୍ଚା ଆଜି ବାସ୍ତବରେ ପରିଣତ ହୋଇଛି। ଶୁକ୍ରବାର ସକାଳୁ ସକାଳୁ ପେଟ୍ରୋଲ ଓ ଡିଜେଲ ଦରରେ ତିନି ଟଙ୍କା ବୃଦ୍ଧି କରିଛନ୍ତି କେନ୍ଦ୍ର ସରକାର। ପେଟ୍ରୋଲର ମୂଲ୍ୟ ଲିଟର ପିଛା ୩.୧୪ ଟଙ୍କା ବୃଦ୍ଧି ପାଇଥିବା ବେଳେ ଡିଜେଲ ଦରରେ ମଧ୍ୟ ୩ ଟଙ୍କା ୧୧ ପଇସା ବଢ଼ିଛି। ଗତ ୨୦୨୨ ପରେ ପ୍ରଥମ ଥର ପାଇଁ ପେଟ୍ରୋଲ ଓ ଡିଜେଲର ମୂଲ୍ୟ ବୃଦ୍ଧି ଘଟିଛି। ଦିଲ୍ଲୀ ପେଟ୍ରୋଲ ଡିଲର୍ସ ଆସୋସିଏସନର ବିଦାୟୀ ସଭାପତି ନିଶ୍ଚଳ ସିଂଘାନିଆ କହିଛନ୍ତି ଯେ ଅନ୍ତର୍ଜାତୀୟ ଅଶୋଧିତ ତୈଳ ମୂଲ୍ୟରେ ପରିବର୍ତ୍ତନ ଓ ଟଙ୍କାର ମୂଲ୍ୟ ଦୁର୍ବଳ ହୋଇଥିବା ଯୋଗୁଁ ତୈଳ କମ୍ପାନୀଗୁଡ଼ିକ ଦ୍ୱାରା ଏହି ଦର ବୃଦ୍ଧି କରାଯାଇଛି। ପେଟ୍ରୋଲ କମ୍ପାନୀଗୁଡ଼ିକ ମଧ୍ୟରାତ୍ରିରେ ପେଟ୍ରୋଲ ପମ୍ପ ଅପରେଟରମାନଙ୍କୁ ଇମେଲ୍ ମାଧ୍ୟମରେ ଏହି ବୃଦ୍ଧି ଘୋଷଣା କରିଥିଲେ, ଯାହା ଶୁକ୍ରବାର ସକାଳ ୬ଟାରୁ ଲାଗୁ ହୋଇଛି। କୋଲକାତାରେ ପେଟ୍ରୋଲ ଦର ଲିଟର୍ ପିଛା ୧୦୮.୭୪ ଟଙ୍କା ରହିଥିବା ବେଳେ ମୁମ୍ବାଇରେ ଏହା ୧୦୬.୬୮ ଟଙ୍କା ଓ ଚେନ୍ନାଇରେ ୧୦୩.୬୭ ଟଙ୍କାରେ ପହଞ୍ଚିଛି। ସେହିପରି ଡିଜେଲ୍ ଦର କୋଲକାତାରେ ୯୫.୧୩ ଟଙ୍କା, ମୁମ୍ବାଇରେ ୯୩.୧୪ ଟଙ୍କା ଓ ଚେନ୍ନାଇରେ ୯୫.୨୫ ଟଙ୍କାରେ ପହଞ୍ଚିଥିବା ଜଣାପଡ଼ିଛି। ସେହିଭଳି ଓଡ଼ିଶାରେ ବାଲେଶ୍ୱର ଜିଲ୍ଲାରେ ପେଟ୍ରୋଲ୍ ଦର ଲିଟର୍ ପିଛା ୧୦୪.୯୫ ⮚ପୃଷ୍ଠା-୬

# ସରକାରୀ କର୍ମଚାରୀଙ୍କ ମହଙ୍ଗା ଭତ୍ତା ବୃଦ୍ଧି

- ୫୮ରୁ ୬୦ ପ୍ରତିଶତକୁ ବୃଦ୍ଧି ପାଇଲା ଡିଏ
- ୨୦୨୬ ଜାନୁଆରୀରୁ ପିଛିଲା ଭାବେ ଲାଗୁ
- ପେନସନ୍‌ଭୋଗୀଙ୍କ ଟିଆଇରେ ମଧ୍ୟ ବୃଦ୍ଧି



ଭୁବନେଶ୍ୱର,୧୫।୫(ସଂଚାର ବ୍ୟୁରୋ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ରାଜ୍ୟ ସରକାରୀ କର୍ମଚାରୀଙ୍କ ମହଙ୍ଗା ଭତ୍ତାରେ ଦୁଇ ପ୍ରତିଶତ ବୃଦ୍ଧି ଘୋଷଣା କରିଛନ୍ତି। ଏହା ଫଳରେ ସରକାରୀ କର୍ମଚାରୀଙ୍କ ମହଙ୍ଗା ଭତ୍ତା ୫୮ ପ୍ରତିଶତରୁ ୬୦ ପ୍ରତିଶତକୁ ବୃଦ୍ଧି ପାଇଛି। ବର୍ଦ୍ଧିତ ମହଙ୍ଗା ଭତ୍ତା ଗତ ୨୦୨୬ ଜାନୁଆରୀ ପହିଲାରୁ ପିଛିଲା ଭାବେ ଲାଗୁ ହେବ। ଏଥିସହ ଏହି ବର୍ଦ୍ଧିତ ମହଙ୍ଗା ଭତ୍ତା ଚଳିତ ମେ' ମାସ ଦରମାରେ ନଗଦ ଆକାରରେ ମିଳିବ ବୋଲି ସୂଚନା ଦିଆଯାଇଛି। ଏଥିସହ ପେନ୍‌ସନ୍‌ଭୋଗୀମାନଙ୍କ ଟିଆଇରେ ମଧ୍ୟ ଦୁଇ ପ୍ରତିଶତ ବୃଦ୍ଧି କରାଯାଇଛି। ସେମାନେ ମଧ୍ୟ ଅନୁରୂପ ଭାବେ ମେ' ମାସ ପେନ୍‌ସନରେ ଏହି ବର୍ଦ୍ଧିତ ଟିଆଇ ପାଇବେ। ଏହାଦ୍ୱାରା ରାଜ୍ୟର ପ୍ରାୟ ସାଢ଼େ ୮ ଲକ୍ଷ ସରକାରୀ କର୍ମଚାରୀ ଓ ପେନ୍‌ସନ୍‌ଭୋଗୀ ଉପକୃତ ହେବେ।

## କାର୍ ଉପରେ ମାଡ଼ିଗଲା ହାଇୱା
## ଦୁଇ ଇଞ୍ଜିନିୟରିଂ ଛାତ୍ରଙ୍କ ମୃତ୍ୟୁ, ୫ ଆହତ



ଭୁବନେଶ୍ୱର,୧୫।୫(ସଂଚାର ବ୍ୟୁରୋ): ରାତି ଅଧରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା। ଭୁବନେଶ୍ୱର ଉପକଣ୍ଠସ୍ଥ ଚନ୍ଦକା ଥାନା ଭୋଳା ଛକ ନିକଟରେ ହାଇୱା ଧକ୍କାରେ ଦୁଇ ଜଣଙ୍କ ମୃତ୍ୟୁ ହୋଇଛି। ଦାମୀ କାର ଉପରେ ମାଡ଼ିଗଲା ହାଇୱା। ଏହି ଦୁର୍ଘଟଣାରେ ଦୁଇ ଜଣ ଇଞ୍ଜିନିୟରିଂ ଛାତ୍ରଙ୍କ ମୃତ୍ୟୁ ଘଟିଛି। ଭୋଳା ଆପାର୍ଟମେଣ୍ଟ ସାମ୍ନାରେ ଏହି ଦୁର୍ଘଟଣା ଘଟିଥିବା ବେଳେ ଦୁଇ ମୃତକ ଉକ୍ତ ଅଞ୍ଚଳର ଏକ ଆପାର୍ଟମେଣ୍ଟରେ ରହୁଥିବା ସୂଚନା ମିଳିଛି। ସେମାନେ ରାତିରେ ପାର୍ଟି ସାରି ଫେରୁଥିବା ସମୟରେ ଦୁର୍ଘଟଣାର ସମ୍ମୁଖୀନ ହୋଇଛନ୍ତି। ସେତେବେଳେ ଉକ୍ତ ଏସ୍‌ୟୁଭି ଟ୍ରାଭେଲର୍‌ରେ ମୋଟ ୭ ଜଣ ଯାତ୍ରା କରୁଥିଲେ। ଏହି ଦୁର୍ଘଟଣାର ଭୟାବହତା ଏତେ ଅଧିକ ଥିଲା ଯେ ଏସ୍‌ୟୁଭିର ସମ୍ମୁଖ ଭାଗ ପୂରାପୂରି ଭାଙ୍ଗିରୁଜି ଯାଇଛି। ଫଳରେ ଗାଡ଼ି ଭିତରେ ସମସ୍ତେ ଚାପି ହୋଇ ରହିଯାଇଥିଲେ। ଘଟଣାସ୍ଥଳରେ ସ୍ଥାନୀୟ ଲୋକେ ପହଞ୍ଚି ତୁରନ୍ତ ପୁଲିସ୍‌କୁ ସୂଚନା ଦେବା ପରେ ପୁଲିସ୍ ଓ ଦମକଳ ବାହିନୀ କର୍ମଚାରୀମାନେ ପହଞ୍ଚି ମୃତାହତମାନଙ୍କୁ ଉଦ୍ଧାର କରିଥିଲେ। ଏଥିସକାଶେ ସେମାନଙ୍କୁ ଗ୍ୟାସ୍ କଟର୍‌ର ସହାୟତା ନେବାକୁ ପଡ଼ିଥିଲା।

# ବଢ଼ିଲା ଘରୋଇ ବସ୍ ଭଡ଼ା



ଭୁବନେଶ୍ୱର,୧୫।୫(ସଂଚାର ବ୍ୟୁରୋ): ତୈଳ ଦର ବୃଦ୍ଧି ପରେ ଘରୋଇ ବସ୍ ଭଡ଼ା ବୃଦ୍ଧି ପାଇଛି। ଗତକାଲି ପେଟ୍ରୋଲ୍ ଓ ଡିଜେଲ୍ ଦର ଲିଟର ପିଛା ୩ ଟଙ୍କା ଲେଖାଏଁ ବଢ଼ିବା ପରେ ଆଜି ଘରୋଇ ବସ୍ ଭଡ଼ାକୁ ବୃଦ୍ଧି କରାଯାଇଛି। ଘରୋଇ

- ଭଡ଼ା ୨ରୁ ୬ ପଇସା ପର୍ଯ୍ୟନ୍ତ ବୃଦ୍ଧି
- ଡିଲକ୍ସ ଭଡ଼ା ୩ ପଇସା ବୃଦ୍ଧି
- ଏସି ଡିଲକ୍ସ ଭଡ଼ା ବଢ଼ିଲା ୪ ପଇସା
- ସୁପର ଡିଲକ୍ସ ୨.୪୧ରୁ ୨.୪୭ ଟଙ୍କାକୁ ବୃଦ୍ଧି

ବସ୍ ଭଡ଼ା ବୃଦ୍ଧି ନେଇ ସୂଚନା ଦେଇଛି ରାଜ୍ୟ ଘରୋଇ ବସ ମାଲିକ ସଂଘ। ସୂଚନାନୁସାରେ, ଡିଜେଲ ଦର ୯୨ ଟଙ୍କା ୬୨ ପଇସାରୁ ୯୫ ଟଙ୍କା ୮୭ ପଇସାକୁ ବଢ଼ିଛି। ଏହାକୁ ଦୃଷ୍ଟିରେ ରଖି ବସ୍ ଭଡ଼ା କିଲୋମିଟର ପିଛା ୨ ପଇସାରୁ ୬ ପଇସା ପର୍ଯ୍ୟନ୍ତ ବୃଦ୍ଧି ପାଇଛି। ସାଧାରଣ ବସ ଭଡ଼ା ପୂର୍ବରୁ କିଲୋମିଟର ପିଛା ୮୮ ପଇସା ଭଡ଼ା ରହିଥିବା ବେଳେ ଏବେ ତାହା ୯୦ ପଇସା ହୋଇଛି। ସେହିପରି ଏକ୍ସପ୍ରେସ ବସ ଭଡ଼ା ପୂର୍ବରୁ କିମି ପିଛା ୯୨ ପଇସା ଥିବା ବେଳେ ଏବେ ତାହା ୯୪ ପଇସା ହୋଇଛି। ସେହିପରି ଡିଲକ୍ସ ବସ ଭଡ଼ା ପୂର୍ବରୁ କିମି ପିଛା ୧ ଟଙ୍କା ୨୭ ପଇସା ରହିଥିଲା, ଏବେ ତାହା ୧ ଟଙ୍କା ୩୧ ପଇସାକୁ ବୃଦ୍ଧି ପାଇଛି। ⮚ପୃଷ୍ଠା-୬

# ଜୁନ୍ ୨୧ରେ ନିଟ୍ ପ୍ରବେଶିକା
# ଶିକ୍ଷା ମାଫିଆଙ୍କ ଉପରେ ହେବ ଦୃଢ଼ କାର୍ଯ୍ୟାନୁଷ୍ଠାନ



**ଆସନ୍ତା ବର୍ଷରୁ ଅନଲାଇନ୍‌ରେ ପରୀକ୍ଷା**

**୧୫ ମିନିଟ ବଢ଼ିଲା ପରୀକ୍ଷା ଅବଧି**

ଭୁବନେଶ୍ୱର,୧୫।୫(ସଂଚାର ବ୍ୟୁରୋ): ଡାକ୍ତରୀ ପାଠ ପଢ଼ିବା ପାଇଁ ସାରା ଦେଶରେ ହେଉଥିବା ପ୍ରବେଶିକା ପରୀକ୍ଷା ନିଟ୍ ପ୍ରଶ୍ନପତ୍ର ଲିକ୍ ମାମଲାରେ ପ୍ରେସମିଟ୍ କରି ସୂଚନା ରଖିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ଛାତ୍ରଛାତ୍ରୀଙ୍କ ସୁରକ୍ଷିତ ଭବିଷ୍ୟତ ସରକାରଙ୍କ ପ୍ରାଥମିକତା। ପ୍ରଶ୍ନପତ୍ର ଲିକ୍ ମାନସିକତା ଏକ ସାମାଜିକ ବ୍ୟାଧିରେ ପରିଣତ ହେଲାଣି। ସାଇବର ଅପରାଧର ଯୁଗରେ ପିଲାଙ୍କ ଭବିଷ୍ୟତକୁ ସୁରକ୍ଷିତ ରଖିବାକୁ ପ୍ରାଧାନ୍ୟ ଦିଆଯାଉଛି। ଶିକ୍ଷା ମାଫିଆଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ। ସିବିଆଇ ଘଟଣାର ଚେର ପର୍ଯ୍ୟନ୍ତ ଯିବ ବୋଲି ସୂଚନା ଦେଇଛନ୍ତି କେନ୍ଦ୍ରମନ୍ତ୍ରୀ। ଏହାଛଡ଼ା ନିଟ୍ ୟୁଜି ପରୀକ୍ଷାର ସମୟ ଅବଧି ୧୫ ମିନିଟ ବୃଦ୍ଧି କରାଯାଇଥିବା କେନ୍ଦ୍ରମନ୍ତ୍ରୀ କହିଛନ୍ତି। ନିଜ ପସନ୍ଦରେ ସହର ବାଛିବା ପାଇଁ ଖୋଲା ରହିବ ୱିଣ୍ଡୋ। ଆସନ୍ତା ଜୁନ ୧୪ ତାରିଖରେ ଆଡମିଟ କାର୍ଡ ମିଳିବ। ଆଗାମୀ ପରୀକ୍ଷା ପାଇଁ ଜିରୋ ଫି' ରହିବ। ଆସନ୍ତା ଜୁନ ୨୧ ତାରିଖରେ ପରୀକ୍ଷା କରାଯିବା ନେଇ ବିଜ୍ଞପ୍ତି ଜାରି କରିସାରିଛି ଏନ୍‌ଟିଏ। ସେହିପରି ପ୍ରଶ୍ନପତ୍ର ଲିକ୍ ଘଟଣା ଏଡ଼ାଇବା ସକାଶେ ଆସନ୍ତା ବର୍ଷଠାରୁ ନିଟ୍ ପରୀକ୍ଷାକୁ କମ୍ପ୍ୟୁଟର୍‌ଭିତ୍ତିକ ଟେଷ୍ଟ (ସିବିଟି) ଅର୍ଥାତ୍ ଅନଲାଇନ୍‌ରେ କରାଯିବାକୁ ନିଷ୍ପତ୍ତି ହୋଇଛି ବୋଲି କେନ୍ଦ୍ର ମନ୍ତ୍ରୀ କହିଛନ୍ତି।

ଏଥିସହ ଶ୍ରୀ ପ୍ରଧାନ ପ୍ରେସ ମିଟରେ ଶିକ୍ଷା ମାଫିଆଙ୍କୁ ଚରମବାଣୀ ଶୁଣାଇ କହିଛନ୍ତି, ଆମେ ଶୂନ୍ୟ ସହନଶୀଳତା ନୀତି ଆପଣାଇଛୁ। ପିଲାଙ୍କ ସ୍ୱାର୍ଥକୁ ଦେଖି ସମାଧାନର ବାଟ ବାହାର କରାଯାଇଛି। ଆଗକୁ ଯେଉଁ ପରୀକ୍ଷା ହେବ ସ୍ୱଚ୍ଛତାର ସହ ହେବ। ଶିକ୍ଷା ମାଫିଆଙ୍କ ଉଦ୍ଦେଶ୍ୟକୁ ସଫଳ କରିବାକୁ ଦେବୁନାହିଁ। ସିବିଆଇ ଘଟଣାରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ନେଇଛି। ଘଟଣାକୁ ଗୁରୁତର ସହ ନେଇ ଘଟଣାର ଖୋଳତାଡ଼ କରୁଛି ସିବିଆଇ। ଛାତ୍ରଛାତ୍ରୀଙ୍କ ହିତ ପାଇଁ ଆମେ କଠୋର ପଦକ୍ଷେପ ନେଇଛୁ। ମାଫିଆଙ୍କ ଷଡ଼ଯନ୍ତ୍ରରେ ପିଲାଙ୍କ ଭବିଷ୍ୟତରେ କୌଣସି ପ୍ରକାର ଆଞ୍ଚ ଆସିବାକୁ ଦିଆଯିବ ନାହିଁ। ଶିକ୍ଷା ମାଫିଆମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ହେବ ବୋଲି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ରୋକ୍‌ଠୋକ୍ କହିଛନ୍ତି।

ଏହି ଅବସରରେ ଶ୍ରୀ ପ୍ରଧାନ ଆସନ୍ତାବର୍ଷଠାରୁ ନିଟ୍ ୟୁଜି ପରୀକ୍ଷାକୁ ଅନଲାଇନ ମୋଡ୍‌ରେ କରିବାକୁ କେନ୍ଦ୍ର ସରକାର ଯୋଜନା ⮚ପୃଷ୍ଠା-୬

## କ୍ରୁଜ୍ କ୍ଷେପଣାସ୍ତ୍ର ପରୀକ୍ଷା କଲା ପାକିସ୍ତାନ



ଇସଲାମାବାଦ,୧୫।୫: ପାକିସ୍ତାନ ଗତକାଲି ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଭୂମିରୁ ଆକାଶକୁ ଉତକ୍ଷେପଣ ହୋଇପାରୁଥିବା 'ଫାତାହ-୪' କ୍ରୁଜ୍ କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ କରିଛି। ସଠିକତାର ସହ ଏହା ଦୂରଗାମୀ ଲକ୍ଷ୍ୟଭେଦ କରିବାର କ୍ଷମତା ରଖିଛି ବୋଲି ପାକ୍ ସେନା ପକ୍ଷରୁ କୁହାଯାଇଛି। ରକେଟ୍ ଫୋର୍ସ କମାଣ୍ଡ ଏହାର ଉତ୍‌କ୍ଷେପଣ ଆୟୋଜନ କରିଥିଲା। 'ଫାତାହ-୪'ରେ ଉନ୍ନତ ଏଭିଓନିକ୍ସ ସହ ନ୍ୟାଭିଗେସନାଲ ଉପକରଣ ସଂଯୋଗ କରାଯାଇଛି। ସେନାର କାର୍ଯ୍ୟଗତ କ୍ଷମତା ବୃଦ୍ଧି କରିବାକୁ ତଥା ବିଭିନ୍ନ ସବ-ସିଷ୍ଟମରେ ଲାଗିଥିବା ବୈଷୟିକ ପାରାମିଟର ସବୁକୁ ବୈଧ କରିବା ପାଇଁ ଏହି ପରୀକ୍ଷଣ କରାଯାଇଥିବା ସେନା କହିଛି। ରାଷ୍ଟ୍ରପତି ଆସିଫ୍ ଅଲି ଜର୍ଦ୍ଦାରି, ପ୍ରଧାନମନ୍ତ୍ରୀ ଶେହବାଜ୍ ଶରିଫ୍ ଓ ସେନାମୁଖ୍ୟ ଅସୀମ ମୁନିର ଏହି ସଫଳ ପରୀକ୍ଷଣ ଲାଗି ସେନାକୁ ଶୁଭେଚ୍ଛା ଜଣାଇଛନ୍ତି।

# ତେଲ ପାଇଁ ଏବେ ବି ହାହାକାର

- ପେଟ୍ରୋଲ ପମ୍ପରେ ଆଖି ପାଉନଥିବା ଯାଏଁ ଲାଇନ
- ଦର ବୃଦ୍ଧି ପରେ ବି ଗ୍ରାହକଙ୍କ ଉପରେ ପଡୁନି ପ୍ରଭାବ
- ଦୁଇ ଦିନରେ ତେଲ ବିକ୍ରି ୩୭ ପ୍ରତିଶତ ବଢ଼ିଛି
- ଆଇଓସିଏଲର ସ୍ପଷ୍ଟୀକରଣ: ତେଲର ଅଭାବ ନାହିଁ



ଭୁବନେଶ୍ୱର,୧୫।୫(ସଂଚାର ବ୍ୟୁରୋ): ତୈଳ କମ୍ପାନୀଙ୍କଠାରୁ ଆରମ୍ଭ କରି ଯୋଗାଣ ମନ୍ତ୍ରୀ, ଯୋଗାଣ ସଚିବ ଏପରିକି ପେଟ୍ରୋଲିୟମ ସଂଘ ପକ୍ଷରୁ ବାରମ୍ବାର ଅପିଲ କରାଯିବା ପରେ ମଧ୍ୟ ରାଜ୍ୟରେ ପ୍ୟାନିକ୍ ବାଇଙ୍ଗ ସ୍ଥିତିରେ ସୁଧାର ଆସୁନି। ଗତ ଦୁଇ ଦିନ ଧରି ରାଜ୍ୟର ସବୁ ପେଟ୍ରୋଲ ପମ୍ପରେ ନାହିଁ ନଥିବା ଭିଡ଼ ଦେଖିବାକୁ ମିଳୁଛି। ଦୈନିକ ଦୁଇ ଲିଟର ତେଲ ପକାଉଥିବା ଲୋକେ ବି ମୋଟର ସାଇକେଲ ଓ କାର ଟାଙ୍କି ଫୁଲ୍ କରିବା ସହ ଜାର୍‌କିନରେ ତେଲ ବୋହିନେଉଛନ୍ତି। ରାଜ୍ୟରେ ଏଭଳି ସ୍ଥିତି କାହିଁକି ସୃଷ୍ଟି ହୋଇଛି, ତାକୁ ନେଇ ନାନା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତେଲ ଦର ୩ ଟଙ୍କା ବଢ଼ିବା ପରେ ମଧ୍ୟ ସ୍ଥିତିରେ ସୁଧାର ଆସୁନି।

ଯୋଗାଣ ମନ୍ତ୍ରୀ କହୁଛନ୍ତି, ରାଜ୍ୟରେ ୧୩ ଦିନ ପାଇଁ ତେଲ ମହଜୁଦ ଅଛି। ସେପଟେ ପେଟ୍ରୋଲିୟମ ଆସୋସିଏସନ କହୁଛି ତୈଳ କମ୍ପାନୀମାନେ ସହୁଥିବା କ୍ଷତିର ଭରଣା ପାଇଁ ଯୋଗାଣ କମାଯାଇଛି ଓ ଦୁଇ ଦିନ ମଧ୍ୟରେ ସ୍ଥିତିରେ ସୁଧାର ଆସିବ। ତା' ସତ୍ତ୍ୱେ ଭୟଭୀତ ହୋଇ ଲୋକେ ତେଲ କିଣୁଛନ୍ତି। ⮚ପୃଷ୍ଠା-୬

# ଭାରୀଯାନ ପାଇଁ ସ୍ୱତନ୍ତ୍ର ଆଉଟଲେଟ୍

## ଗୁଜବକୁ ବିଶ୍ୱାସ ନ କରିବାକୁ ଅନୁରୋଧ



ଭୁବନେଶ୍ୱର,୧୫।୫(ସଂଚାର ବ୍ୟୁରୋ): ପବ୍ଲିକ ଟ୍ରାନ୍ସପୋର୍ଟ ସେବାର ସୁଚାରୁ ପରିଚାଳନା ପାଇଁ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୁତି ଭୂଷଣ ଜେନାଙ୍କ ନିର୍ଦ୍ଦେଶ କ୍ରମେ ରାଜ୍ୟ ପରିବହନ ପ୍ରାଧିକରଣ (ଏସ୍‌ଟିଏ) କାର୍ଯ୍ୟାଳୟରେ ପରିବହନ ଆୟୁକ୍ତ ଅମିତାଭ ଠାକୁରଙ୍କ ଅଧ୍ୟକ୍ଷତାରେ ରାଜ୍ୟ ଟ୍ରକ ମାଲିକ ସଂଘ, ବସ୍ ମାଲିକ ସଂଘ ଏବଂ ପ୍ରମୁଖ ତୈଳ କମ୍ପାନୀର ପ୍ରତିନିଧି ତଥା ରାଜ୍ୟ ସଂଯୋଜକଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ବସ ଓ ଟ୍ରକ ପାଇଁ ସବୁ ଜିଲ୍ଲାରେ ସ୍ୱତନ୍ତ୍ର ଆଉଟଲେଟ ସଂରକ୍ଷିତ ରଖିବାକୁ ନିଷ୍ପତ୍ତି ନିଆଯାଇଛି।

ରାଜ୍ୟ ପରିବହନ ପ୍ରାଧିକରଣ ସହ ଆଲୋଚନା ବେଳେ ବସ ଓ ଟ୍ରକ ମାଲିକମାନେ ପର୍ଯ୍ୟାପ୍ତ ଇନ୍ଧନ ପାଉନଥିବା ଅଭିଯୋଗ କରିଥିଲେ। ଏହି ଅଭିଯୋଗକୁ ଆଧାର କରି ସାଧାରଣ ପରିବହନ ସେବାରେ କୌଣସି ବିଘ୍ନ ନଉପୁଜେ ସେଥିପାଇଁ କିଛି ସ୍ୱଳ୍ପକାଳୀନ ନିଷ୍ପତ୍ତି ନିଆଯାଇଛି। ତଦନୁଯାୟୀ ପ୍ରତି ଜିଲ୍ଲାରେ ବସ୍ ଏବଂ ଟ୍ରକ୍ ପାଇଁ ସ୍ୱତନ୍ତ୍ର ପେଟ୍ରୋଲ ପମ୍ପ ସଂରକ୍ଷିତ ରଖିବା ସହ ଗାଡ଼ି ମାଲିକମାନେ ପୂର୍ବରୁ ବ୍ୟବହାର କରୁଥିବା ତେଲ ଟାଙ୍କିର ଏକ ସୂଚୀ ପ୍ରଦାନ କରିବେ ଏବଂ ଚିହ୍ନଟ ହୋଇଥିବା ସେହି ନିର୍ଦ୍ଦିଷ୍ଟ ଆଉଟ୍‌ଲେଟ୍ ଗୁଡ଼ିକରେ ସର୍ବଦା ଆବଶ୍ୟକୀୟ ଇନ୍ଧନ ମହଜୁଦ ରଖାଯିବ। ଏହା ସହିତ ଟ୍ରକଗୁଡ଼ିକ ସୁବିଧା ପାଇଁ ଜାତୀୟ ରାଜପଥ କଡ଼ରେ ପ୍ରତି ଜିଲ୍ଲାରେ ପେଟ୍ରୋଲ ପମ୍ପ ଚିହ୍ନଟ କରାଯିବ ଏବଂ ଗାଡ଼ିଗୁଡ଼ିକର ଦୈନିକ ଆବଶ୍ୟକତା ଅନୁଯାୟୀ ସେହି ନିର୍ଦ୍ଦିଷ୍ଟ ପମ୍ପଗୁଡ଼ିକୁ ତୈଳ ଯୋଗାଣ ପ୍ରକ୍ରିୟାକୁ ସରକାର ଓ ତୈଳ କମ୍ପାନୀ ସିଧାସଳଖ ⮚ପୃଷ୍ଠା-୬




ସାଇକେଲ୍ ଚଢ଼ି ନେତାଏ ବୁଲିବେ
ଗାଁ ଠୁ ସହର ଏବେ
ସବୁବେଳେ ଯଦି ଏମିତି ବୁଲିବେ
ରୋଗ ମାଡ଼ିବନି କେବେ
ପରିସ୍ଥିତି କିଆଁ ଭାବେ...
ନେତାମନ୍ତ୍ରୀ ପଛେ ଗାଡି ନବୁଲିଲେ
ଇନ୍ଧନ ବଞ୍ଚିବ ସେବେ ।

■ ଦେବାଶିଷ

# ଜଗତସିଂହପୁର ବିଧାୟକ-ଅଫିସରଙ୍କ ଶୀତଳ ଯୁଦ୍ଧ

## ଜିଲ୍ଲାରେ ଅଚଳ ହେଲାଣି ପ୍ରଶାସନ

## ଭିଡିଓ ଭାଇରାଲ କରି ପତିଆରା



ଭୁବନେଶ୍ୱର,୧୫।୫(ସଂଚାର ବ୍ୟୁରୋ): ଜଗତ୍‌ସିଂହପୁର ଯୁବ ବିଧାୟକ ଅମରେନ୍ଦ୍ର ଦାସ ଗଣମାଧ୍ୟମ ସାମ୍ନାରେ ଜଣେ ଯନ୍ତ୍ରୀଙ୍କୁ ଗାଳିଗୁଲଜ କରିବାର ଭିଡିଓ ଭାଇରାଲ ହେବା ପରେ ଜିଲ୍ଲାରେ ବିଧାୟକ ଓ ଅଫିସରଙ୍କ ସମ୍ପର୍କ ନେଇ ଗୋଟିଏ ପରେ ଗୋଟିଏ ଖବର ପଦାକୁ ଆସିବାରେ ଲାଗିଛି। ବିଧାୟକ ଶ୍ରୀ ଦାସ ଯାହାକୁ ଟାର୍ଗେଟ କରୁଛନ୍ତି, ତାଙ୍କୁ ଗାଳିଗୁଲଜ କରୁଛନ୍ତି ନ ହେଲେ ବଦଳି ପାଇଁ ଲାଗିପଡୁଛନ୍ତି ବୋଲି ହେଉଥିବା ଆଲୋଚନା ଏବେ ଆସି ରାଜଧାନୀରେ ପହଞ୍ଚିଛି।

ସହର ଉପକଣ୍ଠରେ ଗୋଟିଏ ଛୋଟିଆ କଡ଼ନାଳ ନିର୍ମାଣକୁ ନେଇ ବିଧାୟକ ସାଧାରଣ ଲୋକ ଓ ଗଣମାଧ୍ୟମ ସାମ୍ନାରେ ସମ୍ପୃକ୍ତ ଯନ୍ତ୍ରୀଙ୍କୁ ଫୋନ୍ କରି ଗାଳିଗୁଲଜ କଲେ। ଏହାର ଭିଡିଓ ଭାଇରାଲ ହେବା ସହ ବିଭିନ୍ନ ଗଣମାଧ୍ୟମରେ ଏହାର ସଚିତ୍ର ଖବର ପ୍ରକାଶ ପାଇଛି। ଏହାକୁ ନେଇ ଏବେ ଜିଲ୍ଲାର ଅଫିସରମାନେ ଅସନ୍ତୋଷ ପ୍ରକଟ କରିଛନ୍ତି। ଯଦିଓ ଖୋଲାଖୋଲି ଭାବେ ବିଧାୟକଙ୍କୁ କେହି ବିରୋଧ କରିନାହାନ୍ତି, କିନ୍ତୁ ଭିତରେ ଭିତରେ ମେଳି ହେଉଥିବାର ସୂଚନା ମିଳିଛି। ବିଧାୟକ ଚାହିଁଥିଲେ ଯନ୍ତ୍ରୀ ଜଣଙ୍କୁ ନିଜ ଦପ୍ତରକୁ କିମ୍ବା ଘରକୁ ଡାକି ତାଗିଦ କରିପାରିଥାନ୍ତେ। ହେଲେ ଲୋକଙ୍କ ଆଗରେ ଗାଳି କରିବା ଓ ସେହି ଭିଡିଓ ଭାଇରାଲ ହେବା ଘଟଣାକୁ କେହି ସହଜରେ ଗ୍ରହଣ କରିପାରୁନାହାନ୍ତି। ଅତୀତରେ ଏହି ଯୁବ ଯନ୍ତ୍ରୀଙ୍କ ସହି ବିଧାୟକଙ୍କର ବେଶ୍ ମଧୁର ସମ୍ପର୍କ ଥିଲା। ହଠାତ୍ ସମ୍ପର୍କ କାହିଁକି ବିଗିଡ଼ିଲା, ତାହା ଏବେ ସହରରେ ଚର୍ଚ୍ଚାର ବିଷୟ ପାଲଟିଛି।

ସେହିଭଳି ଅଳ୍ପଦିନ ତଳେ ଜଣେ କନିଷ୍ଠ ଖଣି ଅଫିସରଙ୍କ ବଦଳିକୁ ନେଇ ବିଧାୟକ ଉପଜିଲ୍ଲାପାଳଙ୍କୁ ଗାଳିଗୁଲଜ କରିଥିବା ଆଲୋଚନା ହେଉଛି। ସମ୍ପୃକ୍ତ ଖଣି ଅଫିସର ବିଧାୟକଙ୍କ ଗୁଡ୍‌ବୁକ୍‌ରେ ଥିଲେ। ହେଲେ ଜିଲ୍ଲାରେ ଖଣିଜ ହେରଫେର ଦୁର୍ନୀତି ଜଗତ୍‌ସିଂହପୁରରୁ ଆସି ଭୁବନେଶ୍ୱରରେ ପହଞ୍ଚିବା ପରେ ଏହାର ତଦନ୍ତ ହୋଇଥିଲା। ସେହି ତଦନ୍ତ ଆଧାରରେ ସମ୍ପୃକ୍ତ କନିଷ୍ଠ ଖଣି ଅଫିସରଙ୍କୁ ଜିଲ୍ଲାରୁ ବଦଳି କରାଯାଇଥିଲା। ତେବେ ଏହି ବଦଳିକୁ ନେଇ ଅସନ୍ତୁଷ୍ଟ ଥିବା ବିଧାୟକ ଶ୍ରୀ ଦାସ ଉପଜିଲ୍ଲାପାଳଙ୍କ ଉପରେ ରାଗ ସୁଝାଇଥିଲେ। ତାଙ୍କୁ ଏଭଳି ଗାଳିଗୁଲଜ କରିଥିଲେ ଯେ ଉପଜିଲ୍ଲାପାଳ ଜଣଙ୍କ ଏନେଇ ⮚ପୃଷ୍ଠା-୬

## ପଦ୍ମପୁର ଝାରବନ୍ଧ ଗଞ୍ଜେଇ ଜବତ ଘଟଣାରେ ବଡ଼ ଆକ୍ସନ
# ଆଇଆଇସି, ଏଏସ୍‌ଆଇ ଓ କନେଷ୍ଟବଳ ନିଲମ୍ବିତ




ପଦ୍ମପୁର,୧୫।୫(ସଂଚାର ବ୍ୟୁରୋ): ପଦ୍ମପୁର ଝାରବନ୍ଧ ଗଞ୍ଜେଇ ଜବତ ଘଟଣାରେ ନିଆଯାଇଛି ବଡ଼ ଆକ୍ସନ। ବରଗଡ଼ ଏସପି ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଆଇଆଇସିଙ୍କ ସହ ଜଣେ ଏଏସ୍‌ଆଇ, ଜଣେ କନଷ୍ଟେବଳ ନିଲମ୍ବିତ ହୋଇଛନ୍ତି। ଏହାଛଡ଼ା ଜଣେ ହୋମ୍‌ଗାର୍ଡଙ୍କୁ ମଧ୍ୟ କାର୍ଯ୍ୟରୁ ବହିଷ୍କାର କରାଯାଇଛି। ଗତ ୬ ତାରିଖରେ ଝାରବନ୍ଧ ଥାନାରେ ଚୋରା ଚାଲାଣ ବେଳେ ଗୋଟିଏ ଟ୍ରକ ଗଞ୍ଜେଇ ଜବତ ହୋଇଥିଲା। କୋଟି କୋଟି ଟଙ୍କାର ଚୋରା ଚାଲାଣରେ କିଛି ପୁଲିସ ଅଧିକାରୀଙ୍କ ସମ୍ପୃକ୍ତି ⮚ପୃଷ୍ଠା-୬

## ଗୋରୁ ବୋଝେଇ ଗାଡ଼ି ଜବତ, ୪ ଗିରଫ



କେନ୍ଦ୍ରାପଡ଼ା,୧୫।୫(ସଂଚାର ବ୍ୟୁରୋ): ସଦରଥାନା ଅଧିନ ଗଣ୍ଡାଖିଆ ନିକଟ ଦେଇ ସହରକୁ ଆସୁଥିବା ଦୁଇଟି ଗୋରୁ ବୋଝେଇ ଗାଡିକୁ ପୋଲିସ ଜବତ କରିଥିବା ବେଳେ ଏଥିରେ ସଂପୃକ୍ତ ଥିବା ୪ଜଣଙ୍କୁ ଗିରଫ କରାଯାଇଛି । ଗିରଫ ଅଭିଯୁକ୍ତମାନେ ହେଲେ କେନ୍ଦ୍ରାପଡା ଟାଉନଥାନା ଅନ୍ତର୍ଗତ ରଣପଡା ଗ୍ରାମର ସେକ ଖଲିଲଙ୍କ ପୁଅ ସେକ ମିନା(୨୫) ଓ ପୋଷ୍ଟଅଫିସ ଲେନର ସୁଲେମାନ ଖାନଙ୍କ ପୁଅ ରିଜୁଆନ ଖାନ(୩୨), ସଦରଥାନା ଅନ୍ତର୍ଗତ ସାହାସପୁର ଗ୍ରାମର ରତ୍ନାକର ରାଉତଙ୍କ ପୁଅ ଧରଣୀଧର ରାଉତ(୬୦) ଏବଂ ବନ୍ଧପଡା ଗ୍ରାମର ଝରି ସାମଲଙ୍କ ପୁଅ ଅଗଣି ସାମଲ(୫୭) । ପୋଲିସ ସୂଚନା ଅନୁଯାଇ ଗୁରୁବାର ବିଳମ୍ବିତ ରାତିରେ ଗୋଟିଏ ପିକଅପ ଭ୍ୟାନ ଏବଂ ଅନ୍ୟ ଏକ ଡାଲା ଅଟୋରେ ୮ଟି ଗୋରୁ କେନ୍ଦ୍ରାପଡା ସାହର ଆଡକୁ ଆସୁଥିବା ବେଳେ ସଦର ଥାନା ପକ୍ଷରୁ ସେହି ରାସ୍ତାରେ ପୋଲିସ ପାଟ୍ରୋଲିଂ ଚାଲୁଥିଲା । ଫଳରେ ସେହି ଗାଡି ଦୁଇଟି ପୋଲିସ ହାବୁଡରେ ପଡିଯାଇଥିଲେ । ପୋଲିସ ସେହି ଗାଡି ଦୁଇଟିକୁ ଅଟକାଇ ପଚରାଉଚୁରା କରିବାରେ ସେମାନେ କୌଣସି ସଠିକ ଉର ଦେଇପାରିନଥିଲେ । ଫଳରେ ପୋଲିସ ଗାଡି ଦୁଇଟିକୁ ଗୋରୁମାନଙ୍କ ସହ ଜବତ କରି ସଦରଥାନାକୁ ଆଣିବା ସହ ଗାଡିରେ ଥିବା ୪ଜଣଙ୍କୁ ଗିରଫ କରିଥିଲା । ଏନେଇ ପୋଲିସ ପକ୍ଷରୁ ଥାନା କେଶ ନମ୍ବର ୨୯୭/୨୦୨୬ରେ ଭାରତୀୟ ନ୍ୟାୟ ସଂହିତାର ଧାରା ୨୮୧, ୩୦୩(୨), ୩(୫),ପ୍ରାଣୀ ନିଷ୍ଠୁରତା ନିରୋଧ ଆଇନର ୧୧(୧)(ଡି)(ଇ) ଧାରା ଏବଂ ଓଡିଶା ଗୋହତ୍ୟା ନିରୋଧ ଆଇନର ଧାରା ୭ରେ ଏକମାମଲା ରୁଜୁ କରାଯାଇ ଆଜି ଗିରଫ ୪ଜଣଙ୍କୁ କୋର୍ଟଚାଲାଣ କରିଥିବା ବେଳେ ସେମାନଙ୍କ ଜାମିନ ନାମଞ୍ଜୁର ହେବାରୁ କୋର୍ଟ ନିର୍ଦ୍ଦେଶରେ ସେମାନଙ୍କୁ ଜେଲକୁ ପଠାଇ ଦିଆଯାଇଛି ।

## ଶିବ ପାର୍ବତୀଙ୍କ ନିର୍ବନ୍ଧ ଅନୁଷ୍ଠିତ



ଆଳି,୧୫।୫(ସଂଚାର ବ୍ୟୁରୋ): ଆଳି ବ୍ଲକ୍ ମହୁ ଗ୍ରାମ ପଞ୍ଚାୟତରେ ଆଜି ବୃଷ ସଂକ୍ରାନ୍ତି ଶିବ ଚତୁର୍ଦ୍ଦଶୀରେ ଶିବ ପାର୍ବତୀଙ୍କ ନିର୍ବନ୍ଧ ଅନୁଷ୍ଠିତ ହୋଇଯାଇଛି । ଝାଡେଶ୍ୱର ମହାଦେବ ଓ ସ୍ୱପ୍ନେଶ୍ୱର ମହାଦେବଙ୍କ ନିକଟରେ ପ୍ରଥମ ଥର ପାଇଁ ନିଆରା ଢ଼ଙ୍ଗରେ ପାଳିତ ହୋଇଯାଇଛି। ପ୍ରଥମେ ବର ପକ୍ଷ ଝାଡେଶ୍ୱର ମହାଦେବଙ୍କ ମନ୍ଦିରରୁ ବର ପିତା ନବ କିଶୋର ମଲ୍ଲିକ ଶହଶହ ଭକ୍ତମାନେ ଭଜନ କୀର୍ତ୍ତନ ହୁଳହୁଳି ଶଙ୍ଖ ଧ୍ୱନିରେ ମହୁ କଚେରୀ ଛକ ସ୍ୱପ୍ନେଶ୍ୱର ମହାଦେବଙ୍କ ନିକଟରେ ପହଂଚିଥିଲେ। କନ୍ୟା ପକ୍ଷରୁ ପିତା ହିମାଂଶୁ ପାତ୍ର ବରପକ୍ଷ ଲୋକଙ୍କୁ ପାଛୋଟି ଯାଥାମାନ୍ୟ ସମ୍ମାନ ମଧ୍ୟ କରାଯାଇଥିଲା।ପରେ ଦେବ ଦମ୍ପତିଙ୍କ ନିର୍ବନ୍ଧ ବାସ୍ତବଧର୍ମୀ ଉପରେ ବ୍ରାହ୍ମଣ,ବାରିକ, ଜ୍ୟୋତିଷ,ନାହାକ,ଶଙ୍ଖୁଆ ଏବଂ ନିର୍ବନ୍ଧରେ ସମସ୍ତେ ଯୋଗ ଦେଇ ନିର୍ବନ୍ଧ କାର୍ଯ୍ୟ ଆରମ୍ଭ କରିଥିଲେ। ଝାଡେଶ୍ୱର ମହାଦେବ ବର ପକ୍ଷ ଥିବାବେଳେ ସ୍ୱପ୍ନେଶ୍ୱର ମହାଦେବ କନ୍ୟା ପକ୍ଷ କନ୍ୟା ପିତା ହିମାଂଶୁ ପାତ୍ର, ଏବଂ ବର ପିତା ନବ କିଶୋର ମଲ୍ଲିକ ଉଭୟ ପକ୍ଷ ତରଫରୁ ବୈଦିକ ରିତିନୀତିରେ ନିର୍ବନ୍ଧ କାର୍ଯ୍ୟକ୍ରମ ଗ୍ରାମବାସୀଙ୍କ ଉପସ୍ଥିତିରେ ସମ୍ପନ୍ନ ହୋଇଥିଲା।ପରେ ଉଭୟ ପକ୍ଷ ପ୍ରସାଦ ସେବନ କରିବା ସହ ଗ୍ରାମବାସୀ ପ୍ରସାଦ ସେବନ କରିଥିଲେ। ପରେ ମହାଦେବ ମନ୍ଦିରରେ ଦୁଇ ସମ୍ଭୁଦୀ ବନ୍ଧୁତା ସ୍ଥାପନ କରିଥିଲେ। ଜ୍ୟେଷ୍ଠ ଶୀତଳ ଷଷ୍ଠୀରେ ଶିବ ପାର୍ବତୀ ବିବାହ ପାଇଁ ଉଭୟ ପକ୍ଷରୁ ନିଷ୍ପତ୍ତି ନେଇ ନିର୍ବନ୍ଧ କାର୍ଯ୍ୟକ୍ରମ ସମ୍ପନ୍ନ କରାଯାଇଥିଲା।

## ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ 'ଗୁଡ଼ ପଣା' ବଣ୍ଟନ




କେନ୍ଦ୍ରାପଡ଼ା,୧୫।୫(ସଂଚାର ବ୍ୟୁରୋ): ସାରା ଓଡିଶା ରେ ଏବେ ଗ୍ରୀଷ୍ମ ପ୍ରବାହ ଜାରି ରହିଛି । ସାଧାରଣ ଜନତା ଠୁ ଆରମ୍ଭ କରି ପଶୁ ପକ୍ଷୀ ମଧ୍ୟ ଗ୍ରୀଷ୍ମ ପ୍ରବାହ ରେ କବଳିତ । ଏଥିରୁ ଆଶ୍ୱସ୍ତି ପାଇଁ ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଭିନ୍ନ ଭିନ୍ନ ପ୍ରକାର ର ପଣା ବଣ୍ଟନ କରାଯାଉଛି । ଏଥିରେ ଆମ୍ବ ରସ, ସପୁରି ରସ, ବେଲ ପଣା, ପାନ ମଧୁରୀ ସରବତ, ପୁଦିନା ପାଣି, ଲେମ୍ବୁ ପାଣି ଇତ୍ୟାଦି ଇତ୍ୟାଦି । ଏହି କାର୍ଯ୍ୟକ୍ରମ କେନ୍ଦ୍ରାପଡ଼ା ଜିଲ୍ଲାର ଏକ ନମ୍ବର ବ୍ଲକ ରାସ୍ତା ଅନୁଷ୍ଠିତ ହେଉଛି । ଏହା ଦୀର୍ଘ ଦୁଇ ମାସ ଧରି ଚାଲୁ ରହିବ ବୋଲି ଟ୍ରଷ୍ଟ ପକ୍ଷରୁ ସୂଚନା ମିଳିଛି । ପଶୁ ମାନଙ୍କ ପାଇଁ ଭିନ୍ନ ଭିନ୍ନ ସ୍ଥାନ ରେ ପାଞ୍ଚ ଗୋଟି ଜଳ କୁଣ୍ଡ ର ବ୍ୟବସ୍ଥା କରାଯାଇଛି। ଆଜି ବୃଷ ସଂକ୍ରାନ୍ତି ଉପଲକ୍ଷେ ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଓଡିଶା ର ପାରମ୍ପରିକ "ଗୁଡ଼ ପଣା" ବଣ୍ଟନ କରାଯାଇଛି। ଏହି ପଣା ରେ ଗୁଡ଼, ନଡ଼ିଆ, ପାନ ମଧୁରୀ, ଗୁଜୁରାତି, ଲୁଣ, ବରଫ, ଗୋଲମରିଚ ଓ ପାଣି ର ସମ୍ମିଶ୍ରଣ ଥିଲା । ଗ୍ରୀଷ୍ମ କାଳୀନ ସମୟରେ ଏହା ଶରୀର ପାଇଁ ବହୁତ ଉପାଦେୟ ବୋଲି ବୟସ୍କ ମାନେ ମତ ଦେଇଥିଲେ । କିଛି ବୃଦ୍ଧ ବୃଦ୍ଧା ମାନେ ଏହି ପଣା ପିଇ ଟ୍ରଷ୍ଟର କର୍ମକର୍ତ୍ତାଙ୍କୁ ଆଶୀର୍ବାଦ ପ୍ରଦାନ କରିଥିଲେ ।

### ବିଦ୍ୟୁତ ସାମଗ୍ରୀ ଚୋରି ଘଟଣା

# ଭିଜିଲାନ୍ସ ତଦନ୍ତ ଦାବି ଜୋରଦାର

**ଭାଇରାଲ ଭିଡିଓ ପରେ ଚାପରେ ବିଭାଗ**

**ଖୋଲିପାରେ ବଡ଼ ଗୁମର**

ଗରଦପୁର,୧୫।୫(ସଂଚାର ବ୍ୟୁରୋ): ପାଟକୁରା ନିର୍ବାଚନ ମଣ୍ଡଳୀର ଏକ ବିଦ୍ୟୁତ କାର୍ଯ୍ୟାଳୟକୁ କେନ୍ଦ୍ର କରି ଉଠିଥିବା ବିଦ୍ୟୁତ ଷ୍ଟ୍ରକଚର ଓ ଡିସମେଟାଲ ସାମଗ୍ରୀ ଚୋରୀ ଅଭିଯୋଗ ଏବେ ନୂଆ ମୋଡ଼ ନେଇଛି। ଭାଇରାଲ ଭିଡିଓ ପରେ ଘଟଣାକୁ ନେଇ ସାଧାରଣ ଲୋକଙ୍କ ଅସନ୍ତୋଷ ବଢ଼ିଥିବାବେଳେ, ସମଗ୍ର ମାମଲାର ଭିଜିଲାନ୍ସ ଓ ଅପରାଧ ଶାଖା ତଦନ୍ତ ପାଇଁ ଦାବି ଜୋର ଧରିଛି।

ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେଉଛି ଯେ, ବର୍ଷ ଧରି ବିଦ୍ୟୁତ ବିଭାଗର ଡିସମେଟାଲ ଟ୍ରାନ୍ସଫର୍ମର, ଜିଆଇ ପୋଲ ଓ ବିଭିନ୍ନ ସାମଗ୍ରୀକୁ ଯୋଜନାବଦ୍ଧ ଭାବେ ହଟାଇ ବାହାରକୁ ପଠାଯାଉଥିଲା। ଏହି କାରବାରରେ କିଛି ଯନ୍ତ୍ରୀ, ଠିକାଦାର ଓ ବାହାର ଅଞ୍ଚଳର ସ୍କ୍ରାପ ବ୍ୟବସାୟୀଙ୍କ ସଂପୃକ୍ତି ଥିବା ଅଭିଯୋଗ ମଧ୍ୟ ଆସୁଛି।

ଏହି ମଧ୍ୟରେ ଭାଇରାଲ ହୋଇଥିବା ଏକ ଭିଡିଓ ଘଟଣାକୁ ଆହୁରି ସନ୍ଦେହଜନକ କରିଦେଇଛି। ଭିଡିଓରେ ଜଣେ ସମ୍ପୃକ୍ତ ଯନ୍ତ୍ରୀ ନିଜେ ଉପସ୍ଥିତ ରହି ବିଦ୍ୟୁତ ସାମଗ୍ରୀ ଗାଡ଼ିରେ ଲୋଡ କରାଉଥିବା ଦୃଶ୍ୟ ଥିବା କଥା ଚର୍ଚ୍ଚା ହେଉଛି। ସୂତ୍ର ଅନୁସାରେ, କାର୍ଯ୍ୟାଳୟର କିଛି କର୍ମଚାରୀ ଏହି ଭିଡିଓ ରେକର୍ଡ କରିଥିବା କୁହାଯାଉଛି।

ଘଟଣାକୁ ନେଇ ସାଧାରଣରେ ପ୍ରଶ୍ନ ଉଠୁଛି ଯେ, ସରକାରୀ ସାମଗ୍ରୀ ଯଦି ନିୟମିତ ଭାବେ ବାହାରକୁ ଯାଉଥିଲା, ତେବେ ଉଚ୍ଚ ଅଧିକାରୀମାନେ କିପରି ଅବଗତ ହେଲେ ନାହିଁ ? କେଉଁ ଗାଡ଼ିରେ ସାମଗ୍ରୀ ପରିବହନ ହେଲା, କେଉଁ ସ୍କ୍ରାପ ଡିପୋକୁ ଯାଇଥିଲା ଓ କେଉଁମାନେ ଏହି କାରବାରରୁ ଲାଭବାନ ହେଲେ — ତାହାର ତଦନ୍ତ ଦାବି ହେଉଛି।

ଏପରିକି ଚୋରୀ ଟଙ୍କାରେ ବାହାର ଅଞ୍ଚଳରେ ସମ୍ପତ୍ତି କ୍ରୟ ହୋଇଥିବା ନେଇ ମଧ୍ୟ ଲୋକମୁଖରେ ଚର୍ଚ୍ଚା ଚାଲିଛି। ତେବେ ଏହି ଅଭିଯୋଗର ସତ୍ୟାସତ୍ୟ ତଦନ୍ତ ପରେ ସ୍ପଷ୍ଟ ହେବ ବୋଲି ସଚେତନ ମହଲ ମତ ପ୍ରକାଶ କରିଛନ୍ତି।

ଏବେ ସମସ୍ତଙ୍କ ନଜର ରହିଛି ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଉପରେ। ଘଟଣାର ନିରପେକ୍ଷ ତଦନ୍ତ ହୋଇ ଦୋଷୀଙ୍କ ବିରୋଧରେ କଠୋର ପଦକ୍ଷେପ ନିଆଯିବ କି, ନା ଘଟଣା ଚାପି ଦିଆଯିବ — ତାହାକୁ ନେଇ ଲୋକଙ୍କ ମଧ୍ୟରେ ଆଲୋଚନା ଚାଲିଛି।

### ପେଟ୍ରୋଲ ସଙ୍କଟ

## ତେଲ ପାଇଁ ଲାଗିଛି ଲମ୍ବା ଲାଇନ

ପଟ୍ଟାମୁଣ୍ଡାଇ, ୧୫।୫ (ସଂଚାର ବ୍ୟୁରୋ): ପଟ୍ଟାମୁଣ୍ଡାଇ ଅଂଚଳରେ ପେଟ୍ରୋଲ ସଂକଟ ଦେଖା ଦେଇଛି । ଯାହା ଫଳରେ ବାଇକ ଆରୋହୀମାନେ ନାହିଁନଥିବା ଦୁର୍ଦଶା ଭୋଗ କରୁଛନ୍ତି । ଟାଙ୍କିରେ ଆବଶ୍ୟକ ତେଲ ମିଳୁ ନାହିଁ । ତେଲ ନମିଳିବା ଯୋଗୁଁ ପଟ୍ଟାମୁଣ୍ଡାଇ ଅଂଚଳରେ ଦୁଇ ଚକିଆ ଯାନ ଠାରୁ ଆରମ୍ଭ କରି ବିଭିନ୍ନ ଯାନବାହନ ଚାଲିବାରେ ଗୁରୁତର ଭାବେ ପ୍ରଭାବିତ ହୋଇଛି । ଲୋକମାନେ ଗନ୍ତବ୍ୟ ସ୍ଥଳକୁ ଯିବା ପାଇଁ ହଇରାଣ ହେବା ସହିତ ବିଭିନ୍ନ ପ୍ରକାର ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ତେଲ ସଙ୍କଟ ଦେଖା ଦେଇଥିବାରୁ ଆଗାମୀ ଦିନରେ ବସ ସେବା ସହ ଟ୍ରକ ବନ୍ଦ ହେବା ଆଶଙ୍କା କରାଯାଉଥିବାରୁ ପରିସ୍ଥିତି ଅଧିକ ସଂଗୀନ ହେବା ଦେଖାଯାଉଛି । ପରିବହନ ସେବା ଠପ ହେଲେ ଗୁରୁତର ରୋଗୀ ଚିକିତ୍ସା ପାଇଁ ବାହାରକୁ ଯିବା କଷ୍ଟକର ହେବା ସହିତ ଅତ୍ୟାବଶ୍ୟକ ସାମଗ୍ରୀ ଦର ବୃଦ୍ଧି ହେବାର ଯଥେଷ୍ଟ ସମ୍ଭାବନା ରହିଛି । ତେଲ ସଙ୍କଟକୁ ନେଇ ଏବେ ଲୋକଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଛି। ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନ ପେଟ୍ରୋଲ ସଂକଟ ଦୂର କରିବା ଦିଗରେ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି ।

### ତହସିଲଦାରଙ୍କ ବେନିୟମ କାମ

## ସ୍କୁଲ ଖେଳ ପଡ଼ିଆରେ ରାସ୍ତା ନିର୍ମାଣ

କେନ୍ଦ୍ରାପଡ଼ା, ୧୫।୫ (ସଂଚାର ବ୍ୟୁରୋ): କେନ୍ଦ୍ରାପଡା ପୌରାଂଚଳ ର ୬ନଂ ୱାର୍ଡ ଭଗେଶ୍ୱରପୁର ଗ୍ରାମରେ ଥିବା ବହୁ ପୁରାତନ ବଳଦେବ ହାଇସ୍କୁଲ ଖେଳ ପଡିଆକୁ ବେଆଇନ ଭାବେ ଜବରଦଖଲ କରି ସରୋଜ କୁମାର ନାୟକ ନାମକ ଜଣେ ବ୍ୟକ୍ତି ନିଜ ଘରକୁ ରାସ୍ତା ନିର୍ମଣ କରୁଥିବା ନେଇ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି । ପଞ୍ଚଶିକ୍ଷା ଶିକ୍ଷାସେତୁ ଓ ପୁରାତନ ଛାତ୍ର ସଂସଦର ସଦସ୍ୟମାନେ ଏହି ଅଭିଯୋଗ କରିଛନ୍ତି।

ସଂପୃକ୍ତ ବ୍ୟକ୍ତି ଜଣକ ବର୍ତ୍ତମାନ ଡେରାବିଶର ତହସିଲଦାର ଭାବେ ରାଜସ୍ୱ ବିଭାଗର ଉଚ୍ଚ ପଦବୀରେ କାର୍ଯ୍ୟ କରୁଥିବା ବେଳେ କିପରି ବେଆଇନ କାମ ନିଜ କ୍ଷମତା ବଳରେ କରି ଚାଲିଛନ୍ତି ଏହାକୁ ନେଇ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ବଳଦେବ ହାଇସ୍କୁଲ ନିକଟରେ ଜାଗା କିଣି ଘର କରି ରହୁଥିବା ସରୋଜ ନାୟକ ସ୍କୁଲ ଆଗ ପଡିଆରେ ଏଭଳି ରାସ୍ତା ନିର୍ମାଣ ନକରିବା ପାଇଁ ଚଳିତ ମାସ ୯ ତାରିଖରେ ପ୍ରଧାନ ଶିକ୍ଷକ ବାରଣ କରିଥିଲେ । ମାତ୍ର ୧୩ ତାରିଖ ରାତିରେ ଜବରଦସ୍ତ ନିଜ ଘରକୁ ଜିବା ପାଇଁ ଏକ ଫେବର ବ୍ଲକ ରାସ୍ତା ନିର୍ମାଣ କରିଛନ୍ତି ।

ଏହାକୁ ନେଇ ବଳଦେବ ହାଇ ସ୍କୁଲର ପୁରାତନ ଛାତ୍ର ସଂଘ ଓ ପଂଚଶିକ୍ଷା ଶିକ୍ଷାସେତୁ ର କର୍ମକର୍ତା ମାନେ ପ୍ରଦିପ୍ତ କୁମାର ଜେନା, ଧିରେନ କୁମାର ସାହୁ, ମନିନ୍ଦ୍ର କୁମାର ରାଉତ, ନିତ୍ୟାନନ୍ଦ ସ୍ୱାଇଁ, ଚନ୍ଦ୍ରଭାନୁ ବରାଳ, ଅଭୟ କୁମାର ବେହେରା, ଅଜୟ କୁମାର ସାମଲ ପ୍ରମୁଖ କର୍ମକର୍ତା ମାନେ ଜିଲ୍ଲାପାଳଙ୍କୁ ଅଭିଯୋଗ କରିବା ସହ ସ୍କୁଲ ଖେଳ ପଡିଆ ମାପ କରାଯାଇ ଜବରଦଖଲ ମୁକ୍ତ ଓ ରାସ୍ତା ହଟାଇବାକୁ କରିବାକୁ ଦାବି କରିଛନ୍ତି ।

## ବାଲି ଘାଟକୁ ରାସ୍ତା ନିର୍ମାଣ ପ୍ରସ୍ତାବକୁ ବିରୋଧ



**ଜିଲ୍ଲାପାଳଙ୍କୁ ଫେରାଦ**

କେନ୍ଦ୍ରାପଡ଼ା, ୧୫।୫(ସଂଚାର ବ୍ୟୁରୋ): ପଟ୍ଟାମୁଣ୍ଡାଇ ବ୍ଲକ ଅଧିନ ଅଳପୁଆ ପଞ୍ଚାୟତର ବାଲି ଖାଦାନକୁ ରାସ୍ତା ନିର୍ମାଣ ପ୍ରସ୍ତାବକୁ ବିରୋଧ କରି ଆଜି ଶତାଧିକ ମହିଳା ଓ ପୁରୁଷ ଜିଲ୍ଲାପାଳଙ୍କୁ ଫେରାଦି ହୋଇ ଦାବିପତ୍ର ପ୍ରଦାନ କରିଛନ୍ତି | ଅଳପୁଆ ବ୍ରାହ୍ମଣୀ ନଦୀ ପଠାକୁ ରାସ୍ତା ନିର୍ମାଣ ନିମନ୍ତେ ମାପଚୁପ କରାଯାଇଥିଲା । କିନ୍ତୁ ମାପଚୁପ ପୂର୍ବରୁ ସେଠାରେ ଥିବା ଅଞ୍ଚଳବାସୀ ବା ପଠାରେ ଥିବା ଜମି ମାଲିକଙ୍କୁ ସୂଚନା ଦିଆଗଲା ନାହିଁ। ସେହି ମାପଚୁପରେ ବ୍ୟାପକ ତ୍ରୁଟି ରହିଥିବା ଅଭିଯୋଗ ହେଉଛି। ସରକାରୀସ୍ତରରେ ଏହି ମାପ କୌଣସି ସିଦ୍ଧାନ୍ତରେ ବର୍ତ୍ତମାନ ସୁଦ୍ଧା ପହଞ୍ଚିପାରି ନାହିଁ। ଏହି ବାଲି ଘାଟକୁ ନିଲାମ ନେଇଥିବା ବ୍ୟକ୍ତି ରାଜ୍ୟ ସରକାରଙ୍କ ପାଖରେ ଆବଶ୍ୟକ ମୁତାବକ ଅର୍ଥ ୨କୋଟି ୫୬ଲକ୍ଷ ଟଙ୍କା ଦାଖଲ କରିବାକୁ ବାକି ରହିଛି। ତାହା ସତ୍ତ୍ୱେ ମଧ୍ୟ ଜୋର ଜବରଦସ୍ତ ବାଲି ଉତ୍ତୋଳନ କରାଯାଉଥିଲା। ଯାହାକୁ ନେଇ ଏହାକୁ ବେଆଇନ ଦର୍ଶାଇ ପୂର୍ବ ଖଣି ଅଧିକାରୀ ସରକାରକୁ ଜଣାଇଥିଲେ । ଏହି ବେଆଇନ ବାଲି ଘାଟକୁ ରାସ୍ତା ନଥାଇ ବିଗତ ଦିନରେ କିପରି ବାଲି ଉଠାଯାଉଥିଲା ଏହା ଏକ ବଡ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

ପୁନର୍ବାର ଅର୍ଥ ପୈଠ ନକରି ନୀଳାମଧାରୀକୁ ରାସ୍ତା ଦେବା ପାଇଁ ପ୍ରଶାସନ କାହିଁକି ଏତେ ତତ୍ପରତା ଦେଖାଉଛି ? ଖାଲି ଏତିକି ନୁହେଁ ରାସ୍ତା ପୁଣି ବିରାଟକାୟ ବହୁ ବର୍ଷ ପୁରୁଣା ବର ଗଛ ମୂଳେ ହନୁମାନ ମନ୍ଦିରକୁ ଭାଙ୍ଗି ରାସ୍ତା କରାଯିବାକୁ ଯୋଜନା କରିଛନ୍ତି। ଏହା ଧାର୍ମିକ ଭାବନାକୁ କୁଠାରଘାତ ହେବ । ଏହି ଘଟଣା ସମସ୍ତ ଗ୍ରାମବାସୀଙ୍କୁ ଆଶ୍ଚର୍ଯ୍ୟ କରିଛି । ଜିଲ୍ଲା ପ୍ରଶାସନର ଏହି ବାଲି ମାଫିଆ ପ୍ରୀତିକୁ ପଦାରେ ପକାଇଛି। ଏହି ବାଲି ସୈରାତରୁ ବେଆଇନ ଭାବେ ହଜାର ହଜାର ଟ୍ରକ ବାଲି ଉଠାଯାଇଛି ଯାହାକୁ ବିରୋଧ କରି ଅଳପୁଆ ଗ୍ରାମର ଶତାଧିକ ଲୋକ ଜିଲ୍ଲାପାଳଙ୍କୁ ଲିଖିତ ଜଣାଇଛନ୍ତି ।

# ପେନସନ ପାଇବାରୁ ବଞ୍ଚିତ ପ୍ରଧାନଶିକ୍ଷକ

### ଦୁଃଖରେ କଟୁଛି ଦିନ, ଜିଲ୍ଲାପାଳଙ୍କୁ କଲେ ନିବେଦନ

କେନ୍ଦ୍ରାପଡ଼ା,୧୫।୫ (ସଂଚାର ବ୍ୟୁରୋ): ବାରମାସ ହେବ ଜଣେ ପ୍ରଧାନଶିକ୍ଷକ ଅବସର ନେଇଥିଲେ ସୁଦ୍ଧା ପ୍ରଶାସନିକ ପେଞ୍ଚରେ ଫସି ଅଦ୍ୟାବଧି ପେନସନ ପାଇପାରୁନାହାନ୍ତି । ପେନସନ ମିଳୁନଥିବାରୁ ଦୁଃଖ କଷ୍ଟରେ ତାଙ୍କ ଜୀବନ କଟୁଛି । ଏନେଇ ସେ ଜିଲ୍ଲାପାଳଙ୍କୁ ଭେଟି ଗୁହାରୀ କରିଛନ୍ତି ।

କେନ୍ଦ୍ରାପଡା ଜିଲ୍ଲା ଆଳି ବ୍ଲକର ଚନ୍ଦନନଗର ଉନ୍ନିତ ଉଚ୍ଚ ବିଦ୍ୟାଳୟରୁ ଅବସର ନେଇଥିବା ପ୍ରଧାନଶିକ୍ଷକ ଦିଲ୍ଲିପ କୁମାର ସାହୁ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି ଯେ ଶିକ୍ଷା ବିଭାଗରେ କାର୍ଯ୍ୟରତ କର୍ମଚାରୀମାନଙ୍କ ମନ୍ଦ ଉଦ୍ଦେଶ୍ୟ ଯୋଗୁଁ ସେ ପେନସନ ପାଇବାରୁ ବଞ୍ଚିତ ହୋଇଛନ୍ତି। ଅବସର ପରେ ସମସ୍ତ ପ୍ରକାର ତଥ୍ୟ ଶିକ୍ଷା ବିଭାଗରେ ପଇଠ କରିଥିଲେ ମଧ୍ୟ ସେ କିପରି ପେନସନ ପାଇବେ ସେ ନେଇ କର୍ମଚାରୀମାନେ କୌଣସି ପଦକ୍ଷେପ ଗ୍ରହଣ କରୁନାହାନ୍ତି । ଯାହାଫଳରେ ସେ ପେନସନ ପାଇବାରୁ ବଞ୍ଚିତ ହେଉଛନ୍ତି ।

ସେ କହିଛନ୍ତି ସରକାରୀ ନିୟମ ମୁତାବକ ଅବସର ନେବାର ଦୁଇମାସ ମଧ୍ୟରେ ସମସ୍ତ କାଗଜପତ୍ର ପଇଠ କରାଗଲେ ପେନସନ ମିଳିଯିବ। କିନ୍ତୁ ଶିକ୍ଷା ବିଭାଗର କର୍ମଚାରୀମାନେ ଟାଳଟୁଳ ନୀତି ଅବଲମ୍ବନ କରୁଥିବାରୁ ସେ ପେନସନ ପାଇବାରୁ ବଞ୍ଚିତ ହୋଇଛନ୍ତି । ଫଳରେ ତାଙ୍କ ଦୈନନ୍ଦିନ ଜୀବନ ନିର୍ବାହରେ ଗୁରୁତ୍ତର ସମସ୍ୟା ସୃଷ୍ଟି ହୋଇଛି । ତେଣୁ ତାଙ୍କ ସମସ୍ୟାକୁ ବିଚାର କରାଯାଇ ତୁରନ୍ତ ତାଙ୍କୁ ପେନସନ ପ୍ରଦାନର ବ୍ୟବସ୍ଥା କରାଯିବାକୁ ସେ ଜିଲ୍ଲାପାଳଙ୍କ ନିକଟରେ ନିବେଦନ କରିଛନ୍ତି । ଜିଲ୍ଲା ଶିକ୍ଷାଧିକାରୀଙ୍କୁ ଏସମ୍ପର୍କରେ ପଚାରିବାରେ ସେ କହିଛନ୍ତି ଯେ ତାଙ୍କ ପେନସନ କାଗଜପତ୍ର ପ୍ରସ୍ତୁତ କରାଯାଉଛି । ଖୁବଶୀଘ୍ର ପେନସନ ମଞ୍ଜୁର ପାଇଁ ସମସ୍ତ କାଗଜପତ୍ର ପଠାଯିବ ।

## ସାବିତ୍ରୀ ବ୍ରତରେ ମା' ବିରଜାଙ୍କ ପୀଠରେ ଜମିବ ଶ୍ରଦ୍ଧାଳୁଙ୍କ ଭିଡ଼

ଯାଜପୁର ଟାଉନ, ୧୫।୫(ସଂଚାର ବ୍ୟୁରୋ): ମା ବିରଜା ମନ୍ଦିରରେ ଆଜି ପବିତ୍ର ସାବିତ୍ରୀ ବ୍ରତ ଅବସରରେ ଭକ୍ତି, ଆସ୍ଥା ଓ ପାରମ୍ପରିକ ଆଚାରର ଅଦ୍ଭୁତ ସମାଗମ ଦେଖିବାକୁ ମିଳିବ। ପ୍ରାଚୀନ ନାଭିଗୟା କ୍ଷେତ୍ର ଭାବେ ପରିଚିତ ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ମା ବିରଜାଙ୍କ ଦର୍ଶନ ପାଇଁ ଜିଲ୍ଲା ସହ ରାଜ୍ୟର ବିଭିନ୍ନ ସ୍ଥାନରୁ ହଜାର ହଜାର ସଂଖ୍ୟାରେ ସଧବା ମହିଳାମାନେ ଆସିବେ ବୋଲି ଅନୁମାନ କରାଯାଇଛି।ସକାଳୁ ମନ୍ଦିର ପରିସର ଶଙ୍ଖଧ୍ୱନି, ହୁଳହୁଳି ଓ ଭଜନ-କୀର୍ତ୍ତନରେ ପ୍ରକମ୍ପିତ ହେବ। ପାରମ୍ପରିକ ପୋଷାକରେ ସାଜିଥିବା ସଧବା ମହିଳାମାନେ ହାତରେ ପୂଜା ଥାଳି, ଫଳ, ଫୁଲ ଓ ବ୍ରତ ସାମଗ୍ରୀ ଧରି ମା ବିରଜାଙ୍କ ଦର୍ଶନ କରିବେ। ସ୍ୱାମୀଙ୍କ ଦୀର୍ଘାୟୁ, ସୁସ୍ଥତା ଓ ସୁଖୀ ଦାମ୍ପତ୍ୟ ଜୀବନ କାମନାରେ ନିର୍ଜଳ ଉପବାସ ରଖି ମହିଳାମାନେ ପୂଜାର୍ଚ୍ଚନା କରିବେ।ପୌରାଣିକ କଥାନୁସାରେ ସତୀ ସାବିତ୍ରୀ ନିଜ ଅତୁଟ ସତୀତ୍ୱ ଓ ଅଦମ୍ୟ ସଙ୍କଳ୍ପବଳରେ ଯମରାଜଙ୍କ ଠାରୁ ସ୍ୱାମୀ ସତ୍ୟବାନଙ୍କ ଜୀବନ ଫେରାଇ ଆଣିଥିଲେ। ସେହି ଆଦର୍ଶକୁ ସ୍ମରଣ କରି ପ୍ରତିବର୍ଷ ଜ୍ୟେଷ୍ଠ ଅମାବାସ୍ୟାରେ ସାବିତ୍ରୀ ବ୍ରତ ପାଳନ କରାଯାଏ। ଏହି ବ୍ରତ ଓଡ଼ିଆ ସଂସ୍କୃତିରେ ପତି-ପତ୍ନୀଙ୍କ ଆତ୍ମିକ ସମ୍ପର୍କ ଓ ପାରିବାରିକ ମୂଲ୍ୟବୋଧର ଏକ ମହାନ ପ୍ରତୀକ ଭାବେ ପରିଗଣିତ।ମା ବିରଜାଙ୍କ ପୀଠରେ ଏହି ବ୍ରତର ବିଶେଷ ମହତ୍ତ୍ୱ ରହିଥିବାରୁ ପୂଜା ପାଇଁ ମନ୍ଦିର ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଶୃଙ୍ଖଳିତ ଦର୍ଶନ ପାଇଁ ବ୍ୟାରିକେଡ୍, ପାନୀୟ ଜଳ, ସୁରକ୍ଷା ବ୍ୟବସ୍ଥା ଓ ପରିଷ୍କାର-ପରିଚ୍ଛନ୍ନତା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି। ଭକ୍ତମାନଙ୍କ ସୁବିଧା ପାଇଁ ସେବାୟତ ଓ ସ୍ୱେଚ୍ଛାସେବୀମାନେ ମଧ୍ୟ ନିୟୋଜିତ ହୋଇଛନ୍ତି। ସାବିତ୍ରୀ ବ୍ରତକୁ ନେଇ ଯାଜପୁର ସହରରେ ମଧ୍ୟ ଉତ୍ସବମୁଖର ପରିବେଶ ସୃଷ୍ଟି ହୋଇଛି। ସକାଳୁଠାରୁ ମନ୍ଦିର ଚାରିପାଖ ଭକ୍ତମୟ ପରିବେଶରେ ମୁଖରିତ ହୋଇଉଠିବ। ଆସ୍ଥା, ସଂସ୍କୃତି ଓ ପାରମ୍ପରିକତାର ଏହି ଅପୂର୍ବ ସମାଗମ ଯାଜପୁରର ଧାର୍ମିକ ଗୌରବକୁ ପୁନର୍ବାର ଉଜାଗର କରିବ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

## ମାର୍ଶାଘାଇରେ ତହସିଲସ୍ତରୀୟ ଅଭିଯୋଗ ଶୁଣାଣି ଶିବିର



ମାର୍ଶାଘାଇ, ୧୫।୫ (ସଂଚାର ବ୍ୟୁରୋ): ମାର୍ଶାଘାଇ ତହସିଲ କାର୍ଯ୍ୟାଳୟରେ କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଶାସନର ସ୍ୱତନ୍ତ୍ର ଅଭିଯୋଗ ଶୁଣାଣି ଶିବିର 'ତହସିଲସ୍ତରୀୟ ଅଭିଯୋଗଶୁଣାଣି ଶିବିର' ଶୁକ୍ରବାର ଅନୁଷ୍ଠିତ ହୋଇଥିଲା । କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର ଆୟାର ଯୋଗଦେଇ ୨୫ ଗୋଟି ଅଭିଯୋଗର ଶୁଣାଣି କରିଥିଲେ । ମାର୍ଶାଘାଇ ତହସିଲଦାର ଶ୍ରୀକାନ୍ତ ପରିଜା, ଅତିରିକ୍ତ ତହସିଲଦାର ଲକ୍ଷ୍ମୀପ୍ରିୟା ଦାସ ଉପସ୍ଥିତ ଥିଲେ । ଦୀର୍ଘଦିନ ପଡିରହିଥିବା ଜମିଜମା ସମ୍ବନ୍ଧୀୟ ଅଭିଯୋଗର ଶୀଘ୍ର ସମାଧାନ କରିବା ଏବଂ ଜନସାଧାରଣଙ୍କ ଠାରୁ ପ୍ରତ୍ୟକ୍ଷ ଭାବେ ଅଭିଯୋଗ ଗ୍ରହଣ କରିବା ଓ ତ୍ୱରିତ ସମାଧାନ ନିମନ୍ତେ ଶୁଣାଣି କରି ପଦକ୍ଷେପ ଗ୍ରହଣ ନିମନ୍ତେ କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କ ଏହି ପଦକ୍ଷେପକୁ ଉପସ୍ଥିତ ଅଭିଯୋଗକାରୀମାନେ ପ୍ରଶଂସା କରିଥିଲେ ।

## ଭାରସାମ୍ୟ ହରାଇ ଓଲଟିଲା ଅଟୋ



ମାହାଙ୍ଗା, ୧୫।୫ (ସଂଚାର ବ୍ୟୁରୋ): ମାହାଙ୍ଗା ଥାନା ଅନ୍ତର୍ଗତ କୁଆଁପାଳ - ଗୋପିନାଥପୁର ପଟ୍ଟାମୁଣ୍ଡାଇ କେନାଲ ବନ୍ଧ ପୂର୍ତ୍ତ ରାସ୍ତାର ଜଳେଶ୍ୱରପୁର ନାଣ୍ଡିବର ସେତୁ ନିକଟରେ ଏକ ଅଟୋ ଭାରସାମ୍ୟ ହରାଇ ଓଲଟି ପଡ଼ିବା ସହ ଗାଡି ଚାଳକ ଅଳ୍ପକେ ବର୍ତ୍ତି ଯାଇଥିଲେ। ସୂଚନା ମୁତାବକ ଏକ ଅଟୋ ଆଜି ଅପରାହ୍ନ ୨ଟା ସମୟରେ କୁଆଁପାଳ ବଜାରରୁ ନିଜ ଘର ଜଳେଶ୍ୱରପୁରକୁ ଯାଉଥିବା ସମୟରେ ନାଣ୍ଡିବର ନିକଟରେ ଭାରସାମ୍ୟ ହରାଇ କେନାଲ ବନ୍ଧରୁ ନଦୀ ପଠା ପଟକୁ ଓଲଟି ପଡ଼ିଥିଲା। ଯାହା ଫଳରେ ଗାଡିଟି ଭାଙ୍ଗି ଯାଇଥିଲା ଓ ଗାଡି ଚାଳକଟି ଗାଡି ମଧ୍ୟରେ ଚାପି ହୋଇ ଆହତ ଥିଲେ। ସ୍ଥାନୀୟ ଲୋକେ ଏହା ଦେଖି ଗାଡି ଚାଳକକୁ ଉଦ୍ଧାର କରି କୁଆଁପାଳ ଦମକଳ ବାହିନୀ ସହାୟତାରେ ମାହାଙ୍ଗା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ନିମନ୍ତେ ଭର୍ତ୍ତି କରିଥିଲେ।

# ଶୋଚନୀୟ ଅବସ୍ଥାରେ ଏମଆଇ ଅଫିସ ରାସ୍ତା



ବେତନଟୀ, ୧୫।୫ (ସଂଚାର ବ୍ୟୁରୋ): ମୟୂରଭଞ୍ଜ ଜିଲ୍ଲା ବେତନଟୀ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିନ ବେତନଟୀ ଏମ ଆଇ ( କ୍ଷୁଦ୍ର ଜଳସେଚନ ) ଅଫିସ ରୁ ଡେଲି ମାର୍କେଟ ଦେଇ ୧୮ ନମ୍ବର ଜାତୀୟ ରାଜପଥ କୁ ସଂଯୋଗ କରୁଥିବା ରାସ୍ତା ଦୀର୍ଘ ଦିନ ଧରି ଶୋଚନୀୟ ହୋଇ ରହିଛି। ରାଜପଥ ପଟୁ ବେତନଟୀ କଲେଜ, ଏସ ଡି ପି ଓ ଅଫିସ ଭଳି ଅନେକ ମୁଖ୍ୟ ଅଫିସ ଗୁଡିକୁ ଯିବା ପାଇଁ ଏହି ରାସ୍ତା ଅତି ଗୁରୁତ୍ୱପୂର୍ଣ୍ଣ। ଏଣୁ ଏହା ମରାମତି ନହେଉଥିବା ଯୋଗୁଁ ସ୍ଥାନୀୟ ବାସିନ୍ଦାଙ୍କ ପକ୍ଷରୁ ଅସନ୍ତୋଷ ଦେଖା ଦେଇଛି।

ସ୍ଥାନୀୟ ବାସୀଙ୍କ ସୂଚନା ଅନୁସାରେ ଗତ ୨୦୧୮ ମସିହା ଶେଷ ସମୟରେ ଏହି ଏମ ଆଇ ଅଫିସ ରୁ ଡେଲି ମାର୍କେଟ ଦେଇ ସଠିଲୋ ପର୍ଯ୍ୟନ୍ତ ରାସ୍ତା ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ନିର୍ମାଣ କରାଯାଇଥିଲା, ହେଲେ ରାସ୍ତା ନିର୍ମାଣ କୁ ୮ବର୍ଷ ବିତିଯାଇଥିଲେ ସୁଦ୍ଧା ଏହାର ମରାମତି କିମ୍ବା ନୂତନ ରାସ୍ତା ନିର୍ମାଣ ମଧ୍ୟ ହୋଇପାରୁନାହିଁ । ଏହି ରାସ୍ତା ଦେଇ ପ୍ରତିଦିନ ଶହ ଶହ ଯାନବାହାନ ଯାତାୟାତ କରିଥାଏ ଯେହେତୁ ଏହି ରାସ୍ତା ଦେଇ ବେତନଟୀ କଲେଜ, ଏସ ଡି ପି ଓ ଅଫିସ , କୃଷି ଅଫିସ, ହର୍ଟିକଲଚର ଅଫିସ ଭଳି ଅନେକ ଗୁରୁତ୍ୱପୂର୍ଣ୍ଣ ଅଫିସ ରହିଛି ଅନେକ ସ୍ଥାନୀୟ ଲୋକେ ଏହି ରାସ୍ତା କୁ ମୁଖ୍ୟ ରାସ୍ତା ଭଳି ବ୍ୟବହାର କରିଥାନ୍ତି। ହେଲେ ଦୀର୍ଘ ଦିନ ଧରି ରାସ୍ତାର ଏଭଳି ଶୋଚନୀୟ ଅବସ୍ଥା ପାଇଁ ଲୋକେ ଅନେକ ହଇରାଣ ହେବା ସହିତ ଅନେକ ଦୁର୍ଘଟଣା ହେବାର ମଧ୍ୟ ନଜର ରହିଛି। ବର୍ଷା ଦିନ ଅବସ୍ଥା କହିଲେ ସରିବ ନାହିଁ। ସ୍ଥାନୀୟ ବାସୀଙ୍କ ପକ୍ଷରୁ ଏହି ରାସ୍ତାକୁ ଯଥା ଶୀଘ୍ର ନିର୍ମାଣ ପାଇଁ ପ୍ରଶାସନ ନିକଟରେ ଦାବି ଜଣାଇଛନ୍ତି।

ବେତନଟୀ ଗ୍ରାମ୍ୟ ଉନ୍ନୟନ ବିଭାଗ ଯନ୍ତ୍ରୀ ଜ୍ୟୋତିରଞ୍ଜନ ନାୟକଙ୍କ କହିବା ଅନୁସାରେ ଏମ ଆଇ ଅଫିସ ରାଜପଥ ରାସ୍ତାର ଟେଣ୍ଡର ସରିଯାଇଛି, କେବଳ ଏଗ୍ରିମେଣ୍ଟ କାର୍ଯ୍ୟ ସରିନାହିଁ, ୧୫ଦିନ ଭିତରେ କାର୍ଯ୍ୟ ହେବାର ପ୍ରତିଶୃତି ଦେଇଛନ୍ତି।

### ପଞ୍ଚାୟତିରାଜ ମନ୍ତ୍ରୀଙ୍କ ଦୁଇ ଦିନିଆ ଯାଜପୁର ଗସ୍ତ

# ବିଭାଗୀୟ କାର୍ଯ୍ୟର କଲେ ସମୀକ୍ଷା



ଯାଜପୁର, ୧୫।୫ (ସଂଚାର ବ୍ୟୁରୋ): ଓଡ଼ିଶାର ପଞ୍ଚାୟତିରାଜ, ପାନୀୟ ଜଳ ଏବଂ ଗ୍ରାମ୍ୟ ଉନ୍ନୟନ ବିଭାଗ ମନ୍ତ୍ରୀ ରବି ନାରାୟଣ ନାୟକ ଯାଜପୁରକୁ ଦୁଇ ଦିନିଆ ଗସ୍ତରେ ଆସି ଗତକାଲି ପାନୀୟ ଜଳ ପ୍ରକଳ୍ପ (ମେଗା ୱାଟର ସପ୍ଲାଏ) ଓ ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପର ସମୀକ୍ଷା କରିଛନ୍ତି। ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ବୈଠକରେ ମନ୍ତ୍ରୀଙ୍କ ସମେତ ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ତଥା କୋରେଇ ବିଧାୟକ ଆକାଶ ଦାସ ନାୟକ, ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ, ଜିଲ୍ଲାପାଳ ଅମ୍ବର କୁମାର କର, ମୁଖ୍ୟ ଉନ୍ନୟନ ଅଧିକାରୀ ଦେବୀ ପ୍ରସାଦ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଯାଜପୁର ଜିଲ୍ଲାରେ ମେଗା ପାଇପ୍ ୱାଟର ସପ୍ଲାଏ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ବିଭାଗୀୟ ଅଧିକାରୀ ଓ କାର୍ଯ୍ୟକାରୀ ଏଜେନ୍ସିକୁ ନିର୍ଦ୍ଦେଶ ଦେଇଥିଲେ। ଧାର୍ଯ୍ୟ କାର୍ଯ୍ୟ ଅବଧି ମଧ୍ୟରେ ପ୍ରକଳ୍ପ ଶେଷ ନକଲେ ଏଜେନ୍ସି ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ। ସୁକିନ୍ଦା ଅଞ୍ଚଳରେ ମେଗା ପାଇପ୍ ୱାଟର ସପ୍ଲାଏରେ ଅସାଧୁ ଲୋକ ପାଣି ଚୋରି କରୁ ଥିବାରୁ ତାଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ।

ବୈଠକରେ ସୁକିନ୍ଦା, ଦାନଗଦି, ବଡ଼ଚଣା, ଧର୍ମଶାଳା, କୋରେଇ, ଦଶରଥପୁର ଅଞ୍ଚଳରେ ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟର ଅଗ୍ରଗତି ନେଇ ସମୀକ୍ଷା କରାଯାଇଥିଲା। ମେଗାଲିଫ୍ଟ କାର୍ଯ୍ୟକ୍ଷମ ନହେବା ଯାଏଁ ଜଳାଭାବ ଅଞ୍ଚଳରେ ତୁରନ୍ତ ନୂତନ ନଳକୂପ ଖନନ କରି ଜନସାଧାରଣଙ୍କୁ ଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବାକୁ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ମନ୍ତ୍ରୀ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପର କାର୍ଯ୍ୟର ତଦାରଖ କରିଥିଲେ। ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଓ ଅନ୍ତୋଦୟ ଗୃହ ଯୋଜନା, ବିକଶିତ ଗାଁ ବିକଶିତ ଓଡିଶା କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ।

## ବ୍ୟାସନଗରରେ ପେଟ୍ରୋଲ ପାଇଁ ଲୋକେ କଲବଲ



ଯାଜପୁର ରୋଡ଼,୧୫।୫(ସଂଚାର ବ୍ୟୁରୋ): ବ୍ୟାସନଗର ପୌରାଂଚଳ ସହରରେ ୩ଗୋଟି ସ୍ଥାନରେ ପେଟ୍ରୋଲ୍ ଟାଙ୍କି ରହିଛି। ଆଜି ଦୁଇଟି ଟାଙ୍କିରେ ପେଟ୍ରୋଲ ନଥିବା ବେଳେ ଗୋପବନ୍ଧୁ ଛକ ଠାରେ ଥିବା ପେଟ୍ରୋଲ ପମ୍ପ୍ ଟାଙ୍କିରେ ପେଟ୍ରୋଲ , ଡିଜେଲ ଗାଡିରେ ପକାଇବାକୁ ଶହଶହ ଲୋକଙ୍କ ନାହିଁ ନଥିବାର ଭିଡ଼ ସକାଳ ଠାରୁ ରାତି ପର୍ଯ୍ୟନ୍ତ ଦେଖିବାକୁ ମିଳିଥିଲା। ଏଠାକାର ଆଖପାଖରେ ରହିଥିବା ପଂଚାୟତ ଏରିଆର ଅଂଚଳର ପେଟ୍ରୋଲ ଡିଜେଲ ପମ୍ପ ଟାଙ୍କି ଗୁଡ଼ିକବି ବନ୍ଦ ହେବାକୁ ବସିଲାଣି। ଜରୁରୀକାଳୀନ ସମୟରେ ତଥା ଗ୍ୟାସ ଟାଙ୍କି ନେଇକି ଘରକୁ ଯିବା ସମୟରେ, ମେଡିକାଲକୁ ପରିବାର ବର୍ଗଙ୍କୁ ନେଇକି ଯିବା ସମୟରେ ଓ ବିଭିନ୍ନ କାମ କାର୍ଯ୍ୟ ଲାଗି ଯିବା ସମୟରେ ଏବେ ଗାଡ଼ି ପାଇଁ ପେଟ୍ରୋଲ ନମିଳିବାରୁ ଲୋକଙ୍କ ମଧ୍ୟରେ ଏବେ ଅସନ୍ତୋଷ ପ୍ରକାଶ ପାଉଛି। ଏବେ ଏଠାରେ ପେଟ୍ରୋଲ ଅଭାବରୁ ଅନେକ ଟାଙ୍କି ବନ୍ଦ ହେବାକୁ ବସିଲାଣି। ଆଗକୁ ଏହା ମିଳିବ କି ନାହିଁ, ସେନେଇ ସନ୍ଦେହରେ ଲୋକେ ପେଟ୍ରୋଲ ଓ ଡିଜେଲ ପକାଇବାକୁ ପ୍ରବଳ ଭିଡ଼ ଜମାଇଥିବା ଦେଖିବାକୁ ମିଳିଛି।

# ସାବିତ୍ରୀ-ରଜ ପାଇଁ ଓରମାସର ହ୍ୟାଣ୍ଡଲୁମ୍ ଷ୍ଟୋର



ଭୁବନେଶ୍ୱର, ୧୫।୫ (ସଂଚାର ବ୍ୟୁରୋ): ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଅଧୀନସ୍ଥ ଓଡ଼ିଶା ଗ୍ରାମୀଣ ବିକାଶ ଓ ମାର୍କେଟିଂ ସୋସାଇଟି (ଓରମାସ ) ପକ୍ଷରୁ ଆୟୋଜିତ 'ସାବିତ୍ରୀ-କମ୍-ରଜ ମହୋତ୍ସବ ହ୍ୟାଣ୍ଡଲୁମ୍ ପ୍ରଦର୍ଶନୀ ଓ ବିକ୍ରୟ ମେଳା- ୨୦୨୬' ଆଜି ଭୁବନେଶ୍ୱରସ୍ଥିତ ଉତ୍କଳ କନିକା ଗ୍ୟାଲେରିଆରେ ଉଦ୍‌ଘାଟିତ ହୋଇଛି। ଏହି ପପ୍-ଅପ୍ ହ୍ୟାଣ୍ଡଲୁମ୍ ଷ୍ଟୋର ଓ ପ୍ରଦର୍ଶନୀ ଆସନ୍ତା ଜୁନ୍ ୧୪ ପର୍ଯ୍ୟନ୍ତ ଚାଲିବ।

ଏହି ଷ୍ଟୋରର ଉଦ୍‌ଘାଟନ କରି ଓରମାସର ସିଇଓ ମୋନିକା ପ୍ରିୟଦର୍ଶିନୀ କହିଛନ୍ତି ଯେ ଗ୍ରାମୀଣ ବୁଣାକାର, ସ୍ୱୟଂ ସହାୟକ ଗୋଷ୍ଠୀ ଓ ହସ୍ତତନ୍ତ ଶିଳ୍ପୀମାନଙ୍କୁ ସିଧାସଳଖ ବଜାର ସୁବିଧା ଯୋଗାଇବା ସହ ଓଡ଼ିଶାର ସମୃଦ୍ଧ ହସ୍ତତନ୍ତ ପରମ୍ପରାକୁ ଲୋକମାନଙ୍କ ନିକଟକୁ ପହଞ୍ଚାଇବାରେ ଏହି ମେଳା ସହାୟକ ହେବ। ସାବିତ୍ରୀ ବ୍ରତ ଓ ରଜ ପର୍ବ ଅବସରରେ ଲୋକମାନେ ଏଠାରୁ ଓଡ଼ିଶାର ବିଭିନ୍ନ ପାରମ୍ପରିକ ହ୍ୟାଣ୍ଡଲୁମ୍ ପୋଷାକ କିଣିପାରିବେ। ଏହି ପ୍ରଦର୍ଶନୀରେ ସମ୍ବଲପୁରୀ, ବୋମକାଇ, କୋଟପାଡ଼, ହବାସପୁରୀ, ପଟ୍ଟଚିତ୍ର, ଇକତ, ମାଣିଆବନ୍ଧ ଓ ଟସର ଭଳି ବିଭିନ୍ନ ପ୍ରକାରର ଶାଢ଼ୀ ପ୍ରଦର୍ଶିତ ହୋଇଛି। ଏଥିସହ ଦୁପଟ୍ଟା, ହ୍ୟାଣ୍ଡଲୁମ୍ ସୁଟ୍, ରେଡିମେଡ୍ କୁର୍ତ୍ତି ଓ ରୁମାଲ ମଧ୍ୟ ଉପଲବ୍ଧ ରହିଛି। ସୋନପୁର, ଖୋର୍ଦ୍ଧା, କଟକ, କଳାହାଣ୍ଡି, ଯାଜପୁର, ବରଗଡ଼, ସମ୍ବଲପୁର, କୋରାପୁଟ, ବୌଦ୍ଧ, ବଲାଙ୍ଗୀର, ଗଞ୍ଜାମ ଓ ଜଗତସିଂହପୁର ଭଳି ବିଭିନ୍ନ ଜିଲ୍ଲାର ବୁଣାକାର ଓ ଶିଳ୍ପୀମାନେ ଏଥିରେ ଭାଗ ନେଇଛନ୍ତି।

ଏହି ମେଳା ମାଧ୍ୟମରେ ବୁଣାକାରମାନେ ସିଧାସଳଖ ନିଜ ହ୍ୟାଣ୍ଡଲୁମ୍ ଉତ୍ପାଦ ବିକ୍ରି କରିପାରିବେ ଏବଂ ମଧ୍ୟସ୍ଥିଙ୍କ ଭୂମିକା କମିବା ସହ ଭଲ ଦର ପାଇବାର ସୁଯୋଗ ସୃଷ୍ଟି ହେବ। ସାଧାରଣ ଲୋକଙ୍କ ପାଇଁ ସୁଲଭ ଦରରୁ ଆରମ୍ଭ କରି ପ୍ରିମିୟମ୍ ହସ୍ତତନ୍ତ ପୋଷାକ ଉପଲବ୍ଧ ରହିଛି। ଉତ୍କଳ କନିକା ଗ୍ୟାଲେରିଆର ଫୁଡ କୋର୍ଟ ସମ୍ମୁଖରେ ଆୟୋଜିତ ଏହି ପ୍ରଦର୍ଶନୀ ପ୍ରତିଦିନ ସକାଳ ୧୧ଟାରୁ ରାତି ୯.୩୦ ପର୍ଯ୍ୟନ୍ତ ଖୋଲା ରହିବ। ଗ୍ରାହକଙ୍କର ସୁବିଧା ପାଇଁ ଡିଜିଟାଲ୍ ପେମେଣ୍ଟପରି ଆବଶ୍ୟକ ସମସ୍ତ ବ୍ୟବସ୍ଥା ମଧ୍ୟ ରହିଛି। ଏହି ପ୍ରଦର୍ଶନୀ ମାଧ୍ୟମରେ ଓଡ଼ିଶାର ହ୍ୟାଣ୍ଡଲୁମ୍ ପରମ୍ପରାକୁ ଅଧିକ ପ୍ରଚାର ମିଳିବା ସହ ଗ୍ରାମୀଣ ବୁଣାକାର ଓ ଶିଳ୍ପୀମାନଙ୍କ ଆୟ ବୃଦ୍ଧି ହେବ ବୋଲି ଓରମାସର ଅତିରିକ୍ତ ସିଇଓ (ଅର୍ଥ) ସଞ୍ଜୀବ କୁମାର ସିଂହ ମତ ଦେଇଛନ୍ତି।

■ ଲୋକ ଭବନରେ ସ୍ୱତନ୍ତ୍ର ପୁରସ୍କାର ଉତ୍ସବ

# ମନୋନୀତ ପଦ୍ମ ପୁରସ୍କାର ବ୍ୟକ୍ତି ସମ୍ମାନିତ

## କେନ୍ଦ୍ର ସାହିତ୍ୟ ଏକାଡେମୀ ବିଜେତା ଓ ୟୁପିଏସଇର କୃତୀ ପରୀକ୍ଷାର୍ଥୀ ସମ୍ବର୍ଦ୍ଧିତ



ଭୁବନେଶ୍ୱର,୧୫।୫(ସଂଚାର ବ୍ୟୁରୋ): ଓଡ଼ିଶା ପାଇଁ ଗୌରବ ଆଣିଥିବା ୨୦୨୫ ମସିହାର ପଦ୍ମଶ୍ରୀ ପୁରସ୍କାର ପାଇଁ ମନୋନୀତ ବ୍ୟକ୍ତିତ୍ୱ, କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ବିଜେତା ଏବଂ ଇଣ୍ଡିଆନ ସିଭିଲ ସର୍ଭିସ-୨୦୨୫ର ସଫଳ ପରୀକ୍ଷାର୍ଥୀ ଓ ସେମାନଙ୍କ ପିତାମାତାଙ୍କୁ ରାଜ୍ୟପାଳ ଡ଼. ହରି ବାବୁ କମ୍ଭମପାଟି ସମ୍ବର୍ଦ୍ଧିତ କରିଛନ୍ତି। ଏହି ଉପଲକ୍ଷେ ଶୁକ୍ରବାର ଲୋକଭବନରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ଅବସରରେ ରାଜ୍ୟପାଳ ଏପରି କାର୍ଯ୍ୟକ୍ରମକୁ ଉତ୍କର୍ଷତା, ସମର୍ପଣ, ସୃଜନଶୀଳତା ଏବଂ ଜନସେବାର ଉତ୍ସବ ବୋଲି ବର୍ଣ୍ଣନା କରିଥିଲେ। ସଫଳତା କେବଳ ବ୍ୟକ୍ତିଗତ ମାଇଲଖୁଣ୍ଟ ନୁହେଁ, ବରଂ ସମାଜ ପ୍ରତି କଠିନ ପରିଶ୍ରମ, ଦୃଢ଼ତା ଏବଂ ପ୍ରତିବଦ୍ଧତାର ପ୍ରେରଣାଦାୟକ ଉଦାହରଣ ବୋଲି କହିଥିଲେ। କୃତିତ୍ୱ ହାସଲକାରୀଙ୍କୁ ଅଭିନନ୍ଦନ ଜଣାଇ ରାଜ୍ୟପାଳ କହିଥିଲେ ଯେ ସାହିତ୍ୟ, ଶିକ୍ଷା, କଳା ଓ ଜନସେବା କ୍ଷେତ୍ରରେ ମହନୀୟ ଅବଦାନ ଦେଇ ରାଜ୍ୟ ଏବଂ ଜାତି ପାଇଁ ଗୌରବ ଆଣିଥିବା ପ୍ରତିଷ୍ଠିତ ପୁଅ ଓ ଝିଅମାନଙ୍କ ପାଇଁ ରାଜ୍ୟ ଗର୍ବ ଅନୁଭବ କରେ।

ପଦ୍ମଶ୍ରୀ ପୁରସ୍କାର ପାଇଁ ମନୋନୀତ ହୋଇଥିବା ଓଡ଼ିଶାର ଆଦିବାସୀ ଲୋକକଥା ଏବଂ ସାଂସ୍କୃତିକ ଐତିହ୍ୟର ଡକ୍ୟୁମେଣ୍ଟେସନ ଏବଂ ସଂରକ୍ଷଣ ପାଇଁ ସାହିତ୍ୟ ଏବଂ ଶିକ୍ଷା କ୍ଷେତ୍ରରେ ମହେନ୍ଦ୍ର କୁମାର ମିଶ୍ର, ସାନ୍ତାଳୀ ଭାଷା, ସାହିତ୍ୟ ଏବଂ ସଂସ୍କୃତିର ପ୍ରଚାର ପ୍ରସାର ଦିଗରେ ଅବଦାନ ପାଇଁ ଚରଣ ହେମ୍ବ୍ରମ, ପ୍ରସିଦ୍ଧ ପ୍ରହ୍ଲାଦ ନାଟକ କଳାକାର ସୀମାଞ୍ଚଳ ପାତ୍ର ଏବଂ ଓଡ଼ିଶାର ସମୃଦ୍ଧ କଳା ଏବଂ ହସ୍ତତନ୍ତ ପରମ୍ପରାକୁ ସଂରକ୍ଷଣ କରିବା ପାଇଁ ମହନୀୟ ଅବଦାନ ନିମନ୍ତେ ଶରତ କୁମାର ପାତ୍ରଙ୍କୁ ରାଜ୍ୟପାଳ ସମ୍ବର୍ଦ୍ଧିତ କରିଥିଲେ। ନିଜ କବିତା ସଂଗ୍ରହ 'ପାଦପୂରଣ' ପାଇଁ କେନ୍ଦ୍ରୀୟ ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଗିରିଜା କୁମାର ବଳିୟାରସିଂହଙ୍କୁ ମଧ୍ୟ ରାଜ୍ୟପାଳ ସମ୍ବର୍ଦ୍ଧିତ କରିଥିଲେ। ଏଥିସହିତ ୨୦୨୫ ଇଣ୍ଡିଆନ ସିଭିଲ୍ ସର୍ଭିସ ପରୀକ୍ଷାରେ ଓଡ଼ିଶାର ସଫଳ ପରୀକ୍ଷାର୍ଥୀ ଓ ସେମାନଙ୍କ ଅଭିଭାବକଙ୍କୁ ରାଜ୍ୟପାଳ ଅଭିନନ୍ଦନ ଜଣାଇଥିଲେ। ଏହି ଅବସରରେ ରାଜ୍ୟପାଳଙ୍କ କମିଶନର ତଥା ଶାସନ ସଚିବ ଡ. ରୂପା ରୋଶନ ସାହୁ ମଧ୍ୟ ଉପସ୍ଥିତ ଥିଲେ।

**ମୁଖ୍ୟମନ୍ତ୍ରୀଙ୍କୁ ଓଡ଼ିଆ ଅସ୍ମିତା ପରିଷଦର ଚିଠି**

# ତୈଳ ଉପରେ ୫% ଭାଟ୍ କମାଯାଉ

ଭୁବନେଶ୍ୱର, ୧୫।୫ (ସଂଚାର ବ୍ୟୁରୋ): କେନ୍ଦ୍ର ସରକାର ଆଜି ପେଟ୍ରୋଲ, ଡିଜେଲ, ସିଏନଜି ଦର ବୃଦ୍ଧି କରିଛନ୍ତି। ପେଟ୍ରୋଲ ଲିଟର ପିଛା ୩ ଟଙ୍କା ୧୪ ପଇସା, ଡିଜେଲ ଲିଟର ପିଛା ୩ ଟଙ୍କା ୧୧ ପଇସା ଓ ସିଏନଜିରେ ୨ ଟଙ୍କା ବୃଦ୍ଧି କରାଯାଇଛି। ଆମେରିକା-ଇରାନ ଯୁଦ୍ଧ, ହର୍ମୁଜ ପ୍ରଣାଳୀ ଅବରୋଧ ହେବା ଓ ଡଲାର ତୁଳନାରେ ଟଙ୍କାର ଅବମୂଲ୍ୟାୟନ ଯୋଗୁଁ ତେଲ ଦାମ ବଢ଼ିଛି ବୋଲି ସରକାର କହୁଛନ୍ତି। ଫଳରେ ଭୁବନେଶ୍ୱରରେ ପେଟ୍ରୋଲ ଲିଟର ୧୦୪ ଟଙ୍କା ୫୭ ପଇସା ଓ ଡିଜେଲ ଲିଟର ପିଛା ୧୦୪ ଟଙ୍କା ୬୭ ପଇସାରେ ପହଞ୍ଚିଯାଇଛି। ପେଟ୍ରୋଲ ଓ ଡିଜେଲର ଦର ବୃଦ୍ଧିର ପ୍ରଭାବ ପରିବହନ କ୍ଷେତ୍ରକୁ ବେଶୀ ପ୍ରଭାବିତ କରିବ। ଏହାଦ୍ୱାରା ଚାଉଳ, ଡାଲି, ଖାଇବା ତେଲ, ଆଳୁ, ପିଆଜ, ରସୁଣ, ଅଦା ସମେତ ପନିପରିବାର ଦର ବଢ଼ୁଛି। ଆଗାମୀ ଦିନରେ ବସ ଭଡ଼ା ବି ବଢ଼ିବା ଆଶଙ୍କା ରହିଛି। ବର୍ତ୍ତମାନ ଓଡ଼ିଶାରେ ପେଟ୍ରୋଲ ଉପରେ ଭାଟ ୨୮ ପ୍ରତିଶତ ଓ ଡିଜେଲ ଉପରେ ୨୪ ପ୍ରତିଶତ ଭାଟ ନିଆଯାଉଛି। ଲୋକଙ୍କ ସରକାର ଲୋକଙ୍କ ହିତ ଦୃଷ୍ଟିରୁ ଅନ୍ତତଃ ପକ୍ଷେ ୫ ପ୍ରତିଶତ ଭାଟ ହ୍ରାସ କରିବା ସକାଶେ ଓଡ଼ିଆ ଅସ୍ମିତା ପରିଷଦର ଆବାହକ ରବି ବେହେରା ଦାବି କରିଛନ୍ତି। ଏନେଇ ସେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଏକ ଚିଠି ଲେଖି ଏ ଦିଗରେ ପଦକ୍ଷେପ ନେବାକୁ ନିବେଦନ କରିଛନ୍ତି।

# ଏସ୍ଆଇଆର୍‌କୁ ନେଇ ରାଜନୈତିକ ଦଳ ସହ ବୈଠକ




ଭୁବନେଶ୍ୱର,୧୫।୫(ସଂଚାର ବ୍ୟୁରୋ): ମୁଖ୍ୟ ନିର୍ବାଚନ ଅଧିକାରୀ ଆରଏସ ଗୋପାଳନଙ୍କ ଅଧ୍ୟକ୍ଷତାରେ ଆଜି ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ସ୍ପେଶାଲ ଇଣ୍ଟେନସିଭ୍ ରିଭିଜନ (ଏସ୍ଆଇଆର) ପ୍ରକ୍ରିୟାକୁ ସୁଚାରୁରୂପେ ପରିଚାଳନା କରିବା ଏବଂ ଭୋଟର ତାଲିକାକୁ ଅଧିକ ସ୍ୱଚ୍ଛ ଓ ତ୍ରୁଟିଶୂନ୍ୟ କରିବା ଲକ୍ଷ୍ୟରେ ଏହି ଆଲୋଚନାଚକ୍ରର ଆୟୋଜନ କରାଯାଇଥିଲା। ଏଥିରେ ରାଜ୍ୟର ସମସ୍ତ ୭ଟି ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳର ବରିଷ୍ଠ ପ୍ରତିନିଧିମାନେ ଯୋଗ ଦେଇଥିଲେ।

ବୈଠକରେ ମୁଖ୍ୟ ନିର୍ବାଚନ ଅଧିକାରୀ ଏସଆଇଆର ପ୍ରକ୍ରିୟାର ବିଭିନ୍ନ ବୈଷୟିକ ଓ ପ୍ରଶାସନିକ ଦିଗ ଉପରେ ଆଲୋକପାତ କରିଥିଲେ। ଏକ ଗଣତାନ୍ତ୍ରିକ ପ୍ରକ୍ରିୟାରେ ଯୋଗ୍ୟ ଭୋଟରଙ୍କ ନାମ ସାମିଲ କରିବା ଏବଂ ସାମଗ୍ରିକ ଭୋଟର ତାଲିକାର ଶୁଦ୍ଧତା ବଜାୟ ରଖିବାରେ ରାଜନୈତିକ ଦଳଗୁଡ଼ିକର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଥିଲେ। ଏଥିସହିତ ପ୍ରତିଟି ମତଦାତା କେନ୍ଦ୍ର ଗୁଡିକରେ ବୁଥ୍ ସ୍ତରୀୟ ଏଜେଣ୍ଟ (ବିଏଲଏ) ନିଯୁକ୍ତି କରି ପ୍ରକ୍ରିୟାକୁ ଅଧିକ ସହଯୋଗୀ କରିବାକୁ ସେ ରାଜନୈତିକ ଦଳଗୁଡ଼ିକୁ ପରାମର୍ଶ ଦେଇଥିଲେ। ଆଲୋଚନା ସମୟରେ ଉପସ୍ଥିତ ରାଜନୈତିକ ଦଳର ପ୍ରତିନିଧିମାନେ ଏସଆଇଆର କାର୍ଯ୍ୟକ୍ରମକୁ ନେଇ ନିଜ ନିଜର ମତାମତ ଓ ପ୍ରସ୍ତାବ ଉପସ୍ଥାପନ କରିଥିଲେ। ନୂତନ ଭୋଟରଙ୍କ ପଞ୍ଜୀକରଣ, ପ୍ରବାସୀ ଭୋଟରଙ୍କ ସମସ୍ୟା ଏବଂ ତାଲିକାରୁ ମୃତ ଓ ସ୍ଥାନାନ୍ତରିତ ଭୋଟରଙ୍କ ନାମ ବାଦ୍ ଦେବା ଭଳି ପ୍ରସଙ୍ଗରେ ଦଳଗୁଡ଼ିକ ପକ୍ଷରୁ ଗଠନମୂଳକ ଆଲୋଚନା କରାଯାଇଥିଲା। ମୁଖ୍ୟ ନିର୍ବାଚନ ଅଧିକାରୀ ସମସ୍ତ ପ୍ରତିନିଧିଙ୍କ ପ୍ରସ୍ତାବକୁ ଗ୍ରହଣ କରିବା ସହ ଆଗାମୀ ଦିନରେ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶାବଳୀ ଅନୁଯାୟୀ ସମସ୍ତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

# ତେଲ ଯୋଗାଣରେ କେନ୍ଦ୍ର ସରକାର ବିଫଳ: କଂଗ୍ରେସ



ଭୁବନେଶ୍ୱର,୧୫।୫(ସଂଚାର ବ୍ୟୁରୋ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦେଶବାସୀଙ୍କୁ ସଂଯମତା ଅବଲମ୍ବନ ଉପଦେଶ ଦେବା ପରେ ଉପୁଜିଥିବା ତୈଳ ଓ ଗ୍ୟାସ ସଙ୍କଟ ପାଇଁ ଆଜି ସାଧାରଣ ଲୋକେ ନୋଟବନ୍ଦୀ ଭଳି ପେଟ୍ରୋଲ ପମ୍ପ ଆଗରେ ଲମ୍ବାଲାଇନ ଲଗେଇବାକୁ ବାଧ୍ୟ ହୋଇଛନ୍ତି। ଏହି ତୈଳ ସଙ୍କଟ ଓ ଅବ୍ୟବସ୍ଥାକୁ ନେଇ କଂଗ୍ରେସ ଭବନରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ପିସିସି ଗଣମାଧ୍ୟମ ଅଧ୍ୟକ୍ଷ ଅରବିନ୍ଦ ଦାସ କହିଛନ୍ତି ଯେ ତୈଳ ସଂକଟକୁ ନେଇ ସରକାରଙ୍କ ମିଛ ପଦାରେ ପଡ଼ିଛି। ବିଭାଗୀୟ ମନ୍ତ୍ରୀ ତେଲର ଅଭାବ ନାହିଁ ବୋଲି କହୁଥିବା ବେଳେ ଲୋକ ଲମ୍ବାଲାଇନରେ କାହିଁକି ଛିଡ଼ା ହୋଇଛନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି। ମୁଖପାତ୍ର ରଜନୀ ମହାନ୍ତି କହିଛନ୍ତି ଯେ, କେନ୍ଦ୍ରସରକାର ଦେଶର ଏଭଳି ପରିସ୍ଥିତି ବାବଦରେ ସମ୍ପୂର୍ଣ୍ଣ ଜାଣି ମଧ୍ୟ କାହିଁକି ଦେଶବାସୀଙ୍କୁ ନିର୍ବାଚନର ବହୁ ପୂର୍ବରୁ ଜଣାଇ ନଥିଲେ। ନିର୍ବାଚନ ସରିବା ଓ ଭୋଟ ପାଇସାରିବା ପରେ ଏଥିପା କ'ଣ ମନେ ପଡ଼ିଲା ବୋଲି ସେ ପ୍ରଶ୍ନ କରିଛନ୍ତି। ଗତ ୧୦ ବର୍ଷ ଭିତରେ କେନ୍ଦ୍ର ସରକାର ପେଟ୍ରୋଲ ଓ ଡିଜେଲ ଉପରୁ ସେଣ୍ଟ୍ରାଲ ଏକସାଇଜ ଯୋଗୁଁ ୪୩ ଲକ୍ଷ କୋଟି ଟଙ୍କା ଆୟ କରିଛନ୍ତି। ଏପରିକି କେନ୍ଦ୍ର ସରକାର ତୈଳ କମ୍ପାନୀମାନଙ୍କ ଠାରୁ ଯେଉଁ ଡିଭିଡେଣ୍ଡ ଓ ଟାକ୍ସ ଆୟ କରୁଛନ୍ତି, ସମସ୍ତ ଆୟକୁ ମିଶାଇଲେ ୪୮ ଲକ୍ଷ କୋଟି ଟଙ୍କାରୁ ଅଧିକ ଆୟ କରିଛନ୍ତି। କିନ୍ତୁ ଏଭଳି ଜଟିଳ ପରିସ୍ଥିତିରେ ପେଟ୍ରୋଲ ଓ ଡିଜେଲ ଦାମ ବୃଦ୍ଧି କରିବା ବେଡ଼ି ଉପରେ କୋରଡ଼ା ସଦୃଶ।

## ବିଏମ୍ସି ପକ୍ଷରୁ ଶୀତଳ ଆଶ୍ରୟସ୍ଥଳ




ଭୁବନେଶ୍ୱର, ୧୫।୫ (ସଂଚାର ବ୍ୟୁରୋ): ଭୁବନେଶ୍ୱର ମହାନଗର ନିଗମ(ବିଏମ୍ସି) ପକ୍ଷରୁ ଶୁକ୍ରବାର କଳ୍ପନା ଛକ ଓ ଫାୟାର ଷ୍ଟେସନ ନିଟକରେ ଦୁଇଟି ଅସ୍ଥାୟୀ ଶୀତଳ ଆଶ୍ରୟସ୍ଥଳ ଉଦଘାଟିତ ହୋଇଛି। ମେୟର ସୁଲୋଚନା ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦୁଇଟି ଶୀତଳ ଆଶ୍ରୟସ୍ଥଳର ଶୁଭ ଉଦଘାଟନ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଡେପୁଟି ମେୟର ମଞ୍ଜୁଲତା କହଁର, ଅତିରିକ୍ତ କମିଶନର କୈଳାସ ଚନ୍ଦ୍ର ଦାସ, ଜୋନାଲ କମିଶନର ଆଶନୀ ଏ.ଏଲ୍, ପରିମଳ ଉପାୟୁକ୍ତ ଏନ୍. ଗଣେଶ ବାବୁ ପ୍ରମୁଖ ଉପସ୍ଥିତ ଥିଲେ। ସମ୍ପ୍ରତି ଗ୍ରୀଷ୍ମ ପ୍ରବାହ ଜାରି ରହିଥିବା ବେଳେ ରାଜ୍ୟ ଓ ରାଜ୍ୟ ବାହାରୁ ଦୈନିକ ହଜାର ହଜାର ଲୋକ ରାଜଧାନୀକୁ ଆସୁଛନ୍ତି ଓ ବିଭିନ୍ନ ବସ ରହଣି ସ୍ଥଳରେ ବସକୁ ଅପେକ୍ଷା କରନ୍ତି। ସେମାନଙ୍କ ମଧ୍ୟରେ ବୃଦ୍ଧ, ବୃଦ୍ଧା, ଶିଶୁ ମଧ୍ୟ ଅଛନ୍ତି। ଖରା ଯୋଗୁ ସନ୍ ଷ୍ଟ୍ରୋକ ହେବାର ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ବିଏମ୍ସି ପକ୍ଷରୁ ପରୀକ୍ଷାମୂଳକ ଭାବେ ଦୁଇଟି ଶୀତଳ ଆଶ୍ରୟସ୍ଥଳ ନିର୍ମାଣ କରାଯାଇଛି ବୋଲି ମେୟର କହିଛନ୍ତି। ଆବଶ୍ୟକ ହେଲେ ଆଗାମୀ ଦିନରେ ଅଧିକ ଶୀତଳ ଆଶ୍ରୟସ୍ଥଳ ନିର୍ମାଣ କରାଯିବ ବୋଲି ସେ କହିଛନ୍ତି। ଆଶ୍ରୟସ୍ଥଳ ଘର ଭିତରେ ବେଣା ଚେର ପଟି ଲାଗିବା ସହ ସିଲିଂ ଫ୍ୟାନ ରହିଛି। ପ୍ରତି ଘଣ୍ଟାରେ ବେଣାଚେରରେ ପାଣି ଦେବାକୁ ସ୍ୱତନ୍ତ୍ର ଲୋକ ନିୟୋଜିତ ହୋଇଛନ୍ତି।

# ସାରା ରାଜ୍ୟରେ ତେଲ ସଂକଟ, ଧାଡ଼ିରେ ଲୋକେ

- ଲୋକଙ୍କ ଉପରେ ବୋଝ, ଲାଭ ଖାଇବେ ସରକାର: ବିଜେଡି
- ନିଦ୍ରାବିଷ୍ଟ ସାଜିଛି ଯୋଗାଣ ବିଭାଗ




ଭୁବନେଶ୍ୱର, ୧୫।୫ (ସଂଚାର ବ୍ୟୁରୋ): ଧାଡି ସରକାର ଭାବେ କୁଖ୍ୟାତ ଅର୍ଜନ କରିଥିବା ଡବଲ ଇଞ୍ଜିନ ସରକାର ପୁଣିଥରେ ସାଧାରଣ ଲୋକଙ୍କୁ ପଦାରେ ଧାଡିକରି ଠିଆକରିଛି। ପେଟ୍ରୋଲ ଓ ଡିଜେଲ ପାଇଁ ସାରା ରାଜ୍ୟରେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି ସାଧାରଣ ଲୋକ। ବିମୁଦ୍ରିକରଣ ସମୟରେ ଯେଉଁଭଳି ସାଧାରଣ ଲୋକ ବ୍ୟାଙ୍କରେ ଧାଡି ହୋଇ ଠିଆ ହୋଇଥିଲେ, ସେଭଳି ତେଲକୁ ନେଇ ୪ରୁ ୫ ଘଣ୍ଟା ଟାଙ୍କି ସମ୍ମୁଖରେ ଠିଆ ହେଉଛନ୍ତି ଲୋକେ। ଯୋଗାଣ ବିଭାଗ ତଥା ରାଜ୍ୟ ସରକାରଙ୍କ ଦାୟିତ୍ୱହୀନତା ପାଇଁ ଏହି ସମସ୍ୟା ସୃଷ୍ଟିହୋଇଛି ବୋଲି ବିଜେଡି ଅଭିଯୋଗ କରିଛି। ଆଜି ଶଙ୍ଖ ଭବନଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ବିଜେଡି ଉପସଭାପତି ସଂଜୟ ଦାସବର୍ମା, ଗଣମାଧ୍ୟମ ସଂଯୋଜକ ତଥା ମୁଖପାତ୍ର ଲେନିନ ମହାନ୍ତି ଓ ବିଜୁ ଛାତ୍ର ଜନତା ଦଳର ସଭାନେତ୍ରୀ ଇପ୍ସିତା ସାହୁ ରାଜ୍ୟ ସରକାରଙ୍କୁ କଡ଼ା ସମାଲୋଚନା କରି କହିଛନ୍ତି, ରାଜ୍ୟରେ ସୃଷ୍ଟି ହୋଇଥିବା ଏହି ଅଘୋଷିତ ଆପଦ ପାଇଁ ବିଜେପି ସରକାରଙ୍କ ଅପରିଣାମଦର୍ଶୀ ତଥା ଦିଶାହୀନ ଶାସନ ଦାୟୀ ବୋଲି ସେମାନେ ଅଭିଯୋଗ କରିଛନ୍ତି। ସଂଜୟ ଦାସବର୍ମା କହିଛନ୍ତି ଯେ, ରାଜ୍ୟରେ ତେଲ ସମସ୍ୟାକୁ ନେଇ ଯେତେବେଳେ ସାଧାରଣ ଲୋକ ରାଜରାସ୍ତାରେ ଧାଡିକରି ଠିଆହେଲେ, ସେତେବେଳେ ଯୋଗାଣମନ୍ତ୍ରୀ ମିଛ ବାହାସ୍ଫୋଟ ମାରି କହିଥିଲେ କୌଣସି ପ୍ରକାର ସମସ୍ୟା ନାହିଁ, ତେଲ ପର୍ଯ୍ୟାପ୍ତ ପରିମାଣରେ ମହଜୁଦ ରହିଛି। କିନ୍ତୁ ବାସ୍ତବ ଚିତ୍ର ଭିନ୍ନ। କେଉଁଠି ତେଲ ଟାଙ୍କି ବନ୍ଦ ରହିଥିଲା ବେଳେ ଆଉ କେଉଁଠି ଦୁଇଚକିଆ ଗାଡିକୁ ୨ଶହ ଟଙ୍କା ଓ ଚାରି ଚକିଆ ଗାଡିକୁ ୧୦୦୦ ଟଙ୍କାର ତେଲ ଦିଆଯାଉଛି। ତେଲ ଦୁର୍ଦ୍ଦଶାରେ ଜର୍ଜରିତ ହେଲାଣି ସାରା ଓଡିଶା। କିନ୍ତୁ ରାଜ୍ୟ ସରକାର ଏହାର ପ୍ରତିକାର କରିବା ପରିବର୍ତ୍ତେ ମିଛ ଫୁଟାଣି ମାରୁଛନ୍ତି। ସରକାର ଏହି ସମସ୍ୟାକୁ କିଭଳି ସମାଧାନ ହେବ ସେଥିପ୍ରତି ଧ୍ୟାନ ନଦେଇ ନିଜର ଦୁଇ ବର୍ଷ ପୂର୍ତ୍ତି କିପରି ପାଳନ କରାଯିବ ସେଥିପାଇଁ ସଚିବାଳୟରେ ଉଚ୍ଚସ୍ତରୀୟ ବୈଠକ ଘନ ଘନ ଚାଲିଛି। ଗୋଟିଏ ପଟେ ରାଜ୍ୟର ଲୋକମାନେ ତେଲ ପାଇଁ ଲମ୍ବା ଧାଡିରେ ଥିବାବେଳେ ବେଡି ଉପରେ କୋରଡା ମାଡ ପରି ତୈଳ ଦର ବୃଦ୍ଧି ଲୋକଙ୍କ ଆର୍ଥିକ ବୋଝ ବଢ଼ାଉଛି । ଯୋଗାଣ ସଚିବ କହୁଛନ୍ତି ତେଲ ପ୍ରଚୁର ପରିମାଣରେ ମହଜୁଦ ରହିଛି, ଅନ୍ୟପଟେ ଯୋଗାଣମନ୍ତ୍ରୀ କହୁଛନ୍ତି ତେଲ ମାତ୍ର ୧୩ ଦିନ ପାଇଁ ଗଚ୍ଛିତ ଅଛି। ଏଥିରୁ ସ୍ପଷ୍ଟ ଜଣାପଡୁଛି, ମନ୍ତ୍ରୀ ଓ ସଚିବଙ୍କ କଥାରେ ତାଳମେଳ ନାହିଁ। ଡବଲ ଇଂଜିନ ସରକାରରେ ଢିଙ୍କିଶାଳରୁ ହାଣ୍ଡିଶାଳ ପର୍ଯ୍ୟନ୍ତ ଯେଉଁ ମହଙ୍ଗା ମାଡ ଜନସାଧାରଣଙ୍କୁ ଦେଉଛନ୍ତି ଲୋକେ ଆଗାମୀ ଦିନରେ ଏହାର ଜବାବ ଦେବେ ବୋଲି ସେ କହିଛନ୍ତି।

**ନିଟ୍ ପରୀକ୍ଷା ଦୁର୍ନୀତିର ପ୍ରତିବାଦ**

# ପ୍ରଦେଶ ଯୁବ କଂଗ୍ରେସର ବିକ୍ଷୋଭ



ଭୁବନେଶ୍ୱର,୧୫।୫(ସଂଚାର ବ୍ୟୁରୋ): ନିଟ୍ ପରୀକ୍ଷା ପେପର ଲିକ୍ ପ୍ରସଙ୍ଗକୁ ନେଇ ଆଜି ପ୍ରଦେଶ ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ରଙ୍କ ନିର୍ଦ୍ଦେଶରେ ଯୁବ କଂଗ୍ରେସ ପକ୍ଷରୁ ଏକ ବିକ୍ଷୋଭ ର୍ୟାଲି ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରୁ ବାହାରି ମାଷ୍ଟର କ୍ୟାଣ୍ଟିନ ଛକ ପର୍ଯ୍ୟନ୍ତ ଯାଇଥିଲା। ସେଠାରେ ପ୍ରଦେଶ ଯୁବ କଂଗ୍ରେସ ପକ୍ଷରୁ ଦେଶର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। ଏହି ଅବସରରେ ପ୍ରଦେଶ ଯୁବ କଂଗ୍ରେସ ପକ୍ଷରୁ କୁହାଯାଇଛି ଯେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ କାର୍ଯ୍ୟକାଳରେ ଦେଶର ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। ମୋଦିଙ୍କ ଶାସନର ୧୦ ବର୍ଷରେ ୮୯ଥର ପେପର ଲିକ୍ ଘଟଣା ଘଟିଛି ଓ ୪୮ ଥର ରିଟେଷ୍ଟ ହୋଇଛି। ଗତ ୩ ତାରିଖରେ ଯେଉଁ ନିଟ୍ ୟୁଜି ପରୀକ୍ଷା ହୋଇଥିଲା ତାହାକୁ ଏନ୍‌ଟିଏ ଅସିଦ୍ଧ ଘୋଷଣା କରିଛନ୍ତି। ବିରୋଧୀ ଦଳର ନେତା ରାହୁଲ ଗାନ୍ଧି ଓ ଅନ୍ୟାନ୍ୟ ଅଣବିଜେପି ଦଳର ନେତାଙ୍କ ବକ୍ତବ୍ୟ ଅନୁସାରେ ଗତ ୭ରୁ ୧୦ ବର୍ଷ ଭିତରେ ପ୍ରାୟ ୨ କୋଟି ଯୁବକଯୁବତୀ ଏହି ପେପର ଲିକ୍ ଘଟଣାରେ କ୍ଷତିଗ୍ରସ୍ତ ହୋଇଛନ୍ତି। ଆଜି ପ୍ରଦେଶ ଯୁବ କଂଗ୍ରେସ ପକ୍ଷରୁ କୁହାଯାଇଥିଲା ଯେ ବିଜେପି ଦଳ ଓ ସରକାର ଦେଶର ଭବିଷ୍ୟତ ପିଢ଼ିଙ୍କ ସ୍ୱପ୍ନକୁ ଛାରଖାର କରିଦେଉଛନ୍ତି। ଯେଉଁ ନିଟ୍ ପରୀକ୍ଷା ପେପର ଲିକ୍ ଘଟଣାରେ ୨୪ ଲକ୍ଷ ଛାତ୍ରଛାତ୍ରୀ ପ୍ରଭାବିତ ହୋଇଛନ୍ତି। ସୁତରାଂ ଶିକ୍ଷାମନ୍ତ୍ରୀ ଶ୍ରୀ ପ୍ରଧାନ ଶିକ୍ଷାମନ୍ତ୍ରୀ ହେବାର ଯୋଗ୍ୟତା ହରାଇଛନ୍ତି। ମୋଦି ସରକାର ପରୀକ୍ଷା ପୂର୍ବରୁ ସବୁବେଳେ ପ୍ରଶ୍ନପତ୍ର ବିକ୍ରି କରିଦେଇଥାଏ। ତେଣୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ତୁରନ୍ତ ଇସ୍ତଫା ଦିଅନ୍ତୁ ଓ ଦେଶର ଭବିଷ୍ୟତ ପିଢ଼ିମାନଙ୍କୁ ଏପରି ଆଚରଣ ନ କରାଯାଉ। ଉଲ୍ଲେଖଯୋଗ୍ୟ ଯେ ଆଜି ଧର୍ମେନ୍ଦ୍ର ପ୍ରଧାନଙ୍କ ଓଡ଼ିଶା ଗସ୍ତ ପୂର୍ବରୁ ପ୍ରଦେଶ ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ର, ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସ ପ୍ରଭାରୀ ମହେଶ ଦେଶମୁଖ, ସୁଦୀପ ସାମଲଙ୍କୁ ପୁଲିସ ଅଗଣତାନ୍ତ୍ରିକ ଭାବେ ଉଠାଇ ନେଇ ଥାନାରେ ଅଟକ ରଖିଥିଲା। ଆଜିର କାର୍ଯ୍ୟକ୍ରମରେ ଲକ୍ଷ୍ମୀପ୍ରିୟା ନାୟକ, ଜାଭେଦ ଅକ୍ତାର, ଶିଳ୍ପୀଶ୍ରୀ ହରିଚନ୍ଦନ, ଆଲୋକ ଦାସ, ବଳରାମ ନନ୍ଦ, ବିରଞ୍ଚି ବାରିକ, କାର୍ତ୍ତିକେଶ୍ୱର କାଣ୍ଡି, ସୁନିଲ ଗାନ୍ଧି, ସନ୍ଦୀପ ରାଉତରାୟ, ଚିତ୍ତରଞ୍ଜନ ନାୟକ ଅଂଶଗ୍ରହଣ କରିଥିଲେ।

# ଘରୋଇ ଡାକ୍ତରଖାନାରେ ଦୁଇଗୁଣା ଡାକ୍ତର



ଭୁବନେଶ୍ୱର,୧୫।୫: ରାଜ୍ୟର ସରକାରୀ ଡାକ୍ତରଖାନାଗୁଡିକରେ ଯେତିକି ସଂଖ୍ୟକ ଡାକ୍ତର ଚିକିତ୍ସାସେବା ଯୋଗାଉଛନ୍ତି ତାହାର ଦୁଇ ଗୁଣାରୁ ଅଧିକ ଡାକ୍ତର ଘରୋଇ ଡାକ୍ତରଖାନା ଓ ଚିକିତ୍ସାଳୟରେ ସେବା ପ୍ରଦାନ କରୁଛନ୍ତି। ରାଜ୍ୟରେ ଏବେ ପାଖାପାଖି ୩୬ହଜାର ଏଲୋପାଥିକ ଡାକ୍ତର ରୋଗୀମାନଙ୍କୁ ଚିକିତ୍ସାସେବା ଯୋଗାଉଥିବା ଜଣାଯାଇଛି।

ସରକାରୀ ଡାକ୍ତରଖାନାଗୁଡିକରେ ମଞ୍ଜୁରୀପ୍ରାପ୍ତ ଡାକ୍ତରଙ୍କ ସଂଖ୍ୟା ୧୫,୭୯୩ ହୋଇଥିବାବେଳେ ଏଥିରେ ଏବେ ୧୧ହଜାରରୁ ସାମାନ୍ୟ ଅଧିକ ଡାକ୍ତର କାର୍ଯ୍ୟରତ ରହିଛନ୍ତି। ପ୍ରାୟ ସାଢେ ୪ହଜାର ଡାକ୍ତର ପଦବି ଖାଲି ପଡିଛି। ଏହାକୁ ନେଇ ବିଭିନ୍ନ ସ୍ଥାନରୁ ରୋଗୀସେବାରେ ସମସ୍ୟାର ଅଭିଯୋଗ ବାରମ୍ବାର ଆସୁଛି। ତେବେ ସରକାରୀ ଡାକ୍ତରଖାନାର ଚିକିତ୍ସକମାନଙ୍କୁ ବାଦ୍ ଦେଲେ ରାଜ୍ୟର ଘରୋଇ ଡାକ୍ତରଖାନାଗୁଡିକରେ ୨୪ହଜାରରୁ ଅଧିକ ଡାକ୍ତର ଚିକିତ୍ସାସେବା ଯୋଗାଉଛନ୍ତି । ଏଥିରେ ଗାଁ ଗହଳ ଠାରୁ ଆରମ୍ଭକରି ସହରାଞ୍ଚଳର କର୍ପୋରେଟ ଡାକ୍ତରଖାନାମାନ ରହିଛି । ଯେହେତୁ ରାଜ୍ୟରେ କାର୍ଯ୍ୟରତ ସମସ୍ତ ଡାକ୍ତର ଓଡିଶା କାଉନସିଲ୍ ଅଫ୍ ମେଡିକାଲ ରେଜିଷ୍ଟ୍ରେସନ (ଓସିଏମଆର) ନିକଟରେ ପଞ୍ଜିକୃତ ହୋଇଛନ୍ତି ସେଥିରୁ ବେସରକାରୀ ଚିକିତ୍ସାକେନ୍ଦ୍ରରେ ସେବା ଯୋଗାଉଥିବା ଡାକ୍ତରଙ୍କ ସଂଖ୍ୟା ୨୪ହଜାରରୁ ଅଧିକ ଥିବା ଜଣାଯାଇଛି।

ସେହିଭଳି ରାଜ୍ୟର ବିଭିନ୍ନ ସରକାରୀ ଓ ବେସରକାରୀ ମେଡିକାଲ କଲେଜରୁ ପ୍ରତିବର୍ଷ ୩୦୨୫ ଜଣ ଡାକ୍ତରୀ ଛାତ୍ର ଶିକ୍ଷା ସମାପ୍ତ କରୁଛନ୍ତି। ଏମାନେ ଓଡିଶା ଲୋକସେବା ଆୟୋଗଙ୍କ ଜରିଆରେ ଚୟନ ପ୍ରକ୍ରିୟାମାଧ୍ୟମରେ ରାଜ୍ୟର ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରମାନଙ୍କରେ ନିଯୁକ୍ତି ପାଇଥାନ୍ତି। ତେବେ ରାଜ୍ୟରୁ ପ୍ରତିବର୍ଷ ଏତେ ସଂଖ୍ୟକ ଡାକ୍ତର ବାହାରୁଥିବାବେଳେ ସରକାରୀ ଡାକ୍ତରଖାନାରେ କାହିଁକି ଡାକ୍ତର ସଙ୍କଟ ରହୁଛି ତାହା ଏବେ ବଡ ପ୍ରଶ୍ନବାଚୀ ହୋଇଛି। ତେବେ ମିଳିଥିବା ସୂଚନା ଅନୁଯାୟୀ ଓଡିଶାର ବିଭିନ୍ନ ସରକାରୀ ଓ ଘରୋଇ ମେଡିକାଲ କଲେଜରୁ ଉତ୍ତୀର୍ଣ୍ଣ ଡାକ୍ତରମାନେ କର୍ପୋରେଟ ଡାକ୍ତରଖାନା ସମେତ ଅନ୍ୟାନ୍ୟ ଘରୋଇ ଡାକ୍ତରଖାନାରେ ଉଚ୍ଚ ଦରମାରେ କାର୍ଯ୍ୟ କରୁଛନ୍ତି। ଏଥିରେ ସେମାନଙ୍କର ଦୁଇଟି ଲାଭ ହେଉଛି। ଗୋଟିଏ ପଟେ ମୋଟା ଅଙ୍କର ପାରିଶ୍ରମିକ ସାଙ୍ଗକୁ ଅନ୍ୟପଟେ ରାଜ୍ୟର ଉପାନ୍ତ ଅଞ୍ଚଳକୁ ଯିବାକୁ ପଡୁନାହିଁ।

ଉଲ୍ଲେଖନୀୟ ଯେ ରାଜ୍ୟ ସରକାରରେ ଯେଉଁ ଡାକ୍ତରମାନେ ଯୋଗ ଦେଉଛନ୍ତି ସେମାନଙ୍କୁ ଚାକିରିର ଆଦ୍ୟକାଳରେ ପ୍ରାୟତଃ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ପୋଷ୍ଟିଂ ମିଳିଥାଏ। ଥରେ ସେଠାରେ କାର୍ଯ୍ୟରେ ଯୋଗଦେବା ପରେ ସହଜରେ ଉପକୂଳ ଅଞ୍ଚଳକୁ ଆସିବା ସମ୍ଭବପର ହୋଇ ନଥାଏ। ଏଥିଯୋଗୁଁ ବହୁ ସଂଖ୍ୟକ ଯୁବ ଚିକିତ୍ସକ ରାଜ୍ୟ ସରକାରଙ୍କ ଚାକିରିକୁ ମୁହଁ ମୋଡୁଛନ୍ତି।

ଫଳସ୍ୱରୂପ ସରକାରୀ ଡାକ୍ତରଖାନାଗୁଡିକରେ ଚିକିତ୍ସାସେବା ପ୍ରଭାବିତ ହେଉଥିବାବେଳେ ଲୋକେ ଘରୋଇ ଓ କର୍ପୋରେଟ ଡାକ୍ତରଖାନାକୁ ଯାଇ ଖର୍ଚ୍ଚାନ୍ତ ହେଉଛନ୍ତି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ମାନକ ଅନୁଯାୟୀ ପ୍ରତି ହଜାରେ ଲୋକଙ୍କ ପାଇଁ ଜଣେ ଡାକ୍ତରଙ୍କ ଆବଶ୍ୟକ ଥିବାବେଳେ ଓଡିଶାରେ ଏବେ ୧୨୬୫ ଜଣ ଲୋକଙ୍କ ପାଇଁ ଜଣେ ଡାକ୍ତର ରହିଛନ୍ତି। ତେବେ ଗାଁ ଗହଳରେ ଏହି ଅନୁପାତ ଢେର ଅଧିକ ରହୁଥିବାରୁ ଲୋକେ ସରକାରୀ ସ୍ୱାସ୍ଥ୍ୟସେବା ପାଇବାରୁ ବଞ୍ଚିତ ହେଉଛନ୍ତି।(ତଥ୍ୟ)

**କୁରାଲୋଇରେ ଭିନ୍ନକ୍ଷମଙ୍କୁ ସହାୟତାର ହାତ ବଢ଼ାଇଛି ବେଦାନ୍ତ**

# ସମାବେଶୀ ଗୋଷ୍ଠୀ ବିକାଶ ପ୍ରତି ପ୍ରତିବଦ୍ଧ



ଭୁବନେଶ୍ୱର,୧୫।୫(ସଂଚାର ବ୍ୟୁରୋ): ଦେଶର ସର୍ବବୃହତ୍ ଆଲୁମିନିୟମ ଉତ୍ପାଦନକାରୀ ବେଦାନ୍ତ ଆଲୁମିନିୟମ, କୁରାଲୋଇରେ ଭିନ୍ନକ୍ଷମଙ୍କ ପାଇଁ ସହାୟତାର ହାତ ବଢାଇ ସମାବେଶୀ ଗୋଷ୍ଠୀ ବିକାଶ ପ୍ରତି ନିଜର ପ୍ରତିବଦ୍ଧତାକୁ ଆହୁରି ସୁଦୃଢ଼ କରିଛି। ୨୦୨୫ ଡିସେମ୍ବରରେ ଆରମ୍ଭ ହୋଇଥିବା ପଦକ୍ଷେପକୁ ଆଧାର କରି କମ୍ପାନୀ ନିକଟରେ ଏହି କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟ ଆୟୋଜନ କରିଥିଲା, ଯେଉଁଥିରେ ୧୫ ଜଣ ହିତାଧିକାରୀଙ୍କୁ ସହାୟତା ପ୍ରଦାନ କରାଯାଇଥିଲା। ଏହି ପଦକ୍ଷେପ ବର୍ତ୍ତମାନ ବଞ୍ଜାରୀ, କୁରାଲୋଇ, ପିପିଲିମାଳ ଗ୍ରାମ ପଞ୍ଚାୟତ ଏବଂ ୱାର୍ଡ ନଂ ୧୭ରେ ୩୦ ଜଣ ଭିନ୍ନକ୍ଷମ ବ୍ୟକ୍ତିଙ୍କ ନିକଟରେ ପହଞ୍ଚିଛି, ଯାହା ଗତିଶୀଳତା, ଅନ୍ତର୍ଭୁକ୍ତୀକରଣ, ସଶକ୍ତିକରଣ ଏବଂ ତୃଣମୂଳ ଗୋଷ୍ଠୀ ଯତ୍ନକୁ ସକ୍ଷମ କରିବା ଉପରେ ବେଦାନ୍ତ ଆଲୁମିନିୟମ ତାହାର ଧ୍ୟାନକେନ୍ଦ୍ରିତ କରିଛି। ଏହି ସହାୟକ ଉପକରଣଗୁଡ଼ିକ କୁରାଲୋଇ ସରପଞ୍ଚ ସନାତନ ନାୟକଙ୍କ ସମେତ ଆଶା କର୍ମୀ ଏବଂ ସମ୍ପ୍ରଦାୟର ସଦସ୍ୟମାନଙ୍କ ଉପସ୍ଥିତିରେ ବଣ୍ଟନ କରାଯାଇଥିଲା ଯାହା ଶେଷ ସ୍ତରରେ ଥିବା ସ୍ଥାନୀୟ ଅଂଶୀଦାରମାନଙ୍କ ସହିତ ଦୃଢ଼ ସହଯୋଗ ଉପରେ ଆଲୋକପାତ କରିଥିଲା।

କୁରାଲୋଇ ଗାଁର ୫୩ ବର୍ଷ ବୟସ୍କା ବାସିନ୍ଦା ମାର୍ଥା ପିଙ୍ଗ କହିଛନ୍ତି ଯେ ଏହି ହ୍ୱିଲ୍‌ଚେୟାର ସହାୟତା ପାଇଁ ମୁଁ ବେଦାନ୍ତ ପ୍ରତି କୃତଜ୍ଞ। ୪୫ ପ୍ରତିଶତ ଅକ୍ଷମତା ଏବଂ ବର୍ଦ୍ଧିତ ବୟସ ଯୋଗୁଁ ମୁଁ ମୋ ଘର ଭିତରେ କିମ୍ବା ବାହାରେ ଚଲାବୁଲା ପାଇଁ କଷ୍ଟ ଅନୁଭବ କରୁଥିଲି । ଏହି ସମର୍ଥନ ମୋର ଦୈନନ୍ଦିନ ଗତିବିଧିକୁ ଅଧିକ ସହଜ କରିଦେଇଛି।

ସେହିପରି ଅନ୍ୟ ଜଣେ ହିତାଧିକାରୀ ବାରତାପ୍ ଗାଁର ବାସିନ୍ଦା ଭୂମିସୁତା ଖରସେଲ କହିଛନ୍ତି, ପୂର୍ବରୁ ମୁଁ ଶ୍ରେଣୀରେ ପାଠ ପଢ଼ିବା ପାଇଁ ସଂଘର୍ଷ କରୁଥିଲି ଏବଂ ରାସ୍ତାରେ ମୋର ଯିବା ଆସିବା ପ୍ରଭାବିତ ହୋଇଥିଲା କାରଣ ମୁଁ ଆସୁଥିବା ଯାନବାହାନର ଶବ୍ଦ ଶୁଣି ପାରୁ ନ ଥିଲି। ଶ୍ରବଣ ସହାୟକ ସହାୟତା ସହ ମୁଁ ବର୍ତ୍ତମାନ ଭଲ ଭାବେ ଶୁଣିପାରୁଛି ଏବଂ ମୋର ପାଠପଢ଼ା ସହ ଓ ଦୈନନ୍ଦିନ ଜୀବନରେ ଅଧିକ ଆତ୍ମବିଶ୍ୱାସ ଅନୁଭବ କରୁଛି। ବେଦାନ୍ତ ଆଲୁମିନିୟମ ଶିକ୍ଷା, ସ୍ୱାସ୍ଥ୍ୟସେବା, ସ୍ଥାୟୀ ଜୀବିକା, ଗ୍ରାମୀଣ ଭିତ୍ତିଭୂମି ଓ ତୃଣମୂଳ ସ୍ତରର କ୍ରୀଡା ଏବଂ ସଂସ୍କୃତିରେ ବ୍ୟାପକ ପଦକ୍ଷେପ ମାଧ୍ୟମରେ ଏହାର ପରିଚାଳନା କ୍ଷେତ୍ରରେ ପରିବର୍ତ୍ତନ ଆଣିବା ପାଇଁ ପ୍ରତିଶ୍ରୁତିବଦ୍ଧ। ସ୍ଥାନୀୟ କର୍ତ୍ତୃପକ୍ଷ ଓ ଗୋଷ୍ଠୀ ଅଂଶୀଦାରଙ୍କ ସହ ଘନିଷ୍ଠ ଭାବେ କାର୍ଯ୍ୟ କରି କମ୍ପାନୀ ନିଶ୍ଚିତ କରେ ଯେ ଏହାର ହସ୍ତକ୍ଷେପ ଏହାର ପରିଚାଳନା କ୍ଷେତ୍ରରେ ବାସ୍ତବ ସାମାଜିକ-ଅର୍ଥନୈତିକ ପ୍ରଗତି ଦିଗରେ ଆଗେଇନେବ।

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

## ସମ୍ପାଦକୀୟ



# ଭାରତ-ୟୁଏଇ ସମ୍ପର୍କର ନୂଆ ଉତ୍ସାହ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ଗସ୍ତ କେବଳ ଏକ କୂଟନୀତିକ ଯାତ୍ରା ନୁହେଁ, ବରଂ ଭାରତର ଅର୍ଥନୈତିକ ଓ ରଣନୈତିକ ସ୍ୱାର୍ଥରେ ଏକ ମହତ୍ୱପୂର୍ଣ୍ଣ ପଦକ୍ଷେପ। ଆବୁ ଧାବିରେ ୟୁଏଇ ରାଷ୍ଟ୍ରପତି ଶେଖ ମହମ୍ମଦ ବିନ୍ ଜାୟେଦ୍ ଆଲ୍ ନାହୟାନଙ୍କ ସହ ବୈଠକ ପରେ ଦୁଇ ଦେଶ ମଧ୍ୟରେ ବାଣିଜ୍ୟ, ଶକ୍ତି, ପ୍ରତିରକ୍ଷା ଓ ପ୍ରଯୁକ୍ତି କ୍ଷେତ୍ରରେ ନୂତନ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଏହି ଗସ୍ତ ଭାରତ-ୟୁଏଇ ସମ୍ପର୍କକୁ ଏକ ନୂଆ ଉଚ୍ଚତା ପ୍ରଦାନ କରିବ ବୋଲି ଆଶା କରାଯାଉଛି।



ବର୍ତ୍ତମାନ ଭାରତ ଓ ୟୁଏଇ ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟ ପ୍ରଥମ ଥର ପାଇଁ ୧୦୦ ବିଲିୟନ୍ ଡଲାର୍ ଅତିକ୍ରମ କରିଛି। ୨୦୨୫-୨୬ ଆର୍ଥିକ ବର୍ଷରେ ଏହା ୧୦୧ ବିଲିୟନ୍ ଡଲାର୍ ପାର କରିଥିବା ବେଳେ, ୟୁଏଇ ଭାରତର ତୃତୀୟ ବୃହତ୍ତମ ବାଣିଜ୍ୟ ସହଯୋଗୀ ଏବଂ ଦ୍ୱିତୀୟ ବୃହତ୍ତମ ରପ୍ତାନି ଗନ୍ତବ୍ୟ ସ୍ଥଳ ହୋଇଉଠିଛି। ୨୦୨୨ ମସିହାରେ ଲାଗୁ ହୋଇଥିବା ସମଗ୍ର ଅର୍ଥନୈତିକ ଭାଗିଦାରି ଚୁକ୍ତି (ସିଇପିଏ) ଏହି ସଫଳତାର ମୂଳ କାରଣ। ଏହି ଚୁକ୍ତି ପରେ ସୁନା, ଯନ୍ତ୍ରପାତି, ଇଲେକ୍ଟ୍ରନିକ୍ସ, କୃଷି ଓ ସେବା କ୍ଷେତ୍ରରେ ବାଣିଜ୍ୟ ବୃଦ୍ଧି ପାଇଛି। ଉଭୟ ଦେଶ ଏବେ ୨୦୩୨ ସୁଦ୍ଧା ବାଣିଜ୍ୟ ଲକ୍ଷ୍ୟକୁ ୨୦୦ ବିଲିୟନ୍ ଡଲାର୍ କରିବାକୁ ଲକ୍ଷ୍ୟ ରଖିଛନ୍ତି।

ମୋଦୀଙ୍କ ଗସ୍ତ ସମୟରେ ଶକ୍ତି ସହଯୋଗିତା ଏକ ପ୍ରମୁଖ ବିଷୟ ଥିଲା। ଭାରତର ଶକ୍ତି ନିରାପତ୍ତା ପାଇଁ ୟୁଏଇ ଏକ ଗୁରୁତ୍ୱପୂର୍ଣ୍ଣ ସହଯୋଗୀ। ଏହି ଗସ୍ତରେ ଏଲ୍ପିଜି ଯୋଗାଣ, ରଣନୈତିକ ପେଟ୍ରୋଲିୟମ୍ ଭଣ୍ଡାର ଓ ଅନ୍ୟାନ୍ୟ ଶକ୍ତି ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଏହା ଭାରତର ତୈଳ ଆମଦାନି ବିବିଧୀକରଣ ଓ ମୂଲ୍ୟ ସ୍ଥିରତା ପାଇଁ ସହାୟକ ହେବ। ୟୁଏଇର ପରିଷ୍କାର ଶକ୍ତି ଓ ସବୁଜ ହାଇଡ୍ରୋଜେନ୍ କ୍ଷେତ୍ରରେ ସହଯୋଗ ବୃଦ୍ଧି ପାଇବା ସହ ଆଇଏମ୍ଇସି (ଇଣ୍ଡିଆ-ୟୁରୋପ-ମିଡିଲ ଇଷ୍ଟ ଇକୋନୋମିକ କରିଡର) ପରିଯୋଜନା ମଧ୍ୟ ଗତି ପାଇବ।

ପ୍ରତିରକ୍ଷା କ୍ଷେତ୍ରରେ ମଧ୍ୟ ଏକ ନୂଆ ଅଧ୍ୟାୟ ଆରମ୍ଭ ହୋଇଛି। ରଣନୈତିକ ପ୍ରତିରକ୍ଷା ଭାଗିଦାରି ଫ୍ରେମୱର୍କ ଉପରେ ଚୁକ୍ତି ହୋଇଛି। ଏହା କେବଳ ଅସ୍ତ୍ର ଓ ପ୍ରଯୁକ୍ତି ବିନିମୟ ନୁହେଁ, ବରଂ ଆଞ୍ଚଳିକ ସୁରକ୍ଷା ଓ ସାମୁଦ୍ରିକ ନିରାପତ୍ତାରେ ମଧ୍ୟ ସହଯୋଗ ବଢ଼ାଇବ। ଗୁଜରାଟର ବଡିନାର୍ରେ ଜାହାଜ ମରାମତି କ୍ଲଷ୍ଟର ପ୍ରକଳ୍ପ ପାଇଁ ଏମଓୟୁ ହୋଇଥିବା ବେଳେ ଏହା ରୋଜଗାର ସୃଷ୍ଟିରେ ସହାୟକ ହେବ। ୟୁଏଇରେ ପ୍ରାୟ ୩୫ ଲକ୍ଷ ଭାରତୀୟ ପ୍ରବାସୀ ରହୁଛନ୍ତି। ସେମାନେ ଦୁଇ ଦେଶ ମଧ୍ୟରେ ମାନବିକ ସେତୁ ଭାବେ କାର୍ଯ୍ୟ କରୁଛନ୍ତି। ସେମାନଙ୍କ କଲ୍ୟାଣ ଓ ସୁରକ୍ଷା ପାଇଁ ମଧ୍ୟ ଆଲୋଚନା ହୋଇଛି। ସାଂସ୍କୃତିକ ଓ ଲୋକ-ଲୋକ ସମ୍ପର୍କ ଏହି ସମ୍ପର୍କର ମଜବୁତ ଆଧାର।

ଏହି ଗସ୍ତର ପ୍ରଭାବ କେବଳ ଦ୍ୱିପାକ୍ଷିକ ନୁହେଁ, ଆଞ୍ଚଳିକ ଓ ଆନ୍ତର୍ଜାତିକ ସ୍ତରରେ ମଧ୍ୟ ପଡ଼ିବ। ବର୍ତ୍ତମାନର ଭୂ-ରାଜନୈତିକ ଅସ୍ଥିରତା ମଧ୍ୟରେ ୟୁଏଇ ସହ ମଜବୁତ ସମ୍ପର୍କ ଭାରତର ଶକ୍ତି ନିରାପତ୍ତା, ଅର୍ଥନୈତିକ ବିବିଧୀକରଣ ଓ 'ଆତ୍ମନିର୍ଭର ଭାରତ' ଲକ୍ଷ୍ୟକୁ ସମର୍ଥନ କରିବ। ଏହା ମଧ୍ୟପ୍ରାଚ୍ୟରେ ଭାରତର ପ୍ରଭାବ ବୃଦ୍ଧି କରିବ ଏବଂ ଇଣ୍ଡୋ-ପ୍ୟାସିଫିକ୍ ଓ ଇଉରୋପୀୟ ସହଯୋଗର ସେତୁ ଭାବେ କାର୍ଯ୍ୟ କରିବ। ମୋଦୀଙ୍କ ଏହି ଗସ୍ତ ପ୍ରମାଣ କରୁଛି ଯେ ଭାରତ ବିଶ୍ୱର ଏକ ଆତ୍ମବିଶ୍ୱାସୀ ଓ ଗତିଶୀଳ ଅର୍ଥନୈତିକ ଶକ୍ତି ଭାବେ ଉଭା ହୋଇଛି। ୟୁଏଇ ସହ ଏହି ଭାଗିଦାରି କେବଳ ବାଣିଜ୍ୟ ନୁହେଁ, ଏକ ସମୃଦ୍ଧ ଭବିଷ୍ୟତର ଆଧାର ସ୍ଥାପନ କରୁଛି। ଉଭୟ ଦେଶର ନେତୃତ୍ୱ ଏହି ସମ୍ପର୍କକୁ ଆହୁରି ଗଭୀର ଓ ବ୍ୟାପକ କରିବାରେ ପ୍ରତିବଦ୍ଧ ଥିବା ଦେଖାଯାଉଛି। ଏହା ଭାରତର ବିକାଶ ଯାତ୍ରାରେ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ ବୋଲି ଆଶା ରଖିଯାଇପାରିବ।

# ସାବିତ୍ରୀ ସଧବା ନାରୀର ଆଭୂଷଣ



**ରବିନାରାୟଣ ପଟ୍ଟନାୟକ**

ଏକ ଧର୍ମପରାୟଣ ରାଜ୍ୟ ଭାବେ ଓଡ଼ିଶା ତଥା ଓଡ଼ିଆମାନଙ୍କ ସାରା ଦୁନିଆରେ ସ୍ୱତନ୍ତ୍ର ପରିଚୟ ରହିଛି। ଓଡ଼ିଆଙ୍କ ସଭ୍ୟତା, ସଂସ୍କୃତି, ପରମ୍ପରା ସହ ପରିଚିତ କରାଇଥାଏ। ଏହି ଧାରା ଆବାହମାନ କାଳରୁ ଚାଲି ଆସିଛି ଏବଂ ଆଗକୁ ମଧ୍ୟ ବଜାୟ ରହିବ ।ସାଧବ ହିନ୍ଦୁ ନାରୀଙ୍କ ଲାଗି ସବୁଠାରୁ ବଡ଼ ପର୍ବ ଆଜି ପବିତ୍ର ସାବିତ୍ରୀ ବ୍ରତ । ଚଳ ଚଞ୍ଚଳ ଗାଁଠୁ ସହର । ସ୍ୱାମୀଙ୍କ ଦୀର୍ଘାୟୁ କାମନା କରି ମନ୍ଦିରରେ ପୂଜାର୍ଚ୍ଚନା କରିଥାନ୍ତି ସ୍ତ୍ରୀ ।ମଥାରେ ସିନ୍ଦୁର ହାତରେ ଚୁଡ଼ି ଓ ରଙ୍ଗ ବେରଙ୍ଗର ଶାଢୀ ପିନ୍ଧି ସତ୍ୟବାନଙ୍କ ପାଇଁ ପୂଜା କରିଥାନ୍ତି ପ୍ରତିବ୍ରତା ନାରୀ ।ସାବିତ୍ରୀ ଓଷା ସ୍ୱାମୀଙ୍କ ମଙ୍ଗଳ ଓ ଦୀର୍ଘାୟୁ କାମନା କରି ବ୍ରତ ପାଳିଥାନ୍ତି ହିନ୍ଦୁ ସଧବା ମହିଳା ।ଆଜି ରାଜ୍ୟର ସବୁଠି ସଧବା ମହିଳାମାନେ ମହାସତୀ ସାବିତ୍ରୀଙ୍କ ପତିଭକ୍ତିକୁ ମନେ ପକାଇ ପୂଜାର୍ଚ୍ଚନା କରୁଛନ୍ତି। କେହି କେହି ମନ୍ଦିରକୁ ଯାଇ ପୂଜାର୍ଚ୍ଚନା କରୁଛନ୍ତି ତ ପୁଣି ଆଉ କେହି ଘରକୁ ପୂଜକଙ୍କୁ ଡକାଇ ପୂଜା କରୁଛନ୍ତି।ସାବିତ୍ରୀ ବ୍ରତ ଓଡ଼ିଶାର ପ୍ରତ୍ୟେକ ସଧବା ନାରୀ ନିଜ ସ୍ୱାମୀଙ୍କର ସୁନ୍ଦର ସ୍ୱାସ୍ଥ୍ୟ ଓ ନିରାମୟ ଜୀବନ ଲାଗି ପାଳନ କରନ୍ତି ।

ପୁରାଣ କାହାଣୀ ଅନୁସାରେ, ଯମରାଜା ଆସି ସତ୍ୟବାନଙ୍କ ପ୍ରାଣ ନେବା ସମୟରେ ସାବିତ୍ରୀ ନିଜ ବୁଦ୍ଧି ଓ ସତୀତ୍ୱ ବଳରେ ଯମରାଜଙ୍କ ଠାରୁ ନିଜ ସ୍ୱାମୀଙ୍କ ପ୍ରାଣ ଫେରି ପାଇଥିଲେ।ସାବିତ୍ରୀ ବ୍ରତ ରଖୁଥିବା ମହିଳା ସକାଳୁ ଉଠି ସ୍ନାନ କରିବା ପରେ କିଛି ବି ଭୋଜନ କରି ନଥାନ୍ତି । ଏମିତି କି ପାଣି ଟୋପେ ବି ପିଇନଥାନ୍ତି । ପୂରା ନିଷ୍ଠା ଓ ଭକ୍ତିର ସହ ବ୍ରତ ପାଳନ କରିଥାନ୍ତି । ସାବିତ୍ରୀ ବ୍ରତରେ ମହିଳାମାନେ ଘରେ ବିଭିନ୍ନ ପ୍ରକାରର ବ୍ୟଞ୍ଜନ ପ୍ରସ୍ତୁତ କରିଥାନ୍ତି । ଜ୍ୟେଷ୍ଠ ଅମାବାସ୍ୟା 'ସାବିତ୍ରୀ ଅମାବାସ୍ୟା' ଭାବରେ ଖ୍ୟାତ ଏବଂ ପ୍ରତି ଓଡ଼ିଆ ଘରେ ଏହା ସଧବା ସ୍ତ୍ରୀମାନଙ୍କର ଏକ ପବିତ୍ର ବ୍ରତ ରୂପେ ପାଳିତ ହୁଏ।ଏ ବ୍ରତକଥାର ବାର୍ତ୍ତା ହେଉଛି, ଜ୍ୟେଷ୍ଠ ଅମାବାସ୍ୟା ଦିନ ଯିଏ ସାବିତ୍ରୀଙ୍କ ନାମ ସ୍ମରଣ କରି ବ୍ରତ କରିବ, ସେ ଜନ୍ମେ ଜନ୍ମେ ସଧବା ରହିବା ପତିପରାୟଣା ଓ ପୁତ୍ରବତୀ ହୋଇ ଅନ୍ତିମକାଳରେ ବୈକୁଣ୍ଠ ପୁରକୁ ଯିବା ପର୍ବ ପଛରେ ଏକ ଆଦର୍ଶ ଚରିତ୍ରର ବ୍ୟାଖ୍ୟା ରହିଛି। ଏହି କ୍ରମରେ ସାବିତ୍ରୀ ଅମାବାସ୍ୟା ପଛରେ ମଧ୍ୟ ଏକ ପବିତ୍ର ଗାଥା ରହିଛି। ସାବିତ୍ରୀ ହେଉଛନ୍ତି ପ୍ରତ୍ୟେକ ହିନ୍ଦୁ ନାରୀ ପାଇଁ ଜଣେ ଆଦର୍ଶ। ଭାରତୀୟ ପୁରାଣ ଅନୁସାରେ ସେ ହେଉଛନ୍ତି ଶ୍ରେଷ୍ଠ କନ୍ୟା। ସାବିତ୍ରୀ ହେଉଛନ୍ତି ମାତୃଦେବୀଙ୍କ ଅବତାର। ମଦ୍ର-ରାଜ୍ୟର ରାଜା ଅଶ୍ୱପତି ମାତାଙ୍କୁ ପୂଜା କରି ସାବିତ୍ରୀଙ୍କୁ କନ୍ୟା ସନ୍ତାନ ରୂପରେ ପାଇଥିଲେ। ସେଥିପାଇଁ ମାତା ସାବିତ୍ରୀ ହେଉଛନ୍ତି ଶ୍ରେଷ୍ଠ କନ୍ୟା। ବିବାହ ଯୋଗ୍ୟା ହେବାପରେ ଅବନ୍ତୀରାଜ ଦ୍ୟୁମତସେନଙ୍କ ପୁତ୍ର ସତ୍ୟବାନଙ୍କ ସହ ସାବିତ୍ରୀଙ୍କ ବିବାହ ହୋଇଥିଲା। ହେଲେ ବିବାହର ବର୍ଷେ ପରେ ଆଜିର ଦିନରେ ସତ୍ୟବାନଙ୍କ ମୃତ୍ୟୁ ଘଟିଥିଲା।ସତ୍ୟବାନଙ୍କ ମୃତ୍ୟୁକୁ ସାବିତ୍ରୀ ଗ୍ରହଣ କରିପାରି ନ ଥିଲେ। ସେ ସ୍ୱାମୀଙ୍କ ଶବ ସହ ଯମପୁରକୁ ଯିବା ଲାଗି ଜିଦ୍ ଧରିଥିଲେ। ଯମରାଜଙ୍କ ସହ ସାବିତ୍ରୀ ଅନେକ ଯୁକ୍ତି କରିଥିଲେ, ତର୍କ ବି ରଖିଲେ। ଶେଷରେ ସାବିତ୍ରୀଙ୍କ ଜିଦ୍ ଆଗରେ ଯମରାଜଙ୍କ ମୁଣ୍ଡ ନଇଁଥିଲା। ଆଉ ସ୍ୱାମୀ ସତ୍ୟବାନଙ୍କ ବ୍ୟତୀତ ଅନ୍ୟ କିଛି ବର ମାଗିବାକୁ ଯମ ସାବିତ୍ରୀଙ୍କୁ କହିଥିଲେ। ଏହି ସୁଯୋଗକୁ ହାତଛଡ଼ା କରି ନ ଥିଲେ ସାବିତ୍ରୀ। ସେ ପ୍ରଥମ ବରରେ ନିଜ ଶ୍ୱଶୁରଙ୍କ ଦୃଷ୍ଟି ଶକ୍ତି ଫେରାଇବାକୁ ଯମଙ୍କୁ କହିଥିଲେ।

ଏହାପରେ ଦ୍ୱିତୀୟରେ ସେ ଶତପୁତ୍ରର ଜନନୀ ହେବାକୁ ଯମଙ୍କୁ ବର ମାଗିଥିଲେ।ସାବିତ୍ରୀ ଥିଲେ ଦୁହିତା ଶ୍ରେଷ୍ଠ ପୁତ୍ରୀ ଓ ପରମ ସତୀ। ସ୍ୱାମୀଙ୍କ ମୃତ୍ୟୁ ପରେ ଜଣେ ସତୀ ମାତୃତ୍ୱ ଲାଭ କରିବ କିପରି? ଏହା ସମ୍ଭବ ନ ଥିଲା। ଏଣୁ ନିଜ ବଚନ ରକ୍ଷା କରିବାକୁ ଯାଇ ଯମରାଜ ସାବିତ୍ରୀଙ୍କୁ ତାଙ୍କ ସତ୍ୟବାନଙ୍କୁ ଫେରାଇ ଦେଇଥିଲେ। ସାବିତ୍ରୀ-ସତ୍ୟବାନଙ୍କ ପବିତ୍ର ପ୍ରେମକୁ ସାକ୍ଷ କରି ପିଢ଼ି ପରେ ପିଢ଼ି ଓଡ଼ିଆ ବୋହୂମାନେ ସାବିତ୍ରୀ ଓଷା ପାଳନ କରିଆସୁଛନ୍ତି। ପ୍ରେମରେ ନିଷ୍ଠା ଓ ପବିତ୍ରତା ନିହାତି ଆବଶ୍ୟକ। ଏହି ଦୁଇଟି କାରଣରୁ ସାବିତ୍ରୀ ମାତା ନିଜ ଶଙ୍ଖା, ସିନ୍ଦୁରକୁ ଯମ ଦ୍ୱାରରୁ ଫେରାଇ ଆଣିଥିଲେ।ସତ୍ୟବାନ ରୂପୀ ପତି ଦେବଙ୍କ ସୁରକ୍ଷା ନିମିତ୍ତ ଜଣେ ପତିବ୍ରତା ନାରୀ ସାବିତ୍ରୀଙ୍କ ତ୍ୟାଗ ଆମ ସମାଜରେ ପତି-ପତ୍ନୀ ମଧ୍ୟରେ ଥିବା ତ୍ୟାଗ, ପ୍ରେମ ଓ ବିଶ୍ୱାସର ଧାରାକୁ ଆଜି ବି ବଳବତ୍ତର ରଖିଛି।ଓଡ଼ିଆଙ୍କ ଭାଇଚାରା, ଚାଲିଚଳନ, ଆଦର୍ଶ ଓ ସଂସ୍କୃତିକୁ ବଜାୟ ରଖିବା ଦିଗରେ ଏହି ପର୍ବପର୍ବାଣିଗୁଡ଼ିକର ମହତ୍ୱ ବେଶ୍ ଅଧିକ। ପ୍ରତ୍ୟେକ ଓଷା, ବ୍ରତ ଓ ପର୍ବ ପାଳନ ପଛରେ ରହିଛି ଏକ ଆଦର୍ଶବାନ ଚରିତ୍ର ଓ ତା'ର ପାରିପାର୍ଶ୍ୱିକ ସ୍ଥିତିର ବର୍ଣ୍ଣନା, ଯାହା ତତ୍କାଳୀନ ପିଢ଼ି ଓ ପରପିଢ଼ିକୁ ଆଦର୍ଶର ମାର୍ଗ ଦେଖାଇଥାଏ।


ପଟିଆ, ଭୁବନେଶ୍ୱର

ମୋବାଇଲ:୯୯୩୮୧୧୩୨୨୬




# ନିଟ: ନେଭର ଟ୍ରଷ୍ଟେବଲ ଏଜେନ୍ସି



**ସୁବାସ ଷଡଙ୍ଗୀ**

ଚଳିତ ବର୍ଷ ଡାକ୍ତରୀ ନାମ ଲେଖାଫାଇଁ ସର୍ବ ଭାରତୀୟ ପ୍ରବେଶିକା ପରୀକ୍ଷା 'ନିଟ-ୟୁଜି' ପ୍ରଶ୍ନପତ୍ର ଲିକ ହୋଇଥିବା କଥା ଜଣା ପଡ଼ିବା ପରେ ସାରା ଦେଶରେ ହଇଚଇ ସୃଷ୍ଟି ହୋଇଛି। ବିଶେଷ କରି ଶିକ୍ଷିତ ଯୁବବର୍ଗ ଭୀଷଣ ଭାବରେ ବିଚଳିତ। ଏଭଳି ଦୁର୍ନୀତିକୁ ସାଧାରଣ କଥା ଭାବରେ ଗ୍ରହଣ କରାଯାଇପାରିବ ନାହିଁ। ଗତ ତିନି ତାରିଖରେ ନିଟ ପରୀକ୍ଷା ହୋଇଥିଲା। ନଅ ଦିନ ପରେ ଏଇ ପରୀକ୍ଷା ବାତିଲ କଥା ଘୋଷଣା କରିଛନ୍ତି 'ନେସନାଲ ଟେଷ୍ଟିଂ ଏଜେନସି ବା ନିଟ'। ଏବେ ସାରା ଦେଶରେ ବାଇଶ ଲକ୍ଷ ପରୀକ୍ଷାର୍ଥୀଙ୍କ ଭାଗ୍ର ଅନିଶ୍ଚିତତା ଭିତରେ। ସେମାନେ କେବଳ ନୁହଁନ୍ତି, ସେମାନଙ୍କ ଅଭିଭାବକମାନେ ମଧ୍ୟ ଚିନ୍ତାରେ। ଏଭଳି ଚିନ୍ତା ଦେଖାଦେବା ସ୍ୱାଭାବିକ। ଚାପରେ ପଡ଼ି ଏନଟିଏ କର୍ତ୍ତୃପକ୍ଷ ଘୋଷଣା କରିଛନ୍ତି, ପୁଣି ଥରେ ପରୀକ୍ଷା ହେବା ପିଲାଙ୍କୁ ଆଉ କୌଣସି ଫିସ ଦେବାକୁ ପଡ଼ିବ ନାହିଁ। କିନ୍ତୁ କର୍ତ୍ତୃପକ୍ଷଙ୍କ ଏଭଳି ଘୋଷଣା ପିଲା ଏବଂ ସେମାନଙ୍କ ଅଭିଭାବକମାନଙ୍କୁ ଖୁସ କରିପାରି ନାହିଁ। ଦେଶରେ ଡାକ୍ତରୀ ଶିକ୍ଷା ପାଇଁ ଏହା ଏକମାତ୍ର ସୁଯୋଗ ଥିବାରୁ ସମସ୍ତଙ୍କ ମନରେ କ୍ଷୋଭ ସୃଷ୍ଟି ହେବା ସ୍ୱାଭାବିକ।

ଅତ୍ୟନ୍ତ କ୍ଷୋଭର ସହିତ କହିବାକୁ ପଡୁଛି, ଦେଶରେ ଉଚଶିକ୍ଷାର ପ୍ରମେଶ ଦ୍ୱାର କେବେ ସୁରକ୍ଷିତ ହେବ? କେବେ ଶିକ୍ଷା ମାଫିଆ ମାନଙ୍କ କବଳରୁ ଏଇ ସବୁ ପରୀକ୍ଷାକୁ ଦୂରେଇ ରଖାଯାଇପାରିବ? ୨୦୨୪ ମସିହାରେ ନିଟ ପରୀକ୍ଷା ପ୍ରଶ୍ନ ପତ୍ର ଲିକ ହେବା ଘଟଣା ପରେ ଖୋଦ ମନ୍ତ୍ରୀ କହିଥିଲେ, ଏଭଳି ଘଟଣାର ଆଉ କେବେହେଲେ ପୁନରାବୃତି ହେବ ନାହିଁ। ତେଣୁ ଶିକ୍ଷା ମାଫିଆମାନେ କେତେ ଶକ୍ତିଶାଳୀ ଏଥିରୁ ଅନୁମେୟ।

୨୦୨୪ ମସିହାରେ ନିଟ ପରୀକ୍ଷାଫଳ ଲିକ ହେବା ବେଳେ ଶିକ୍ଷା ମନ୍ତ୍ରୀ ନୂଆ କରି ଦାଇତ୍ୱ ନେଇଥିଲେ। ଏଣୁ ଘଟଣା ସମ୍ପର୍କରେ ଜାଣିବା ପାଇଁ ତାଙ୍କୁ ସମୟ ଲାଗିଥିଲା। କିନ୍ତୁ ଏବେ? ମାଫିଆମାନେ ଯେ ସରକାରଙ୍କୁ ଖାତିର୍ ରଖନ୍ତି ନାହିଁ, ତାହା ସ୍ପଷ୍ଟ ହୋଇଗଲା। ନିଟର ପରୀକ୍ଷା ଇତିହାସ ଦେଖିଲେ ଜଣା ପଡୁଛି, ପ୍ରତି ବର୍ଷେ ଦୁଇବର୍ଷରେ ନିଟ ପରୀକ୍ଷା ପ୍ରଶ୍ନପତ୍ର ଏହାର ଏକ ପରମ୍ପରା ହୋଇ ଆସିଛି।

ଏବେ କହିବା ଠିକ ହେବ ଏଇ ପରୀକ୍ଷା ନିୟନ୍ତ୍ରଣ କରିବା ପାଇଁ ଏନଟିଏ ପୁରାପୁରି ଅସମର୍ଥ। ଏଇ ଚରମ ସତ୍ୟକୁ କେନ୍ଦ୍ର ସରକାରଙ୍କୁ ସ୍ୱୀକାର କରିବାକୁ ହେବ। ଏହା ଭିତରେ ତାମିଲନାଡୁ ମୁଖ୍ୟମନ୍ତ୍ରୀ ନିଟ ପରୀକ୍ଷା ପରିଚାଳନା ପୁଣି ଥରେ ରାଜ୍ୟ ହାତକୁ ଫେରାଇ ଦେବା ପାଇଁ କହିଛନ୍ତି। ରାଜ୍ୟ ସରକାରଙ୍କ ପରିଚାଳନାରେ 'ଜେଇ' ପରୀକ୍ଷା ସୁରୁଖୁରୁରେ ଚାଲିଛି। ତାମିଲନାଡୁ, କେରଳ, କର୍ଣ୍ଣାଟକ, ପଶ୍ଚିମବଙ୍ଗ, ମହାରାଷ୍ଟ୍ର ଭଳି ରାଜ୍ୟରେ ପୂର୍ବରୁ ସଫଳତାର ସହିତ ଡାକ୍ତରୀ ପ୍ରବେଶ ପରୀକ୍ଷା ସମ୍ପନ୍ନ ହୋଇଆସୁଥିଲା।

କେବଳ ଭଲ ପାଠ ପଢ଼ା ପାଇଁ କେନ୍ଦ୍ର ସରକାର ଏଭଳି ବ୍ୟବସ୍ଥା କରିଥିଲେ। ରାଜ୍ୟ ସରକାରଙ୍କୁ ଦାଇତ୍ୱ ଦେବା ବଦଳରେ ଯଦି 'ଏନଟିଏ'କୁ ଅଧିକ ଦୃଢ଼ୀଭୂତ କରାଯାଇପାରନ୍ତା, ତେବେ ସାରା ଭାରତ ବର୍ଷ ପାଇଁ ଡାକ୍ତରୀ ପ୍ରବେଶ ପରୀକ୍ଷାର ଅଭିଳାଷ ପୂରଣ ହୋଇପାରନ୍ତା। ଏଥିପାଇଁ ଦୃଢ଼ ଇଛା ଶକ୍ତି ଦରକାର। କିନ୍ତୁ କେନ୍ଦ୍ର ସରକାର ଏଥିପାଇଁ ସେତେ ଗୁରୁତ୍ୱ ଦେଉ ନାହାନ୍ତି। କେଉଁ ଅଜଣା କାରଣ ଯୋଗୁଁ ସରକାରଙ୍କ ହାତ ବନ୍ଧା ତାହା ଜଣା ପଡୁ ନାହିଁ। ବହୁ ସଚୋଟ ଓ କର୍ମଠ ଅଫିସର ଅଛନ୍ତି, ଯେଉଁମାନେ ଏକାମ ସୁରୁଖୁରୁରେ କରିପାରିବେ। ଶକ୍ତିକାନ୍ତ ଦାସ, ହୃଷିକେଶ ପଣ୍ଡା, ତାରା ଦତଙ୍କ ଭଳି ସଚୋଟ ଓ କର୍ମଠ ଅଫିସରଙ୍କ 'ଏନଟିଏ' ସଂସ୍ଥାର ଦାଇତ୍ୱ ଦେଲେ, ପିଲାମାନଙ୍କ ଭାଳେଣି କମିଯାଆନ୍ତା।




ରାଜ୍ୟ ସରକାର ଏଭଳି ଗୁରୁଦାଇତ୍ୱ ସଫଳତାର ସହିତ ପରିଚାଳନା କରିବା ସମ୍ଭବ ନୁହେଁ। ମଧ୍ୟ ପ୍ରଦେଶରୁ ଆରମ୍ଭ ହୋଇଥିବା 'ବ୍ୟାପମ' କେଳେଙ୍କାରି ଏବେ ସବୁ ରାଜ୍ୟକୁ ଉଣାଅଧିକେ ବ୍ୟାପିବାରେ ଲାଗିଛି।

ଓଡ଼ିଶାରେ ଏବେ ଏମିତି କୋଉ ପରୀକ୍ଷା ନାହିଁ, ଯେଉଁଥିରେ ଜାଲିଆତି ନହୋଇଛି। ପୋଲିସ ପରୀକ୍ଷା ତ ପିଲାମାନଙ୍କ ପାଇଁ କାଳ ହୋଇଛି। ସରକାର ମଧ୍ୟ ଏଯାବତ ପ୍ରକୃତ ଦୋଷୀକୁ ବାହାର କରିପାରି ନାହାନ୍ତି। ଏଣୁ ସବୁ ପ୍ରବେଶିକା ପରୀକ୍ଷା ନେଇ ହଟଚମଟ ସୃଷ୍ଟି ହେବା ଫଳରେ ପିଲାମାନେ ଚାକିରିରୁ ବଞ୍ଚିତ ହେଉଛନ୍ତି। ବ୍ୟାପମ କେଳେଙ୍କାରି ପରେ ଆଶା କରାଯାଉଥିଲା, ରାଜ୍ୟ ସରକାର ମାନେ ଏନେଇ ସଚେତନ ହେବେ, ମାତ୍ର ତାହା ହେଲା ନାହିଁ। କାରଣ, ରାଜନୈତିକ ଚାପା କୁହାଯାଉଛି, ସରକାରୀ ଚାକିରି ବିକ୍ରି ହେଉଛି। ଲିଖିତ ପରୀକ୍ଷା ତାହା ଚାକିରି ପାଇଁ ହେଉ ବା ଉଚତର ଶିକ୍ଷା ପାଇଁ ହେଉ, ଯେଉଁ ଦୁର୍ନିତି ହେଉଛି, ତାହା କେବେହେଲେ ଜଣକ କାମ ନୁହେଁ। ଗୋଟାଏ ଗୋଷ୍ଠୀ ମିଳିତଭାବେ ଏ କାମ କରି କୋଟି କୋଟି ଟଙ୍କା ରୋଜଗାର କରୁଛନ୍ତି। ସରକାରୀ ଚାକିରିରେ ପଛ ଦ୍ୱାର ଦେଇ ଅଫିସରମାନେ ଟଙ୍କା ଖର୍ଚ କରି ଆସୁଥିବାରୁ ବିନା ଲାଞ୍ଚ ରେ କୌଣସି କାମ କରୁ ନାହାନ୍ତି। ଶିକ୍ଷା କ୍ଷେତ୍ରକୁ ସମ୍ପୂର୍ଣ୍ଣ ଦୁର୍ନୀତିମୁକ୍ତ କରି ନପାରିଲେ, ଆମେ ସବୁ କ୍ଷେତ୍ରରେ ପଛେଇ ଯିବା। ପରୀକ୍ଷାରେ କପି କରି ଉଚତର ଶିକ୍ଷା ପାଇଁ ମନୋନୀତ ହୋଇଥିବା ପିଲା କେବେହେଲେ ଭଲ କାମ କରିପାରିବ ନାହିଁ। ଫଳରେ ସାମାଜିକ ଅଧୋଗତି ଦେଖାଦେବ। ଜଣେ ଅଯୋଗ୍ୟ ଅଧ୍ୟାପକ କଣ ପାଠ ପଢେଇବ? ସେଥିପାଇଁ କୁହାଯାଏ, ଯଦି ଗୋଟାଏ ଦେଶକୁ ପଙ୍ଗୁ କରିବା ପାଇଁ ହେଲେ, ତାର ଶିକ୍ଷା ବ୍ୟବସ୍ଥାକୁ ପଙ୍ଗୁ କରିଦିଆ ଦେଖିବ, ସେ ଦେଶ ଆପଣା ଛାଏଁ ପଙ୍ଗୁ ହୋଇଯିବ। ସରକାର ଯଦି ଆମ ସମାଜକୁ ପଙ୍ଗୁ କରିଦେବାକୁ ଚାହାନ୍ତି, ତେବେଦେଖାଯିବ ଆସନ୍ତା ଦଶ ବର୍ଷ ଭିତରେ ଆମ ସମାଜ ପଙ୍ଗୁ ହୋଇଯିବ। ଏଣୁ ପ୍ରଧାନମନ୍ତ୍ରୀ ଏହାକୁ ଗୁରୁତ୍ୱ ଦିଅନ୍ତୁ। ଶିକ୍ଷା ମାଫିଆମାନଙ୍କ କବଳରୁ ଆମ ଯୁବ ସମାଜକୁ ରକ୍ଷା କରନ୍ତୁ।

# ବୋଉର ସାବିତ୍ରୀ ପେଢ଼ି:ଆଉ ଟାଟା ନଗରରେ ସାବିତ୍ରୀ ବ୍ରତ



**ବାଦଲ ଭୂୟାଁ**

ମୋ ମାମୁଁ ଘର ଜଗତସିଂହପୁର ବାଇଶି ମୌଜା ସନ୍ନିକଟ ବାରିଡିଆ ଗାଁ। ମୋ ଅଜା ଭ୍ରମରବର ରାୟ ଜଣେ ବିଶିଷ୍ଟ କବି ଥିଲେ। ୧୯୭୭ରେ ସେ ସାହିତ୍ୟ ଏକାଡେ଼ମୀ ସମ୍ମାନ ପାଇଥିଲେ। ହଁ, ସାବିତ୍ରୀ ବ୍ରତ ଦିନ କଥା ମନେପଡୁଛି। ମାମୁଁଘର ଭାର ଆସିଥାଏ ପ୍ରାୟ ଦୁଇ ତିନି ଦିନ ପୂର୍ବରୁ। ବୋଉ ପାଇଁ ସେ ସମୟର ଶାଢ଼ୀ, ଶଙ୍ଖା, ସିନ୍ଦୂର, ଅଳତା, କଜଳପାତି, ସହିତ ଫଳ ଭାର ଭାବରେ ନଡ଼ିଆ ତ ପ୍ରଥମ ଏହା ସହ ସପୁରୀ, ଆମ୍ବ, ଜାମୁରୋଳ, କେନ୍ଦୁ, ପଣସ, ପିଜୁଳି ପ୍ରମୁଖ। ଏହା ସହିତ ପାତିଆ, ନଡ଼ିଆ ପଡ଼ିଥିବା ଗୁଡ଼ ଉଖୁଡ଼ା, ବଡ଼ ବଡ଼ ଜିଲାପୀ, ବଡ଼ ଲଡୁ, ଘିଇ ପିଠା, କାକରା, ଫେଣୀ ସବୁ ଆସୁଥିଲା। ବୋଉର ସାଜ ସହିତ ବାପାଙ୍କ ପାଇଁ ଧୋତି, ଗାମୁଛା ଓ ବ୍ରାହ୍ମଣ ପୂଜାରୀଙ୍କ ପାଇଁ ଗ୍ରହବିପ୍ର ଲୁଗା ଆଦି ଆସିଥାଏ। ବୋଉ, ବଡ଼ି ଭୋରରୁ ଉଠି ଗାଧୋଇପାଧୋଇ ତା ପୂଜା କାମରେ ଲାଗିପଡ଼େ। ବ୍ରାହ୍ମଣ ନନା ଆସିବା ପର୍ଯ୍ୟନ୍ତ। କିନ୍ତୁ ମୁଁ ଆଉ ମୋ ଭାଇଭଉଣୀଙ୍କ ମନ କେବଳ ଲାଗିଥାଏ ଭାରରେ ଆସିଥିବା ମିଠା, ଉଖୁଡ଼ା, ଘିଇପିଠା ଆଉ ଲଡୁ ଉପରେ। କାରଣ ସେ ସବୁ ପୂଜା ହେବା ପରେ ହିଁ ଘରେ ଯିଏ ଖାଇ ପାରୁଥିଲେ। ସାବିତ୍ରୀ ବ୍ରତ ଦିନ ନୂଆ ଶାଢ଼ୀ ଶଙ୍ଖା ସିନ୍ଦୂର, ଅଳିତା ପିନ୍ଧି ସତରେ ମୋ ବୋଉ ବହୁତ ସୁନ୍ଦର ଦିଶୁଥିଲା। ତା ସେ ଦିନର ମୁହଁ ଏବେ ବି ମୋ ଆଖି ସାମ୍ନାରେ ଭାସି ଆସୁଛି। ଘରେ ମୋ ସହଧର୍ମିଣୀ ସୀମା, ଏଠାରେ ଟାଟା ନଗରରେ ସାବିତ୍ରୀ ବ୍ରତ ପାଳୁଥିବା ସମୟରେ ବୋଉ କଥା କିନ୍ତୁ କେଜାଣି କାହିଁକି ଭାରି ମନେପଡ଼େ।

ସାବିତ୍ରୀ ବ୍ରତ ଓଡ଼ିଆ ରୀତିନୀତି ଓ ଯୁଗ ଯୁଗ ଧରି ଗଢ଼ି ଆସିଥିବା ଏକ ପାରମ୍ପରିକ ଏମିତି ଦିନଟିଏ, କେବଳ ଓଡ଼ିଶା ବା ଟାଟା ନଗର କି ଦିଲ୍ଲୀ ନୁହେଁ ଆମେରିକା ହେଉ କି ଚାଇନା, ୟୁରୋପ ହେଉ କି ଗଲ୍ ଦେଶ। ମୋ ଜାଣିବାରେ ଆମର ଅନେକ ଓଡ଼ିଆ ପରିବାରରେ ଭାଉଜମାନେ ସାବିତ୍ରୀ ପାଳିଥାନ୍ତି। ଆମ ଟାଟା ନଗରରେ ପ୍ରୀତି ଭାଉଜ, ପୂଜା ଭାଉଜ, ସ୍ନିଗ୍ଧା ଭାଉଜ, ଜୟଶ୍ରୀ ଭାଉଜ, ସୁଖଶ୍ରୀ ଭାଉଜ, ସୁଜାତା ଭାଉଜ ଓ ନିବେଦିତା ଭାଉଜ ପ୍ରମୁଖ। ତେବେ ସାବିତ୍ରୀ ବ୍ରତ ଜ୍ୟେଷ୍ଠ ମାସର ଅମାବାସ୍ୟା ଦିନ ପ୍ରାୟତଃ ମଧ୍ୟାହ୍ନ ସମୟରେ ହିଁ କୁଳ ପୁରୋହିତଙ୍କ ଦ୍ୱାରା ନିର୍ବାହ ହୋଇଥାଏ। କେହି କେହି ନିଜ ଠାକୁର ଘର ବା ପୂଜାଘର, ଘର ସାମ୍ନାରେ ଛାମୁଁଡ଼ିଆ ବାନ୍ଧି ପୂଜାସ୍ଥଳୀ ସ୍ଥାପନ କରିଥାନ୍ତି, କେତେକ ଜଗନ୍ନାଥ ମନ୍ଦିର ବା ବିଷ୍ଣୁ ମନ୍ଦିରରେ ଥିବା ମା'ସାବିତ୍ରୀଙ୍କ ବିଗ୍ରହ ପାଖରେ ପୂଜାର୍ଚ୍ଚନା କରିଥାନ୍ତି। ଏମିତିରେ ଆମ ପୁରୀ ଶ୍ରୀମନ୍ଦିରରେ ମହାଲକ୍ଷ୍ମୀଙ୍କ ନୀତିକାନ୍ତିରେ ସାବିତ୍ରୀ ବ୍ରତର ପରମ୍ପରା ରହିଛି। ସେ ଦିନ ଅନେକ ବ୍ରତଚାରିଣୀ ମହାପ୍ରଭୁ ଶ୍ରୀଜଗନ୍ନାଥ, ମାଆ ଲକ୍ଷ୍ମୀ ହିଁଙ୍କ ମନ୍ଦିର ଦର୍ଶନ କରି ବେଢ଼ା ପରିକ୍ରମା କରିଥାନ୍ତି ଓ ବଟ ଗଣେଶଙ୍କ ପାଖରେ ସଂକଳ୍ପ ବ୍ରତ ବାନ୍ଧି ଆନନ୍ଦ ବଜାରରେ ମହାପ୍ରସାଦ ଗ୍ରହଣ କରିଥାନ୍ତି ଓ କେତେକ ବ୍ୟକ୍ତି ଅସହାୟ ମାନଙ୍କୁ ଦାନ, ଧର୍ମ ମଧ୍ୟ କରିଥାନ୍ତି। ହଁ, ଆମ ଟାଟା ନଗରରେ ସାବିତ୍ରୀ ବ୍ରତ କଥା ଲେଖୁଛି।

ଝାଡ଼ଖଣ୍ଡରେ ଓଡ଼ିଆ ସବୁଠି ଭର୍ତ୍ତି। ବିଶେଷକରି ଉତ୍କଳ ଆସୋସିଏସନ ପରିସର ସ୍ଥିତ ଜଗନ୍ନାଥ ମନ୍ଦିର, ଗୋଲମୁରୀ ଉତ୍କଳା ସମାଜ ପରିସରସ୍ଥିତ ଜଗନ୍ନାଥ ମନ୍ଦିର, ଶାସ୍ତ୍ରୀ ନଗର ବାନ୍ଧବ ସମିତି ସ୍ଥିତ ଜଗନ୍ନାଥ ମନ୍ଦିର, ଗୋଲପାହାଡ଼ି ସ୍ଥିତ ଜଗନ୍ନାଥ ମନ୍ଦିର, ଖାସମହଲ ରେଲୱେ କଲୋନୀ ସ୍ଥିତ ଜଗନ୍ନାଥ ମନ୍ଦିର ଓ ଅନ୍ୟାନ୍ୟ ଦେବାଳୟରେ ଆମ ଓଡ଼ିଆ ଭାଉଜ ମାନେ ସାବିତ୍ରୀ ବ୍ରତ ପାଳନ କରିଥାନ୍ତି। ଏହି ଦିନ ଜଗନ୍ନାଥ ମନ୍ଦିରରେ ଭିଡ଼ ହୋଇଥାଏ ଓ ମହାପ୍ରସାଦ ପ୍ରସ୍ତୁତ ହୋଇଥାଏ। ଆମ ଓଡ଼ିଆ ଭାଷାବାସୀଙ୍କ ପ୍ରମୁଖ ସ୍ଥାନ ଗୁଡ଼ିକ ହେଉଛି ସାକଚୀ, କଦମା, ସୋନାରୀ, ବର୍ମା ମାଇନ୍ସ, ସିଦ୍ଧଗୋଡ଼ା, ବାରେଡ଼ି, ବିଜୟା ଗାର୍ଡେନ, ବିର୍ସା ନଗର, ଆଦିତ୍ୟପୁର, ଟାଟାନଗର, ଖାସମହଲ, କରାଣ୍ଡି, ପର୍ଶୁଡିହ ପ୍ରମୁଖ ଅଞ୍ଚଳରେ ଥିବା ଓଡିଆଙ୍କ ଘରେ ସାବିତ୍ରୀ ବ୍ରତ ପାଳିତ ହୋଇଥାଏ।

ଆମ ଝାଡ଼ଖଣ୍ଡରେ ବ୍ରତ ପୂଜା ସମ୍ପର୍କରେ ଲେଖୁଥିବାବେଳେ ଏଠାରେ କହି ରଖେ ପଣ୍ଡିତ ଗୋପୀନାଥ ମିଶ୍ର ହେଉଛନ୍ତି ଜାମସେଦପୁରର ପ୍ରତିଷ୍ଠିତ କର୍ମକାଣ୍ଡ ପୁରୋହିତ ଓ ବିଶିଷ୍ଟ ଯଜ୍ଞ ପୂଜକ, ତତ୍ତ୍ୱଜ୍ଞାନୀ। ତେବେ ଜାମସେଦପୁରରେ କେଦାର ନନା ଓ ବାଇଧର ନନାଙ୍କ ନାଁ ମଧ୍ୟ ବେଶ ଜଣାଶୁଣା। ବାରିଡିହର ଚକ୍ରଧର ନନା, କଦମାର ଶଙ୍କର ନନା, ପ୍ରଭାକର ନନା, ଗନୁ ନନା, କାଶିଡିଅର ନିରଞ୍ଜନ ନନା, କେଦାର ନନା, ଲମ୍ବୋଦର ନନା, ପ୍ରଦୀପ ନନା ଓ ମଣ୍ଟୁ ନନା, ଗୌରାଙ୍ଗ ନନା ଆଦି ପୂଜା ପାର୍ବଣ କ୍ଷେତ୍ରରେ ଜଣେ ଜଣେ ପ୍ରତିଷ୍ଠିତ ଓ ସୁନାମ ଧନ୍ୟ ଓଡ଼ିଆ ନନା। ବିଶେଷକରି ଜଗନ୍ନାଥ ମନ୍ଦିର ଓ ଅନ୍ୟାନ୍ୟ ଦେବାଳୟରେ ସେମାଙ୍କର ପୂଜାର୍ଚ୍ଚନା ପୁରାପୁରି ନିଆରା। ଆମ ଉତ୍କଳ ଆସୋସିଏସନର ମହାପ୍ରଭୁ ଶ୍ରୀଜଗନ୍ନାଥ ମନ୍ଦିରର ପୂଜକ ହେଉଛନ୍ତି ଶ୍ରୀକାନ୍ତ ମିଶ୍ର। ତାଙ୍କ ପରି ଜଣେ ନୀତି ନିଷ୍ଠ ସରଳ, ଜ୍ଞାନଗର୍ଭୀ ଅଥଚ ନିରବ ସାଧକ ଭାବେ ସମାଜରେ କମ ମିଳିବେ। ଆମ ଝାଡ଼ଖଣ୍ଡରେ ସାବିତ୍ରୀ ବ୍ରତ ସମ୍ପର୍କରେ ଯେତିକି ତଥ୍ୟ ସଂଗ୍ରହ କଲି ପାଖାପାଖି ଆବହମାନ ସମୟରୁ ଜଗନ୍ନାଥ ମନ୍ଦିରରେ ମା'ଲକ୍ଷ୍ମୀଙ୍କ ନିକଟରେ ଏହି ବ୍ରତ ପାଳନ ହୋଇଥାଏ। କଦମାସ୍ଥିତ ଜଗନ୍ନାଥ ମନ୍ଦିର ବାହାରେ ବୁଲି ମାଉସୀଙ୍କ ପୂଜା ସାମଗ୍ରୀ ଫୁଲ ଦୋକାନ ପାଇବେ। ସେ ମଧ୍ୟ ଏଠାରେ ତିନି ପିଢ଼ି ଧରି ରହିଲେଣି। ଆଦିତ୍ୟପୁର ଜଗନ୍ନାଥ ମନ୍ଦିର ଯିବାର ପଛ ପଟ ମୁଖ୍ୟ ରାସ୍ତାର ଡାହାଣ ପଟକୁ ଜଗନ୍ନାଥ ଭାଇଙ୍କ ଫୁଲ ଦୋକାନ। ତାଙ୍କ ଗୋସେଇଁ ବାପା ଜାମସେଦପୁରରେ ପୂଜାପାଠ କାମ କରି ପରବର୍ତ୍ତୀ ପିଢ଼ି ପାଇଁ ଏକ ପ୍ରକାର କ୍ଷେତ୍ର ପ୍ରସ୍ତୁତ କରିଥିଲେ। ବର୍ମା ମାଇନ୍ସର ଓଡ଼ିଆ ଭାଇ ବଲ୍ଲଭ ସାହୁଙ୍କ ଲୁଗା ଦୋକାନାରେ ପୂଜା ପୋଷାକ, ଉଭୟ ବ୍ରାହ୍ମଣ ଯଜ୍ଞପୂଜକ ଓ ମହିଳା ପୁରୁଷଙ୍କପାଇଁ ମିଳିଥାଏ। ସେ ଏ ସବୁ ଜିନିଷ ବିଳାସପୁର, ବାରାଣାସୀ ଓ ତ୍ରିଚୁରରୁ ମଗାଇ ଥାନ୍ତି। ତେବେ ଜାମସେଦପୁରରେ ତୁଳସୀ ଓ ବିଭିନ୍ନ ପ୍ରକାର ଫୁଲର ଅଭାବ ନାହିଁ କିନ୍ତୁ ନତିଦିନ ନାଇଟ ବସରେ ଏବଂ ରାତି ଟ୍ରେନରେ ଓଡ଼ିଶାରୁ ଅନେକ ଫୁଲ ଓ ବିଭିନ୍ନ ପୂଜା ଦ୍ରବ୍ୟ ପାଇଁ ଆବଶ୍ୟକୀୟ ଜିନିଷ ସବୁ ଆସିଥାଏ।



ଏ କ୍ଷେତ୍ରରେ ଜାମସେଦପୁରର ଜଣେ ବିପୁଳ ଭାଇ ବେଶ ପରିଚିତ। ସାବିତ୍ରୀ ବ୍ରତ ଦିନ ତମାମ ଜାମସେଦପୁରର ଓଡ଼ିଆଙ୍କ ଘରେ ଘରେ ପୁଣ୍ୟମୟ ଆନନ୍ଦମୟ ଭାବଧାରା ଛୁଟି ପଡ଼େ। ସକାଳୁ ଘରର ପ୍ରବେଶ ପଥରେ ଆମ୍ବଡାଳିଆ, କଳସୀ ଓ ତୁଳସୀ ପୂଜା ସହିତ ପାହାନ୍ତି ପ୍ରହର ସମୟରୁ ପୂଜା କାର୍ଯ୍ୟ ସହ ସୂର୍ଯ୍ୟଙ୍କୁ ବନ୍ଦାପନା ଓ ଜଳଦାନ କରାଯାଇଥାଏ। ଝୋଡ଼ି ଚିତାରେ ଘର ବାହାର ଏକ ଭାବ ଗମ୍ଭୀର ପରିବେଶ ସୃଷ୍ଟି କରେ। ଅନେକ ସହୃଦୟ ଓ ବିତ୍ତଶାଳୀ ଓଡ଼ିଆ ଭାଇ ଭଉଣୀମାନେ ଏହି ଦିନରେ ବିଭିନ୍ନ ଦାନ କରିଥାନ୍ତି। ଅନ୍ନଦାନ, ବସ୍ତ୍ରଦାନ ଓ ବିଭିନ୍ନ ପ୍ରକାର ସହାୟତା କରିଥାନ୍ତି। ଆଜିକାଲି ସ୍ଥାନର ଦୂରତା ଓ ଜଞ୍ଜାଳ ବ୍ୟସ୍ତତା ଭାରର ପରମ୍ପରା ଜାଗାରେ ଫୋନ ପେ ବା ଗୁଗୁଲ ପେରେ ମନ ପସନ୍ଦର ଶାଢ଼ୀ ଓ ଫଳ ପୂଜା ସାମଗ୍ରୀ ପାଇଁ ପଇସା ପଠାଇଥାନ୍ତି। କେଜାଣି କାହିଁକି, ସେ ଦିନଟି ଲାଗିଥାଏ ସତେଯେପରି ଜାମସେଦପୁରଟି ଏକ ଓଡ଼ିଆ ଭାବନାର ଏପରି ମଜୁଭୁତ ମୂଳକ, ଯେଉଁଠି ହଜାର ହଜାର ଭାଇଭଉଣୀ, ମା ମାଉସୀ, ପିଲାମାନେ ବିଭିନ୍ନ ମନ୍ଦିରରେ ଏକତ୍ରିତ ହୋଇଥାନ୍ତି। ସାବିତ୍ରୀ ବ୍ରତର ତତ୍ତ୍ୱ ହେଉଛି ଜଣେ ସ୍ତ୍ରୀଙ୍କ ପାଇଁ ତାଙ୍କ ସ୍ୱାମୀ ଜୀବନ ସର୍ବସ୍ୱ। ନାରୀର ଅନ୍ୟତମ ଶ୍ରେଷ୍ଠ ଧର୍ମ ହେଉଛି ସ୍ୱାମୀଙ୍କ ସେବା କରିବା। ଏକମନ, ଏକ ପ୍ରାଣ, ଏକ ଆତ୍ମା ଗୃହରେ ସର୍ବଦା ଶାନ୍ତି ବିରାଜିତ କରିଥାଏ। 'ଲକ୍ଷ୍ମୀ ପୁରାଣ'ରେ ଲେଖା ହେଉଛି - 'ପତି ସେବା ବିନା ନାହିଁ ନାରୀଙ୍କର ଗତି, ପତିପ୍ରାଣା ନାରୀ କରେ ଦେବଲୋକେ ଗତି।'


**ପ୍ରତିଷ୍ଠାତା ସମ୍ପାଦକ 'ସିଂହଭୂମ', ୪ଜି ପ୍ରତାପ ଆପାର୍ଟମେଣ୍ଟ, ୭ ଏକ୍ସଟେନସନ ରୋଡ଼, ପୁରୁଣା ସୋନାରୀ, ଜାମସେଦପୁର**

# ଭବିଷ୍ୟତକୁ ଆଶ୍ୱସ୍ତ କରିବ ଭାରତ-ୟୁଏଇ ଚୁକ୍ତି

## ୟୁଏଇକୁ ଦ୍ୱିତୀୟ ଘର କହିଲେ ମୋଦି

## ହର୍ମୁଜକୁ ମୁକ୍ତ କରିବା ଏବେ ବଡ଼ ଦାୟିତ୍ୱ

## ଭାରତରେ ୫ ଆରବ ଡଲାର ନିବେଶ କରିବ ୟୁଏଇ



ନୂଆଦିଲ୍ଲୀ,୧୫।୫:ଗୁରୁବାରଠାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୬ ଦିନିଆ (ମେ' ୧୫ରୁ ମେ' ୨୦) ବିଦେଶ ଗସ୍ତ ଆରମ୍ଭ ହୋଇଛି। ପ୍ରଥମ ଦିନରେ ସେ ୟୁଏଇ ଗସ୍ତ କରିଛନ୍ତି । ଆବୁଧାବିରେ ୟୁଏଇ ରାଷ୍ଟ୍ରପତି ମହମ୍ମଦ ବିନ ଜାୟେଦ ଅଲ୍ ନାହୟାଙ୍କୁ ଭେଟିଛନ୍ତି। ଏହି ସମୟରେ ଦୁଇ ଦେଶ ମଧ୍ୟରେ ବଡ଼ ଡିଲ୍ ହୋଇଛି। ପ୍ରତିରକ୍ଷା, ଶକ୍ତି ଏବଂ ନିବେଶ ଉପରେ ଅନେକ ଗୁରୁତ୍ୱପୂର୍ଣ୍ଣ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ୟୁଏଇ ଭାରତରେ ୫ ଆରବ ଡଲାର ନିବେଶ କରିବାକୁ ଘୋଷଣା କରିଛି। ଏହି ନିବେଶ ଭାରତୀୟ ଇନଫ୍ରାଷ୍ଟ୍ରକଚର, ଆରବିଏଲ ବ୍ୟାଙ୍କରେ କରାଯିବ। ଏହି ଅବସରରେ ପ୍ରଧାନମନ୍ତ୍ରୀ ମୋଦି ୟୁଏଇକୁ ତାଙ୍କର ଦ୍ୱିତୀୟ ଘର ଭାବରେ ବର୍ଣ୍ଣନା କରିଛନ୍ତି। ସେ କହିଛନ୍ତି ଯେ, ସବୁ କଷ୍ଟକର ପରିସ୍ଥିତିରେ ଭାରତ ୟୁଏଇ ସହିତ ଛିଡ଼ା ହେବ। ଆମେ ପ୍ରତ୍ୟେକ କ୍ଷେତ୍ରରେ ଏକାଠି ଆଗକୁ ବଢ଼ିବୁ। ପଶ୍ଚିମ ଏସିଆରେ ଯୁଦ୍ଧର ପ୍ରଭାବ ସାରା ବିଶ୍ୱରେ ଅନୁଭୂତ ହେଉଛି। ସମସ୍ୟାର ସମାଧାନ ପାଇଁ ଭାରତ ସର୍ବଦା ଆଲୋଚନା ଏବଂ କୂଟନୀତିକୁ ପ୍ରାଥମିକତା ଦେଇଆସିଛି। ଆମର ସବୁଠାରୁ ବଡ଼ ଲକ୍ଷ୍ୟ ହେଉଛି ହୋର୍ମୁଜକୁ ମୁକ୍ତ ଏବଂ ଖୋଲା ରଖିବା। ଏହା କରିବା ପାଇଁ ଅନ୍ତର୍ଜାତୀୟ ଆଇନ ପାଳନ କରିବା ଅତ୍ୟାବଶ୍ୟକ। ଭାରତ ସମସ୍ତ ପରିସ୍ଥିତିରେ ୟୁଏଇ ସହିତ ଛିଡ଼ା ହୋଇଛି ଏବଂ ଏହା ଜାରି ରଖିବ। ଶାନ୍ତି ଏବଂ ସ୍ଥିରତା ଫେରାଇ ଆଣିବା ପାଇଁ, ଭାରତ ସମସ୍ତ ସମ୍ଭାବ୍ୟ ସହାୟତା ଯୋଗାଇବ।

ଇରାନ ଯୁଦ୍ଧ ଏବଂ ବିଶ୍ୱ ଶକ୍ତି ସଙ୍କଟ ମଧ୍ୟରେ, ଭାରତ ଏବଂ ୟୁଏଇ ମଧ୍ୟରେ ଏକ ପ୍ରମୁଖ ଶକ୍ତି ଚୁକ୍ତି ହୋଇଛି। ଦୁଇ ଦେଶ ମଧ୍ୟରେ ଏଲପିଜି ଯୋଗାଣ ସମ୍ପର୍କରେ ଏକ ଚୁକ୍ତି ହୋଇଛି। ବିଶେଷଜ୍ଞମାନେ କହିଛନ୍ତି ଯେ, ଏହି ଚୁକ୍ତି ଭାରତକୁ ଗୁରୁତ୍ୱପୂର୍ଣ୍ଣ ଆଶ୍ୱସ୍ତି ପ୍ରଦାନ କରିପାରିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବର୍ତ୍ତମାନ ୟୁଏଇ ଗସ୍ତରେ ଅଛନ୍ତି। ସେ ୟୁଏଇରେ ଇରାନୀ ଆକ୍ରମଣକୁ ନିନ୍ଦା କରି କରିଛନ୍ତି ଏବଂ କହିଛନ୍ତି ଯେ ଶାନ୍ତି ପ୍ରତିଷ୍ଠା ପାଇଁ ସେ ସମସ୍ତ ପ୍ରକାରର ସହୟତା ଯୋଗାଇବାକୁ ପ୍ରସ୍ତୁତ ଅଛନ୍ତି।

ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି ଯେ, ହୋର୍ମୁଜ ପ୍ରଣାଳୀ ଦେଇ ସୁଗମ ଜାହାଜ ଚଳାଚଳ ସୁନିଶ୍ଚିତ କରିବା ଜରୁରୀ ହୋଇଯାଇଛି। ସେ କହିଛନ୍ତି ଯେ, ଏହି ଅଞ୍ଚଳରେ ଶାନ୍ତି ପ୍ରତିଷ୍ଠା ପାଇଁ ଯାହା ଆବଶ୍ୟକ କରାଯିବ। ଦୁଇ ଦେଶ ମଧ୍ୟରେ ରଣନୈତିକ ପ୍ରତିରକ୍ଷା ସହଭାଗୀତା ପାଇଁ ଏକ ଢାଞ୍ଚା ମଧ୍ୟ ପ୍ରତିଷ୍ଠା କରାଯାଇଛି।

### ପ୍ରଧାନମନ୍ତ୍ରୀଙ୍କ ୬ ଦିନିଆ ବିଦେଶ ଗସ୍ତ

ୟୁଏଇ ପରେ ପ୍ରଧାନମନ୍ତ୍ରୀ ୟୁରୋପ ଗସ୍ତ କରିବେ। ଏହି ସମୟରେ ସେ ନେଦରଲ୍ୟାଣ୍ଡ, ସ୍ୱିଡେନ, ନରୱେ ଏବଂ ଇଟାଲୀ ଆଦି ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି। ମେ' ୧୫ରୁ ୨୦ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଗସ୍ତ ଭାରତର ବୈଦେଶିକ ନୀତି ଏବଂ ଆନ୍ତର୍ଜାତୀୟ ବାଣିଜ୍ୟ କ୍ଷେତ୍ରରେ ଏକ ନୂଆ ମାଇଲଖୁଣ୍ଟ ସ୍ଥାପନ କରିବ ବୋଲି ଆଶା କରାଯାଉଛି।

---

ଉନ୍ନାଓ ଗଣଦୁଷ୍କର୍ମ ମାମଲା

# ସୁପ୍ରିମକୋର୍ଟରେ ଦିଲ୍ଲୀ ହାଇକୋର୍ଟଙ୍କ ଆଦେଶ ରଦ୍ଦ



ନୂଆଦିଲ୍ଲୀ/ଲକ୍ଷ୍ନୌ, ୧୫।୫:ଉତ୍ତର ପ୍ରଦେଶର ବହୁ ଚର୍ଚ୍ଚିତ ଉନ୍ନାଓ ଗଣଦୁଷ୍କର୍ମ ମାମଲାରେ ପୂର୍ବତନ ବିଧାୟକ କୁଲଦୀପ ସିଂହ ସେଙ୍ଗରଙ୍କୁ ଦେଶର ସର୍ବୋଚ୍ଚ ଅଦାଲତରୁ ଏକ ଶକ୍ତ ଧକ୍କା ଲାଗିଛି। ୨୦୧୭ ମସିହାର ଏହି ସେନସେସନାଲ୍ ଦୁଷ୍କର୍ମ ମାମଲାରେ ସ୍ପେଶାଲ କୋର୍ଟ ଦେଇଥିବା କୁଲଦୀପ ସେଙ୍ଗରଙ୍କ ଆଜୀବନ କାରାଦଣ୍ଡାଦେଶକୁ ସ୍ଥଗିତ ରଖିବା ପାଇଁ ଦିଲ୍ଲୀ ହାଇକୋର୍ଟ ଦେଇଥିବା ରାୟକୁ ସୁପ୍ରିମକୋର୍ଟ ରଦ୍ଦ କରିଦେଇଛନ୍ତି। ସିବିଆଇ ପକ୍ଷରୁ ଦାୟର ହୋଇଥିବା ଅପିଲ୍ ଉପରେ ଶୁଣାଣି କରି ସର୍ବୋଚ୍ଚ ଅଦାଲତ ହାଇକୋର୍ଟଙ୍କ ଆଦେଶ ଉପରେ ରୋକ୍ ଲଗାଇଛନ୍ତି। ସୁପ୍ରିମକୋର୍ଟର ଜଷ୍ଟିସ ସୂର୍ଯ୍ୟ କାନ୍ତ ଏବଂ ଜଷ୍ଟିସ ଜୟମାଲ୍ୟ ବାଗଚୀଙ୍କୁ ନେଇ ଗଠିତ ଏକ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରି ଦିଲ୍ଲୀ ହାଇକୋର୍ଟଙ୍କୁ ଆସନ୍ତା ଦୁଇମାସ ମଧ୍ୟରେ ମାମଲାର ପୁନଃ ଶୁଣାଣି କରିବାକୁ କହିଛନ୍ତି।

ସୂଚନାଯୋଗ୍ୟ ଯେ, ୨୦୧୭ ମସିହାରେ ଉତ୍ତର ପ୍ରଦେଶ ଉନ୍ନାଓର ତତ୍କାଳୀନ ବିଜେପି ବିଧାୟକ କୁଲଦୀପ ସିଂହ ସେଙ୍ଗରଙ୍କ ବିରୋଧରେ ଜଣେ ୧୭ ବର୍ଷର ନାବାଳିକା ଚାକିରି ବାହାନାରେ ଦୁଷ୍କର୍ମ କରିଥିବା ଅଭିଯୋଗ କରିଥିଲେ। ତେବେ ରାଜନୈତିକ ଚାପ ଯୋଗୁଁ କୌଣସି କାର୍ଯ୍ୟାନୁଷ୍ଠାନ କରା ନଯିବା ଯୋଗୁ ନାବାଳିକା ୨୦୧୮ରେ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ବାସଭବନ ସମ୍ମୁଖରେ ଆତ୍ମଦାହ ଉଦ୍ୟମ କରିଥିଲେ। ଏହାପରେ ସାରା ଦେଶରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା।

---

# ସ୍କୁବା ଡାଇଭିଂ ଦୁର୍ଘଟଣା, ୫ ମୃତ

ରୋମ୍, ୧୫।୫: ମାଲଦ୍ୱୀପରେ ଏକ ସ୍କୁବା ଡାଇଭିଂ ଦୁର୍ଘଟଣାରେ ୫ ଜଣ ଇଟାଲୀ ନାଗରିଙ୍କ ମୃତ୍ୟୁ ଘଟିଛି। ସେମାନଙ୍କ ମଧ୍ୟରେ ଜଣେ ମେରାଇନ ବାୟୋଲୋଜି ପ୍ରଫେସର, ତାଙ୍କର ଝିଅ ଏବଂ ଅନ୍ୟ ଦୁଇଜଣ ଯୁବକ ଗବେଷକ ଅଛନ୍ତି। ଏହି ଘଟଣା ଭାଭୁ ଆଟଲଠାରେ ଘଟିଛି। ୫୦ମିଟର (ପ୍ରାୟ ୧୬୪ ଫୁଟ) ପାଣିତଳେ ଥିବା ଗୁମ୍ଫାଗୁଡ଼ିକର ଅନୁସନ୍ଧାନ କରିବାକୁ



ଚେଷ୍ଟା କରୁଥିବା ବେଳେ ଏଭଳି ଦୁର୍ଘଟଣା ଘଟିଥିବା ବିଶ୍ୱାସ କରାଯାଉଛି ବୋଲି ଇଟାଲୀ ବୈଦେଶିକ ମନ୍ତ୍ରଣାଳୟ କହିଛି। ପ୍ରାୟ ୬୦ ମିଟର ପାଣିତଳୁ ଗୋଟିଏ ଗୁମ୍ଫାରୁ ଜଣକର ମୃତଦେହ ଉଦ୍ଧାର କରାଯାଇଛି। ଅନ୍ୟମାନେ ସେଇଠି ଥାଇପାରନ୍ତି ମାଲଦ୍ୱୀପ ସେନା ଅନୁମାନ କରୁଛି। ମାଲଦ୍ୱୀପ ସେନା କହିଛି ଯେ, ମୃତକମାନଙ୍କୁ ଖୋଜିବା ଲାଗି ସ୍ୱତନ୍ତ୍ର ଉପକରଣ ସହିତ ବୁଡ଼ାଳିମାନଙ୍କୁ ସେହି ଅଞ୍ଚଳକୁ ପଠାଯାଇଥିଲା। ମାତ୍ର ତଲାସୀ ଅଭିଯାନ ଅତ୍ୟନ୍ତ ବିପଜ୍ଜନକ ଥିଲା। ପ୍ରବାଳ ଦ୍ୱୀପପୁଞ୍ଜ ଲାଗି ପ୍ରସିଦ୍ଧ ଭାରତ ମହାସାଗର ମଧ୍ୟସ୍ଥ କ୍ଷୁଦ୍ର ଦେଶ ମାଲଦ୍ୱୀପ ବିଶ୍ୱର ଏକ ପ୍ରମୁଖ ପର୍ଯ୍ୟଟନସ୍ଥଳୀ ଭାବରେ ଜଣାଶୁଣା। ଏଠାରେ ପ୍ରାୟତଃ ସ୍କୁବା ଡାଇଭିଂ ଜନିତ ଦୁର୍ଘଟଣା ଘଟି ନଥାଏ। ତେବେ ଏହାକୁ ସବୁଠାରୁ ଭୟଙ୍କର ଏକକ ଡାଇଭିଂ ଦୁର୍ଘଟଣା ବୋଲି ବିଶ୍ୱାସ କରାଯାଉଛି। ସ୍ଥାନୀୟ ଗଣମାଧ୍ୟମର ରିପୋର୍ଟ ଅନୁସାରେ ଇଟାଲୀର ୫ଜଣ ବୁଡ଼ାଳି ଗୁରୁବାର ସକାଳେ ପାଣି ଭିତରକୁ ପ୍ରବେଶ କରିଥିଲେ।

# ଷ୍ଟ୍ରିଟିଂଙ୍କ ଇସ୍ତଫା ପରେ ଅଡୁଆରେ ଷ୍ଟାର୍ମର



ଲଣ୍ଡନ, ୧୫।୫: ବ୍ରିଟେନର ପ୍ରଧାନମନ୍ତ୍ରୀ ସାର କିର ଷ୍ଟାର୍ମରଙ୍କ ରାଜନୈତିକ ଭବିଷ୍ୟତ ଦିନକୁଦିନ ଅନିଶ୍ଚିତତା ଆଡ଼କୁ ଗତି କରୁଛି। ତାଙ୍କ ନେତୃତ୍ୱ ଉପରେ ଅନାସ୍ଥା ପ୍ରକଟ କରି ୱେସ୍ ଷ୍ଟ୍ରିଟିଂ ସ୍ୱାସ୍ଥ୍ୟ ସଚିବ ପଦରୁ ଇସ୍ତଫା ଦେଇଛନ୍ତି। ବ୍ରିଟେନ୍ ରାଜନୀତି ସୃଷ୍ଟି ହୋଇଥିବା ଅନିଶ୍ଚିତା ଉପରେ ଏକ ବ୍ୟାପକ ବିତର୍କ ଲାଗି ସେ ଆହ୍ୱାନ ଦେଇଛନ୍ତି। ତେବେ ସେ ପ୍ରଧାନମନ୍ତ୍ରୀ ଦୌଡ଼ରେ ଅଛନ୍ତି କି ନା ତାହା ସ୍ପଷ୍ଟ କରିନାହାନ୍ତି। ଅପରପକ୍ଷରେ, ଦି ଗ୍ରେଟର ମାଞ୍ଚେଷ୍ଟରର ମେୟର ଆଣ୍ଡି ବର୍ନହାମ ସାଂସଦ ଭାବରେ ହାଉସ ଅଫ୍ କମନକୁ ଫେରିବା ଉଦ୍ୟମ ଆରମ୍ଭ କରିଦେଇଛନ୍ତି। ପ୍ରଧାନମନ୍ତ୍ରୀ ପଦ ଲାଗି ପ୍ରତିଦ୍ୱନ୍ଦ୍ୱିତା କରିବାକୁ ହେଲେ ଜଣେ ନିହାତି ଏମପି ହେବା ଆବଶ୍ୟକ ବୋଲି ବ୍ରିଟେନରେ ସମ୍ବିଧାନିକ ବ୍ୟବସ୍ଥା ଥିବା ବେଳେ ଆଣ୍ଡି ବର୍ନହାମ ବର୍ତ୍ତମାନ ସୁଦ୍ଧା ସାଂସଦ ହୋଇନାହାନ୍ତି। ମାତ୍ର ଲେବର ଏମ୍ପି ଜୋସ୍ ସାଇମନ୍ସ ଇସ୍ତଫା ଦେଇ ତାଙ୍କର ଏମପି ହେବା ମାର୍ଗକୁ ସୁଗମ କରିଦେବେ ବୋଲି ସୂଚନା ଦେଇଛନ୍ତି। ଏହାପରେ ସେ ଲେବର ଦଳ ପକ୍ଷରୁ ମେକରଫିଲ୍ଡ ନିର୍ବାଚନମଣ୍ଡଳୀରେ ପ୍ରତିଦ୍ୱନ୍ଦ୍ୱିତା କରିବେ ବୋଲି ବର୍ନହାମ କହିଛନ୍ତି। ଗତ ସପ୍ତାହର ସ୍ଥାନୀୟ ନିର୍ବାଚନରେ ଲେବର ଦଳର ଶୋଚନୀୟ ପରାଜୟ ପରେ ଷ୍ଟାର୍ମରଙ୍କ ରାଜନୈତିକ ଭବିଷ୍ୟତ ସଂଶୟାଚ୍ଛନ୍ନ ହୋଇ ପଡ଼ିଥିବା ବେଳେ ସେ ଦଳକୁ ଏକତ୍ରିତ କରିବା ପାଇଁ ଚେଷ୍ଟା କରୁଥିବା ତାଙ୍କର ଜଣେ ସହଯୋଗୀ କହିଛନ୍ତି।

# ପାକିସ୍ତାନରେ ଆତ୍ମଘାତୀ ହମ୍ଲା, ୧୫ ମୃତ

ନୂଆଦିଲ୍ଲୀ,୧୫।୫:ପାକିସ୍ତାନର ବାଜୌରରେ ଏକ ସେନା ଶିବିର ଉପରେ ହୋଇଥିବା ଆତ୍ମଘାତୀ ଆକ୍ରମଣରେ ୧୫ ଜଣ ସୈନ୍ୟଙ୍କର ମୃତ୍ୟୁ ହୋଇଛି। ଆତଙ୍କବାଦୀମାନେ ପ୍ରଥମେ ସାମରିକ ପ୍ରତିଷ୍ଠାନରେ ଏକ ଶକ୍ତିଶାଳୀ



ବିସ୍ଫୋରଣ କରିଥିଲେ। ଏହାର ସୁଯୋଗ ନେଇ ଆତଙ୍କବାଦୀ ଶିବିରକୁ ପ୍ରବେଶ କରିଥିଲେ। ଆତଙ୍କବାଦୀ ସଂଗଠନ ତେହରିକ-ଏ-ତାଲିବାନ ପାକିସ୍ତାନ (ଟିଟିପି) ଏହି ଆତ୍ମଘାତୀ ଆକ୍ରମଣ ପାଇଁ ନିଜକୁ ଦାୟୀ କରିଛି। ବାଜୌର ହେଉଛି ଖାଇବର ପଖତୁନଖ୍ୱା ପ୍ରଦେଶର ଏକ ଅଂଶ। ଏହା ଦୀର୍ଘଦିନ ଧରି ଆତଙ୍କବାଦ ଦ୍ୱାରା ପ୍ରଭାବିତ ହୋଇଛି। ଏହି ଆକ୍ରମଣ ପରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ସପ୍ତାହ ମଧ୍ୟରେ ଏହା ଦ୍ୱିତୀୟ ଆତ୍ମଘାତୀ ଆକ୍ରମଣ। ପୂର୍ବରୁ ମଙ୍ଗଳବାର ଦିନ ଖାଇବର ପଖତୁନଖ୍ୱା ପ୍ରଦେଶର ଲକ୍କି ମାରୱାତ ଜିଲ୍ଲାରେ ଏକ ଭୟଙ୍କର ଆତ୍ମଘାତୀ ଆକ୍ରମଣ ହୋଇଥିଲା। ଆକ୍ରମଣରେ ୨ ଜଣ ପୁଲିସ୍ ଏବଂ ଜଣେ ମହିଳାଙ୍କ ସମେତ ବହୁ ଲୋକଙ୍କର ମୃତ୍ୟୁ ହୋଇଥିଲା।

# ନ୍ୟୁଜ୍ କଭରେଜ କରି ଡଣ୍ଡ ଗଣିଲା ଫକ୍ସ ନ୍ୟୁଜ୍

ନୂଆଦିଲ୍ଲୀ,୧୫।୫:ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବେ ତାଙ୍କ ସମଗ୍ର ପ୍ରତିନିଧି ଦଳ ସହିତ ଚୀନ ଗସ୍ତରେ ଅଛନ୍ତି। ବିଶ୍ୱର ବିଭିନ୍ନ ଗଣମାଧ୍ୟମ ଟ୍ରମ୍ପଙ୍କ ଏହି ଦୁଇ ଦିନିଆ ଗସ୍ତକୁ ବ୍ୟାପକ କଭରେଜ୍ ଦେଉଛନ୍ତି। ଏହି ସମୟରେ ଫକ୍ସ ନ୍ୟୁଜର ଜଣେ କର୍ମଚାରୀ ଏକ ଭୁଲ କରିଥିଲେ ଯାହା ତାଙ୍କୁ ଏବଂ ତାଙ୍କ କମ୍ପାନୀକୁ ମହଙ୍ଗା ପଡ଼ିଛି। ଆଜି ଆମେରିକୀୟ ଗଣମାଧ୍ୟମ ଚୀନଠାରୁ କେଉଁଠାରେ ପଛରେ ଅଛି ସେ ବିଷୟରେ ଏକ ଶିକ୍ଷା ପାଇଲା। ରାଷ୍ଟ୍ରପତି ଜିନପିଙ୍ଗଙ୍କ ସହ ରାଷ୍ଟ୍ରପତି ଟ୍ରମ୍ପଙ୍କ ସଂକ୍ଷିପ୍ତ ସାକ୍ଷାତ ସହିତ ଏହି ଫକ୍ସ ନ୍ୟୁଜ୍ ରିପୋର୍ଟର ନିଜର ଅଭିଜ୍ଞତାକୁ କ୍ୟାମେରା ସାମ୍ନାରେ ବଖାଣିଛନ୍ତି। ବିଶ୍ୱ ସହ ଏହାକୁ ବାଣ୍ଟିବା ପାଇଁ ଦଣ୍ଡର ସମ୍ମୁଖୀନ ମଧ୍ୟ ହୋଇଛନ୍ତି । ଫକ୍ସ ନ୍ୟୁଜ୍ ସାମ୍ବାଦିକ ବ୍ରେଟ୍ ବେୟାର କହିଛନ୍ତି ଯେ ଚୀନ୍‌ରେ ତାଙ୍କ କର୍ମଚାରୀଙ୍କୁ ମାତ୍ର ଦୁଇ ମିନିଟ୍ ପାଇଁ ବେଆଇନ୍ ପାର୍କିଂ ପାଇଁ ୪୦ ଡଲାର ଜରିମାନା କରାଯାଇଥିଲା। ବେୟର ଦାବି କରିଛନ୍ତି ଯେ ସବୁଠି କ୍ୟାମେରା ଯୋଗୁଁ, ଭୁଲ ପାଇଁ ତୁରନ୍ତ ଦଣ୍ଡ ପାଇବା ହେତୁ ଚୀନ୍ ଲୋକମାନେ ଟ୍ରାଫିକ୍ ନିୟମ ଭାଙ୍ଗିବା ଏଡ଼ାଉଛନ୍ତି। ସେ ଏହା ମଧ୍ୟ ଉଲ୍ଲେଖ କରିଛନ୍ତି ଯେ ଗତ ପାଞ୍ଚ ମାସରେ ବେଜିଂରେ ୧୫୦୦ ରୁ ଅଧିକ କ୍ୟାମେରା ସ୍ଥାପିତ ହୋଇଛି। ସେମାନେ ସବୁକିଛି ଦେଖନ୍ତି। ଜାଣିଶୁଣି ଭୁଲ ପାଇଁ କୌଣସି ସ୍ଥାନ ନାହିଁ, କାରଣ ସେମାନଙ୍କୁ ତୁରନ୍ତ ଜରିମାନା ଦିଆଯାଇପାରେ।

---

# ସିଇସି ନିଯୁକ୍ତି ପ୍ରକ୍ରିୟା ଉପରେ ପ୍ରଶ୍ନ ଉଠାଇଲେ ସୁପ୍ରିମକୋର୍ଟ



ନୂଆଦିଲ୍ଲୀ,୧୫।୫:ମୁଖ୍ୟ ନିର୍ବାଚନ କମିଶନର (ସିଇସି) ନିଯୁକ୍ତି ପାଇଁ ଗଠିତ ଚୟନ କମିଟିରେ ଜଣେ କ୍ୟାବିନେଟ ମନ୍ତ୍ରୀଙ୍କୁ ସାମିଲ କରାଯିବା ଏବଂ ଦେଶର ପ୍ରଧାନ ବିଚାରପତି(ସିଜେଆଇ)ଙ୍କୁ ଅନ୍ତର୍ଭୁକ୍ତ କରା ନ ଯିବା ଉପରେ ସୁପ୍ରିମକୋର୍ଟ ଗୁରୁବାର ପ୍ରଶ୍ନ ଉଠାଇଛନ୍ତି। ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାରେ ଜଣେ ମନ୍ତ୍ରୀ କେବେହେଲେ ପ୍ରଧାନମନ୍ତ୍ରୀଙ୍କ ବିରୋଧରେ ଯାଇପାରିବେନି ବୋଲି ଅଦାଲତ କହିଛନ୍ତି। ମୁଖ୍ୟ ନିର୍ବାଚନ କମିଶନର ଏବଂ ଅନ୍ୟ ନିର୍ବାଚନ କମିଶନରଙ୍କ ନିଯୁକ୍ତି ପ୍ରକ୍ରିୟା ସମ୍ପର୍କିତ ମାମଲାର ଶୁଣାଣି କରି ସର୍ବୋଚ୍ଚ ଅଦାଲତ ଏହି କମିଟିର ସରଞ୍ଚନା ଉପରେ ଚିନ୍ତା ପ୍ରକଟ କରିଛନ୍ତି। ଏବେ ଏହି କମିଟିରେ ପ୍ରଧାନମନ୍ତ୍ରୀ, ବିରୋଧୀ ଦଳର ନେତା ଏବଂ ଜଣେ କେନ୍ଦ୍ର କ୍ୟାବିନେଟ ମନ୍ତ୍ରୀ ରହିଛନ୍ତି।

ଜଷ୍ଟିସ୍ ଦୀପଙ୍କର ଦତ୍ତଙ୍କ ଖଣ୍ଡପୀଠ କହିଛନ୍ତି, ଏଭଳି ନିଯୁକ୍ତି ପ୍ରକ୍ରିୟାରେ ହେବାକୁ ଥିବା ନିଷ୍ପତ୍ତି ପ୍ରଭାବଶାଳୀ ଭାବେ ୨:୧ ଅନୁପାତରେ ବହୁମତ ପାଇବ। କାରଣ କ୍ୟାବିନେଟ ମନ୍ତ୍ରୀ ପ୍ରଧାନମନ୍ତ୍ରୀଙ୍କ ବିରୋଧରେ ଯାଇ ଭିନ୍ନ ଆଭିମୁଖ୍ୟ ରଖିବାର ସମ୍ଭାବନା କମ୍। ତେଣୁ ସିଇସି ନିର୍ବାଚନରେ ସ୍ୱଚ୍ଛତା ଏବଂ ସ୍ୱାଧୀନତା ରହିବ ବୋଲି କାହିଁକି ଦେଖାଣିଆ ପ୍ରୟାସ କରାଯାଉଛି। ଜଷ୍ଟିସ୍ ଦତ୍ତ କହିଛନ୍ତି, ଯଦି ସିବିଆଇ ନିର୍ଦ୍ଦେଶକଙ୍କ ନିଯୁକ୍ତି ପ୍ରକ୍ରିୟାରେ ସିଜେଆଇ ସଦସ୍ୟ ରହିପାରିବେ ତେବେ ସିଇସି ଏବଂ ଅନ୍ୟ ଇସିଙ୍କ ନିଯୁକ୍ତି ପାଇଁ କାହିଁକି ଏକ ସ୍ୱାଧୀନ ପ୍ରକ୍ରିୟା ଅନୁସରଣ କରାଯାଇପାରିବନି। ନିର୍ବାଚନ କମିଶନରଙ୍କ ନିଯୁକ୍ତି ପ୍ରକ୍ରିୟା ଅଧିକ ଗୁରୁତ୍ୱପୂର୍ଣ୍ଣ। କାରଣ ଏହା ପ୍ରତ୍ୟକ୍ଷ ଭାବେ ଗଣତନ୍ତ୍ର ବଜାୟ ରଖିବା ଏବଂ ମୁକ୍ତ ତଥା ନିରପେକ୍ଷ ନିର୍ବାଚନ ସହ ଜଡ଼ିତ।

ନିର୍ବାଚନ ସଂସ୍ଥାର ନିରପେକ୍ଷତା ଉପରେ ଜନସାଧାରଣଙ୍କ ବିଶ୍ୱାସକୁ ଗୁରୁତ୍ୱାରୋପ କରି ସୁପ୍ରିମକୋର୍ଟ କହିଛନ୍ତି, ଭାରତର ନିର୍ବାଚନ କମିଶନରଙ୍କ କାର୍ଯ୍ୟକଳାପ ସମ୍ପୂର୍ଣ୍ଣ ଭାବେ ନିରପେକ୍ଷ ହେବା ଉଚିତ। ନିର୍ବାଚନ କମିଶନର ନିଯୁକ୍ତି ପ୍ରକ୍ରିୟା ଲାଗି ଉଦ୍ଦିଷ୍ଟ କମିଟିରେ ଜଣେ କ୍ୟାବିନେଟ ମନ୍ତ୍ରୀ ରହିବା ଅର୍ଥ ସେଥିରେ ବିରୋଧୀ ଦଳ ନେତା କେବଳ ନାମକୁ ମାତ୍ର ରହିବେ। ଏହା ଦ୍ୱାରା ସର୍ବଦା ୨:୧ ଅନୁପାତରେ ସରକାରଙ୍କ ପକ୍ଷରେ ନିଷ୍ପତ୍ତି ଯିବ। ଆମେ କହୁନୁ ଯେ ସିଜେଆଇଙ୍କୁ କମିଟିରେ ରଖାଯାଉ। କିନ୍ତୁ କମିଟିରେ ଜଣେ ସ୍ୱାଧୀନ ସଦସ୍ୟ କାହିଁକି ରହିବେନି। ଜଣେ ମନ୍ତ୍ରୀଙ୍କୁ କାହିଁକି ସେହି ସଦସ୍ୟ କରାଯିବ? ଯଦି ପ୍ରଧାନମନ୍ତ୍ରୀ ଜଣଙ୍କୁ ବାଛିବେ, ବିରୋଧୀ ଦଳ ନେତା ଆଉ ଜଣଙ୍କୁ ବାଛିବେ ତେବେ ତୃତୀୟ ସଦସ୍ୟ କ'ଣ ବିରୋଧୀ ଦଳର ନେତାଙ୍କ ସହ ଯିବେ?

ଏହାର ଜବାବରେ ଆଟର୍ଣ୍ଣି ଜେନେରାଲ ଭେଙ୍କଟରମଣି କହିଥିଲେ ଯେ ସେ ଏ ନେଇ କୌଣସି ଅନୁମାନ କରିବାକୁ ଚାହାନ୍ତିନି। ବାସ୍ତବ କ୍ଷେତ୍ରରେ ଏହା ସବୁବେଳେ ହୋଇ ନ ପାରେ। ଏହା ଉପରେ ଜଷ୍ଟିସ୍ ଦତ୍ତ କଡ଼ା ପ୍ରତିକ୍ରିୟା ଦେଇ କହିଥିଲେ, ତାହା ହେଲେ କ'ଣ କାର୍ଯ୍ୟପାଳିକା ସବୁକିଛି ନିୟନ୍ତ୍ରଣ କରୁଛି? ସଂସଦ ଆଇନ ପ୍ରଣୟନ କରିପାରେ। କିନ୍ତୁ ସୁପ୍ରିମକୋର୍ଟ ହେଉଛନ୍ତି ଚୂଡ଼ାନ୍ତ ନିଷ୍ପତ୍ତି ଗ୍ରହଣକାରୀ। ଆପଣଙ୍କୁ ଭଲ ଲାଗୁ କି ନ ଲାଗୁ, ଆଇନର ବ୍ୟାଖ୍ୟା କରିବାର କ୍ଷମତା ସୁପ୍ରିମକୋର୍ଟଙ୍କ ପାଖରେ ଅଛି ବୋଲି ଜଷ୍ଟିସ୍ ଦତ୍ତ କହିଛନ୍ତି।

# ମାମଲାରୁ ଓହରିଲେ ଜଷ୍ଟିସ ସ୍ୱର୍ଣ୍ଣକାନ୍ତା ଶର୍ମା

ନୂଆଦିଲ୍ଲୀ,୧୫।୫:ବହୁଚର୍ଚ୍ଚିତ ଦିଲ୍ଲୀ ଅବକାରୀ ନୀତି ମାମଲାର ଶୁଣାଣିରୁ ଓହରିଲେ ଦିଲ୍ଲୀ ହାଇକୋର୍ଟର ବିଚାରପତି ଜଷ୍ଟିସ ସ୍ୱର୍ଣ୍ଣକାନ୍ତ ଶର୍ମା। ଏହାକୁ ନେଇ ପୂର୍ବତନ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ତଥା ଆପର ରାଷ୍ଟ୍ରୀୟ ସଂଯୋଜକ ଅରବିନ୍ଦ କେଜରିୱାଲ କହିଛନ୍ତି ଯେ, ସତ୍ୟର ବିଜୟ ହୋଇଛି। ଗାନ୍ଧୀଜୀଙ୍କ ସତ୍ୟାଗ୍ରହ ପୁଣି ଥରେ ବିଜୟୀ ହୋଇଛି।



ଗୁରୁବାର ଜଷ୍ଟିସ ସ୍ୱର୍ଣ୍ଣକାନ୍ତ ଶର୍ମା ଆମ ଆଦମୀ ପାର୍ଟି ନେତା ଅରବିନ୍ଦ କେଜରିୱାଲ, ମନୀଷ ସିସୋଦିଆ, ଦୁର୍ଗେଶ ପାଠକ, ସଞ୍ଜୟ ସିଂହ, ସୌରଭ ଭରଦ୍ୱାଜ ଏବଂ ଅନ୍ୟ ମାନଙ୍କ ବିରୁଦ୍ଧରେ ଅବକାରୀ ନୀତି ମାମଲା ସମ୍ପର୍କରେ ସୋସିଆଲ ମିଡିଆରେ ଅପମାନଜନକ ପୋଷ୍ଟ କରିବା ପାଇଁ ଫୌଜଦାରୀ ଅବମାନନା ମାମଲା ଆରମ୍ଭ କରିଥିଲେ। ଜଷ୍ଟିସ ଶର୍ମା କହିଛନ୍ତି ଯେ, ଆଇନଗତ ପ୍ରତିକାର ନେବା ପରିବର୍ତ୍ତେ, ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ କେଜରିୱାଲ ତାଙ୍କୁ ବଦନାମ କରିବା ଉଦ୍ଦେଶ୍ୟରେ ସୋସିଆଲ ମିଡିଆରେ ଏକ ସୁସଂଗଠିତ ଅଭିଯାନ ଆରମ୍ଭ କରିଥିଲେ। ସେ ସ୍ପଷ୍ଟ କରିଛନ୍ତି ଯେ ସମସ୍ତ ଅଭିଯୁକ୍ତଙ୍କ ଦୋଷମୁକ୍ତକୁ ଚ୍ୟାଲେଞ୍ଜ କରି ସିବିଆଇର ଆବେଦନର ଶୁଣାଣି ଆଉ ଏକ ଖଣ୍ଡପୀଠ କରିବ। ଜଷ୍ଟିସ ଶର୍ମା ସ୍ପଷ୍ଟ କରିଥିଲେ ଯେ ସେ ମାମଲାରୁ ନିଜକୁ ଓହରି ଯାଉନାହାଁନ୍ତି, ବରଂ ଅବମାନନା ପ୍ରକ୍ରିୟା ଆରମ୍ଭ ହୋଇଥିବାରୁ ମାମଲାକୁ ଅନ୍ୟ ଏକ ଖଣ୍ଡପୀଠକୁ ସ୍ଥାନାନ୍ତର କରୁଛନ୍ତି।

# ଆମଦାନୀ ଶୁଳ୍କ ପ୍ରତ୍ୟାହାର ଲାଗି ବିଜୟଙ୍କ ଚିଠି

ନୂଆଦିଲ୍ଲୀ,୧୫।୫:ତାମିଲନାଡୁ ମୁଖ୍ୟମନ୍ତ୍ରୀ ସି. ଜୋସେଫ ବିଜୟ ଗୁରୁବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଚିଠି ଲେଖି କପା ଉପରେ ୧୧ ପ୍ରତିଶତ ଆମଦାନୀ ଶୁଳ୍କ ତୁରନ୍ତ ପ୍ରତ୍ୟାହାର କରିବାକୁ ଅନୁରୋଧ କରିଛନ୍ତି। କପା ସାମଗ୍ରୀର ମୂଲ୍ୟ ବୃଦ୍ଧି ପାଉଥିବାରୁ ରାଜ୍ୟର ବୟନ ଉଦ୍ୟୋଗ ପ୍ରଭାବିତ



ହେଉଛି ବୋଲି ବିଜୟ ଲେଖିଛନ୍ତି। ପ୍ରଧାନମନ୍ତ୍ରୀଙ୍କୁ ଲେଖିଥିବା ଚିଠିରେ ସିଏମ୍ ବିଜୟ କହିଛନ୍ତି ଯେ, କପା ଏବଂ ସୂତା ମୂଲ୍ୟରେ ବୃଦ୍ଧି ପୋଷାକ ନିର୍ମାତାଙ୍କ ଉପରେ ପ୍ରବଳ ଚାପ ପକାଇଛି। ଏହି କ୍ଷେତ୍ର ଉପରେ ନିର୍ଭରଶୀଳ ଲକ୍ଷ ଲକ୍ଷ ଶ୍ରମିକଙ୍କ ଜୀବିକାକୁ ବିପଦରେ ପକାଇଛି। ତାମିଲନାଡୁକୁ ଭାରତର ସର୍ବବୃହତ ବସ୍ତ୍ର ଏବଂ ପୋଷାକ ରପ୍ତାନିକାରୀ ରାଜ୍ୟ ଭାବରେ ବର୍ଣ୍ଣନା କରି ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ ଯେ, ଏହି ଶିଳ୍ପ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବରେ ଲକ୍ଷ ଲକ୍ଷ ଲୋକଙ୍କୁ ନିଯୁକ୍ତି ପ୍ରଦାନ କରେ।

ଚିଠିରେ ସେ ଆହୁରି ମଧ୍ୟ କହିଛନ୍ତି ଯେ, କଞ୍ଚାମାଲର ନିରନ୍ତର ଯୋଗାଣ ଏବେ କେବଳ ଆମଦାନୀ ମାଧ୍ୟମରେ ସୁନିଶ୍ଚିତ କରାଯାଇପାରିବ, କିନ୍ତୁ କପା ଉପରେ ପୂର୍ବରୁ ଥିବା ୧୧ ପ୍ରତିଶତ ଆମଦାନୀ ଶୁଳ୍କ ଯୋଗୁଁ ଆମଦାନୀ ଶିଳ୍ପ ପାଇଁ ମହଙ୍ଗା ଏବଂ ଅବ୍ୟବହାରିକ ପ୍ରମାଣିତ ହେଉଛି।

ଲେବାନନ୍ ହିଂସା

# ୭.୭ ଲକ୍ଷାଧିକ ଶିଶୁ ମାନସିକ ଚାପର ଶିକାର

ବିରୁଟ୍,୧୫।୫:ଲେବାନନରେ ଜାରି ହିଂସା ମଧ୍ୟରେ ଲକ୍ଷାଧିକ ପିଲାଙ୍କ ଜୀବନ ଏବେ ବାଜିରେ ଲାଗିଛି। ହିଂସା ଯୋଗୁ ପିଲାଙ୍କ ଗମ୍ଭୀର ମାନସିକ ସ୍ଥିତି ଆଡ଼କୁ ଦୁନିଆର ଦୃଷ୍ଟି ଆକର୍ଷଣ କରିଛି ୟୁନିସେଫ୍। ଦାବି କରାଯାଇଛି ଯେ ହିଂସା ଓ ବଡ଼ ଧରଣର ବିସ୍ଥାପନ ଯୋଗୁ ପ୍ରାୟ ୭.୭ ଲକ୍ଷ ପିଲା ମାନସିକ ଚାପଗ୍ରସ୍ତ ହୋଇଛନ୍ତି।

ୟୁନିସେଫ୍ ଦ୍ୱାରା ଜାରି ରିପୋର୍ଟ ଅନୁସାରେ ଗତ ସାତ ଦିନରେ ସ୍ଥିତି ଆହୁରି ଅଧିକ ଗମ୍ଭୀର ହୋଇଛି। ଏପ୍ରିଲ୍ ୧୭ରେ ଯୁଦ୍ଧବିରତି ଘୋଷଣା ହେବା ସତ୍ତ୍ୱେ ପ୍ରାୟ ୫୯ ପିଲାଙ୍କ ମୃତ୍ୟୁ କିମ୍ବା ଆହତ ନେଇ ରିପୋର୍ଟ ସାମନାକୁ ଆସିଛି।

ଲେବାନନର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଡାଟା ଅନୁସାରେ, ଯୁଦ୍ଧବିରତି ପରେ ଏବେ ସୁଦ୍ଧା ୨୩



ପିଲାଙ୍କ ମୃତ୍ୟୁ ହୋଇସାରିଛି ଓ ୯୩ ଜଣ ଆହତ ହୋଇଛନ୍ତି। ମାର୍ଚ୍ଚ ୨ରୁ ଏବେ ସୁଦ୍ଧା ମୋଟ ୨୦୦ ପିଲାଙ୍କ ଜୀବନ ଯାଇଛି ଓ ୮୦୬ ଜଣଙ୍କ ପିଲା ଆହତ ହୋଇଛନ୍ତି। ଏହାର ଅର୍ଥ ପ୍ରତି ଦିନ ହାରାହାରି ୧୪ ପିଲାଙ୍କ ମୃତ୍ୟୁ କମ୍ବା ଆହତ ହେଉଛନ୍ତି, ଯାହା ସ୍ଥିତିର ଭୟାବହତାକୁ ଦର୍ଶାଉଛି।

ୟୁନିସେଫ୍ କହିଛି, ପିଲାମାନେ ଲଗାତାର ହିଂସା, ନିଜ ଖାଦ୍ୟ ଏବଂ ବାରମ୍ବାର ଘର ଛାଡ଼ିବା ପରି ବାଧ୍ୟତାମୂଳକ ସ୍ଥିତିର ସାମନା କରୁଛନ୍ତି। ଏହାଦ୍ୱାରା ସେମାନଙ୍କୁ ମାନସିକସ୍ତରରେ ବଡ଼ ପ୍ରଭାବ ପଡୁଛି, ଯାହା ଆଗାମୀ ଅନେକ ବର୍ଷ ଯାଏ ତାଙ୍କ ମନରେ ରହିପାରେ।

ରିପୋର୍ଟରେ କୁହାଯାଇଛି, ପିଲାମାନେ ଏବଂ ସେମାନଙ୍କ ଅଭିଭାବକଙ୍କ ମଧ୍ୟରେ ଗମ୍ଭୀର ମାନସିକ ଚାପ ରହିଛି। ଅବଶାଦ ସହ ଜଡ଼ିତ ଲକ୍ଷଣ ସାମନାକୁ ଆସିଛି। ଏଥିରେ ଅତ୍ୟଧିତ ଭୟ, ଚିନ୍ତା, ଦୁଃସ୍ୱପ୍ନ, ନିଦ ନଆସିବା ଏବଂ ଭବିଷ୍ୟତକୁ ନେଇ ନିରାଶ ପରି ସମସ୍ୟା ସାମିଲ ରହିଛି। ୟୁନିସେଫ୍ କହିଛି, ଲଗାତାର ଜାରି ହିଂସା ଓ ଅସ୍ଥିରତା ଏହି ପ୍ରଭାବକୁ ଅଧିକ ଗଭୀର କରିଛି। ପିଲାମାନଙ୍କୁ ଏହି ସମସ୍ୟାକୁ ବାହାରିବା ପାଇଁ ସମୟ ମିଳିପାରୁ ନାହିଁ।

# ଆର.ଜି. କର ମାମଲାରେ ୩ ସସପେଣ୍ଡ୍



କୋଲକାତା,୧୫।୫:ପଶ୍ଚିମବଙ୍ଗର ଶୁଭେନ୍ଦୁ ଅଧିକାରୀଙ୍କ ସରକାର ଶୁକ୍ରବାର ଆରଜି କର ହସ୍ପିଟାଲରେ ଦୁଷ୍କର୍ମ - ହତ୍ୟା ମାମଲାରେ ୩ ବରିଷ୍ଠ ଆଇପିଏସ୍ ଅଧିକାରୀଙ୍କୁ ସସପେଣ୍ଡ କରିଛନ୍ତି। ରାଜ୍ୟ ସଚିବାଳୟରେ ଶୁଭେନ୍ଦୁ ଅଧିକାରୀ କହିଛନ୍ତି ଯେ, କୋଲକାତାର ପୂର୍ବତନ ପୁଲିସ କମିଶନର ଭିନୀତ ଗୋୟଲ, ପୂର୍ବତନ ଉପାୟୁକ୍ତ ଇନ୍ଦିରା ମୁଖାର୍ଜୀ ଓ ଅଭିଷେକ ଗୁପ୍ତାଙ୍କୁ ସସପେଣ୍ଡ କରିବାର ଆଦେଶ ଦିଆ ଯାଇଛି। ଏହି ୩ ଅଧିକାରୀ ମାମଲାକୁ ସମ୍ଭାଳିବାରେ ଅବହେଳା କରିଥିଲେ, ପୀଡ଼ିତାଙ୍କ ମାତା-ପିତାଙ୍କୁ ଲାଞ୍ଚ ପ୍ରସ୍ତାବ ଦେଇଥିଲେ। ଶୁଭେନ୍ଦୁ ଅଧକାରୀ ସ୍ପଷ୍ଟ କରିଛନ୍ତି ଯେ, ରାଜ୍ୟ ସରକାର ଅପରାଧର ବାସ୍ତବିକ ଯାଞ୍ଚରେ ହସ୍ତକ୍ଷେପ କରୁ ନାହାନ୍ତି, ଯାହା ସିବିଆଇ ଦ୍ୱାରା କରାଯାଉଛି। ତେବେ ଅନୁଶାସନାତ୍ମକ କାର୍ଯ୍ୟାନୁଷ୍ଠାନ ଓ ବିଭାଗୀୟ ଯାଞ୍ଚର ନେତୃତ୍ୱ ରାଜ୍ୟର ଗୃହ ସଚିବ ମୁଖ୍ୟ ସଚିବଙ୍କ ମାର୍ଗ ଦର୍ଶନରେ କରାଯିବ।

# ଏଲ୍-ନିନୋ ସୃଷ୍ଟିକରେ ହିଂସା, ଯୁଦ୍ଧ ଓ ସଂଘର୍ଷ

ନୂଆଦିଲ୍ଲୀ ୧୫।୫:ଏଲ୍-ନିନୋର ପ୍ରଭାବରେ ବିଶ୍ୱରେ ହିଂସାତ୍ମକ ସଂଘର୍ଷ ଓ ଯୁଦ୍ଧର ଭଳି ବିପଦ ସୃଷ୍ଟିହୁଏ ବୋଲି ଏକ ନୂଆ ଅଧ୍ୟୟନରୁ ଜଣାପଡ଼ିଛି। ବୈଜ୍ଞାନିକମାନେ ୧୯୫୦ରୁ ୨୦୨୩ ଯାଏ ସଂଘଟିତ ୫୫୫ ସଶସ୍ତ୍ର ସଂଘର୍ଷକୁ ବିଶ୍ଳେଷଣ କରି ଏହା ଜାଣିବାକୁ ପାଇଛନ୍ତି ଯେ, ଯେତେବେଳେ ଏଲ୍-ନିନୋ ସକ୍ରିୟ ହୁଏ, ସେତେବେଳେ ହିଂସାର ଆଶଙ୍କା ବଢ଼ିଯାଏ। ଏହି ଅଧ୍ୟୟନ ଜଳବାୟୁ ପରିବର୍ତ୍ତନ ଓ ସଂଘର୍ଷ ମଧ୍ୟରେ ବଢୁଥିବା ସମ୍ପର୍କକୁ ଆହୁରି ଦୃଢ଼ଭାବେ ପ୍ରମାଣିତ କରିଛି।

ପ୍ରଶାନ୍ତ ମହାସାଗରର ଉଷ୍ଣ ପର୍ଯ୍ୟାୟକୁ ଏଲ୍-ନିନୋ କୁହାଯାଏ। ଏହା ପ୍ରତି ୩ରୁ ୭ ବର୍ଷରେ ଆସେ। ବିଶ୍ୱର ଅନେକ ସ୍ଥାନରେ ଏହା ଜଳବାୟୁକୁ ପୂରାପୂରି ବଦଳାଇ ଦିଏ। କିଛି ସ୍ଥାନରେ ଭୀଷଣ ବର୍ଷା ହୁଏ। କିଛି ସ୍ଥାନରେ ଭୟଙ୍କର ମରୁଡ଼ି ପଡ଼େ। ଅଧ୍ୟୟନରୁ ଜଣାପଡ଼ିଛି ଯେ, ଏଲ୍-ନିନୋ ଯୋଗୁ ଯେଉଁଠି ମରୁଡ଼ି ଆସେ ଯଥା- ମଧ୍ୟ ଆମେରିକା ଓ ଦକ୍ଷିଣ ଆମେରିକାରେ, ସେଠାରେ ହିଂସାତ୍ମକ ସଂଘର୍ଷର ବିପଦ ଅଧିକ ବଢ଼ିଯାଏ। ଅଧ୍ୟୟନକାରୀମାନେ ୭୩ ବର୍ଷର ୫୫୫ ସଶସ୍ତ୍ର ସଂଘର୍ଷକୁ ଗଭୀର




**ଚଳିତ ଋତୁରେ ଆଉ ଏକ ଏଲ୍-ନିନୋ ସମ୍ଭାବନା**

ଭାବେ ବିଶ୍ଳେଷଣ କରି ଏହି ନିଷ୍କର୍ଷରେ ପହଞ୍ଚିଛନ୍ତି। ଏଲ୍-ନିନୋ ସମୟରେ ମରୁଡ଼ି ପଡ଼ିଥିବା କ୍ଷେତ୍ରରେ ଯୁଦ୍ଧ ଓ ହିଂସା ଘଟଣା ବଢ଼ିଥିବା ସେମାନେ ରେକର୍ଡ କରିଛନ୍ତି। ଏଲ୍-ନିନୋ ଓ ସଂଘର୍ଷ ମଧ୍ୟରେ ସମ୍ପର୍କକୁ ଦର୍ଶାଉଥିବା ଏହା ପ୍ରଥମ ଅଧ୍ୟୟନ ନୁହେଁ, କିନ୍ତୁ ଏହା ଏପର୍ଯ୍ୟନ୍ତର ସବୁଠୁ ବିସ୍ତୃତ ଅଧ୍ୟୟନ। ଅଧ୍ୟୟନରେ ଇଣ୍ଡିଆନ ଓସନ୍ ଡାଇପୋଲ (ଯାହାକୁ ବେଳେବେଳେ ଇଣ୍ଡିଆନ ନିନୋ ମଧ୍ୟ କୁହାଯାଏ) କଥା ମଧ୍ୟ ଉଲ୍ଲେଖ ହୋଇଛି। ଏହା ଭାରତ ମହାସାଗରରେ ଘଟୁଥିବା ଘଟଣା ଯାହା ଏସିଆ ଓ ଆଫ୍ରିକାର କିଛି କ୍ଷେତ୍ରରେ ବର୍ଷା ଓ ଭୟଙ୍କର ମରୁଡ଼ି ଆଣେ। ଅତ୍ୟଧିକ ବର୍ଷା ବା ମରୁଡ଼ି ଦକ୍ଷିଣ-ପୂର୍ବ ଏସିଆ ଓ ଆଫ୍ରିକାର ହର୍ନ ଅଫ୍ ଆଫ୍ରିକା କ୍ଷେତ୍ରରେ ସଂଘର୍ଷର ଆଶଙ୍କା ବଢ଼ାଇଥାଏ।

ରାଇସ ବିଶ୍ୱବିଦ୍ୟାଳୟର ଜଳବାୟୁ ବୈଜ୍ଞାନିକ ସିଲଭିଆ ଡି' କହିଛନ୍ତି, ଭାରତ ମହାସାଗର ଡାଇପୋଲ ଖୁବ୍ ଦ୍ରୁତ ବେଗରେ ବଦଳିପାରେ। ଏହା ଦ୍ୱାରା ଜଳବାୟୁରେ ହଠାତ୍ ପରିବର୍ତ୍ତନର ସ୍ଥିତି ଉପୁଜେ। ଏହା ପୂର୍ବରୁ ହିଁ ଦୁର୍ବଳ କ୍ଷେତ୍ରରେ ଅରାଜକତା ଓ ହିଂସା ବଢ଼ିବାର ଆଶଙ୍କା ଥାଏ। ପ୍ରୋସିଡିଂସ ଅଫ୍ ଦ ନ୍ୟାସନାଲ ଏକାଡେମୀ ଅଫ୍ ସାଇନ୍ସେଜ୍ ପତ୍ରିକାରେ ଅଧ୍ୟୟନଟି ପ୍ରକାଶ ପାଇଛି।

ଅଧ୍ୟୟନକାରୀଙ୍କ ଅନୁସାରେ, ଏହା ଦ୍ୱାରା ସରକାର ଓ ମାନବୀୟ ସହାୟତା ସଂଗଠନ ବୁଝିପାରିବେ ଯେ କେତେବେଳେ ଓ କେଉଁଠି ଜଳବାୟୁ ସଙ୍କଟ ସଂଘର୍ଷକୁ ବଢ଼ାଇପାରେ। ଏହି ଗ୍ରୀଷ୍ମ ଋତୁରେ ଆଉ ଏକ ଏଲ୍-ନିନୋ ଆସିବ, ଯାହା ବିଗତ ଅନେକ ଦଶନ୍ଧିରେ ସବୁଠୁ ଶକ୍ତିଶାଳୀ ହୋଇପାରେ। ଏହା ହେଲେ ମରୁଡ଼ି, ଖାଦ୍ୟାଭାବ ଓ ଜଳ ସଙ୍କଟ ଯୋଗୁ ଅନେକ ଦୁର୍ବଳ ଦେଶରେ ହିଂସା ବଢ଼ିବାର ଆଶଙ୍କା ରହିଛି । ଜଳବାୟୁ ପରିବର୍ତ୍ତନ ଏବେ କେବଳ ପରିବେଶ ସମସ୍ୟା ହୋଇ ନାହିଁ, ବରଂ ସାମାଜିକ ଅସ୍ଥିରତା, ଖାଦ୍ୟାଭାବ ଓ ହିଂସାତ୍ମକ ସଂଘର୍ଷକୁ ମଧ୍ୟ ଜନ୍ମ ଦେଉଛି ବୋଲି ଅଧ୍ୟୟନ ପୁଣି ଥରେ ପ୍ରମାଣ କରିଛି। ଏଲ୍-ନିନୋ ଓ ଇଣ୍ଡିଆନ ଓସନ୍ ଡାଇପୋଲ ଭଳି ଘଟଣା ବିଶ୍ୱର ଦୁର୍ବଳ କ୍ଷେତ୍ରରେ ଶାନ୍ତି ପାଇଁ ଆହ୍ୱାନ ହୋଇଛି।

# ୟୁଏଇରେ ମୋଦିଙ୍କୁ ଅଭୂତପୂର୍ବ ସ୍ୱାଗତ

● ବାୟୁସେନା ଏସକର୍ଟ କରି ପାଛୋଟି ନେଲା
● ତୈଳ ନିରାପତ୍ତା ସୁଦୃଢ଼ ହେବା ଆଶା

ଆବୁଧାବି,୧୫।୫:ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ୬ଦିନିଆ ବିଦେଶ ଗସ୍ତରେ ଯାଇ ଶୁକ୍ରବାର ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ରେ ପହଞ୍ଚିଛନ୍ତି। ଭାରତ ସହ ଘନିଷ୍ଠ ତଥା ବନ୍ଧୁତାପୂର୍ଣ୍ଣ ସମ୍ପର୍କର ପ୍ରମାଣ ସ୍ୱରୂପ ଆବୁଧାବି ପକ୍ଷରୁ ଶ୍ରୀ ମୋଦିଙ୍କୁ ଉଚ୍ଛ୍ୱସିତ ସମ୍ମାନ ପ୍ରଦାନ କରାଯାଇଛି।

ପ୍ରଧାନମନ୍ତ୍ରୀଙ୍କୁ ନେଇ ଯାଉଥବା ବିମାନ ୟୁଏଇ ସୀମା ଛୁଇଁବା କ୍ଷଣି ଶୁକ୍ରବାର ଆବୁଧାବିର ଆକାଶମାର୍ଗରେ ଏକ ଚମତ୍କାର ଦୃଶ୍ୟ ଦେଖିବାକୁ ମିଳିଥିଲା। ପ୍ରଧାନମନ୍ତ୍ରୀଙ୍କ ଏୟାର ଇଣ୍ଡିଆ ୱାନ୍ ୟୁଏଇର ବାୟୁସୀମା ପ୍ରବେଶ କରିବା ମାତ୍ରେ ୟୁଏଇର ଦୁଇଟି ଏଫ୍-୧୬ ଲଢୁଆ ବିମାନ ମୋଦିଙ୍କ ଏୟାର ଇଣ୍ଡିଆ ୱାନକୁ ସୁରକ୍ଷା ଦେବାକୁ ପହଞ୍ଚିଥିଲେ ଓ ଏୟାର ଇଣ୍ଡିଆ ୱାନର ଦୁଇ ପାଖରେ ଉଡ଼ି ତାହାକୁ ଏସକର୍ଟ (ପୂର୍ଣ୍ଣ ସୁରକ୍ଷା) ଦେଇ ଦେଶ ଭିତରକୁ ପାଛୋଟି ନେଇଥିଲେ।

ଉଲ୍ଲେଖ କରାଯାଇପାରେ ଯେ ପ୍ରଧାନମନ୍ତ୍ରୀଙ୍କୁ



ଶୁକ୍ରବାର ଏସକର୍ଟ ଦେଇ ପାଛୋଟି ନେଇଥିବା ଏଫ୍-୧୬-ବ୍ଲକ୍-୬୦ 'ଡେଜର୍ଟ ଫାଲକନ୍'କୁ ସଂଯୁକ୍ତ ଆରବ ଏମିରେଟ୍ସ ବାୟୁସେନାର ଅତି ଗୁରୁତ୍ୱପୂର୍ଣ୍ଣ ଲଢୁଆ ବିମାନ ଭାବେ ବିବେଚନା କରାଯାଏ। ନିକଟରେ ଇରାନ-ଆମେରିକା ସଂଘର୍ଷ ପରିପ୍ରେକ୍ଷୀରେ ଇରାନ୍ ପକ୍ଷରୁ ଆବୁଧାବି ଉପରେ ମାଡ଼ କରାଯାଇଥିବା ଡ୍ରୋନ୍ ଓ ପ୍ରୋଜେକ୍ଟାଇଲ ସବୁକୁ 'ଡେଜର୍ଟ ଫାଲକନ' ସଫଳତାର ନିଷ୍କ୍ରିୟ କରିବା ସହ ତଳକୁ ଖସାଇ ଦେଇଥିଲା।

ୟୁଏଇର ରାଷ୍ଟ୍ରପତି ମହମ୍ମଦ ବିନ୍ ଜାଏଦ୍ ଅଲ-ନାହ୍ୟାନ (ଏମ୍‌ବିଜେଡ୍)ଙ୍କ ସହ ଦ୍ୱିପାକ୍ଷିକ ଆଲୋଚନାରେ ଭାଗ ନେବାର ଅବ୍ୟବହିତ ପୂର୍ବରୁ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ବିମାନବନ୍ଦରରେ ଆନୁଷ୍ଠାନିକ ଭାବେ ସ୍ୱାଗତ କରାଯାଇଛି। ଏମ୍‌ବିଜେଡ୍‌ଙ୍କ ସହ ଆଲୋଚନା କରିବା ସମୟରେ ଏଭଳି ଭବ୍ୟ ସମ୍ମାନ ଲାଗି ପ୍ରଧାନମନ୍ତ୍ରୀ ମୋଦି ତାଙ୍କୁ ଧନ୍ୟବାଦ ଜଣାଇବା ସହ ୟୁଏଇକୁ ତାଙ୍କର ଦ୍ୱିତୀୟ ଘର ବୋଲି କହିଛନ୍ତି। ଏଥିସହ ପ୍ରଧାନମନ୍ତ୍ରୀ ମୋଦି ତାଙ୍କର ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ'ରେ ଲେଖିଛନ୍ତି ଯେ ୟୁଏଇର ଏଭଳି ଅଭୂତପୂର୍ବ ସମ୍ବର୍ଦ୍ଧନା ପାଇଁ ମୁଁ ମୋ ଭାଇ ଏମ୍‌ବିଜେଡଙ୍କୁ ଧନ୍ୟବାଦ ଜ୍ଞାପନ କରୁଛି। ଆମର ଏହି ସାକ୍ଷାତ ଦୁଇ ଦେଶର ସମ୍ପର୍କକୁ ସମୃଦ୍ଧ କରିବାରେ ସହାୟକ ହେବ ବୋଲି ମୋଦି ଆଶା ପ୍ରକାଶ କରିଛନ୍ତି।

ସୂଚନାଯୋଗ୍ୟ ଯେ ଷ୍ଟ୍ରେଟ୍ ଅଫ୍ ହର୍ମୁଜରେ ତୈଳ ପରିବହନ ସଂକଟ ଲାଗି ରହିଥିବା ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ତୈଳ ସମ୍ପଦରେ ସମୃଦ୍ଧ ସଂଯୁକ୍ତ ଆରବ ଏମିରେଟ୍ସ ଗସ୍ତକୁ କୂଟନୈତିକ ସ୍ତରରେ ବେଶ୍ ଗୁରୁତ୍ୱପୂର୍ଣ୍ଣ ବୋଲି କୁହାଯାଉଛି। ଉଭୟ ଆମେରିକା ଓ ଇରାନର ହର୍ମୁଜ ଅବରୋଧକୁ ନେଇ ଭାରତରେ ପେଟ୍ରୋଲ ଓ ଡିଜେଲ ଦର ବୃଦ୍ଧି ପାଇଛି। ଏଭଳି ସ୍ଥିତିରେ ୟୁଏଇ ସହ ପ୍ରଧାନମନ୍ତ୍ରୀ ଦ୍ୱିପାକ୍ଷିକ ବୈଠକ ଓ ଚୁକ୍ତିନାମା ଭାରତର ତୈଳ ନିରାପତ୍ତାକୁ ସୁଦୃଢ଼ କରିବ ବୋଲି ଆଶା କରାଯାଉଛି।

# ଜିଜ୍ଞାସା, ସୃଜନଶୀଳତା ଓ ମୂଲ୍ୟବୋଧ ପାଇଁ ଶିକ୍ଷା ଆବଶ୍ୟକ

ଭୁବନେଶ୍ୱର,୧୫।୫(ସଂଚାର ବ୍ୟୁରୋ): ଏକ କ୍ରମାଗତ ପରିବର୍ତ୍ତନଶୀଳ ବିଶ୍ୱରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଜିଜ୍ଞାସା, ସୃଜନଶୀଳତା, ନବସୃଜନ ଓ ସୂକ୍ଷ୍ମ ଚିନ୍ତାଧାରା ପୋଷଣ କରିବା ପାଇଁ ପାଠ୍ୟପୁସ୍ତକ ଓ ପରୀକ୍ଷାର ପରିଧି ବାହାରେ ଶିକ୍ଷାର ଆବଶ୍ୟକତା ଉପରେ ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ଗୁରୁତ୍ୱାରୋପ କରିଛନ୍ତି। ଶୁକ୍ରବାର ଏକ ଘରୋଇ ଟିଭି ଚ୍ୟାନେଲ ପକ୍ଷରୁ ଆୟୋଜିତ ବାର୍ଷିକ ଶିକ୍ଷା ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ରାଜ୍ୟପାଳ ଏହି ଗୁରୁତ୍ୱାରୋପ କରିଛନ୍ତି।



ଏହି ଅବସରରେ ରାଜ୍ୟପାଳ କହିଥିଲେ ଯେ ଶିକ୍ଷା ଯୁବ ପିଢ଼ିଙ୍କ ମଧ୍ୟରେ ଉତ୍କର୍ଷତାର ଭାବନା ଗଠନ କରିବାରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। ଛାତ୍ରଛାତ୍ରୀମାନେ କେବଳ ଦକ୍ଷ ବୃତ୍ତିଧାରୀ ଭାବରେ ନୁହେଁ ବରଂ ସହାନୁଭୂତି, ନୀତି ଏବଂ ସାମାଜିକ ପ୍ରତିବଦ୍ଧତା ଦ୍ୱାରା ପରିଚାଳିତ ଦାୟିତ୍ୱବାନ ନାଗରିକ ଭାବରେ ମଧ୍ୟ ଉଭା ହେବା ଉଚିତ। ପ୍ରକୃତ ଉତ୍କର୍ଷତା କେବଳ ଶିକ୍ଷାଗତ ସଫଳତା କିମ୍ବା ବୃତ୍ତିଗତ ସଫଳତା ମଧ୍ୟରେ ସୀମିତ ନୁହେଁ, ବରଂ ଏହା ଚରିତ୍ର, ସାଧୁତା, ଶୃଙ୍ଖଳା, କରୁଣା ଓ ଜ୍ଞାନର ନିରନ୍ତର ଅନୁସନ୍ଧାନରେ ପ୍ରତିଫଳିତ ହୁଏ।

ଜାତୀୟ ଶିକ୍ଷା ନୀତି ୨୦୨୦ର ଗୁରୁତ୍ୱ ଉପରେ ଆଲୋକପାତ କରି ରାଜ୍ୟପାଳ କହିଥିଲେ ଯେ, ଏହା ବହୁମୁଖୀ ଏବଂ ଦକ୍ଷତା-ଭିତ୍ତିକ ଶିକ୍ଷାକୁ ପ୍ରୋତ୍ସାହିତ କରି ଶିକ୍ଷାଗତ ସଂସ୍କାରକୁ ମାର୍ଗଦର୍ଶନ କରୁଛି। ପ୍ରଯୁକ୍ତିବିଦ୍ୟା ସମାଜକୁ ପରିବର୍ତ୍ତନ କରୁଥିବା ବେଳେ, ମାନବିକ ମୂଲ୍ୟବୋଧ ପ୍ରଗତି ପାଇଁ କେନ୍ଦ୍ରବିନ୍ଦୁ ଭାବେ ରହିବା ଉଚିତ। ଶିକ୍ଷକ, ନୀତି ନିର୍ଦ୍ଧାରକ, ଅଭିଭାବକ, ଗଣମାଧ୍ୟମ ପ୍ରତିଷ୍ଠାନ ଏବଂ ଛାତ୍ରଛାତ୍ରୀମାନେ ପ୍ରତ୍ୟେକ ପିଲାଙ୍କ ପାଇଁ ଗୁଣାତ୍ମକ ଶିକ୍ଷା, ସମାନ ସୁଯୋଗ ଏବଂ ସାମଗ୍ରିକ ବିକାଶ ସୁନିଶ୍ଚିତ କରିବା ପାଇଁ ମିଳିତ ଭାବରେ କାର୍ଯ୍ୟ କରିବାକୁ ମଧ୍ୟ ରାଜ୍ୟପାଳ ଆହ୍ୱାନ ଜଣାଇଥିଲେ।

# ବିବାଦୀୟ ସ୍ଥାନରେ ହିନ୍ଦୁ ପୂଜା କରିପାରିବେ: ହାଇକୋର୍ଟ

ନୂଆଦିଲ୍ଲୀ, ୧୫।୫:ମଧ୍ୟପ୍ରଦେଶର ଧାର ଭୋଜଶାଳା ମାମଲାରେ ଇନ୍ଦୋର ହାଇକୋର୍ଟ ବିବାଦୀୟ ସ୍ଥାନକୁ ମନ୍ଦିର ମାନ୍ୟତା ଦେଇଛନ୍ତି। ଏଠାରେ ହିନ୍ଦୁଙ୍କର ପୂଜା କରିବାର ଅଧିକାର ଅଛି ବୋଲି ଉଚ୍ଚ ଅଦାଲତ କହିଛନ୍ତି। ଚଳିତ ମାସ ୧୨ ତାରିଖରେ ହାଇକୋର୍ଟ ଏହି ମାମଲାରେ ତାଙ୍କର ନିଷ୍ପତ୍ତି ସଂରକ୍ଷିତ ରଖିଥିଲେ। ଏବେ ଅଦାଲତଙ୍କ ଏହି ନିଷ୍ପତ୍ତି ଉପରେ ସହର କାଜି ୱାକାର ସାଦିକ ଏକ ପ୍ରତିକ୍ରିୟା ଦେଇଛନ୍ତି। ସେ କହିଛନ୍ତି ଯେ, ସେ କୋର୍ଟଙ୍କ ନିଷ୍ପତ୍ତି ପଢ଼ିବେ ଏବଂ ବୁଝିବେ। ସେ ଏହା ମଧ୍ୟ କହିଛନ୍ତି ଯେ, ମୁସଲିମ ପକ୍ଷ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହେବେ। କୋର୍ଟ କହିଛନ୍ତି ଯେ, ଭୋଜଶାଳା ସଂକଳନ ଏକ ସଂରକ୍ଷିତ ସ୍ମାରକୀ। ଏହା ଏକ ମନ୍ଦିର। ଏଠାରେ ହିନ୍ଦୁ ମାନଙ୍କର ପୂଜା କରିବାର ଅଧିକାର ଅଛି। ସରକାର ଏବଂ ଏଏସଆଇ ସେଠାରେ ସଂସ୍କୃତ ଶିକ୍ଷା ପ୍ରଦାନ କରିବା ବିଷୟରେ ମଧ୍ୟ ବିଚାର କରିବା ଉଚିତ। ଦେବୀ ସରସ୍ୱତୀଙ୍କ ପ୍ରତିମାକୁ ଭାରତ ଫେରାଇ ଆଣିବା ଏବଂ ମନ୍ଦିରରେ ସ୍ଥାପନ କରିବା ବିଷୟରେ, କେନ୍ଦ୍ର ସରକାର ଏହା ବିଚାର କରିବା ଉଚିତ। ମୁସଲିମ ପକ୍ଷ ମସଜିଦ ପାଇଁ ସ୍ଥାନ ପାଇଁ ସରକାରଙ୍କୁ ଆବେଦନ କରିପାରିବେ। ମସଜିଦ ଏପରି ସ୍ଥାନରେ ଅବସ୍ଥିତ ହେବା ଉଚିତ ଯାହା ଯେପରି ଦୁଇ ପକ୍ଷଙ୍କ ମଧ୍ୟରେ ବିବାଦ ସୃଷ୍ଟି ନ କରେ।

## ରୁଷ୍ ଆକ୍ରମଣରେ ୭ ମୃତ

କିଭ୍, ୧୫।୫:ରୁଷ୍ ଗୁରୁବାର ୟୁକ୍ରେନ୍ ରାଜଧାନୀ କିଭ୍‌ର ଗୋଟିଏ ଆପାର୍ଟମେଣ୍ଟ ଉପରେ ଡ୍ରୋନ୍ ଓ ମିସାଇଲ୍ ମାଡ଼ କରିଛି। ଏହି ଆକ୍ରମଣରେ ୭ ଜଣଙ୍କର ମୃତ୍ୟୁ ହୋଇଛି ଓ ଡଜନରୁ ଅଧିକ ଆହତ ହୋଇଥିବା ୟୁକ୍ରେନ ରାଷ୍ଟ୍ରପତି ଭୋଲଡିମିର ଜେଲେନସ୍କି କହିଛନ୍ତି। ବିଜୟ ଦିବସ ପାଇଁ ଲାଗୁ ହୋଇଥିବା ଯୁଦ୍ଧବିରତି ଅବଧି ସରିଯିବା ପରେ ଏହା ରୁଷର ଲଗାତାର ତୃତୀୟ ଆକ୍ରମଣ ବୋଲି ଜେଲେନସ୍କି ସୂଚନା ଦେଇଛନ୍ତି। ଦେଶର ଅନ୍ୟ ସ୍ଥାନରେ ରୁଷ୍ ପକ୍ଷରୁ ହୋଇଥିବା ଆକ୍ରମଣରେ ବହୁ ସାଧାରଣ ନାଗରିକ ଆହତ ହୋଇଥିବା ସେ ଆଶଙ୍କା କରିଛନ୍ତି। ମେୟର ଭିଟାଲି କ୍ଲିଷ୍ଟୋକ କହିଛନ୍ତି ଯେ, ଆପାର୍ଟମେଣ୍ଟରେ ଥିବା ସମସ୍ତ ଘର ଧ୍ୱଂସ ହୋଇଯାଇଛି। ମୃତକଙ୍କ ମଧ୍ୟରେ ଜଣେ ୧୨ ବର୍ଷ ଝିଅ ଅଛନ୍ତି। ୨୦ରୁ ଅଧିକ ଲୋକଙ୍କର କୌଣସି ଖୋଜଖବର ମିଳୁନାହିଁ।

● ନିଟ୍ ପେପର ଲିକ୍

## ପୁଣେରୁ ମାଷ୍ଟରମାଇଣ୍ଡ ଗିରଫ



ନୂଆଦିଲ୍ଲୀ, ୧୫।୫:ସିବିଆଇ ନିଟ୍ ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ମାମଲାର ମାଷ୍ଟରମାଇଣ୍ଡ କୁହାଯାଉଥିବା ପି.ଭି. କୁଲକର୍ଣ୍ଣିଙ୍କୁ ପୁଣେରୁ ଗିରଫ କରିଛି। କୁଲକର୍ଣ୍ଣି ଏହି ବହୁ ଚର୍ଚ୍ଚିତ ପେପର ଲିକ୍‌ର ମୁଖ୍ୟ ସୂତ୍ରଧର ବୋଲି ତଦନ୍ତରୁ ଜଣାପଡିଛି। ସେ ଜଣେ କେମିଷ୍ଟ୍ରି ଅଧ୍ୟାପକ ହୋଇଥିବାବେଳେ ପୂର୍ବରୁ ଏନ୍‌ଟିଏ ପରୀକ୍ଷା ପ୍ରକ୍ରିୟାରେ ସାମିଲ ଥିଲେ। କୁଲକର୍ଣ୍ଣିଙ୍କ ପାଖରେ ପ୍ରଶ୍ନପତ୍ରର ଏକ୍ସେସ୍ ରହୁଥିବା କୁହାଯାଉଛି।ପ୍ରାପ୍ତ ସୂଚନା ଅନୁଯାୟୀ, ଏପ୍ରିଲ ଶେଷ ସପ୍ତାହରେ କୁଲକର୍ଣ୍ଣି ଛାତ୍ରମାନଙ୍କୁ ସ୍ପେଶାଲ କୋଚିଂ ଦେବାର ଯୋଜନା କରିଥିଲେ। ଏଥିପାଇଁ ସେ ଅନ୍ୟତମ ଅଭିଯୁକ୍ତ ମନୀଷା ୱାଘମାରେଙ୍କ ସାହାଯ୍ୟ ନେଇଥିଲେ। ମନୀଷାଙ୍କୁ ସିବିଆଇ ମେ' ୧୪ ତାରିଖରେ ଗିରଫ କରିଛି। ଏହି କୋଚିଂ ସମୟରେ କୁଲକର୍ଣ୍ଣି ପ୍ରଶ୍ନଗୁଡ଼ିକର ବିକଳ୍ପ ଏବଂ ସଠିକ୍ ଉତ୍ତର କହି ଥିଲେ। ଛାତ୍ରମାନେ ନିଜ ନୋଟବୁକରେ ଲେଖିଥିବା ପ୍ରଶ୍ନଗୁଡ଼ିକ ମେ' ୩ ତାରିଖରେ ହୋଇଥିବା ପରୀକ୍ଷାର ପ୍ରଶ୍ନ ସହ ସମାନ ଥିଲା। ଛାତ୍ରମାନେ ଏହି ସ୍ପେଶାଲ କ୍ଲାସରେ ସାମିଲ ହେବା ପାଇଁ ଲକ୍ଷ ଲକ୍ଷ ଟଙ୍କା ଦେଇଥିବା ସିବିଆଇ ମୁଖପାତ୍ର କହିଛନ୍ତି।

## ଟିଏମ୍‌ସି ନେତା ଚଞ୍ଚଲ ଖାଡା ଗିରଫ

କୋଲକାତା,୧୫।୫ (ସଂଚାର ବ୍ୟୁରୋ):ମହିଳାଙ୍କ ପ୍ରତି ଅଶାଳୀନ ମନ୍ତବ୍ୟ, ଧମକ, ହଇରାଣ କରିବା ଓ ବଟି ଆଦାୟ କରିବା ଭଳି ଅଭିଯୋଗରେ ପୁଲିସ ତୃଣମୂଳ କଂଗ୍ରେସ ନେତା ଚଞ୍ଚଲ ଖାଡାଙ୍କୁ ଗିରଫ କରିଛି। ପୁଲିସ ସୂତ୍ର ଅନୁଯାୟୀ, ତମଲୁକ ପୌର ଅଞ୍ଚଳର ବହୁ ମହିଳା ଏବଂ ସ୍ଥାନୀୟ ବ୍ୟବସାୟୀ ତାଙ୍କ ବିରୁଦ୍ଧରେ ଅଭିଯୋଗ ଦାଖଲ କରିଥିଲେ। ଚଞ୍ଚଲ ଖାଡା ଲୋକଙ୍କୁ ଭୟଭୀତ କରି ଟଙ୍କା ଆଦାୟ କରୁଥିଲେ ଏବଂ ଜଣେ ମହିଳାଙ୍କୁ ଧମକ ଦେଇଥିବା ଅଭିଯୋଗ ହୋଇଥିଲା।

# ବିଧାନସଭା କାର୍ଯ୍ୟଧାରାର ସିଧା ପ୍ରସାରଣ ହେବ:ଶୁଭେନ୍ଦୁ

କୋଲକାତା, ୧୫।୫ (ସଂଚାର ବ୍ୟୁରୋ): ରାଜ୍ୟ ବିଧାନସଭା କାର୍ଯ୍ୟକ୍ରମର ଖୁବଶୀଘ୍ର ସିଧାପ୍ରସାରଣ କରାଯିବ ବୋଲି ଶୁଭେନ୍ଦୁ ଅଧିକାରୀ ଶୁକ୍ରବାର ବିଧାନସଭାରେ ଘୋଷଣା କରିଛନ୍ତି। ସେ କହିଛନ୍ତି ଯେ ଏହି ପଦକ୍ଷେପର ଉଦ୍ଦେଶ୍ୟ ହେଉଛି ସ୍ୱଚ୍ଛତା ବୃଦ୍ଧି କରିବା ଏବଂ ଜନସାଧାରଣଙ୍କୁ ସେମାନଙ୍କ ନିର୍ବାଚିତ ପ୍ରତିନିଧିଙ୍କ କାର୍ଯ୍ୟ ସହିତ ସିଧାସଳଖ ଯୋଡ଼ିବା। ବିଧାନସଭାକୁ ସମ୍ବୋଧିତ କରିବା



ସମୟରେ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ ଯେ, ଏଣିକି, ପଶ୍ଚିମବଙ୍ଗ ବିଧାନସଭା ଭିତରେ କାର୍ଯ୍ୟର ସିଧାପ୍ରସାରଣ କରାଯିବ। ସେ ଉଲ୍ଲେଖ କରିଛନ୍ତି ଯେ ରାଜ୍ୟର ଲୋକମାନେ ଗୃହର କାର୍ଯ୍ୟକଳାପକୁ ବାସ୍ତବ ସମୟରେ ଦେଖିପାରିବେ ଏବଂ ସେମାନଙ୍କର ନିର୍ବାଚିତ ବିଧାୟକମାନେ ବିତର୍କ ଏବଂ ଆଲୋଚନାରେ କିପରି ଅଂଶଗ୍ରହଣ କରନ୍ତି ତାହା ଦେଖିପାରିବେ। ଯେ ଶାସନରେ ସ୍ୱଚ୍ଛତା ସୁନିଶ୍ଚିତ କରିବା ପାଇଁ ଏହି ପଦକ୍ଷେପ ନିଆଯାଉଥିବା ସେ କହିଛନ୍ତି।

# ବ୍ଲକ ଅଧ୍ୟକ୍ଷଙ୍କ ବିରୋଧରେ ଆସିବ ଅନାସ୍ଥା

ନୟାଗଡ଼,୧୫।୫(ସଂଚାର ବ୍ୟୁରୋ): ନୟାଗଡ଼ ବ୍ଲକ ଅଧ୍ୟକ୍ଷ କିଶୋର ଚନ୍ଦ୍ର ସାହୁ ବିଜେଡିରୁ ବ୍ୟକ୍ତିଗତ କାରଣ ଦର୍ଶାଇ ଇସ୍ତଫା ଦେଇଥିଲେ। ସେ ଆଜି ବିଜେପିରେ ମିଶିଛନ୍ତି। କିଶୋରଙ୍କ ସହ ଜଣେ ବି ସରପଞ୍ଚ, ସମିତି ସଭ୍ୟ କି କର୍ମୀ ବିଜେପିରେ ମିଶିବାକୁ ରାଜି ହୋଇନାହାନ୍ତି। କିଶୋର ବିଜେଡିରୁ ଇସ୍ତଫା ଦେବା ପରେ ତାଙ୍କ ବିରୁଦ୍ଧରେ ଅନାସ୍ଥା ଆଣିବାକୁ ଚୂଡ଼ାନ୍ତ ନିଷ୍ପତ୍ତି ହୋଇଛି। ନୟାଗଡ଼ ବ୍ଲକର ଅନେକ ସରପଞ୍ଚ ଓ ସମିତି ସଭ୍ୟ ଅନାସ୍ଥା ପାଇଁ ରଣନୀତି ଚୂଡ଼ାନ୍ତ କରିଛନ୍ତି। ୪୫ରୁ ଊର୍ଦ୍ଧ୍ୱ ସମିତି ଓ ସରପଞ୍ଚ ଅନାସ୍ଥା ଆଣିବାକୁ ଦସ୍ତଖତ କରି କାଗଜପତ୍ର ପ୍ରସ୍ତୁତି କରିସାରିଛନ୍ତି। ଆସନ୍ତା ସୋମବାର ଅନାସ୍ଥା ପ୍ରସ୍ତାବ ଉପଜିଲ୍ଲାପାଳଙ୍କୁ ପ୍ରଦାନ କରାଯିବା ସମ୍ଭାବନା ରହିଛି। ନୟାଗଡ଼ ବ୍ଲକ ଅଧ୍ୟକ୍ଷ



ବିଜେଡିରୁ ଇସ୍ତଫା ଦେବା ସହ ନିଜ ଶକ୍ତି ପ୍ରଦର୍ଶନ ପାଇଁ ଯୋଜନା କରିଥିଲେ। କିନ୍ତୁ ଏବେ ତାଙ୍କର ସେହି ଯୋଜନା ଫସର ଫାଟିଯାଇଛି।

# ମଧ୍ୟାହ୍ନ ଭୋଜନ ପାଇଁ ସରକାରୀ ଗାଡ଼ି ମନା

● ନଗର ଉନ୍ନୟନ ବିଭାଗ ପକ୍ଷରୁ ମାର୍ଗଦର୍ଶିକା



ଭୁବନେଶ୍ୱର,୧୫।୫(ସଂଚାର ବ୍ୟୁରୋ): ବର୍ତ୍ତମାନର ବିଶ୍ୱ ଆର୍ଥିକ ଅନିଶ୍ଚିତତା ଓ ଅନ୍ତର୍ଜାତୀୟ ପରିସ୍ଥିତିକୁ ଦୃଷ୍ଟିରେ ରଖି ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ସରକାରୀ ଯାନବାହନର ସଚେତନ ଏବଂ ସଂଯମୀ ବ୍ୟବହାର ପାଇଁ ଏକ ମାର୍ଗଦର୍ଶିକା ଜାରି କରାଯାଇଛି। ପ୍ରଧାନମନ୍ତ୍ରୀଙ୍କ ସାମୂହିକ ଓ ଦାୟିତ୍ୱପୂର୍ଣ୍ଣ ଜନସହଭାଗିତା ଆହ୍ୱାନକୁ ଅନୁସରଣ କରି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀଙ୍କ ନିର୍ଦ୍ଦେଶରେ ଇନ୍ଧନ ଏବଂ ଶକ୍ତିର ପୋଷଣୀୟ ପରିଚାଳନା ପାଇଁ ଏହି ପଦକ୍ଷେପ ନିଆଇଛି। ବିଭାଗର ଯେଉଁ ଅଧିକାରୀମାନେ ସରକାରୀ କାର୍ଯ୍ୟ ପାଇଁ ଯାନବାହନ ବ୍ୟବହାର କରୁଛନ୍ତି, ସେମାନଙ୍କୁ ବିଭିନ୍ନ ବୈଠକ, ସରକାରୀ ପରିଦର୍ଶନ, ଯାଞ୍ଚ ଓ ଅନ୍ୟାନ୍ୟ କାର୍ଯ୍ୟ ସମୟରେ 'ଭେହିକିଲ ପୁଲିଂ' ବା 'ଶେୟାରିଂ' କରିବାକୁ ପରାମର୍ଶ ଦିଆଯାଇଛି। କାର୍ଯ୍ୟାଳୟ ସମୟ ମଧ୍ୟରେ ମଧ୍ୟାହ୍ନଭୋଜନ କିମ୍ବା କୌଣସି ଅଣଅତ୍ୟାବଶ୍ୟକ ତଥା ପରିହାରଯୋଗ୍ୟ ବ୍ୟକ୍ତିଗତ ସୁବିଧା ପାଇଁ ସରକାରୀ ଯାନବାହନ ବ୍ୟବହାର ନ କରିବାକୁ ସମସ୍ତ ଅଧିକାରୀଙ୍କୁ ଅନୁରୋଧ କରାଯାଇଛି। ଅଳ୍ପ ବାଟ ପାଇଁ ଅଧିକାରୀମାନଙ୍କୁ ପଦଯାତ୍ରା, ସହଭାଗୀ ପରିବହନ କିମ୍ବା ଅନ୍ୟାନ୍ୟ ପରିବେଶ ଅନୁକୂଳ ବିକଳ୍ପ ଆପଣାଇବାକୁ ପରାମର୍ଶ ଦିଆଯାଇଛି।

# ଇଭିକୁ ଆପଣେଇବ ବିଏମ୍‌ସି

ଭୁବନେଶ୍ୱର,୧୫।୫(ସଂଚାର ବ୍ୟୁରୋ): ପରିବେଶ ସ୍ୱଚ୍ଛତା, ଜଳବାୟୁ ପରିବର୍ତ୍ତନ ଏବଂ ସାମ୍ପ୍ରତିକ ପରିସ୍ଥିତି ତଥା ସରକାରଙ୍କ ଉପଦେଶକୁ ମାନି ପେଟ୍ରୋଲ ଓ ଡିଜେଲ ବ୍ୟବହାର କମ୍ କରିବା, ଇଲେକ୍ଟ୍ରିକ୍ ଯାନ ବା ଇଭିର ବ୍ୟବହାର କରିବା ପାଇଁ ପଦକ୍ଷେପ ନେଇଛନ୍ତି ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)। ବିଭିନ୍ନ ଅଧିକାରୀ, କର୍ମଚାରୀଙ୍କ ଯାତାୟାତ ନିମନ୍ତେ ବ୍ୟାଟେରୀ ଚାଳିତ ଗାଡି ବ୍ୟବହାର କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ସମ୍ପ୍ରତି ପ୍ରଶାସନିକ ଅଧିକାରୀ, ଇଂଜିନିୟରିଂ ଉପବିଭାଗ, ବିଦ୍ୟୁତ୍ ଉପବିଭାଗ, ପରିମଳ ଉପବିଭାଗ, ଜୋନ୍ ଅଫିସ୍, ବିବିଧ କ୍ଷେତ୍ର ପ୍ରକଳ୍ପ ନିମନ୍ତେ ଡିଜେଲ ଚାଳିତ ଗାଡି ବ୍ୟବହୃତ ହେଉଅଛି। ପରିବେଶ ବନ୍ଧୁ ଭାବାପନ୍ନ ହୋଇ କ୍ରମଶଃ ଡିଜେଲ ଚାଳିତ ଗାଡିରୁ କିପରି ବ୍ୟାଟେରୀ ଚାଳିତ ଗାଡିର ବ୍ୟବହାର କରାଯାଇ ପାରିବ, ସେଥିପାଇଁ ମହାନଗର ନିଗମ ଗୁରୁତ୍ୱାରୋପ କରିଛି। ଏଥିପାଇଁ ଏକ ଏକ୍ସପ୍ରେସନ ଅଫ୍ ଇଣ୍ଟେରେଷ୍ଟ ପ୍ରସ୍ତୁତ କରାଯାଇଛି। ଆବଶ୍ୟକ ଇଲେକ୍ଟ୍ରୋନିକ୍ସ ଭେହିକ୍ଲି ଯୋଗାଇବାର କ୍ଷମତା ଥିବା ଇଚ୍ଛୁକ ସଂସ୍ଥା ଏଥିପାଇଁ ଆବେଦନ କରିବାକୁ ଏଥିରେ କୁହାଯାଇଛି। ପରିବେଶ ପ୍ରଦୂଷଣ ତଥା ବାୟୁ ମଣ୍ଡଳରୁ ଅଙ୍ଗାରକାମ୍ଳ ହ୍ରାସ କରିବା ଉଦ୍ଦେଶ୍ୟରେ ଏହି ପଦକ୍ଷେପ ନିଆଯାଇଛି।

## ଆସନ୍ତା ୨୪ ଘଣ୍ଟାରେ କାଳବୈଶାଖୀ

● ୫୦ରୁ ୬୦ କିମି ବେଗରେ ପବନ ବହିବ

ଭୁବନେଶ୍ୱର, ୧୫।୫ (ସଂଚାର ବ୍ୟୁରୋ) : ଆସନ୍ତା ୨୪ ଘଣ୍ଟାରେ ବର୍ଷା । ବିଜୁଳି ଘଡଘଡି ସହ ବର୍ଷା ସମ୍ଭାବନା । କାଳବୈଶାଖୀ ପ୍ରଭାବରେ ୫୦ ରୁ ୬୦ କିଲୋମିମିଟର ଯାଏଁ ପବନ ମଧ୍ୟ ବହିବ। ଏନେଇ ୩ ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ କେନ୍ଦ୍ର। ଜିଲ୍ଲା ଗୁଡିକ ହେଲା କେନ୍ଦୁଝର, ଅନୁଗୋଳ ଓ ଢେଙ୍କାନାଳ ଜିଲ୍ଲା। ସେହିପରି ୨୨ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ କେନ୍ଦ୍ର। ଜିଲ୍ଲାଗୁଡିକ ମଧ୍ୟରେ ରହିଛି ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡା, ଦେବଗଡ, ସୁନ୍ଦରଗଡ, ଝାରସୁଗୁଡା, ବରଗଡ, ସୋନପୁର, ବୌଦ୍ଧ, ନୂଆପଡା, ବଲାଙ୍ଗୀର, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର, ସମ୍ବଲପୁର ଓ ମୟୂରଭଞ୍ଜ ଜିଲ୍ଲା । ଏ ସମସ୍ତ ଜିଲ୍ଲାରେ କାଳବୈଶାଖୀ ଜନିତ ପବନର ବେଗ ଘଣ୍ଟା ପ୍ରତି ୪୦ରୁ ୫୦ କିଲୋମିଟର ଯାଏଁ ରହିବ । ସେହିପରି ଆସନ୍ତାକାଲି ୨୧ ଜିଲ୍ଲାରେ କାଳବୈଶାଖୀ ପ୍ରକୋପ ରହିବ । ବିଶେଷ ପ୍ରଭାବିତ ହୋଇପାରେ ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର , ଭଦ୍ରକ, କଳାହାଣ୍ଡି, କନ୍ଧମାଳ, ଗଞ୍ଜାମ, ଗଜପତି ଓ ରାୟଗଡା ଜିଲ୍ଲା । ତେବେ କାଳବୈଶାଖୀ ପ୍ରକୋପ ଆସନ୍ତା ୨୦ ତାରିଖ ଯାଏଁ ଜାରି ରହିବ ବୋଲି ସୂଚନା ଦେଇଛି ପାଣିପାଗ ବିଜ୍ଞାନ କେନ୍ଦ୍ର ।

# ପିକଅପ ଚାଳକଙ୍କୁ ନିର୍ମମ ହତ୍ୟା, ୩ ଗିରଫ

ସୁନ୍ଦରଗଡ଼, ୧୫।୫ (ସଂଚାର ବ୍ୟୁରୋ): କୋଲ କରିଡର ସୁର୍ଗାଠାରେ ଆଜି ଜଣେ ପିକଅପ ଚାଳକଙ୍କୁ କେତେକ ଦୁର୍ବୃତ୍ତ ଟ୍ରଲର ଚାଳକ ସଂଘବଦ୍ଧ ଭାବେ ଆକ୍ରମଣ କରି ଅତି ନିର୍ମମ ଭାବେ ହତ୍ୟା କରିଛନ୍ତି। ସାଂଘାତିକ ମାଡ଼ରେ ପିକଅପ ଚାଳକ ଜଣଙ୍କ ନିସ୍ତେଜ ହେବା ପରେ ତାଙ୍କୁ ତାଙ୍କ ପିକଅପ ଗାଡ଼ିରେ ପରିବା ଭଳି



ଲଦି ଉକ୍ତ ଟ୍ରଲର୍ ଚାଳକମାନେ ଏନଟିପିସି ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲକୁ ନେଇଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିବା ସହ ତୁରନ୍ତ ଭଷ୍ମା ପୁଲିସ ଓ ଟାଉନ ପୁଲିସକୁ ସୂଚନା ଦେଇଥିଲେ। ସୂଚନା ପାଇ ଭଷ୍ମା ପୁଲିସ ଘଟଣାସ୍ଥଳରେ ପହଞ୍ଚି କ୍ରାଇମ ସ୍ପଟ୍ ଚିହ୍ନଟ କରି ତଦନ୍ତ ଜାରି ରଖିବା ସହ ଏହି ହତ୍ୟାକାଣ୍ଡରେ ସମ୍ପୃକ୍ତ ଥିବା ୩ ଜଣ ଚାଳକଙ୍କୁ ଗିରଫ କରି ଭଷ୍ମା ଥାନାକୁ ନେଇଛି। ପିକଅପ ଗାଡ଼ି ଜଣଙ୍କୁ ଧକ୍କା ଦେବାରୁ ସମ୍ପୃକ୍ତ ବ୍ୟକ୍ତିଙ୍କ ଗୋଡ଼ ଭାଙ୍ଗିଯାଇଥିବା ବେଳେ ଏହାକୁ କେନ୍ଦ୍ର କରି ଗିରଫ ଟ୍ରଲର୍ ଚାଳକମାନେ ଏଭଳି କାଣ୍ଡ ଭିଆଇଛନ୍ତି। ମୃତ୍ୟୁବରଣ କରିଥିବା ପିକଅପ ଚାଳକ ଜଣଙ୍କ ରାଜେଶ ମୁଣ୍ଡା ଓ ତାଙ୍କ ଘର କର୍ମାପଡ଼ା ମଙ୍ଗସପୁରରେ ବୋଲି ଜଣାପଡ଼ିଛି। ଘଟଣାସ୍ଥଳରେ ଏସଡିପିଓ ନିର୍ମଳ କୁମାର ମହାପାତ୍ର, ସୁନ୍ଦରଗଡ଼ ଟାଉନ ପୁଲିସ, ଲେଫ୍ରିପଡ଼ା ପୁଲିସ, ଭଷ୍ମା ପୁଲିସ ଓ ସାଇଣ୍ଟିଫିକ୍ ଟିମ ପହଞ୍ଚି ତଦନ୍ତ କରିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଦେଶବାସୀଙ୍କୁ ଟ୍ରିପଲ୍...

ଟଙ୍କା, ବରଗଡ଼ରେ ୧୦୫.୦୯ ଟଙ୍କା, ଭୁବନେଶ୍ୱରରେ ୧୦୪ ଟଙ୍କା ୧୯ ପଇସା, ବଲାଙ୍ଗିରରେ ୧୦୫.୮୪ ଟଙ୍କା, ବୌଦ୍ଧରେ ୧୦୫.୮୫ ଟଙ୍କା, କଟକରେ ୧୦୫.୧୯ ଟଙ୍କା, ଦେବଗଡ଼ରେ ୧୦୫.୫୧ ଟଙ୍କା, ଢେଙ୍କାନାଳରେ ୧୦୫.୮୧ ଟଙ୍କା, ଗଜପତିରେ ୧୦୫.୮୪ ଟଙ୍କା, ଗଞ୍ଜାମରେ ୧୦୫.୬୪ ଟଙ୍କା ଓ ଜଗତସିଂହପୁରରେ ୧୦୩.୮୫ ଟଙ୍କା ହୋଇଛି। ପେଟ୍ରୋଲ, ଡିଜେଲ ସହ ସିଏନଜି ଦର ମଧ୍ୟ ବଢ଼ାଇଛନ୍ତି ସରକାର। ଶୁକ୍ରବାର ସକାଳୁ ହିଁ ଖାଉଟିଙ୍କୁ ଏକାସାଙ୍ଗେ ତିନି ତିନୋଟି ଝଟକା ଲାଗିଛି। ସିଏନଜି ଦର କିଲୋ ପ୍ରତି ୨ ଟଙ୍କା ବଢ଼ିବା ପରେ ଦିଲ୍ଲୀରେ ନୂଆ ଦର ୭୯.୦୯ ଟଙ୍କାରେ ପହଞ୍ଚିଛି। ମୁମ୍ବାଇରେ ସିଏନଜି ଦର ୮୨ରୁ ୮୪ ଟଙ୍କାକୁ ବୃଦ୍ଧି ପାଇଛି। ମଧ୍ୟପ୍ରାଚ୍ୟରେ ଲାଗିରହିଥିବା ଯୁଦ୍ଧ ପରିସ୍ଥିତି ପାଇଁ ହର୍ମୁଜ ଜଳପଥ ଦେଇ ତେଲ ଆମଦାନୀ ଅତ୍ୟନ୍ତ ବିପଦପୂର୍ଣ୍ଣ ଓ ବ୍ୟୟବହୁଳ ହୋଇପଡ଼ିଛି। ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦରରେ ମଧ୍ୟ ବୃଦ୍ଧି ହୋଇଛି। ଯୁଦ୍ଧ ପୂର୍ବରୁ ବ୍ୟାରେଲ ପିଛା ତେଲ ଦର ପ୍ରାୟ ୭୦ ଡଲାର ରହିଥିବା ବେଳେ ଏବେ ତାହା ୧୧୦ ଡଲାର ପାର୍ କରିଛି। ଭାରତ ନିଜ ଆବଶ୍ୟକତାର ପ୍ରାୟ ୮୭ ପ୍ରତିଶତ ତେଲ ବିଦେଶରୁ ଆମଦାନୀ କରୁଥିବାରୁ ବିଶ୍ୱ ବଜାରର ଏହି ବର୍ଦ୍ଧିତ ଦର ଭାରତୀୟ ଅର୍ଥନୀତି ଉପରେ ଚାପ ସୃଷ୍ଟି କରିଛି। ଶେଷରେ ତୈଳ କମ୍ପାନୀମାନେ ସହୁଥିବା କ୍ଷତିକୁ ମଧ୍ୟ ଗ୍ରାହକଙ୍କ ଉପରେ ଲଦି ଦିଆଯାଇଛି। ତେବେ ଦର ବୃଦ୍ଧି ଏତିକିରେ ସୀମିତ ରହିବ ନାହିଁ। ବିଶେଷଜ୍ଞମାନେ ସତର୍କ କରାଇଛନ୍ତି ଯେ ପେଟ୍ରୋଲ ଓ ଡିଜେଲ ଦାମ ଆଗାମୀ ଦିନରେ ଆହୁରି ମହଙ୍ଗା ହେବ। ଯଦି ଆଗକୁ ବିଶ୍ୱ ବଜାରରେ ଅଶୋଧିତ ତୈଳ ଦାମ ବୃଦ୍ଧି ପାଇବ, ସେହି ଅନୁସାରେ ଦେଶରେ ପେଟ୍ରୋଲ ଓ ଡିଜେଲ ଦାମ ମଧ୍ୟ ବଢ଼ିବ। ଚର୍ଚ୍ଚା ହେଉଛି ପେଟ୍ରୋଲ ଲିଟର ପିଛା ଦର ୧୧୬ ଟଙ୍କା ଛୁଇଁବ ଓ ଡିଜେଲ ଦର ଲିଟର ପ୍ରତି ୧୧୧ ଟଙ୍କା ଟପିବ। ତେବେ ଏନେଇ କେନ୍ଦ୍ର ସରକାର କି ତୈଳ କମ୍ପାନୀମାନେ କିଛି ବି ସ୍ପଷ୍ଟ କରିନାହାଁନ୍ତି। ତୈଳ ଦର ବୃଦ୍ଧିର ପ୍ରଭାବ ଆଗାମୀ ଦିନରେ ଅତ୍ୟାବଶ୍ୟକ ସାମଗ୍ରୀଠାରୁ ଆରମ୍ଭ କରି ପରିବହନ ଖର୍ଚ୍ଚ ପର୍ଯ୍ୟନ୍ତ ସବୁ ସ୍ତରରେ ଅନୁଭୂତ ହେବ ବୋଲି ବିଶେଷଜ୍ଞମାନେ ସତର୍କ କରାଇଦେଇଛନ୍ତି। ସାଧାରଣ ଲୋକେ ସବୁପ୍ରକାର ସାମଗ୍ରୀର ଦର ବୃଦ୍ଧି ହେବାର ଆଶଙ୍କା ରହିଛି। ଏଥିସହ ଆଗାମୀ ଦିନରେ ଅଟୋ ଭଡ଼ା, କ୍ୟାବ୍ ଭଡ଼ା ବାବଦରେ ଲୋକଙ୍କୁ ଅଧିକ ଖର୍ଚ୍ଚ କରିବାକୁ ପଡ଼ିବ। ପ୍ରଭାବ କେବଳ ପରିବହନରେ ସୀମିତ ରହିବ ନାହିଁ। ଭାରତର ଖାଦ୍ୟ ସାମଗ୍ରୀ ଯୋଗାଣ ସଡ଼କ ପଥରେ ହିଁ ହୋଇଥାଏ। ଡିଜେଲ ଦାମର ବୃଦ୍ଧି ଏବେ ରୋଷେଇ ଘର ବଜେଟକୁ ମଧ୍ୟ ପ୍ରଭାବିତ କରିବ। ପନିପରିବା, ଫଳ, କ୍ଷୀର, ଶସ୍ୟ ଓ ପ୍ୟାକେଜ ଦ୍ରବ୍ୟଗୁଡ଼ିକ ପରିବହନ ଖର୍ଚ୍ଚ ବୃଦ୍ଧି ଯୋଗୁ ମହଙ୍ଗା ହେବ। ଏହି ଅତିରିକ୍ତ ଖର୍ଚ୍ଚର ବୋଝ ସିଧା ସାଧାରଣ ଖାଉଟିର ପକେଟ୍ ଉପରେ ପଡ଼ିବ।

### ବଢ଼ିଲା ଘରୋଇ...

ଆହୁରି ଏସି ଡିଲକ୍ସ ବସ ଭଡ଼ା ୧ ଟଙ୍କା ୫୫ ପଇସା ରହିଥିଲା, ତାହା ଏବେ ୧ ଟଙ୍କା ୫୯ ପଇସା ହୋଇଛି। ସୁପର ପ୍ରିମିୟମ ବସ ଭଡ଼ା କିମି ପିଛା ୨ ଟଙ୍କା ୪୧ ପଇସା ଥିବା ବେଳେ ଏବେ ତାହା ୨ ଟଙ୍କା ୪୭ ପଇସା ହୋଇଛି। ବର୍ଦ୍ଧିତ ବସ ଭଡ଼ା ନେଇ ରାଜ୍ୟ ଘରୋଇ ବସ ମାଲିକ ସଂଘ ସାଧାରଣ ସମ୍ପାଦକ ଦେବେନ୍ଦ୍ର ସାହୁ ସୂଚନା ଦେଇଛନ୍ତି। ଏଥିସହ ବର୍ଦ୍ଧିତ ଦର ଆଜିଠାରୁ ଲାଗୁ ହୋଇଥିବା ସେ କହିଛନ୍ତି।

### ଶିକ୍ଷା ମାଫିଆଙ୍କ...

କରୁଥିବା ସୂଚନା ଦେଇଛନ୍ତି। ଛାତ୍ରଛାତ୍ରୀଙ୍କ ସୁବିଧା ଓ ସମୟ ସୀମାକୁ ଦୃଷ୍ଟିରେ ରଖି ଏନ୍‌ଟିଏ ପରୀକ୍ଷା ଅବଧି ୧୫ ମିନିଟ୍ ବୃଦ୍ଧି କରିବାକୁ ନିଷ୍ପତ୍ତି ନେଇଛି। ଅପରାହ୍ନ ୨ଟାରୁ ୫ଟା ପର୍ଯ୍ୟନ୍ତ ନିର୍ଦ୍ଧାରିତ ହୋଇଥିବା ଏହି ପରୀକ୍ଷା ଏବେ ସନ୍ଧ୍ୟା ୫ଟା ୧୫ ପର୍ଯ୍ୟନ୍ତ ଚାଲିବ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି।ସେହିପରି କେନ୍ଦ୍ର ମନ୍ତ୍ରୀ ଶ୍ରୀ ପ୍ରଧାନ ଗତକାଲି ଅହମ୍ମଦବାଦରୁ ରାତିରେ ଫେରିବା ପରେ ତାଙ୍କ ନୂଆଦିଲ୍ଲୀସ୍ଥିତ ବାସଭବନରେ 'ନିଟ୍' ପରୀକ୍ଷା ସମ୍ବନ୍ଧୀୟ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ କରିଥିଲେ। ବରିଷ୍ଠ ଅଧିକାରୀଙ୍କ ସହ ବିସ୍ତୃତ ଆଲୋଚନା କରିଥିଲେ ଧର୍ମେନ୍ଦ୍ର। ଛାତଛାତ୍ରୀଙ୍କ ସ୍ୱାର୍ଥ ପ୍ରତି ସର୍ବାଧିକ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ। ଏହି ବୈଠକରେ ଶିକ୍ଷା ମନ୍ତ୍ରଣାଳୟର ୨ ସଚିବ ମଧ୍ୟ ଉପସ୍ଥିତ ଥିଲେ। ଏନ୍‌ଟିଏ ଡିଜି ଏବଂ କେନ୍ଦ୍ରୀୟ ଓ ନବୋଦୟ ବିଦ୍ୟାଳୟ ସଂଗଠନର କମିଶନର ଓ ସିବିଏସ୍‌ଇ ଅଧ୍ୟକ୍ଷଙ୍କ ସହ ଶିକ୍ଷା ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

### ତେଲ ପାଇଁ...

ଏଥିପାଇଁ ୪-୫ ଘଣ୍ଟା ଧରି ଲାଇନରେ ଛିଡ଼ା ହେଉଛନ୍ତି ଗ୍ରାହକ। ଫଳରେ ଗତ ଦୁଇ ଦିନ ଭିତରେ ଗୋଟିଏ ଗୋଟିଏ ପେଟ୍ରୋଲ ଟାଙ୍କିରେ ୫୦ ପ୍ରତିଶତରୁ ୩୦୦ ପ୍ରତିଶତ ପର୍ଯ୍ୟନ୍ତ ଅଧିକ ତେଲ ବିକ୍ରି ହୋଇଛି। ତେଣୁ ଟାଙ୍କିରେ ତିନି ଦିନ ପର୍ଯ୍ୟନ୍ତ ତେଲ ଷ୍ଟକ ରହୁଥିଲେ ବି ରାଜ୍ୟର ପ୍ରାୟ ୧୫ ପ୍ରତିଶତ ଟାଙ୍କି ବନ୍ଦ ହୋଇଗଲାଣି। ଆଉ କିଛି ଟାଙ୍କି ତେଲ ସରିଯିବା ଭୟରେ ଗ୍ରାହକଙ୍କୁ ତେଲ ଯୋଗାଣରେ କଟକଣା ଲଗାଇଛନ୍ତି। ତେଲ ସଙ୍କଟ ପାଇଁ ପେଟ୍ରୋଲ ଟାଙ୍କିରେ ଲାଗୁଥିବା ଏହି ଲମ୍ବା ଲାଇନ ସ୍ଥିତି କେବଳ ଓଡ଼ିଶାରେ ନୁହେଁ, ଛତିଶଗଡ଼ ଓ ଝାରଖଣ୍ଡରେ ମଧ୍ୟ ଦେଖିବାକୁ ମିଳୁଛି। ନିକଟ ଭବିଷ୍ୟତରେ ଦେଶରେ ତେଲ ସଙ୍କଟ ଦେଖାଯିବା ଭୟରେ ଲୋକେ ଆବଶ୍ୟକତାଠାରୁ ଅଧିକ ସଂଖ୍ୟାରେ ତେଲ କିଣୁଛନ୍ତି। ଏଭଳି ଆତଙ୍କ ଭିତରେ ଆଜି ଆଇଓସିଏଲ ପକ୍ଷରୁ ସ୍ପଷ୍ଟୀକରଣ ଦିଆଯାଇଛି। ରାଜ୍ୟରେ ପେଟ୍ରୋଲ କିମ୍ବା ଡିଜେଲର କୌଣସି ଅଭାବ ନାହିଁ, ଯଥେଷ୍ଟ ପରିମାଣରେ ତେଲ ମହଜୁଦ ରହିଛି ବୋଲି ଆଇଓସିଏଲର ସିଜିଏମ୍ କମଳ ଶୀଲ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି। ଯୋଗାଣ ବ୍ୟବସ୍ଥାରେ କୌଣସି ଗୁରୁତର ସଙ୍କଟ ନାହିଁ। ହଠାତ ବଢ଼ିଥିବା ଚାହିଦା ପାଇଁ ସମସ୍ୟା ହେଉଛି ବୋଲି ସେ କହିଛନ୍ତି।ଆଇଓସିଏଲ ପକ୍ଷରୁ କୁହାଯାଇଛି ଯେ ଗ୍ରାହକମାନେ ଭୟଭୀତ ହୋଇ ପେଟ୍ରୋଲ ଓ ଡିଜେଲ କିଣୁଛନ୍ତି। ଆବଶ୍ୟକତାଠାରୁ ଅଧିକ ତେଲ ଗାଡ଼ିରେ ପକାଉଛନ୍ତି। କେତେକ ସ୍ଥାନରେ ତେଲ ଗଚ୍ଛିତ କରିବାର ଚେଷ୍ଟା ମଧ୍ୟ ହେଉଛି। ଏହି କାରଣରୁ ପମ୍ପଗୁଡ଼ିକରେ ଲମ୍ବା ଲାଇନ୍ ଲାଗୁଛି ଓ କେତେକ ପମ୍ପରେ ଦ୍ରୁତ ଭାବେ ଷ୍ଟକ୍ ଶେଷ ହୋଇଯାଉଛି। ଏହାକୁ ତେଲ ଅଭାବ ବୋଲି ବୁଝିବା ଠିକ୍ ନୁହେଁ ବୋଲି ଆଇଓସିଏଲ ସ୍ପଷ୍ଟ କରିଛି। ଗତ ଦୁଇ ଦିନ ମଧ୍ୟରେ ରାଜ୍ୟରେ ପେଟ୍ରୋଲ ଓ ଡିଜେଲ କ୍ରୟ ପ୍ରାୟ ୩୭ ପ୍ରତିଶତ ବଢ଼ିଛି। ପମ୍ପଗୁଡ଼ିକରେ ଗ୍ରାହକଙ୍କ ସଂଖ୍ୟା ୩୦ରୁ ୪୦ ପ୍ରତିଶତ ଯାଏ ବଢ଼ିଥିବାରୁ ଚାପ ସୃଷ୍ଟି ହୋଇଛି। କେତେକ ସ୍ଥାନରେ ଏହି ବୃଦ୍ଧି ୫୦ ପ୍ରତିଶତ ପର୍ଯ୍ୟନ୍ତ ପହଞ୍ଚିଥିବା କଥା ମଧ୍ୟ ସାମ୍ନାକୁ ଆସିଛି।ଏଥିସହ ଆଇଓସିଏଲ ସ୍ପଷ୍ଟ କରିଛି ଯେ କୌଣସି ଗାଡ଼ିକୁ କେବଳ ୨୦୦ କିମ୍ବା ୫୦୦ ଟଙ୍କାର ତେଲ ଦେବାକୁ କମ୍ପାନୀ ପକ୍ଷରୁ କୌଣସି ନିର୍ଦ୍ଦେଶ ଦିଆଯାଇନାହିଁ। ଗ୍ରାହକଙ୍କୁ ଆବଶ୍ୟକତା ଅନୁସାରେ ପର୍ଯ୍ୟାପ୍ତ ତେଲ ଦିଆଯିବ। ଯଦି କୌଣସି ପମ୍ପରେ ଗ୍ରାହକ ଅସୁବିଧାର ସମ୍ମୁଖୀନ ହୁଅନ୍ତି, ତେବେ ସେଠାରେ ଥିବା ଫିଲ୍ଡ ଅଫିସରଙ୍କୁ ଯୋଗାଯୋଗ କରିବାକୁ ପରାମର୍ଶ ଦିଆଯାଇଛି।

### ବସ, ଟ୍ରକ ପାଇଁ...

ମନିଟରିଂ କରିବେ। ଇନ୍ଧନ ପ୍ରସଙ୍ଗରେ କୌଣସି ଗୁଜବକୁ ବିଶ୍ୱାସ ନ କରିବାକୁ ଅନୁରୋଧ କରାଯାଇଛି। ପରିବହନ ସ୍ୱାଭାବିକ ରହିବ ବୋଲି ସରକାର ଆଶ୍ୱାସନା ଦେଇଛନ୍ତି। ବୈଠକରେ ପରିବହନ ବିଭାଗର ଅନ୍ୟ ବରିଷ୍ଠ ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ।

### ଜଗତସିଂହପୁର ବିଧାୟକ...

ଜିଲ୍ଲାପାଳଙ୍କଠାରେ ଫେରାଦ ହୋଇଥିଲେ। ଅବଶ୍ୟ କୌଣସି ପ୍ରକାରେ ଘଟଣାଟିକୁ ଜିଲ୍ଲା ପ୍ରଶାସନ ଆଗକୁ ବଢ଼ିବାକୁ ଦେଇ ନ ଥିଲା। ସେହିଭଳି ଏସଭିଏମ୍ କଲେଜ ଅଧ୍ୟକ୍ଷାଙ୍କ ବଦଳିକୁ ନେଇ ବିଧାୟକ ଓ ତାଙ୍କ ସମର୍ଥକମାନେ ଦିନରାତି ଏକ କରିଦେଇଥିଲେ। ଅଧ୍ୟକ୍ଷାଙ୍କୁ ହଟାଇବା ସକାଶେ ବିଧାୟକ ଚାପ ପକାଇବାରେ ସଫଳ ହୋଇଥିଲେ। ଅଧ୍ୟକ୍ଷାଙ୍କର ବଦଳି ହୋଇଥିଲା ଓ ଏଥିପାଇଁ କଲେଜ ପଡ଼ିଆରେ ବିଜୟର ବାଣ ବି ଫୁଟିଥିଲା। ହେଲେ ଅଧ୍ୟକ୍ଷାଙ୍କ ବଦଳି କାହିଁକି ହେଉଛି, ସେନେଇ ରାଜ୍ୟ ସରକାର ଅବଗତ ହେବା ପରେ ତୁରନ୍ତ ଉକ୍ତ ବଦଳି ଆଦେଶ ବାତିଲ ହୋଇଥିଲା। ବାଣଫୁଟା ସରିଲା ବେଳକୁ ଅଧ୍ୟକ୍ଷାଙ୍କ ବଦଳି ବାତିଲ ଅର୍ଡର ପହଞ୍ଚିଥିଲା। ଏହା ବିଧାୟକଙ୍କ ସମର୍ଥକମାନଙ୍କ ପ୍ରତି ଅତ୍ୟନ୍ତ ଅପମାନଜକ ସ୍ଥିତି ସୃଷ୍ଟି କରିଥିଲେ ମଧ୍ୟ ସରକାରଙ୍କ ନିଷ୍ପତ୍ତି ବିରୁଦ୍ଧରେ ଯିବାକୁ କେହି ସାହସ କରି ନ ଥିଲେ। ଅଧ୍ୟକ୍ଷାଙ୍କ ଚାପ ଆଗରେ ବିଧାୟକଙ୍କ ଚାପ କାମ କଲାନି ବୋଲି ଜିଲ୍ଲାରେ ଜୋରଦାର ଚର୍ଚ୍ଚା।ହେଉଥିବା ଆଲୋଚନା ଅନୁଯାୟୀ ଜିଲ୍ଲାରେ ଏବେ ମାଲ ମାଲ ସମସ୍ୟା। ଖୋଦ ସଦର ମହକୁମାରେ ପ୍ରତିଷ୍ଠା ହୋଇଥିବା ନୂତନ ବସଷ୍ଟାଣ୍ଡଟି ବର୍ଷେ ହେଲା ଭୂତକୋଠି ହୋଇ ପଡ଼ିରହିଛି। ଏଠାକୁ ଗାଡ଼ି ଗଡ଼ିପାରୁନାହିଁ। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଡାକ୍ତର ରହୁନାହାନ୍ତି। ଅବଶ୍ୟ ଡାକ୍ତରଙ୍କ ଅନୁପସ୍ଥିତି ପ୍ରସଙ୍ଗ ବିଧାୟକ ଶ୍ରୀ ଦାସ ବିଧାନସଭାରେ ଉଠାଇଥିଲେ ମଧ୍ୟ ତାଙ୍କ କଥାକୁ ସେଭଳି ଗୁରୁତ୍ୱ ଦିଆଯାଉନାହିଁ। ଜିଲ୍ଲାରେ ନିର୍ମାଣ ଚାଲିଥିବା ଜାତୀୟ ରାଜପଥ କାର୍ଯ୍ୟ ବି ଧିମେଇ ଯାଇଛି। ଜିଲ୍ଲାବାସୀଙ୍କ ବହୁ ଦିନର ସ୍ୱପ୍ନ ମେଡିକାଲ କଲେଜ ମଧ୍ୟ ଅନିଶ୍ଚିତତା ଭିତରେ। ଏହାଛଡ଼ା ପାନୀୟଜଳ ଯୋଗାଣଠାରୁ ଧାନ ବିକ୍ରି ପର୍ଯ୍ୟନ୍ତ ବହୁବିଧ ସମସ୍ୟାରେ ଲୋକେ ଧନ୍ଦି ହେଉଛନ୍ତି। ଏସବୁକୁ ଗୁରୁତ୍ୱ ନ ଦେଇ ବିଧାୟକ ଯେଭଳି ସରକାରୀ ବାବୁମାନଙ୍କୁ ସର୍ବସମ୍ମୁଖରେ ବେଇଜ୍ଜତ କରୁଛନ୍ତି, ତାହା ସରକାରୀ କର୍ମଚାରୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ାଇବା ସହ ସରକାରଙ୍କ ପାଇଁ ମଧ୍ୟ ଅଡୁଆ ପରିସ୍ଥିତି ସୃଷ୍ଟି କରୁଥିବା ଆଲୋଚନା ହେଉଛି।

### ଆଇଆଇସି, ଏଏସଆଇ...

ଥିବା ଜଣାପଡ଼ିଥିଲା। ୨୫ ଲକ୍ଷ ଟଙ୍କା ଡିମାଣ୍ଡ କରି ଗଞ୍ଜେଇ ଗାଡ଼ିକୁ ଛାଡ଼ିଦେବା ସକାଶେ ଡିଲ୍ ହୋଇଥିଲା। ତଦନ୍ତ ସମୟରେ ବରଗଡ଼ ଏସପି ଝାରବନ୍ଧ ଆଇଆଇସି ଶୁକ୍ରା ମାଝିଙ୍କୁ ଜିଲ୍ଲା ପୁଲିସ କାର୍ଯ୍ୟାଳୟକୁ ବଦଳି କରିଥିଲେ। ତେବେ ଆଜି ଶୁକ୍ରା ମାଝିଙ୍କୁ ନିଲମ୍ବନ କରାଯାଇଛି। ତାଙ୍କ ସ୍ଥାନରେ ବରଗଡ଼ ସାଇବର ଥାନା ଆଇଆଇସି ସଞ୍ଜୟ କୁମାର ପରିଡ଼ାଙ୍କୁ ଅବସ୍ଥାପିତ କରାଯାଇଛି। ସେହିପରି ଏଏସ୍‌ଆଇ କୌଶିକ ସାହୁ ଓ କନଷ୍ଟେବଳ ଚିତ୍ତରଞ୍ଜନ ପଣ୍ଡାଙ୍କୁ ନିଲମ୍ବନ କରାଯିବା ସହ ହୋମଗାର୍ଡ ଦେବରାଜ ନିଆଲଙ୍କୁ କାର୍ଯ୍ୟରୁ ବହିଷ୍କାର କରାଯାଇଛି।

## କଲରାପତିରିଆ ବାଘ ମୃତ୍ୟୁ ଘାଟଣା

# ୪୮ଘଣ୍ଟା ଭିତରେ ଅଭିଯୁକ୍ତକୁ ଧରିଲା ବନ ବିଭାଗ



ନୀଳଗିରି,୧୫।୫ (ସଂଚାର ବ୍ୟୁରୋ)ଃ ଗତ ୧୨ ତାରିଖ ଦିନ ନୀଳଗିରି ରେଞ୍ଜ ମିତ୍ରପୁର ସେକ୍ସନ ପାଟଣା ବିଟ ହାଉସ ଅନ୍ତର୍ଗତ କାଠଗୋଛି ଜଙ୍ଗଲ ରେ ଶିକାରୀଙ୍କ ଫାଶରେ ପଡ଼ି କଲରାପତିରିଆ ବାଘର ମୃତ୍ୟୁ ହୋଇଥିବା ଘଟଣାରେ ନୀଳଗିରିବନ ବିଭାଗ ପକ୍ଷରୁ ଆଜି ନୀଳଗିରି ଥାନା ଅନ୍ତର୍ଗତ କେ, ପି, ଲାଖରାଜ ଗ୍ରାମ ପଞ୍ଚାୟତ ର କାଠଗୋଛି ଗ୍ରାମର ଗୁମାନ ସିଂ ଓରଫ ରୁଣ୍ଡୁ(୫୭)ଜଣେ ଶିକାରୀଙ୍କୁ ଗିରଫ କରିଛି । ସ୍ୱର୍ଣ୍ଣଚୂଡ ପାହାଡ଼ ପାଦ ଦେଶ ରେ ଥିବା ଏକ ଶିମିଳି ଗଛ ରେ ବାରାହା ଶିକାର ପାଇଁ ଫାଶ ବସାଇଥିଲା ବୋଲି ଅଭିଯୁକ୍ତ ଗୁମାନ ସ୍ୱୀକାର କରିଛି। ଏହି ଘଟଣା ରେ ଆଉ ତେତେ ଜଣ ଅଭିଯୁକ୍ତ ସଂପୃକ୍ତ ଅଛନ୍ତି ତାହା ନୀଳଗିରି ବନବିଭାଗ ଖୁବ ତାଡ କରୁଛି । ଅଭିଯୁକ୍ତ ଙ୍କ ବିରୋଧ ରେ ବନ ବିଭାଗ ପକ୍ଷରୁଓଏନ/୨୬-୨୭ଏକ ମାମଲା ରୁଜୁ କରାଯାଇ କୋର୍ଟ ଚାଲାଣ କରାଯାଇଛି।ଏହି ଚଢ଼ାଉ ରେ ଏସିଏଫ ତଟନୀ ସେଠୀ, ନୀଳଗିରି ରେଞ୍ଜର ମନଓ୍ୱର ଖାଁ, ମିତ୍ରପୁର ଫରେଷ୍ଟର ମଞ୍ଜୁଲତା ପ୍ରଧାନ,ଫରେଷ୍ଟ ଗାର୍ଡ ପ୍ରମୁଖ ସାମିଲ ଥିଲେ।

# ଦୁର୍ଘଟଣାଗ୍ରସ୍ତ କାରରୁ ବାହାରିଲା ପୁଳା ପୁଳା ଗଞ୍ଜେଇ ପ୍ୟାକେଟ୍



ବଡ଼ଗାଁ,୧୫।୫ (ସଂଚାର ବ୍ୟୁରୋ)ଃ ସୁନ୍ଦରଗଡ଼ ଜିଲ୍ଲା ବଡ଼ଗାଁ ଥାନା ଅନ୍ତର୍ଗତ ତୁଡାଲଗା ଗାଁ ନିକଟ ରଙ୍ଗବତୀ ଢାବା ସମ୍ମୁଖ ରାଜପଥ ରେ ଆଜି ପୂର୍ବାହ୍ନ ସାଢ଼େ ୧୦ ଟା ସମୟରେ ଦ୍ରୁତ ଗତିରେ ରାଉରକେଲା ପଟକୁ ଯାଉଥିବା ଏକ ଡଷ୍ଟର କାର ବାଇକ୍ କୁ ଧକ୍କା ଦେବାରୁ ବାଇକ୍ ଚାଳକ ପିଣ୍ଡାପଥର ଗ୍ରାମର ୨୨ ବର୍ଷୀୟ କୁବେର ମିଞ୍ଜ ଗୁରୁତର ଆହତ ହୋଇଥିବାବେଳେ ବାଇକ୍ ପଛରେ ବସିଥିବା ସେହି ଗ୍ରାମର ନବମ ଶ୍ରେଣୀ ଛାତ୍ର ମିହିର ରଣା ସାମାନ୍ୟ ଆହତ ହୋଇଛନ୍ତି। ଉଭୟଙ୍କୁ ବଡ଼ଗାଁ ଡ଼ାକ୍ତରଖାନାରେ ପ୍ରାଥମିକ ଚିକିତ୍ସା କରାଯାଇଛି। ତେବେ ପୂର୍ବାହ୍ନରେ ପୋଲିସ ଥାନାକୁ କାର ନେଇଯାଇଥିଲାବେଳେ ଅପରାହ୍ନରେ ପୁଣି ଘଟଣାସ୍ଥଳକୁ କାରକୁ ନେଇ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ପୁଲିସ ଗଂଜେଇ ଜବତ କରିଛନ୍ତି। ପ୍ରାୟ ୭୦ରୁ ଉର୍ଦ୍ଧ୍ୱ ପକେଟ୍ ଗଞ୍ଜେଇ ଜବତ ହୋଇଥିବା ସୂତ୍ରରୁ ଜଣାପଡିଛି। ବଡ଼ଗାଁ ଅତିରିକ୍ତ ତହସିଲଦାର ରମେଶ ବୋଇତାଇଙ୍କ ଉପସ୍ଥିତିରେ ବଡ଼ଗାଁ ଥାନା ଅଧିକାରୀ ଗଞ୍ଜେଇ ଜବତ୍ କରିଛନ୍ତି। ଦୁର୍ଘଟଣା ପରେ କାରରେ ଥିବା ଦୁଇଜଣ ଯୁବକ ଫେରାର ହୋଇ ଯାଇଛନ୍ତି ।

# ସହ ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



ବାଲିଆପାଳ,୧୫।୫ (ସଂଚାର ବ୍ୟୁରୋ)ଃ ବାଲିଆପାଳ ବିଇଓ ଅଫିସରେ ନୂତନ ଭାବେ ଯୋଗ ଦେଇଥିବା ସହ ଗୋଷ୍ଠୀ ଶିକ୍ଷାଧିକାରୀ ବଂଶୀଧର ନାୟକଙ୍କୁ ବାଲିଆପାଳ ଶିକ୍ଷକ ସମନ୍ୱୟ ସମିତି , ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ତଥା ସମସ୍ତ ସିଆରସିଙ୍କ ତରଫରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି । ଶ୍ରୀ ନାୟକଙ୍କୁ ଗୋଷ୍ଠୀ ଶିକ୍ଷାଧିକାରୀ ଜଗବନ୍ଧୁ ଜେନା, ପୂର୍ବତନ ସହ ଗୋଷ୍ଠୀ ଶିକ୍ଷାଧିକାରୀ ନମିତା ପ୍ରଭା ସାମଲ, ଶିକ୍ଷକ ସମନ୍ୱୟ ସମିତି ସଭାପତି ବିଶ୍ୱମ୍ଭର ପାତ୍ର, ସମ୍ପାଦକ ପୂର୍ଣ୍ଣେନ୍ଦୁ ଦାସ, ଆବାହକ ସୁଶାନ୍ତ କୁମାର ଗିରି, ପ୍ରାଥମିକ ଶିକ୍ଷକ ସଂଘ ଏନ୍ ପି ଏସ୍ ସଭାପତି ସୁବାସ ଚନ୍ଦ୍ର ଭଞ୍ଜ, ସମ୍ପାଦକ ନିତାଇ ଚରଣ ରାଉଳ, ସିଆରସିସି ଯଶୋବନ୍ତ ଜେନା, ସୁଶାନ୍ତ କୁମାର ରାଉଳ, ପତିତପାବନ ପ୍ରଧାନ, ତପନ କୁମାର ରାଉଳ, ନିରଞ୍ଜନ ଘଡ଼େଇ, ଜୟକୃଷ୍ଣ ମାଝୀ, ପଞ୍ଚାନନ ବେହେରା, ରଞ୍ଜନ କୁମାର ସେନାପତି, ଶିକ୍ଷକ ଅଶୋକ କୁମାର ଗିରି, ଧନଞ୍ଜୟ ଚରଣ ଦେ, ପ୍ରଦୀପ ପଣ୍ଡା , ଦିଲ୍ଲୀପ କୁମାର ସାହୁ, ପରମାନନ୍ଦ ସାହୁ , ନିର୍ମଳ ଦାସ, ବିଇଓ ଅଫିସ ତରଫରୁ ପ୍ରତାପ ଚନ୍ଦ୍ର ରାଜ, ଅଞ୍ଜନ କୁମାର ରାଜ, ଦେବଦ୍ୟୁତି ନନ୍ଦ, କମଳ ଲୋଚନ ବେହେରା, ଦେବବ୍ରତ ନାୟକ , ରାଜେଶ ପ୍ରଧାନ, ଚନ୍ଦନ କୁମାର ସେନାପତି, ସ୍ମିତିମୁକ୍ତା ନାୟକ, ମୃତ୍ୟୁଞ୍ଜୟ ଦାସ, କାର୍ତ୍ତିକ ଭୂୟାଁ, ଉଜ୍ଜଳ କୁମାର ପଣ୍ଡା ପ୍ରମୁଖ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ ।

## ଅନିଶ୍ଚିତତା ମଧ୍ୟରେ ନୂତନ ବସଷ୍ଟାଣ୍ଡ ନିର୍ମାଣ

# ଯାତ୍ରୀ ଦହଗଞ୍ଜ, ବଢ଼ୁଛି ଅସନ୍ତୋଷ



### ଦୋକାନ କିମ୍ବା ଗଛ ତଳେ ବସକୁ ଅପେକ୍ଷା

### ଅସ୍ଥାୟୀ ବସଷ୍ଟାଣ୍ଡରେ ନାହିଁ ମୌଳିକ ସୁବିଧା

କାକଟପୁର/ଅସ୍ତରଙ୍ଗ,୧୫।୫ (ସଂଚାର ବ୍ୟୁରୋ)ଃ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଥିବା ଅସ୍ଥାୟୀ ବସଷ୍ଟାଣ୍ଡରେ ଯାତ୍ରୀ ମାନଙ୍କ ଲାଗି ମୌଳିକ ସୁବିଧା ସୁଯୋଗ ନ ଥିବା ଅଭିଯୋଗ ହୋଇଛି। ବିଶେଷ କରି ଉପକୂଳବର୍ତ୍ତୀ ଅସ୍ତରଙ୍ଗ ଅଞ୍ଚଳ ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ଥିବାରୁ ରାଜ୍ୟର କୋଣ ଅନୁକୋଣରୁ ପର୍ଯ୍ୟଟକ ଅସ୍ତରଙ୍ଗ ଆସୁଥିବା ବେଳେ ରାଜ୍ୟର ବିଭିନ୍ନ ଅଞ୍ଚଳକୁ ଅସ୍ତରଙ୍ଗରୁ ବସ ଯାତାୟାତ କରୁଛି। କିନ୍ତୁ ସବୁଠାରୁ ବଡ଼ ସମସ୍ୟା ଗାଡି କର୍ମଚାରୀ ହୁଅନ୍ତୁ କିମ୍ବା ଯାତ୍ରୀଙ୍କ ପାଇଁ ଅସ୍ଥାୟୀ ବସ ଷ୍ଟାଣ୍ଡରେ କୌଣସି ମୌଳିକ ସୁବିଧା ସୁଯୋଗ ନାହିଁ। ଯାହାକି ସମସ୍ୟା ସମ୍ମୁଖୀନ ହେଉଛନ୍ତି ଗାଡି କର୍ମଚାରୀ ଓ ଯାତ୍ରୀ।

ମୁଖ୍ୟତଃ ଅସ୍ଥାୟୀ ଷ୍ଟାଣ୍ଡରେ ପାନୀୟ ଜଳ, ଅସ୍ଥାୟୀ ଶୌଚାଳୟ ଏବଂ ବସିବାକୁ ବିଶ୍ରାମଗାର ନଥିବାରୁ ଯାତ୍ରୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ସ୍ଥାନୀୟ ଅଞ୍ଚଳବାସୀ ବାରମ୍ବାର ପ୍ରଶାସନିକ ଅଧିକାରୀ ଓ ରାଜନୈତିକ ନେତାଙ୍କୁ ଜଣାଇଲେ ମଧ୍ୟ କେବଳ ବାକ୍ୟରେ କାର୍ଯ୍ୟ ସାରିଦେଇ ପ୍ରତିଶ୍ରୁତି ଦେଇ ଭୁଲି ଯାଉଛନ୍ତି, ଯାହା ଫଳରେ କଷ୍ଟ ଭୋଗୁଛନ୍ତି ଯାତ୍ରୀ।

ସୂଚନାଯୋଗ୍ୟ, ଉକ୍ତ ବସଷ୍ଟାଣ୍ଡରେ ବେସରକାରୀ ବସ ଗୁଡିକ ଅସ୍ତରଙ୍ଗ ତାରିଣୀ ମନ୍ଦିର ନିକଟରେ ରହୁଥିବା ବେଳେ ଗ୍ରାମାଞ୍ଚଳକୁ ଯାତାୟାତ କରୁଥିବା ସରକାରୀ ବସ ଷ୍ଟପେଜ ଅସ୍ତରଙ୍ଗ ଥାନା ଓ ତହସିଲ ସାମ୍ନାରେ ହେଉଛି। କିନ୍ତୁ ବସକୁ ଅପେକ୍ଷା କରି ଯାତ୍ରୀମାନେ ନିକଟରେ ଥିବା ଦୋକାନ ସାମ୍ନାରେ କିମ୍ବା ଗଛ ମୂଳରେ ଅପେକ୍ଷାରେ ରହୁଛନ୍ତି। ବର୍ତ୍ତମାନ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବା ବେଳେ ଏଠାରେ ପାନୀୟ ଜଳର ବ୍ୟବସ୍ଥା ନଥିବାରୁ ଯାତ୍ରୀ ମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଶେଷ କରି ମହିଳା ଯାତ୍ରୀମାନେ ଦୂର ଦୁରାନ୍ତରୁ ଆସୁଥିବା ବେଳେ ପରିସ୍ରାଗାର ନଥିବାରୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାସହ ରାତ୍ରି ଯାପନ କରୁଥିବା ବସ କର୍ମଚାରୀ ଷ୍ଟାଣ୍ଡ ନଥିବାରୁ ବଜାରରେ ଥିବା ଦୋକାନ ସାମ୍ନାରେ ଗାଡି ଥୋଇବା ଓ ଧୋଇବାରୁ ବିଭିନ୍ନ ଲୋକଙ୍କ ଆକ୍ରୋଶର ଶିକାର ହେଉଛନ୍ତି।

ବିଡ଼ମ୍ବନା ବିଷୟ ଆଜି ପର୍ଯ୍ୟନ୍ତ ନୂତନ ବସଷ୍ଟାଣ୍ଡ ହୋଇପାରିନାହିଁ। ଏବେ ବସ ରହିବା ସମସ୍ୟା ସହ କର୍ମଚାରୀଙ୍କୁ ସ୍ଥାନୀୟ ଅଞ୍ଚଳର ଦଲାଲ ନାଲି ଆଖି ଦେଖାଉଥିବାରୁ ଅଧିକାଂଶ ଦୂରଗାମୀ ବସ ଆସୁନାହିଁ। ପୂର୍ବେ ଯେଉଁଭଳି ବସ ଗୁଡିକ ରହଣି ହେଉଥିଲା ତାହା ଆଉ ନାହିଁ। ଉପଯୁକ୍ତ ବସ ଷ୍ଟାଣ୍ଡ ନଥିବାରୁ ଅଟୋ ମଧ୍ୟ ଯାତ୍ରୀଙ୍କ ଅପେକ୍ଷାରେ ଅସ୍ଥାୟୀ ବସ ଷ୍ଟାଣ୍ଡରେ ରାତିରେ ରହୁନାହିଁ। ଫଳରେ ବିଳମ୍ବିତ ରାତ୍ରରେ ଆସିଲେ କିମ୍ବା ରାତି ୯ ପରେ ଅସ୍ତରଙ୍ଗରେ ପହଂଚି ଗ୍ରାମାଞ୍ଚଳ ଯିବାକୁ ଯାତାୟାତ କରିବା କଷ୍ଟକର ହେଉଛି।

# ବୋରିଗୁମ୍ମା ଲ୍ୟାମ୍ପ ପକ୍ଷରୁ ଓମଫେଡ ପାର୍ଲର ଉଦ୍‌ଘାଟିତ



ବୋରିଗୁମ୍ମା,୧୫।୫ (ସଂଚାର ବ୍ୟୁରୋ)ଃ କୋରାପୁଟ ଜିଲ୍ଲାର ବୋରିଗୁମ୍ମା ବ୍ଲକ ଲ୍ୟାମ୍ପ ସମ୍ମୁଖ ଜାତୀୟ ରାଜପଥ ରାସ୍ତା ପାର୍ଶ୍ୱରେ ଆଜି 'ଓମଫେଡ ପାର୍ଲର' ନାମକ ନୂତନ ଦୋକାନ ଭବ୍ୟ ଉଦଘାଟନ ଉତ୍ସାହ ଓ ଆଡ଼ମ୍ବର ମଧ୍ୟରେ ସମ୍ପନ୍ନ ହୋଇଯାଇଛି । ଏହି ସେଣ୍ଟରଟି ରାଜ୍ୟ ସରକାରଙ୍କ ଅଧୀନରେ ଥିବା ଓମଫେଡ ସହ ସଂଯୁକ୍ତ ଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ବିଶେଷ ଆନନ୍ଦ ଓ ଆଶା ଦେଖାଯାଇଥିଲା।

ଏହି ଅବସରରେ କୋରାପୁଟ ବିଧାୟକ ତଥା ଯୋଜନା ବୋର୍ଡ ଅଧ୍ୟକ୍ଷ ରଘୁରାମ ମାଛ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ବୋରିଗୁମ୍ମା ଆଦର୍ଶ ଲ୍ୟାମ୍ପ ପରିଚାଳକ ପ୍ରଶନ୍ନ କୁମାର ମିଶ୍ରଙ୍କ ଉପସ୍ଥିତିରେ ବିଧିବଦ୍ ପୂଜାର୍ଚ୍ଚନା କରାଯାଇଥିଲା। ଉଦଘାଟନ ସମୟରେ ମୋନିକା ରାୟ (ଉପପ୍ରବନ୍ଧକ କୋରାପୁଟ ବିଭାଜନ), ସାଂସଦ ପ୍ରତିନିଧି ଜେ ଶ୍ରୀନିବାସ ରାଓ, କୋରାପୁଟ ସାଂସଦ ପ୍ରତିନିଧି ରାମଚନ୍ଦ୍ର ପାଢ଼ୀ, ବିଧାୟକ ପ୍ରତିନିଧି ଅଶୋକ କୁମାର ଗନ୍ତାୟତ, ରାମକୃଷ୍ଣ ଭତ୍ରା, ଲ୍ୟାମ୍ପ ସଭାପତି ଲାଲୁମଣି ସିଂ, ଓମଫେଡ ଜେନେରାଲ ମ୍ୟାନେଜର କୁନି ରାଉତ ଓ ପ୍ଲାଣ୍ଟ ମ୍ୟାନେଜର ଅଜିତ କୁମାର ଖେସଙ୍କ ସମେତ ଅଞ୍ଚଳର ବହୁ ସଂଖ୍ୟକ ଲୋକ ଉପସ୍ଥିତ ଥିଲେ |

ଏହି ନୂତନ ଓମଫେଡ ପାର୍ଲର ଖୋଲାଯାଇଥିବାରୁ ବୋରିଗୁମ୍ମା ଅଞ୍ଚଳବାସୀ ରାସ୍ତାରେ ଯାତାୟାତ କରୁଥିବା ଯାତ୍ରୀ ଓ ସହରବାସୀମାନେ ଏବେ ଉଚ୍ଚ ଗୁଣସ୍ତରୀୟ ଦୁଗ୍ଧ, ପନିର, ଛେନା ଦହି ସୁବିଧା ପାଇପାରିବେ।

# ଆନ୍ଦୋଳନରତ ଗ୍ରାମବାସୀଙ୍କୁ ଉଠାଇନେଲା ପୁଲିସ



ସୁନ୍ଦରଗଡ଼,୧୫।୫ (ସଂଚାର ବ୍ୟୁରୋ)ଃ ଏନ୍‌ଟିପିସି ଲମିଟେଡ୍ ଦର୍ଲିପାଲି ତାପଜ ବିଦ୍ୟୁତ ପ୍ରକଳ୍ପର ପାଉଁଶ ପ୍ରଦୂଷଣକୁ ନେଇ ଆଲୁପଡ଼ା ଓ ବରୋବଗା ଗ୍ରାମବାସୀ ଗୁରୁବାର ପୁଣି ଆନ୍ଦୋଳନ କରିଥିଲେ। ପାଉଁଶ ପରିବହନ ବନ୍ଦ କରି ରାସ୍ତାରୋକ କରାଯାଇଥିବା ବେଳେ ପୁଲିସର ବୁଝାସୁଝା ସତ୍ତ୍ୱେ ଲୋକେ ହଟିନଥିଲେ। ପରେ ପୁଲିସ ୧୯ ଜଣ ମହିଳା ସମେତ ୨୨ ଜଣଙ୍କୁ ଉଠାଇ ନେଇଥିଲା ଏବଂ ଆନ୍ଦୋଳନରୁ ଓହରିଯିବା ପରେ ରାତିରେ ଛାଡ଼ିଦେଇଥିଲା।

ଗାଁର ଅତି ନିକଟରେ ପାଉଁଶ ପୋଖରୀ ଥିବା ଯୋଗୁ ପ୍ରଦୂଷଣ ଓ ପାଣି ସମସ୍ୟାରେ ଦୁଇ ଗାଁର ଲୋକେ ବର୍ଷେ ହେଲା ସମ୍ପୂର୍ଣ୍ଣ ବିସ୍ଥାପନ ଦାବି କରୁଛନ୍ତି। ଏହି ସମୟରେ ଆହୁରି ୨୭ ଏକର ଜମି ଅଧିଗ୍ରହଣ ପାଇଁ ଗ୍ରାମସଭାରେ ସରପଞ୍ଚ ମନମାନି କରିଥିବା ଅଭିଯୋଗ କରି ଗ୍ରାମବାସୀ ସରପଞ୍ଚଙ୍କ ନିଲମ୍ବନ ଓ ଗିରଫ ଦାବି କରିଛନ୍ତି। ପୁଣି ଏହି ମାମଲା ହାଇକୋର୍ଟରେ ବିଚାରାଧୀନ ଅବସ୍ଥାରେ ଥିବା ସତ୍ତ୍ୱେ ଜମି ଅଧିଗ୍ରହଣ ହୋଇଥିବା କାରଣରୁ ଆନ୍ଦୋଳନ ଅସନ୍ତୋଷ ପ୍ରକାଶ କରିଛନ୍ତି ।

# ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନାରେ ୬୫୫ ହିତାଧିକାରୀଙ୍କୁ ସହାୟତା ରାଶି ବଣ୍ଟନ



ସତ୍ୟବାଦୀ,୧୫।୫ (ସଂଚାର ବ୍ୟୁରୋ)ଃ ପୁରୀ ଜିଲ୍ଲା ଶ୍ରମ କାର୍ଯ୍ୟାଳୟ, ଅଟଳ ନିର୍ମାଣ ଶ୍ରମିକ ମହାସଂଘ ଓ ଶୁକଳ ଗ୍ରାମ ପଞ୍ଚାୟତ ଆନୁକୂଲ୍ୟରେ ସ୍ଥାନୀୟ ଶୁକଳ ମେଳଣ ପଡିଆ ଠାରେ ଆଜି ଅପରାହ୍ନରେ ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନାରେ ସତ୍ୟବାଦୀ, ବ୍ରହ୍ମଗିରି, ପୁରୀ ଓ ପିପିଲି ବିଧାନସଭା ନିର୍ବାଚନ ମଣ୍ଡଳୀର ୬୫୫ଜଣ ହିତାଧିକାରୀଙ୍କୁ ସହାୟତା ରାଶି ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସମୁଦାୟ ୬୫ ଜଣଙ୍କୁ ମୃତ୍ୟୁ କାଳୀନ ସହାୟତା, ୬୪ ଜଣଙ୍କୁ ଅନ୍ତ୍ୟେଷ୍ଟି କ୍ରିୟା ଖର୍ଚ୍ଚ ଓ ୫୨୬ ଜଣଙ୍କୁ ବିବାହ ସହାୟତା ରାଶି ଅତିଥିମାନେ ବିତରଣ କରିଥିଲେ। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୁରୀ ସାଂସଦ ସମ୍ବିତ ପାତ୍ର, ସମ୍ମାନିତ ଅତିଥିଭାବେ ସତ୍ୟବାଦୀ ବିଧାୟକ ଓମ ପ୍ରକାଶ ମିଶ୍ର, ଜିଲ୍ଲା ପରିଷଦ ସଭ୍ୟା ଲତା ଜଗଦେବ, ବିଷ୍ଣୁପ୍ରିୟା ବରାଳ, ସଭ୍ୟ ରତିକାନ୍ତ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ପୁରୀ ଜିଲ୍ଲା ଶ୍ରମ କାର୍ଯ୍ୟାଳୟରୁ ଜିଲ୍ଲା ଶ୍ରମ ଆୟୁକ୍ତ ଚୌଧୁରୀ ସୁବ୍ରତ କୁମାର ଜେନା, ଜିଲ୍ଲା ଶ୍ରମ ଅଧିକାରିଣୀ ପ୍ରଜ୍ଞା ପାରମିତା ସାହୁ, ଉପ ଶ୍ରମ ଅଧିକାରୀ ଓ ଅନ୍ୟାନ୍ୟ ଅଧିକାରୀ ମାନେ ଉପସ୍ଥିତ ରହିଥିଲେ। ଏହାଛଡା ଅଟଳ ନିର୍ମାଣ ଶ୍ରମିକ ମହାସଂଘର କାର୍ଯ୍ୟକାରୀ ସଭାପତି ଅଶ୍ୱିନୀ ନନ୍ଦ, ମହାସଂଘର ଆଇନ ପରାମର୍ଶଦାତା ତଥା ସରକାରୀ ଓକିଲ ସୁଶାନ୍ତ ମିଶ୍ର, ଶୁକଳ ସରପଞ୍ଚ ଲଳିତ ସେନାପତି ମଧ୍ୟ ଉପସ୍ଥିତ ରହିଥିଲେ।

# ଯୁକ୍ତ ତିନି ପରୀକ୍ଷାରେ ଗଞ୍ଜାମ ବିଜ୍ଞାନ ମହାବିଦ୍ୟାଳୟର ସଫଳତା

ଛତ୍ରପୁର,୧୫।୫ (ସଂଚାର ବ୍ୟୁରୋ)ଃ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଦ୍ୱାରା ପରିଚାଳିତ ୨୦୨୬ ବର୍ଷର ଯୁକ୍ତ ତିନି ଶେଷ ବର୍ଷ ପରୀକ୍ଷା ଫଳରେ ଗଞ୍ଜାମ ବିଜ୍ଞାନ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି। ବିଶ୍ୱବିଦ୍ୟାଳୟ ସ୍ତରରେ ପ୍ରକାଶିତ ଶ୍ରେଷ୍ଠ ଦଶ ଜଣିଆ ଟପ୍ପର ତାଲିକାରେ କଲେଜର ତିନିଜଣ କୃତୀ ଛାତ୍ରଛାତ୍ରୀ ସ୍ଥାନ ପାଇ କଲେଜ ପାଇଁ ଗୌରବ ଆଣିଛନ୍ତି।

ବିଶ୍ୱବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ବିଭାଗରେ କଲେଜର ଦୁଇଜଣ ଛାତ୍ରୀ ଚମତ୍କାର ପ୍ରଦର୍ଶନ କରିଛନ୍ତି। କୁମାରୀ ଡି. ଖୁସି ରେଡ୍ଡୀ ବିଶ୍ୱବିଦ୍ୟାଳୟ ସ୍ତରରେ ଚତୁର୍ଥ ସ୍ଥାନ ଅଧିକାର କରିଥିବା ବେଳେ କୁମାରୀ ଆର୍. ସ୍ମୃତି ଡୋରା ଦଶମ ସ୍ଥାନ ହାସଲ କରିଛନ୍ତି। ସେହିପରି ଇଂରାଜୀ ବିଭାଗରେ ଛାତ୍ର ସମୀର ବେହେରା ନିଜର ପ୍ରତିଭା ପ୍ରଦର୍ଶନ କରି ବିଶ୍ୱବିଦ୍ୟାଳୟ ସ୍ତରରେ ପଞ୍ଚମ ସ୍ଥାନ ଅଧିକାର କରିଛନ୍ତି। ଛାତ୍ରଛାତ୍ରୀଙ୍କ ଏହି ଗୌରବମୟ ସଫଳତାକୁ ନେଇ କଲେଜ ପରିସରରେ ଉତ୍ସାହର ମାହୋଲ ଦେଖିବାକୁ ମିଳିଛି। କଲେଜର ଅଧ୍ୟକ୍ଷା ସ୍ମରଣିକା ହୋତା ଏବଂ ସମସ୍ତ ଅଧ୍ୟାପକ ଓ ଅଧ୍ୟାପିକାମାନେ କୃତୀ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

# ଖୋର୍ଦ୍ଧାରେ 'ପୁଲିସ ମିତ୍ର' ପ୍ରୟାସ ଆରମ୍ଭ




ଖୋର୍ଦ୍ଧା,୧୫।୫ (ସଂଚାର ବ୍ୟୁରୋ)ଃ ଖୋର୍ଦ୍ଧା ଜିଲ୍ଲା ପୁଲିସ ଆଜି ଆନୁଷ୍ଠାନିକ ଭାବରେ "ଖୋର୍ଦ୍ଧା ପୋଲିସ ମିତ୍ର" ପ୍ରୟାସ ଆରମ୍ଭ କରିଛି। ଏହାର ଉତ୍ସର୍ଗୀକୃତ ଲୋଗୋ ଏବଂ ନାଗରିକ-ସହାୟତା ପ୍ଲାଟଫର୍ମ ଉନ୍ମୋଚନ ସହିତ, ପୁଲିସ ସାର୍ବଜନୀନ ସହଭାଗୀତାକୁ ସୁଦୃଢ଼ କରିବା ଏବଂ ସମ୍ପ୍ରଦାୟ ଭିତ୍ତିକ ପୋଲିସିଂକୁ ପ୍ରୋତ୍ସାହିତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଏହି ପ୍ରୟାସର ଲକ୍ଷ୍ୟ ହେଉଛି ପ୍ରଯୁକ୍ତିବିଦ୍ୟା-ସକ୍ଷମ ଏବଂ ନାଗରିକ-ଅନୁକୂଳ ପ୍ଲାଟଫର୍ମ ମାଧ୍ୟମରେ ପ୍ରାଥମିକ ପୁଲିସ ସେବାଗୁଡ଼ିକର ତୁରନ୍ତ ପ୍ରବେଶ ପ୍ରଦାନ କରି ପୁଲିସ ଏବଂ ନାଗରିକଙ୍କ ମଧ୍ୟରେ ସମନ୍ୱୟ ବୃଦ୍ଧି କରିବା।

ଏହି ସେବା ତୁରନ୍ତ ଜନସାଧାରଣଙ୍କ ସହାୟତାକୁ ସହଜ କରିଥାଏ, ପୋଲିସିଂ କାର୍ଯ୍ୟକଳାପରେ ସମ୍ପ୍ରଦାୟର ଅଂଶଗ୍ରହଣକୁ ଉତ୍ସାହିତ କରିଥାଏ ଏବଂ ପୁଲିସ ଏବଂ ସମ୍ପ୍ରଦାୟ ମଧ୍ୟରେ ପାରସ୍ପରିକ ବିଶ୍ୱାସ ଏବଂ ସହଯୋଗକୁ ସୁଦୃଢ଼ କରିଥାଏ। ଏହି ପ୍ରୟାସର ଏକ ଅଂଶ ଭାବରେ, ନାଗରିକମାନେ ଅଭିଯୋଗ ପଞ୍ଜିକରଣ, ଜରୁରୀକାଳୀନ ସହାୟତା, ମୋବାଇଲ୍ ଚୋରି ରିପୋର୍ଟିଂ ବରିଷ୍ଠ ନାଗରିକ ସହାୟତା, ପୁଲିସ ଷ୍ଟେସନ୍ ସ୍ଥାନ ସେବା, ମତାମତ ପଦ୍ଧତି ଏବଂ କ୍ୟୁଆର୍ ଆଧାରିତ ଆକ୍ସେସ ଏବଂ ହ୍ୱାଟ୍ସଆପ୍ ସହାୟତା ମାଧ୍ୟମରେ ଅନ୍ୟାନ୍ୟ ସାଧାରଣ ସହାୟତା ସୁବିଧା ସମେତ ବହୁବିଧ ପୁଲିସ ସେବାକୁ ପ୍ରବେଶ କରିପାରିବେ।

ଏହି ଅବସରରେ, ଏସପି, ଖୋର୍ଦ୍ଧା ବିବେକାନନ୍ଦ ଶର୍ମା "ପୋଲିସ ମିତ୍ର" ପଦକ୍ଷେପ ସହିତ ସକ୍ରିୟ ଭାବରେ ଜଡିତ ହେବାକୁ ଏବଂ ଏକ ସୁରକ୍ଷିତ ଏବଂ ଅଧିକ ସୁରକ୍ଷିତ ସମାଜ ଗଠନ ପାଇଁ ପୁଲିସ ସହିତ ମିଶି କାମ କରିବାକୁ ନାଗରିକମାନଙ୍କୁ ଉତ୍ସାହିତ କରିଥିଲେ। ଏହି କାର୍ଯ୍ୟକ୍ରମ ପୋଲିସ କେନ୍ଦ୍ରୀୟ ରେଞ୍ଜର ଆଇଜି ଡକ୍ଟର ସତ୍ୟଜିତ ନାୟକଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ବରିଷ୍ଠ ପୋଲିସ ଅଧିକାରୀ, ଜନପ୍ରତିନିଧି, ସମ୍ପ୍ରଦାୟ ସଦସ୍ୟ, ଛାତ୍ର, ଗଣମାଧ୍ୟମ କର୍ମଚାରୀ ଏବଂ ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ସାମିଲ ଥିଲେ।

# ଅଞ୍ଚଳଗୁମ୍ମାରେ ଜନ ଆକ୍ରୋଶ ମହିଳା ସମାବେଶ



ନବରଙ୍ଗପୁର/ତେନ୍ତୁଳୀଖୁଣ୍ଟି,୧୫।୫ (ସଂଚାର ବ୍ୟୁରୋ)ଃ ନବରଙ୍ଗପୁର ଜିଲ୍ଲା ତେନ୍ତୁଳୀଖୁଣ୍ଟି ବ୍ଲକର ଅଞ୍ଚଳଗୁମ୍ମା ମଣ୍ଡଳ ସ୍ତରୀୟ ଜନ ଆକ୍ରାଶ ମହିଳା ସୀମାବେଶ ଅଞ୍ଚଳଗୁମ୍ମା ଗ୍ରାମ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ପଦଯାତ୍ରାରେ ମୁଖ୍ୟ ଅଥିତି ଭାବେ ବିଜେପି ଓଡିଶା ରାଜ୍ୟ ସାଧାରଣ ସମ୍ପାଦିକା ପୂର୍ଣ୍ଣିମା ନାୟକ ରହିଥିବା ବେଳେ ସମ୍ମାନୀତ ଅଥିତି ଭାବେ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧକ୍ଷ ଗୌରୀଶଙ୍କର ମାଝୀ ମହିଳା ଆକ୍ରସ ପଦ ଯାତ୍ରାରେ ସାମିଲ ହୋଇଥିଲେ।ଏହି ବିକ୍ଷୋଭ ପଦଯାତ୍ରା ଅଞ୍ଚଳଗୁମ୍ମା ଶିବମନ୍ଦିରରୁ ଆରମ୍ଭ ହୋଇ ଶିଶୁମନ୍ଦିର ପର୍ଯ୍ୟନ୍ତ କରାଯାଇଥିଲା। ପ୍ରାୟ ୫ ଶହରୁ ଉର୍ଦ୍ଧ୍ୱ ମହିଳା ଓ ମଣ୍ଡଳର କାର୍ଯ୍ୟକର୍ତ୍ତାଙ୍କ ସହ ନାରୀଙ୍କୁ ସମ୍ମାନ, ନାରୀକୁ ୩୩%ସଂସଦ ଓ ବିଧାନସଭାରେ ସଂରକ୍ଷଣ ପାଇଁ ସଂସଦରେ ଆଣିଥିବା ବିଲକୁ ଇଣ୍ଡିଆ ମେଣ୍ଟର ସମସ୍ତ ବିରଧୀ ଦଳ ବିରୋଧ କରିଥିବାରୁ ତାହା ବିରୋଧରେ ବିଭିନ୍ନ ସ୍ଲୋଗାନ ମାନ ଦେବା ସହ କଂଗ୍ରେସ ଓ ବିଜେଡି ବିରୋଧରେ ମହିଳା ମାନେ ପ୍ଲାଗ କାର୍ଡ ଧରି ଚାଲି ଚାଲି ଗ୍ରାମ ପରିକ୍ରମା କରି ଅଞ୍ଚଳଗୁମ୍ମା ଆମ୍ବ ତୋଟା ଠାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା।

ଆଜିର ଏହି କାର୍ଯ୍ୟକ୍ରମ ମଣ୍ଡଳ ସଭାପତି ଅଭିମନ୍ୟୁ ହରିଜନଙ୍କ ନେତୃତ୍ୱରେ ଆୟଜନ ହୋଇଥିବା ବେଳେ ଅଞ୍ଚଳଗୁମ୍ମା ମଣ୍ଡଳ ମହିଳା ମୋର୍ଚ୍ଚା ସଭାପତି ପୁଷ୍ପାଞ୍ଜଳି ରାଉତଙ୍କ ସଭାପତିତ୍ୱ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ବୈଠକରେ ରାଜ୍ୟ ବିଜେପି ସାଧାରଣ ସମ୍ପାଦିକା ଶ୍ରୀମତୀ ନାୟକ ଉପସ୍ଥିତ ମହିଳା ମାନଙ୍କୁ ନାରୀ ମାନଙ୍କ ଏହି ବିଲକୁ ବିରୋଧୀ ଦଳ କାହିଁକି ବିରୋଧ କଲେ ଏହି ବିଲକୁ ବିରୋଧ କରି ଏମାନେ ନାରୀ ସମାଜକୁ ଅପମାନ କରିଛନ୍ତି ବୋଲି କହିଥିଲେ। ବିଧାୟକ ନିଜ ବକ୍ତବ୍ୟରେ ମହିଳା ବିଲ ପାସ ହୋଇଥିଲେ କଣ କଣ ମହିଳା ମାନେ ପାଇ ପାରିଥାନ୍ତେ ବିଷଦୃତ୍ୱ ଭାବେ ଉପସ୍ଥିତ ମହିଳା ମାନଙ୍କୁ ବୁଝାଇଥିଲେ। ଏହି କାର୍ଯ୍ୟକ୍ରମରେ ଜନତା ପାର୍ଟିର ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହିଥିଲେ।

# ରାସ୍ତା କଡ଼ରୁ ଗଛକଟାକୁ ନେଇ ବଢ଼ୁଛି ଅସନ୍ତୋଷ

### ଗଛ ଲଗାଇବା ବଦଳରେ ହେଉଛି ସଫା



ଆନନ୍ଦପୁର,୧୫।୫(ସଂଚାର ବ୍ୟୁରୋ)ଃ କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡ ଘଷିପୁରା ବ୍ଲକ୍ ଅନ୍ତର୍ଗତ ତରୁଆଁ ଠାରୁ ଯାଜପୁର ଜିଲ୍ଲା କୋରେଇ ବ୍ଲକର ରଗଡ଼ିକୁ ସଂଯୋଗ କରୁଥିବା ରାସ୍ତାର ନିର୍ମାଣ କାର୍ଯ୍ୟ ଆରମ୍ଭ ହେବା ପରଠାରୁ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ଦେଖାଦେଇଛି। ରାସ୍ତା କାମ ନାଁରେ ରାସ୍ତା କଡ଼ରେ ଥିବା ବହୁ ଗଛ କାଟି ସଫା କରାଯାଇଥିବା ଅଭିଯୋଗ ଆଣିଛନ୍ତି ଗ୍ରାମବାସୀ। ତରୁଆଁ ଦଧିବାମନ ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟ ନିକଟରୁ ଆରମ୍ଭ ହୋଇଥିବା ଏହି ରାସ୍ତାର ନୂତନ ପିଚୁ କାମକୁ ସାଧାରଣ ଲୋକ ସ୍ୱାଗତ କରିଥିଲେ ମଧ୍ୟ ଗଛ କାଟିବା ଘଟଣାକୁ ନେଇ ଏବେ ପ୍ରଶ୍ନ ଉଠିଛି। ଗ୍ରାମବାସୀଙ୍କ କହିବା ଅନୁସାରେ, ରାସ୍ତା ପ୍ରଶସ୍ତିକରଣ ନାଁରେ ବର୍ଷ ବର୍ଷ ଧରି ଥିବା ବଡ଼ ବଡ଼ ଗଛକୁ କାଟି ଦିଆଯାଇଛି।

ସ୍ଥାନୀୟ ଲୋକ ପ୍ରଶ୍ନ କରିଛନ୍ତି, ଗଛ ଲଗାଇ ପରିବେଶ ସୁରକ୍ଷା କରିବାକୁ ସରକାର ସଚେତନତା ସୃଷ୍ଟି କରୁଥିବା ବେଳେ କେଉଁ ଅନୁମତିରେ ଏତେ ସଂଖ୍ୟକ ଗଛ କାଟାଗଲା ? କାହା ଛତ୍ରଛାୟା ତଳେ ଏଭଳି ଗଛ କଟା ହେଲା ତାହାର ତଦନ୍ତ କରିବାକୁ ଦାବି ହେଉଛି।

ଗ୍ରାମବାସୀଙ୍କ ଅଭିଯୋଗ, ଗଛ କାଟିବା ପୂର୍ବରୁ ସ୍ଥାନୀୟ ଲୋକଙ୍କୁ କୌଣସି ସୂଚନା ଦିଆଯାଇନଥିଲା। ରାସ୍ତା ଉନ୍ନତି ନାଁରେ ପରିବେଶ ଧ୍ୱଂସକୁ ନେଇ ସେମାନେ ଗଭୀର ଅସନ୍ତୋଷ ପ୍ରକାଶ କରିଛନ୍ତି। ଏବେ ଦେଖିବାକୁ ବାକି ରହିଲା, ପ୍ରଶାସନ ଏହି ଘଟଣାକୁ କେତେ ଗୁରୁତ୍ୱ ଦେଉଛି ଏବଂ ଗଛ କାଟିବା ପଛରେ କାହାର ଭୂମିକା ରହିଛି ତାହା ଉପରେ କେବେ କାର୍ଯ୍ୟାନୁଷ୍ଠାନ ହେଉଛି।



# ରାତି ଅଧରେ ମାଟି ଚୋରଙ୍କୁ ଧରିଲେ ଜିଲ୍ଲାପାଳ ଓ ଏସ୍‌ପି

ପାରାଦୀପ,୧୫।୫ (ସଂଚାର ବ୍ୟୁରୋ)ଃ ଆକ୍ସନ ମୁଡ଼ରେ ପ୍ରଶାସନ। ରାତି ଅଧରେ ଖୋଦ ଜିଲ୍ଲାପାଳ ଓ ଏସ୍‌ପି ଚୋରଙ୍କୁ ଧରିବାକୁ ପୁରା ରାତି ଅନିଦ୍ରା। ରାତିର ବିଳମ୍ବିତ ପ୍ରହରୀକୁ ଖାତିର ନକରି ଫିଲ୍ମ ଷ୍ଟାଇଲରେ ଆସି କରୁଛନ୍ତି ଚଢ଼ାଉ। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ଗତକାଲି ବିଳମ୍ବିତ ରାତ୍ରିରେ ଜଗତସିଂହପୁର ଜିଲ୍ଲା କୁଜଙ୍ଗ ବ୍ଲକ ଫତେପୁର ଓ ପ୍ରତାପପୁର ଗହିର ମଝିରେ।

ଖୋଦ ଜଗତସିଂହପୁର ଜିଲ୍ଲାପାଳ ଯେ ସୋନୁଓ୍ୱାଲା ଓ ଏସ୍‌ପି ଅଙ୍କିତ କୁମାର ବର୍ମା ମାଟି ଚୋରଙ୍କୁ ଧରିବାକୁ ଫିଲ୍ମ ଷ୍ଟାଇଲରେ ଏକ ବାଲି ହାଇଓ୍ୱାରେ ରାତି ଅଧରେ ୭କିମି ଯାତ୍ରା କରିଛନ୍ତି । ଆଉ ତାଙ୍କ ପଛରେ ଗାଡି ଡ଼ାଲାରେ ପୁଲିସ ଫୋର୍ସ ମଧ୍ୟ ଯାତ୍ରା କରିଛନ୍ତି। ସୂଚନା ଅନୁସାରେ ଗତ କିଛିଦିନ ହେବ ଫତେପୁର ଓ ପ୍ରତାପପୁର ଗହିର ମଝିରୁ କିଛି ପଂଚାୟତ ସ୍ତରୀୟ ନେତା ଓ କିଛି ମାଟି ଚୋର ହଜାର ହଜାର ଟ୍ରିପ ମାଟି ଖୋଳି ନେଉଥିଲେ। ଏହି ଜାଗା ସବୁ ତୈଳ ବିଶୋଧନାଗାର ଅଧୀନରେ ଆସୁଥିବା ନୂତନ କମ୍ପାନୀ ନାପଥା କ୍ରାକର ନିମନ୍ତେ ଲୋକଙ୍କ ଠାରୁ ଜମି ଅଧିଗ୍ରହଣ ସରିଛି ଓ ମୋଟ ୭୮୦ ଏକର ଜମି ଏବେ ଇଡ଼କୋ ଅଧୀନରେ ଅଛି । କିନ୍ତୁ ବିନା କୌଣସି ଅନୁମତିରେ କିମ୍ବା କୌଣସି ରାଜସ୍ୱ ଦେଠ ନକରି ଦୀର୍ଘ ଦିନ ହେବ ଏମାନେ ଏହି ଜାଗାରୁ ରାତି ସମୟରେ ପ୍ରୋକଲୀନ ମେସିନ ଓ ହାଇଓ୍ୱା ଲଗାଇ ହଜାର ହଜାର ଟ୍ରିପ ମାଟି ଖୋଳି ନେଇ ନିକଟରେ ଚାଲୁଥିବା ଏକ ନିର୍ଦ୍ଦିଷ୍ଟ କାର୍ଯ୍ୟରେ ବିକ୍ରି କରୁଥିଲେ।

ଗତକାଲି ରାତି ଅଧରେ ଅଚାନକ ଜିଲ୍ଲାପାଳ ଓ ଏସ୍ପି ଆସି ସେଠାରେ ପୁରା ଫିଲ୍ମ ଷ୍ଟାଇଲରେ ପହଂଚି ଯାଇଥିଲେ। ଗହିର ମଝିରେ ଅନେକ ସମୟ ଧରି ପୁଲିସ ସହ ମାଟି ଚୋରଙ୍କ ଗୋଡ଼ାଗୋଡ଼ି ଚାଲିଥିଲା ଓ ଶେଷରେ ୪ ଜଣ ମେସିନ ଅପରେଟରଙ୍କୁ ପୁଲିସ ଧରିବାରେ ସକ୍ଷମ ହୋଇଥିଲା। ଘଟଣାସ୍ଥଳରୁ ମାଟି ଖୋଳାରେ ନିୟୋଜିତ ଥିବା ୫ ପ୍ରୋକଲୀନ ମେସିନ ଓ ୧୩ ହାଇଓ୍ୱା ଜବତ କରିବାରେ ପୁଲିସ ସକ୍ଷମ ହୋଇଛି। ଆଜି ଦିନରେ ୫ ପ୍ରୋକଲୀନ ମେସିନ ଓ ୧୩ ହାଇଓ୍ୱାକୁ ପୁଲିସ କୁଜଙ୍ଗ ଆଣିଥିବା ବେଳେ ଏହି ମେସିନ ଓ ହାଇଓ୍ୱା ମାଲିକ କିଏ ଏବଂ ସେମାନେ କାହା ନିର୍ଦ୍ଦେଶରେ ମାଟି ଖୋଳି କେଉଁ କାର୍ଯ୍ୟରେ ନେଇ ପକାଉଥିଲେ ତାହାର ତଦନ୍ତ ଆରମ୍ଭ କରିଛି ପୁଲିସ।

**AFFIDAVIT**

By virtue of an affidavit sworn before Notary Public, Puri, dated 11.05.2026, I Smita Moharana, Address PHD Colony Water Works Road, Po- Station Road Puri, Ps- Sea Beach, Dist- Puri, Odisha, Pin-752002 declare that I have changed the name of my son from Sudhanshu Moharana to Suresh Moharana, Henceforth, he shall be known as Suresh Moharana for all purpose.

Smita Moharana

ଓଲିଉଡ୍‌ର ବିଶିଷ୍ଟ ବ୍ୟକ୍ତିତ୍ୱଙ୍କ ସହ ମୁଖ୍ୟମନ୍ତ୍ରୀଙ୍କ ମାନସ ମନ୍ଥନ

# ଖୁବ୍ ଶୀଘ୍ର ଆସିବ ସ୍ୱତନ୍ତ୍ର ଚଳଚ୍ଚିତ୍ର ନୀତି



ଭୁବନେଶ୍ୱର,୧୫।୫(ସଂଚାର ବ୍ୟୁରୋ): ଓଡ଼ିଆ ଚଳଚ୍ଚିତ୍ର ଶିଳ୍ପର ପୁନରୁଦ୍ଧାର ଓ ଏହାର ଉନ୍ନତି ପାଇଁ ରାଜ୍ୟ ସରକାର ଅନେକ ପଦକ୍ଷେପ ନେବାକୁ ଯାଉଛନ୍ତି। ଏହି ପରିପ୍ରେକ୍ଷୀରେ ଆଜି ସଂସ୍କୃତି ଭବନଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ଆଲୋଚନାଚକ୍ରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଚଳଚ୍ଚିତ୍ର ଜଗତର ବିଶିଷ୍ଟ ବ୍ୟକ୍ତି ତଥା କଳାକାରଙ୍କ ସହ ଓଡ଼ିଆ ସିନେମାର ବର୍ତ୍ତମାନର ସ୍ଥିତି ଓ ଭବିଷ୍ୟତ ଉପରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିଛନ୍ତି। ଏହି ଅବସରରେ ସେ ଓଡ଼ିଆ ଚଳଚ୍ଚିତ୍ରକୁ ଜାତିର ଅସ୍ମିତାର ପରିଚୟ ଭାବେ ବର୍ଣ୍ଣନା କରି ଖୁବ୍ ଶୀଘ୍ର ନୂତନ 'ଚଳଚ୍ଚିତ୍ର ନୀତି'ର ପ୍ରଣୟନ ହେବ ବୋଲି ଘୋଷଣା କରିଛନ୍ତି।

### ମୌଳିକ ବିଷୟବସ୍ତୁକୁ ନେଇ ଚଳଚ୍ଚିତ୍ର ନିର୍ମାଣ ପାଇଁ ପରାମର୍ଶ

ଓଡ଼ିଆ ସିନେମାର ଲୋକପ୍ରିୟତା ସମ୍ପର୍କରେ ମତ ରଖି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଓଡ଼ିଆ ସିନେମାକୁ କାହାର ନକଲ କରିବା ଦରକାର ନାହିଁ, ବରଂ ଏହାକୁ ନିଜସ୍ୱ ସ୍ୱର ଖୋଜିବାକୁ ହେବ। ସେ କହିଥିଲେ ଯେ ମହାପ୍ରଭୁ ଶ୍ରୀ ଜଗନ୍ନାଥ ଓ ତାଙ୍କୁ ନେଇ ଗଢ଼ି ଉଠିଥିବା ଓଡ଼ିଆ ସଂସ୍କୃତି, କଳିଙ୍ଗର ସାମୁଦ୍ରିକ ଇତିହାସ, ଆଦିବାସୀ ସଂସ୍କୃତି, ବାତ୍ୟା ବନ୍ୟା ଆଦି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଲୋକଙ୍କ ସଂଘର୍ଷର କାହାଣୀ, ଗ୍ରାମ୍ୟ ଓଡିଶାର ସୁଖଦୁଃଖ, ମହାନଦୀ ଓ ଅନ୍ୟାନ୍ୟ ନଦୀର ନଈକୂଳିଆ ଜନଜୀବନ ଇତ୍ୟାଦି ଅନେକ ମୌଳିକ ବିଷୟ ରହିଛି। ଓଡ଼ିଆ ଜନଜୀବନ ସହ ଯୋଡ଼ି ହୋଇଥିବା ମୌଳିକ ବିଷୟବସ୍ତୁକୁ ନେଇ ଚଳଚ୍ଚିତ୍ର ପ୍ରସ୍ତୁତ କଲେ ତା' ଲୋକଙ୍କ ମନକୁ ଆକର୍ଷିତ କରିପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଚଳଚ୍ଚିତ୍ର ନିର୍ମାଣ କ୍ଷେତ୍ରରେ ଦକ୍ଷତା ହାସଲ କରିବା ପାଇଁ ଓଡ଼ିଶାରେ ଫିଲ୍ମ ଟ୍ରେନିଂ ଇନ୍‌ଷ୍ଟିଚ୍ୟୁଟର ଆବଶ୍ୟକତା ଅଛି ବୋଲି ପ୍ରକାଶ କରି ଓଡ଼ିଶାରେ ଏହିପରି ଏକ ପ୍ରତିଷ୍ଠାନ ସ୍ଥାପନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ସେହିପରି ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି ଯେ ୨୦୩୬ରେ ଓଡ଼ିଶା ଯେଉଁ ଶତାବ୍ଦୀର ବର୍ଷ ପାଳନ କରିବାକୁ ଯାଉଛି, ସେଥିରେ ଓଡ଼ିଶା ଚଳଚ୍ଚିତ୍ର ଶିଳ୍ପ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। କାର୍ଯ୍ୟକ୍ରମରେ ଅଭିନେତା ଆକାଶ ଦାସ ନାୟକ, ଅଭିନେତା ସିଦ୍ଧାନ୍ତ ମହାପାତ୍ର, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶାଶ୍ୱତ ମିଶ୍ର, ସଂସ୍କୃତି ବିଭାଗ ନିର୍ଦ୍ଦେଶକ ଡକ୍ଟର ବିଜୟ କେତନ ଉପାଧ୍ୟାୟ ଓ ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବ ଡକ୍ଟର ଚନ୍ଦ୍ରଶେଖର ହୋତା ଅନୁଭବ ମହାନ୍ତି, ଅନୁ ଚୌଧୁରୀ, ପୁଷ୍ପା ପଣ୍ଡା, ହରିହର ମହାପାତ୍ର, ପିଙ୍କି ପ୍ରଧାନ, ପ୍ରଯୋଜକ ସିଦ୍ଧାର୍ଥ ଅଗ୍ରୱାଲଙ୍କ ସମେତ ଅନେକ ବିଶିଷ୍ଟ ବ୍ୟକ୍ତି ଓ ସିନେ ଟେକ୍ନିସିଆନ ଏହି ଆଲୋଚନାରେ ସାମିଲ ହୋଇଥିଲେ।

---

ରାଜସ୍ୱ କର୍ମଚାରୀଙ୍କ ବଦଳି ଓ ରୋଟେସନ୍ ପ୍ରକ୍ରିୟା ଶୀଘ୍ର ସାରିବାକୁ ନିର୍ଦ୍ଦେଶ

# ଗୋଟିଏ କାର୍ଯ୍ୟାଳୟରେ ୩ବର୍ଷରୁ ଅଧିକ କାର୍ଯ୍ୟ କରିପାରିବେନି

### ଜୁନ୍ ୧୫ ସୁଦ୍ଧା ପ୍ରକ୍ରିୟା ସାରିବାକୁ ରାଜସ୍ୱ ସଚିବଙ୍କ ନିର୍ଦ୍ଦେଶ



ଭୁବନେଶ୍ୱର,୧୫।୫(ସଂଚାର ବ୍ୟୁରୋ): ରାଜସ୍ୱ ପ୍ରଶାସନ ଅଧୀନରେ କାର୍ଯ୍ୟରତ ମନ୍ତ୍ରଣାଳୟ କର୍ମଚାରୀ ଓ କ୍ଷେତ୍ରସ୍ତରୀୟ କର୍ମଚାରୀଙ୍କ ବଦଳି ଓ ରୋଟେସନ୍ ପ୍ରକ୍ରିୟାକୁ କଡ଼ାକଡ଼ି ଭାବେ କାର୍ଯ୍ୟକାରୀ କରିବା ପାଇଁ ସମସ୍ତ ଜିଲ୍ଲାପାଳଙ୍କୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ନିର୍ଦ୍ଦେଶ ଜାରି କରାଯାଇଛି। ଏ ସଂକ୍ରାନ୍ତରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ ପାଢ଼ୀ ସମସ୍ତ ଜିଲ୍ଲାପାଳଙ୍କୁ ଚିଠି ଲେଖିଛନ୍ତି।

ବିଭାଗ ପକ୍ଷରୁ ଜାରି ନିର୍ଦ୍ଦେଶ ଅନୁଯାୟୀ, ବିଭାଗରେ କାର୍ଯ୍ୟରତ ସେକ୍ସନ୍ ଅଫିସର, ସିନିୟର ରେଭେନ୍ୟୁ ଆସିଷ୍ଟାଣ୍ଟ, ଜୁନିୟର ରେଭେନ୍ୟୁ ଆସିଷ୍ଟାଣ୍ଟ ଓ କ୍ଷେତ୍ର ସ୍ତରରେ କାର୍ଯ୍ୟରତ ରେଭେନ୍ୟୁ ସୁପରଭାଇଜର, ରେଭେନ୍ୟୁ ଇନ୍ସପେକ୍ଟର, ଆସିଷ୍ଟାଣ୍ଟ ରେଭିନ୍ୟୁ ଇନ୍ସପେକ୍ଟର, ଅମିନ ଆଦି କର୍ମଚାରୀ ଯେଉଁମାନେ ଗୋଟିଏ କାର୍ଯ୍ୟାଳୟରେ ତିନି ବର୍ଷରୁ ଅଧିକ ସମୟ ଧରି କାର୍ଯ୍ୟରତ ଅଛନ୍ତି, ସେମାନଙ୍କର ବଦଳି ଓ ରୋଟେସନ୍ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଜିଲ୍ଲାପାଳ, ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ବ୍ଲକ୍, ତହସିଲ୍ କାର୍ଯ୍ୟାଳୟରେ ପ୍ରଶାସନିକ କାର୍ଯ୍ୟଦକ୍ଷତା, ସ୍ୱଚ୍ଛତା ଓ ପାରଦର୍ଶିତା ବଜାୟ ରଖିବା ଉଦ୍ଦେଶ୍ୟରେ ଏହି ନିର୍ଦ୍ଦେଶ ଜାରି କରାଯାଇଛି।

ତେବେ ବିଭିନ୍ନ ଜିଲ୍ଲାରେ ବକେୟା ଥିବା ବଦଳିକୁ ରାଜ୍ୟ ସରକାର ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି। ଏହି ପରିପ୍ରେକ୍ଷୀରେ, ସମସ୍ତ ଜିଲ୍ଲାପାଳଙ୍କୁ ଚଳିତ ବଦଳି ଋତୁ ମଧ୍ୟରେ ଅର୍ଥାତ୍ ଆସନ୍ତା ଜୁନ୍ ୧୫ ତାରିଖ ସୁଦ୍ଧା ସମ୍ପୂର୍ଣ୍ଣ ବଦଳି ଓ ରୋଟେସନ୍ ପ୍ରକ୍ରିୟା ସମାପ୍ତ କରିବାକୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି। ଏଥିସହିତ ତିନିବର୍ଷରୁ ଅଧିକ ସମୟ ଧରି ଗୋଟିଏ କାର୍ଯ୍ୟାଳୟ କିମ୍ବା ପ୍ରତିଷ୍ଠାନରେ କାର୍ଯ୍ୟରତ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କ ବଦଳି ସରକାରଙ୍କ ପ୍ରଚଳିତ ନୀତି ଓ ନିର୍ଦ୍ଦେଶାବଳୀ ଅନୁସାରେ ଅନୁପାଳନ କରିବାକୁ ସୁନିଶ୍ଚିତ କରିବାକୁ କୁହାଯାଇଛି। ବଦଳି ପ୍ରକ୍ରିୟା ସମ୍ପନ୍ନ ହେବା ପରେ ଗ୍ରହଣ କରାଯାଇଥିବା ପଦକ୍ଷେପ ସମ୍ବନ୍ଧୀୟ ବିସ୍ତୃତ ରିପୋର୍ଟ୍ ତୁରନ୍ତ ବିଭାଗକୁ ପ୍ରେରଣ କରିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି।

---



## ଆମ୍ବୁଲାନ୍ସରୁ ସରିଗଲା ତେଲ, ରୋଗୀ ମୃତ

କଟକ,୧୫।୫(ସଂଚାର ବ୍ୟୁରୋ): କଟକ କାଠଯୋଡ଼ି ନିକଟରେ ବଡ଼ ଦୁର୍ଘଟଣା। ଆମ୍ବୁଲାନ୍ସରୁ ତେଲ ସରିଯିବାରୁ ରୋଗୀ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। କେନ୍ଦ୍ରାପଡ଼ାରୁ ଭୁବନେଶ୍ୱର ରୋଗୀ ନେଇ ଯାଉଥିବା ସମୟରେ କଟକ କାଠଯୋଡ଼ି ବ୍ରିଜ୍ ଉପରେ ଆମ୍ବୁଲାନ୍ସରୁ ଅଚାନକ ତେଲ ସରିଗଲା। ଫଳରେ ଅକ୍ସିଜେନ୍ ବନ୍ଦ ହୋଇଯାଇଥିଲା ଓ ଆମ୍ବୁଲାନ୍ସରେ ଥିବା ରୋଗୀଙ୍କର ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ମୃତକ ଜଣଙ୍କ ହେଲେ କେନ୍ଦ୍ରାପଡ଼ାର ୨୭ ବର୍ଷୀୟ ପ୍ରକାଶ କୁମାର ତାଣ୍ଡି। ତେବେ ଘଟଣାର ପ୍ରକୃତ କାରଣ ଜଣାପଡ଼ିନାହିଁ।

● ପୂର୍ବ ଶତ୍ରୁତାକୁ ନେଇ ବୁଲିଲା ଖଣ୍ଡା

## ରାସ୍ତାରେ ଗୋଡ଼ାଇ ଗୋଡ଼ାଇ ଯୁବକଙ୍କୁ ହାଣିଲେ

ଭୁବନେଶ୍ୱର,୧୫।୫(ସଂଚାର ବ୍ୟୁରୋ): ଅଶାନ୍ତ ହେଉଛି ରାଜଧାନୀ ଭୁବନେଶ୍ୱର। ପୂର୍ବ ଶତ୍ରୁତାକୁ ନେଇ ପୁଣି ରାଜଧାନୀରେ ବୁଲିଲା ଖଣ୍ଡା। ରାସ୍ତାରେ ଗୋଡ଼ାଇ ଗୋଡ଼ାଇ ଯୁବକଙ୍କୁ ହାଣିଲେ ଦୁର୍ବୃତ୍ତ। ଏଭଳି ଅଭାବନୀୟ ଘଟଣା ଘଟିଛି ଧଉଳି ଥାନା ନୂଆଗାଁ ଅଞ୍ଚଳରେ। ଦୁର୍ବୃତ୍ତଙ୍କ ଖଣ୍ଡା ଚୋଟରେ ଯୁବକଙ୍କ ମୁଣ୍ଡ ଓ ହାତରେ ଲାଗିଛି ଗୁରୁତର ଆଘାତ। ଆହତ ଯୁବକ ଜଣଙ୍କ ହେଲେ ସୁବୁନ ଧିର। ଗୁରୁତର ଅବସ୍ଥାରେ ତାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଖବର ପାଇ ଘଟଣାସ୍ଥଳରେ ଛାନଭିନ୍ ଆରମ୍ଭ କରିଛି ଧଉଳି ଥାନା ପୁଲିସ। ସେହିପରି ଦୁଇ ଦିନ ପୂର୍ବରୁ ସହିଦ ନଗର ସବର ସାହିରେ ଛୁରା ମାଡ଼ ହୋଇଥିଲା। ସାଙ୍ଗର ଛୁରା ମାଡ଼ରେ ସାଙ୍ଗ ଆହତ ହୋଇଥିଲା। ଏକାଠି ୩ ସାଙ୍ଗ ଭୋଜି କରି ଖାଉଥିବା ସମୟରେ ସାମାନ୍ୟ ବଚସାରୁ ଛୁରାମାଡ଼ ହୋଇଥିଲା। ଚିକିତ୍ସା ପାଇଁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲା ସହିଦ ନଗର ଥାନା ପୁଲିସ। ଛୁରା ମାଡ଼ରେ ରାମ ସୋରେନଙ୍କ ମୁଣ୍ଡରେ ଲାଗିଥିଲା ଶକ୍ତ ଆଘାତ। ତିନି ସାଙ୍ଗଙ୍କୁ ଅଟକ ରଖି ଘଟଣାର ତଦନ୍ତ କରୁଥିଲା ସହିଦ ନଗର ଥାନା ପୁଲିସ।

ଭାରସାମ୍ୟ ହରାଇ ବ୍ରିଜ ତଳକୁ ଖସିଲା କାର

## ଝିଅ ମୃତ, ବାପା-ମା' ଗୁରୁତର

ଯାଜପୁର,୧୫।୫(ସଂଚାର ବ୍ୟୁରୋ): ଭାରସାମ୍ୟ ହରାଇ ବ୍ରିଜ ତଳକୁ ଖସିଲା କାର। ଏଥିରେ ଗାଡ଼ିରେ ଥିବା ଝିଅ ମୃତ୍ୟୁବରଣ କରିଥିବା ବେଳେ ବାପା-ମା' ଗୁରୁତର ଭାବେ ଆହତ ହୋଇଛନ୍ତି। ୧୬ ନଂ ଜାତୀୟ ରାଜପଥର ଯାଜପୁର ଜିଲ୍ଲା ଖଣ୍ଡିତର ବ୍ରିଜ ନିକଟରେ ଘଟିଛି ଏହି ମର୍ମନ୍ତୁଦ ସଡ଼କ ଦୁର୍ଘଟଣା। ଭୁବନେଶ୍ୱର ଅଞ୍ଚଳର ଦୀନଦୟାଲ ମୁଖାର୍ଜୀ ନିଜ ପତ୍ନୀ ସନ୍ଧ୍ୟା ମୁଖାର୍ଜୀ ଓ ଝିଅ ଶ୍ରେଷ୍ଠା ମୁଖାର୍ଜୀଙ୍କୁ ସାଙ୍ଗରେ ନେଇ କାରରେ ଘସିପୁରା ଯାଉଥିଲେ। ତେବେ କୁଆଖିଆ ଥାନା ଅଧୀନସ୍ଥ ଖଣ୍ଡିତର ବ୍ରିଜ ନିକଟରେ ଭାରସାମ୍ୟ ହରାଇ କାର୍‌ଟି ପ୍ରଥମେ ଡିଭାଇଡରକୁ ଧକ୍କା ଦେଇ ବ୍ରିଜ ତଳକୁ ଓଲଟି ପାଣିରେ ପଡ଼ିଥିଲା। ଏନେଇ ସ୍ଥାନୀୟ ଲୋକେ କୁଆଖିଆ ଥାନା ପୁଲିସକୁ ଖବର ଦେଇଥିଲେ। ପୁଲିସ ଓ ଅଗ୍ନିଶମ ବାହିନୀର କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି କାରଟିକୁ ପାଣିରୁ ଉଦ୍ଧାର କରିଥିଲେ। ଏହି ଦୁର୍ଘଟଣାରେ ଝିଅର ମୃତ୍ୟୁ ହୋଇଥିବା ବେଳେ ବାପା-ମା' ଗୁରୁତର ଆହତ ହୋଇ କଟକକୁ ସ୍ଥାନାନ୍ତର ହୋଇଛନ୍ତି। କୁଆଖିଆ ଥାନା ପୁଲିସ ଦୁର୍ଘଟଣାଗ୍ରସ୍ତ କାରକୁ ଜବତ କରିଛି। ଏଥିସହ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଘଟଣାର ଅଧିକ ତଦନ୍ତ ଜାରି ରଖିଛି।

## ପେଟ୍ରୋଲ ପମ୍ପରେ ଜିଲ୍ଲାପାଳଙ୍କ ଚଢ଼ାଉ

● ୪ ହଜାର ଲିଟର ଗଚ୍ଛିତ ରଖିଥିଲେ



କଟକ,୧୫।୫(ସଂଚାର ବ୍ୟୁରୋ): ଯୁଦ୍ଧ ସ୍ଥିତିରେ ତେଲର କମ ଖର୍ଚ୍ଚ ନେଇ ମୋଦିଙ୍କ ସମ୍ବୋଧନ ମେଡିଆରେ ଆସିବା ପରେ ପେଟ୍ରୋଲ ପମ୍ପରେ ନାହିଁ ନଥିବା ଭିଡ଼ ଦେଖିବାକୁ ମିଳିଛି, ଯାହାକୁ ନେଇ କଳାବଜାରୀ ବଢ଼ିବାରେ ଲାଗିଛି। ଏହାର ଫାଇଦା ଏବେ କିଛି ପେଟ୍ରୋଲ ପମ୍ପ ମାଲିକ ନେଉଥିବା ଅଭିଯୋଗ ହୋଇଛି। ଆଜି କଟକର ଏକ ଟାଙ୍କିରେ ତେଲ ଦିଆଯାଉନଥିବା ନେଇ ଅଭିଯୋଗ ହୋଇଥିଲା। ଫଳରେ କଟକ କନିକା ଛକସ୍ଥିତ ପେଟ୍ରୋଲ ପମ୍ପରେ ଜିଲ୍ଲାପାଳଙ୍କ ଅଚାନକ ଚଢ଼ାଉ ଦେଖାଯାଇଥିଲା। ଚଢ଼ାଉ ପରେ ପମ୍ପ ମାଲିକଙ୍କ ମିଛ ଧରାପଡ଼ିଥିଲା। ତେଲ ଥାଇ ମଧ୍ୟ ଷ୍ଟକ୍ ନାହିଁ କହି ପମ୍ପ ବନ୍ଦ କରିଦେଇଥିଲେ ମାଲିକ। ୪ ହଜାର ଲିଟର ପେଟ୍ରୋଲ ଗଚ୍ଛିତ ରଖି ତେଲ ନ ଥିବା କହିଥିଲେ। ଜିଲ୍ଲାପାଳଙ୍କ କଡ଼ା ପ୍ରଶ୍ନ ଯେ ସାଧାରଣ ଲୋକଙ୍କ ସମସ୍ୟାଠାରୁ ବଡ଼ ଇମର୍ଜେନ୍ସି ଆଉ କ'ଣ ହୋଇପାରେ। ଜିଲ୍ଲାପାଳ ଚଢ଼ାଉ କରିବା ପରେ ତୁରନ୍ତ ପେଟ୍ରୋଲ୍ ପମ୍ପ୍ ଖୋଲିଥିଲା ଏବଂ ଜିଲ୍ଲାପାଳଙ୍କ ତାଗିଦ୍ ପରେ ଟାଙ୍କି ପକ୍ଷରୁ ଲୋକଙ୍କୁ ତେଲ ଦିଆଯାଇଥିଲା।

---

## ୧୮ ଓ ୨୫ରେ ମୁଖ୍ୟମନ୍ତ୍ରୀଙ୍କ ଜନଅଭିଯୋଗ ଶୁଣାଣି ବନ୍ଦ

ଭୁବନେଶ୍ୱର,୧୫।୫(ସଂଚାର ବ୍ୟୁରୋ): ଆସନ୍ତା ୧୮ ଓ ୨୫ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ 'ଜନ ଅଭିଯୋଗ ଶୁଣାଣି' କାର୍ଯ୍ୟକ୍ରମ ବନ୍ଦ ରହିବ। ପ୍ରଚଣ୍ଡ ରୌଦ୍ରତାପ ଯୋଗୁଁ ଆସନ୍ତା ସୋମବାର ୧୮ ଓ ପରବର୍ତ୍ତୀ ସୋମବାର ୨୫ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ବନ୍ଦ ରହିବ। ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ସମ୍ପର୍କରେ ଜନସାଧାରଣଙ୍କୁ ସମ୍ବାଦପତ୍ର ତଥା ଅନ୍ୟ ଗଣମାଧ୍ୟମ ଜରିଆରେ ଜଣାଇ ଦିଆଯିବ ବୋଲି ଆଜି ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ଶୋଇଥିବା ସମୟରେ ବୃଦ୍ଧଙ୍କୁ ଦଳିଦେଲା ଦନ୍ତା



ଅନୁଗୁଳ,୧୫।୫(ସଂଚାର ବ୍ୟୁରୋ): ଅନୁଗୁଳରେ ବଢ଼ିଗଲାଣି ହାତୀ ଉପଦ୍ରବ। ବନ୍ତଲା ରେଞ୍ଜ ଗଡ଼ତଳମୂଳ ଗାଁରେ ମଧ୍ୟରାତ୍ରରେ ହାତୀ ଆକ୍ରମଣରେ ବୃଦ୍ଧ ମୃତ୍ୟୁ ହୋଇଛି। ମୃତକ ଜଣଙ୍କ ହେଲେ ତଳମୂଳ ଗାଁର ଆରତ ଭୋଇ। ସେ ଘରେ ଶୋଇଥିବା ସମୟରେ ହାତୀଟି ଘରେ ପଶି ତାଙ୍କୁ ଆକ୍ରମଣ କରିଥିଲା। ଫଳରେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଥିଲା। ଗତକାଲି କୁସୁମପାଟ ଗାଁରେ ମଧ୍ୟ ଜଣେ ମହିଳାଙ୍କୁ ହାତୀ ଦଳିମାରିଥିଲା। ଲଗାତର ଦୁଇ ଦିନ ଧରି ହାତୀ ଆକ୍ରମଣରେ ଦୁଇ ଜଣଙ୍କ ମୃତ୍ୟୁ ଘଟିବାରୁ ଗ୍ରାମରେ ଭୟ ଓ ଶୋକର ପରିବେଶ ଖେଳିଯାଇଛି। ବାରମ୍ବାର ଏହି ଅଞ୍ଚଳରେ ହାତୀଙ୍କ ଉପଦ୍ରବ ବଢ଼ୁଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି। ବନ ବିଭାଗ ତୁରନ୍ତ ମୃତକଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ କରିବା ସହ ହାତୀ ଘଉଡ଼ାଇବା ପାଇଁ ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି।

---

# ପ୍ରାକୃତିକ ତୈଳ ଯୋଗାଣ ସୁବ୍ୟବସ୍ଥିତ ପାଇଁ ବୈଠକ



ଭୁବନେଶ୍ୱର,୧୫।୫(ସଂଚାର ବ୍ୟୁରୋ): ରାଜ୍ୟରେ ପ୍ରାକୃତିକ ତୈଳ ଜନସାଧାରଣଙ୍କ ପାଇଁ ଉପଲବ୍ଧ କରିବା ପାଇଁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଗୁରୁତ୍ୱାରୋପ କରିଛି। ଏହି ଉଦ୍ଦେଶ୍ୟରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ଅଧ୍ୟକ୍ଷତାରେ ତୈଳ କମ୍ପାନୀର ପ୍ରତିନିଧିମାନଙ୍କ ସହ ଏକ ବୈଠକ ସଚିବାଳୟସ୍ଥିତ ମନ୍ତ୍ରୀଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଛି। ରାଜ୍ୟରେ ଯୋଗାଣ ଶୃଙ୍ଖଳକୁ ସ୍ଥିର ରଖିବା ସହ ଜନସାଧାରଣଙ୍କ ସ୍ୱାର୍ଥକୁ ଅଗ୍ରାଧିକାର ଦେବା ସକାଶେ ସେ ପରାମର୍ଶ ଦେଇଛନ୍ତି।

ବର୍ତ୍ତମାନ ରାଜ୍ୟରେ ପେଟ୍ରୋଲ ଓ ଡିଜେଲ ପ୍ରଚୁର ପରିମାଣରେ ଉପଲବ୍ଧ ରହିଛି। ରାଜ୍ୟରେ ସମସ୍ତ ପେଟ୍ରୋଲ ପମ୍ପକୁ ତୈଳ ଯୋଗାଣ ସ୍ଥିର ରହିଛି। ଜନସାଧାରଣ ଏ ଦିଗରେ ସଚେତନ ରହିବା ସହ ଭୟଭୀତ ନ ହୋଇ ପେଟ୍ରୋଲ ଓ ଡିଜେଲ ଆବଶ୍ୟକତାଠାରୁ ଅଧିକ ନ କିଣିବାକୁ ତୈଳ କମ୍ପାନୀର ପ୍ରତିନିଧିମାନେ ବୈଠକରେ ଅବଗତ କରାଇଥିଲେ। ରାଜ୍ୟରେ ତେଲ ଯୋଗାଣ ସ୍ୱାଭାବିକ ଥିବା ବେଳେ କେତେକ ସ୍ଥାନରେ ପେଟ୍ରୋଲ ପମ୍ପରେ ତେଲ ଅଭାବର ଖବର ପ୍ରତି ବିଶେଷ ଗୁରୁତ୍ୱ ଦେବା ସହ ଏହି ସମସ୍ୟାର ତ୍ୱରିତ ସମାଧାନ କରିବା ନିମନ୍ତେ ପଦକ୍ଷେପ ଗ୍ରହଣ କରିବା ନେଇ ପ୍ରତିନିଧିମାନେ ପ୍ରତିଶ୍ରୁତି ଦେଇଥିଲେ। ବୈଠକରେ ଇଣ୍ଡିଆନ୍ ଅଏଲ୍‌ର ରାଜ୍ୟ ମୁଖ୍ୟ କମଲ ସିଲ୍, ଏଚ୍‌ପିସିଏଲ୍‌ର ଆଶିଷ ପାଣ୍ଡେ, ବିପିସିଏଲ୍‌ର ଦୀପକ ଅଗ୍ରୱାଲଙ୍କ ସମେତ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

---

ବେଆଇନ ଅସ୍ତ୍ରଶସ୍ତ୍ର କାରବାରର ପର୍ଦ୍ଦାଫାସ

## ୫ଟି ପିସ୍ତଲ ସହ ୫ ଅଭିଯୁକ୍ତ ଗିରଫ



ସମ୍ବଲପୁର,୧୫।୫(ସଂଚାର ବ୍ୟୁରୋ): ସମ୍ବଲପୁରରେ ବେଆଇନ ଅସ୍ତ୍ରଶସ୍ତ୍ର କାରବାରର ପର୍ଦ୍ଦାଫାସ ହୋଇଛି। ୫ଟି ପିସ୍ତଲ ଜବତ ହୋଇଥିବା ବେଳେ ୫ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସହରର ବିଭିନ୍ନ ସ୍ଥାନରେ ଚଢ଼ାଉ କରି ପୁଲିସ ୫ଟି ବେଆଇନ ଦେଶୀ ପିସ୍ତଲ ସହ ୧୯ ରାଉଣ୍ଡ ଗୁଳି ମଧ୍ୟ ଜବତ କରିଛି। ଆଜି ସମ୍ବଲପୁର ପୁଲିସ ମୁଖ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଏସପି ମୁକେଶ କୁମାର ଭାମୁ ଏହି ସୂଚନା ଦେଇଛନ୍ତି। ଗିରଫ ଅଭିଯୁକ୍ତମାନେ ହେଲେ ବିନୟ ପ୍ରଧାନ, ବିକ୍ରମ ପଟ୍ଟନାୟକ, ନୁରୁଲ ହୁଡ଼ା, ଲାଲମୋହନ ଯାଦବ ଓ ଭାରତ ସୁନା। ଏସପିଙ୍କ ସୂଚନାନୁସାରେ, ଗିରଫ ଭାରତ ସୁନା ଜଣେ ପୂର୍ବତନ ରେଳବାଇ କର୍ମଚାରୀ। ସେ ବିହାରର ମୁଙ୍ଗେର ଅଞ୍ଚଳରୁ ଅସ୍ତ୍ରଶସ୍ତ୍ର ଆଣି ସମ୍ବଲପୁର ଓ ଝାରସୁଗୁଡ଼ା ଅଞ୍ଚଳରେ ଯୋଗାଉଥିଲା। ଅନ୍ୟ ଅଭିଯୁକ୍ତ ବିକ୍ରମ ପଟ୍ଟନାୟକଙ୍କ ନାଁରେ ପୂର୍ବରୁ ଅନେକ ଅପରାଧିକ ମାମଲା ରହିଛି। ଏହି କାରବାରରେ ଆଉ କେଉଁମାନେ ସମ୍ପୃକ୍ତ ଅଛନ୍ତି, ସେନେଇ ପୁଲିସ ଅଧିକ ତଦନ୍ତ ଜାରି ରଖିଛି। ଅଇଁଠାପାଲି ଓ କ୍ଷେତ୍ରରାଜପୁର ଥାନା ପୁଲିସ ମିଳିତ ଭାବେ ଏହି ସଫଳ ଅପରେସନ କରିଥିବା ଏସପି କହିଛନ୍ତି।

---

୨୫୦ ଫୁଟ ତଳକୁ ଖସିଲା ଡୋଜର

## ପଥର ତଳେ ପୋତି ହୋଇ ଚାଲିଗଲା ଚାଳକଙ୍କ ଜୀବନ



ଖଣି କାର୍ଯ୍ୟାଳୟ ଘେରାଉ

ବଣାଇ,୧୫।୫(ସଂଚାର ବ୍ୟୁରୋ): ଗୁରୁବାର ରାତିରେ ଓଏମ୍‌ସି ଖଣ୍ଡାଧାର ଲୌହଖଣିରେ ଏକ ଅଘଟଣ ଘଟିଥିବାର ସୂଚନା ମିଳିଥିଲା। ସମ୍ପ୍ରତି ଏହି ଖଣି ଆଦାନୀ କମ୍ପାନୀକୁ ମିଳିଥିବା ବେଳେ କମ୍ପାନୀ ପୁଣି ସବ୍ ଲିଜ୍‌ରେ ଏହାକୁ ଧାତ୍ରୀ ମାଇନ୍ସ ରିସୋର୍ସେସ ଠିକାସଂସ୍ଥାକୁ ଦେଇଛି। ଡମ୍ପିଂୟାର୍ଡରେ ଠିକାସଂସ୍ଥା ଧାତ୍ରୀ ମାଇନ୍ସ ରିସୋର୍ସେସ ପ୍ରାଇଭେଟ୍ ଲିମିଟେଡ୍‌ରେ ଲାଗିଥିବା ଏକ ଡୋଜର ସହ ଚାଳକ ଅବିନାଶ କେରକେଟା ଗତ ରାତି ପ୍ରାୟ ୨୫୦ ଫୁଟ ତଳକୁ ଡୋଜର ସହ ଖସିପଡ଼ିଥିଲେ। ଆଜି ସକାଳେ ଏହି ଖବର ପାଇ ଘଟଣାସ୍ଥଳରେ ଲହୁଣିପ ପୁଲିସ ଓ ଅଗ୍ନିଶମ ବିଭାଗ ଦୀର୍ଘ ସମୟ ଧରି ଖୋଜିବା ପରେ ଏବେ ଡୋଜର ଚାଳକ ଅବିନାଶଙ୍କ ମୃତଦେହ ପଥର ତଳୁ ଠାବ କରିବା ପରେ ଉଦ୍ଧାର କରିଥିବା ଜଣାପଡ଼ିଛି। ମୃତକ ବରସୁଆଁ ତଳବଜାର ବାସିନ୍ଦା କିଶୋର କେରକେଟା ଓ ମା' ସୁଷମା କେରକେଟାଙ୍କ ବଡ଼ ପୁଅ ଅବିନାଶ କେରକେଟା ବୋଲି ଜଣାପଡ଼ିଛି।

ତେବେ ଘଟଣାସ୍ଥଳକୁ ପରିବାର ଲୋକଙ୍କୁ ଖଣି କର୍ତ୍ତୃପକ୍ଷ ଛାଡ଼ି ନ ଥିବାରୁ ଲୋକମାନେ ଉତ୍ତ୍ୟକ୍ତ ହୋଇଥିଲେ। ପୂର୍ବରୁ ୨୪ ଘଣ୍ଟା ଡ୍ୟୁଟି କରିସାରିବା ପରେ ମଧ୍ୟ ତାଙ୍କୁ କାମ କରିବାକୁ ବାଧ୍ୟ କରାଯାଇଥିଲା। ଯାହା ଫଳରେ ଏହି ଅଘଟଣ ଘଟିଛି ବୋଲି ସାଥୀ ଶ୍ରମିକମାନେ କହିଛନ୍ତି। ତେଣୁ ଖଣି କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁଁ ଅବିନାଶଙ୍କର ମୃତ୍ୟୁ ହୋଇଛି ବୋଲି ସେମାନେ ଅଭିଯୋଗ କରିଛନ୍ତି। ଖବର ଲେଖା ହେବା ବେଳକୁ ଶ୍ରମିକ ଓ ମୃତ ଅବିନାଶଙ୍କ ପରିବାର ଲୋକେ ଖଣି କାର୍ଯ୍ୟାଳୟକୁ ଘେରାଉ କରି ରଖିଛନ୍ତି।

---

● ଜମିବାଡ଼ି ବିବାଦରୁ ସଙ୍ଘବଦ୍ଧ ଆକ୍ରମଣ ଘଟଣା

## ୪ ଗିରଫ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ



ମହାକାଳପଡ଼ା,୧୫।୫(ସଂଚାର ବ୍ୟୁରୋ): ଜମିବାଡ଼ି ବିବାଦକୁ ନେଇ ଭାଇ ଭାଇ ମଧ୍ୟରେ ଘଟିଛି ଜଘନ୍ୟ କାଣ୍ଡ। ଏଥିରେ ଜଣଙ୍କର ଜୀବନ ଯାଇଛି। ସୂଚନା ମୁତାବକ, ମହାକାଳପଡ଼ା ଥାନା ଅନ୍ତର୍ଗତ ବାରଡାଙ୍ଗ ଗ୍ରାମରେ ଏକ ସମ୍ବେଦନଶୀଳ ଘଟଣା ଘଟିଛି। ବଡ଼ ଭାଇ ଅଭୟ ନାଉରୀଙ୍କ ପରିବାର ସହ ସାନ ଭାଇ ତଥା ହୋମିଓପାଥିକ୍ ଡାକ୍ତର ଗୋଲେଖି ଚନ୍ଦ୍ର ନାଉରୀ (ଙ୍କର ଗତକାଲି ସନ୍ଧ୍ୟାରେ ଜମିଜମା ବିବାଦକୁ ନେଇ ମାରପିଟ ହୋଇଥିଲା। ଅଭୟଙ୍କ ସହିତ ତାଙ୍କ ସ୍ତ୍ରୀ,ପୁଅ, ବୋହୂ ଓ ତାଙ୍କ ସମୁଦୀ ସଙ୍ଘବଦ୍ଧ ଆକ୍ରମଣ କରିବାରୁ ଘଟଣାସ୍ଥଳରେ ସଂଜ୍ଞାହୀନ ହୋଇପଡ଼ିଥିଲେ ଗୋଲେଖୀ। ତୁରନ୍ତ ତାଙ୍କୁ କେନ୍ଦ୍ରାପଡ଼ା ଜିଲ୍ଲା ଚିକିତ୍ସାଳୟକୁ ନେଇଥିଲେ ମଧ୍ୟ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଗୋଲେଖୀଙ୍କ ପତ୍ନୀ କଳ୍ପନା ମହାକାଳପଡ଼ା ଥାନାରେ ଲିଖିତ ଅଭିଯୋଗ ପରେ ପୁଲିସ କେସ ନମ୍ବର ୧୩୯/୨୨ ରେ ମାମଲା ରୁଜୁ କରି ୪ ଜଣଙ୍କୁ ଗିରଫ କରି ଆଜି କୋର୍ଟ ଚାଲାଣ କରିଛି। ଏହି ଘଟଣାରେ ଅନ୍ୟ ଦୁଇ ଜଣ ଅଭିଯୁକ୍ତ ଫେରାର ଅଛନ୍ତି ବୋଲି ପୁଲିସ ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ ମୃତଦେହକୁ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି। ଆଜି ପୁଲିସ ସାଇଣ୍ଟିଫିକ୍ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ଛାନଭିନ ଆରମ୍ଭ କରିଥିବା ବେଳେ ଅଧିକ ତଦନ୍ତ ପାଇଁ କେନ୍ଦ୍ରାପଡ଼ା ଏସ୍‌ପିଡିଓ ଜ୍ୟୋତି ରଞ୍ଜନ ଗୌଡ଼ ତଦନ୍ତ ପ୍ରକ୍ରିୟାକୁ ଜୋରଦାର କରିଥିବା ଜଣାପଡ଼ିଛି।

---

## ଏବିଡିଓଙ୍କ ଉପରେ ବର୍ଷିଲେ ଅରିନ୍ଦମ୍



କଟକ,୧୫।୫(ସଂଚାର ବ୍ୟୁରୋ): କଟକ ଟାଙ୍ଗୀ ବ୍ଲକରେ ଏବିଡିଓଙ୍କ ଉପରେ ବର୍ଷିଛନ୍ତି ବିଜେପି ନେତା ତଥା ଅଭିନେତା ଅରିନ୍ଦମ ରାୟ। ଏବିଡିଓ ଶାଶ୍ୱତ ଜେନା ଓ ଅରିନ୍ଦମ ମୁହାଁମୁହିଁ ହୋଇଛନ୍ତି। ତାଙ୍କୁ ଅଣଦେଖା କରାଯାଉଥିବା ଅଭିଯୋଗ କରି ବର୍ଷିଛନ୍ତି ଅରିନ୍ଦମ। ସେ କହିଛନ୍ତି ଯେ ପଞ୍ଚାୟତ ସମିତି ବୈଠକରେ ବିଜେପି ନେତାଙ୍କୁ ଡକାଯାଉନି। କୌଣସି ସରକାରୀ କାର୍ଯ୍ୟକ୍ରମରେ ଯୋଗଦେବା ସକାଶେ ମଧ୍ୟ ନିମନ୍ତ୍ରଣ ଦିଆଯାଉନାହିଁ। ଆଠଗଡ଼ ନିର୍ବାଚନମଣ୍ଡଳୀ ପକ୍ଷରୁ ବିଜେପି ନେତା ତଥା ବିଧାୟକ ପ୍ରାର୍ଥୀ ଅଭୟ ବାରିକ ଓ ସାଲେପୁର ନିର୍ବାଚନମଣ୍ଡଳୀ ପକ୍ଷରୁ ଅରିନ୍ଦମ ମିଳିତ ଭାବେ କର୍ମୀମାନଙ୍କୁ ଧରି ବ୍ଲକ୍‌ରେ ପହଞ୍ଚିବା ସହ ବିଡିଓଙ୍କ ଅନୁପସ୍ଥିତିରେ ଏବିଡିଓଙ୍କୁ ପ୍ରଶ୍ନ କରିବା ସହ ଘେରିଥିଲେ। ଏହାକୁ ନେଇ କିଛି ସମୟ ପାଇଁ ବ୍ଲକ ପରିସରରେ ଉତ୍ତେଜନା ସୃଷ୍ଟି ହୋଇଥିଲା। ତେବେ ଏନେଇ ଏବିଡିଓଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

---

ଓଡ଼ିଶାରେ ଏସ୍‌ଆଇଆର

# ଭାରତୀୟ ନାଗରିକ ହୋଇ ନ ଥିଲେ ସିଧା ବିଦା

ଅଦ୍ୟାବଧି ବାଦ୍ ପଡିଛନ୍ତି ୯.୮୦ ଲକ୍ଷ ଭୋଟର

ସେପ୍ଟେମ୍ବର ୬ରେ ଆସିବ ଚୂଡ଼ାନ୍ତ ତାଲିକା

ବୁଥ୍ ପିଛା ଭୋଟର ସଂଖ୍ୟା ୧୨ ଶହ ଟପିବନି

ବୁଥ ସଂଖ୍ୟା ୪୫,୨୫୫କୁ ବଢ଼ିବ



ଭୁବନେଶ୍ୱର,୧୫।୫(ସଂଚାର ବ୍ୟୁରୋ): ରାଜ୍ୟରେ ବର୍ତ୍ତମାନ ୩ କୋଟି ୩୪ ଲକ୍ଷ ଭୋଟରଙ୍କ ମଧ୍ୟରୁ ବାଦ୍ ପଡ଼ିଛନ୍ତି ୯ ଲକ୍ଷ ୮୦ ହଜାରରୁ ଅଧିକ। ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆରଏସ ଗୋପାଳନ ଏହି ସୂଚନା ଦେଇଛନ୍ତି। ଏଥିସହ ଯେଉଁମାନେ ଭାରତୀୟ ନାଗରିକ ନୁହନ୍ତି, ସେମାନଙ୍କୁ ତୁରନ୍ତ ରାଜ୍ୟ ସହ ଦେଶରୁ ବିଦା କରାଯିବ ସେ ସ୍ପଷ୍ଟ ଭାବେ କହିଛନ୍ତି। ସେହିଭଳି ଏସଆଇଆର ସରିବା ବେଳକୁ ରାଜ୍ୟର ବୁଥ ସଂଖ୍ୟା ୩୮ ହଜାର ୧୨୩ରୁ ୪୫ ହଜାର ୨୫୫କୁ ବୃଦ୍ଧି ପାଇବ।

ଓଡ଼ିଶାରେ ଆସନ୍ତା ୩୦ ତାରିଖରୁ ଆରମ୍ଭ ହେବ ଏସ୍‌ଆଇଆର। ଓଡ଼ିଶା ସମେତ ୧୬ ରାଜ୍ୟରେ ଏସଆଇଆର ହେବ। ଆସନ୍ତା ୨୦ରୁ ୨୯ ତାରିଖ ପର୍ଯ୍ୟନ୍ତ ଚାଲିବ ପ୍ରସ୍ତୁତି, ପ୍ରଶିକ୍ଷଣ ଓ ମୁଦ୍ରଣ କାର୍ଯ୍ୟ। ଆସନ୍ତା ୩୦ ତାରିଖରୁ ଜୁନ୍ ୨୮ ତାରିଖ ପର୍ଯ୍ୟନ୍ତ ଘରକୁ ଘର ବୁଲିବେ ବିଏଲଓ। ସେହିପରି ଜୁନ୍ ୨୮ ତାରିଖ ସୁଦ୍ଧା ମତଦାନ କେନ୍ଦ୍ରଗୁଡ଼ିକର ଯୁକ୍ତିସଙ୍ଗତ ପୁନର୍ବିନ୍ୟାସ କରାଯିବ। ଜୁଲାଇ ୫ ତାରିଖ ସୁଦ୍ଧା ଚିଠା ଭୋଟର ତାଲିକା ପ୍ରକାଶ ପାଇବ। ସେହିପରି ଜୁଲାଇ ୫ ତାରିଖରୁ ଅଗଷ୍ଟ ୪ ତାରିଖ ଭିତରେ ଦାବି ଓ ଆପତ୍ତି ଦାଖଲ ସମୟସୀମା ଧାର୍ଯ୍ୟ କରାଯାଇଛି। ସେହିପରି ଆସନ୍ତା ସେପ୍ଟେମ୍ବର ୬ ତାରିଖରେ ଅନ୍ତିମ ତଥା ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବ ବୋଲି ଶ୍ରୀ ଗୋପାଳନ କହିଛନ୍ତି।ରାଜ୍ୟରେ ବର୍ତ୍ତମାନ ୩ କୋଟି ୩୪ ଲକ୍ଷ ୫ ହଜାର ୪୮୬ ଜଣ ଭୋଟର ଅଛନ୍ତି। ସେମାନଙ୍କ ମଧ୍ୟରୁ ୯୪.୬୧ ପ୍ରତିଶତ ଲୋକଙ୍କର ମ୍ୟାପିଙ୍ଗ୍ ସରିଛି। ଭୋଟର ଚାହିଁଲେ ୱେବସାଇଟରୁ ଏନୁମରେସନ ଫର୍ମ ଡାଉନଲୋଡ କରି ନିଜେ ଅପଲୋଡ କରିପାରିବେ। ଏସଆଇଆର ଶେଷ ହେବା ବେଳେ ୪୫ ହଜାର ୨୫୫ ବୁଥ ହେବ। ପ୍ରତି ବୁଥରେ ସର୍ବାଧିକ ୧୨୦୦ ଭୋଟର ରହିବେ।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776

Editor: Himanshu Bhusan Kar ସମ୍ପାଦକ: ହିମାଂଶୁ ଭୂଷଣ କର

Chief Editor: Ajit Kumar Dash ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ

SANCHAR
ସଂଚାର
ଶନିବାର ୧୬ ମେ ୨୦୨୬
BUSINESS

### ଏସଇସି ଠକେଇ ମାମଲାରେ ଆଦାନୀଙ୍କୁ ବଡ଼ ଆଶ୍ୱସ୍ତି

# ୬ ମିଲିୟନ ଡଲାର ଦେବାକୁ ରାଜି ହେଲେ ଗୌତମ ଆଦାନୀ




ନୂଆଦିଲ୍ଲୀ, ୧୫।୫: ଆଦାନୀ ଗ୍ରୁପର ଅଧ୍ୟକ୍ଷ ଗୌତମ ଆଦାନୀ ଆମେରିକାର ସିକ୍ୟୁରିଟିଜ୍ ଆଣ୍ଡ ଏକ୍ସଚେଞ୍ଜ କମିଶନ (ଏସଇସି) ଦ୍ୱାରା ଦାୟର ହୋଇଥିବା ଏକ ଠକେଇ ମାମଲାର ସମାଧାନ ପାଇଁ ୬ ମିଲିୟନ ଆମେରିକୀୟ ଡଲାର (ପ୍ରାୟ ୫୦ କୋଟିରୁ ଅଧିକ ଟଙ୍କା) ଦେବାକୁ ସମ୍ମତି ପ୍ରକାଶ କରିଛନ୍ତି। ଏନେଇ ମନିକଣ୍ଟ୍ରୋଲ୍ରେ ଖବର ପ୍ରକାଶ ପାଇଛି। ଏହି ପଦକ୍ଷେପ ଆଦାନୀ ଗ୍ରୁପ୍ ପାଇଁ ଏକ ବଡ଼ ଆଇନଗତ ଆଶ୍ୱସ୍ତି ବୋଲି ବିବେଚନା କରାଯାଉଛି।

ଏସଇସି ଅଭିଯୋଗ କରିଥିଲା ଯେ, ଆଦାନୀ ଗ୍ରୁପର କିଛି କମ୍ପାନୀ ଶେୟାର ବଜାର ଏବଂ ବିଦେଶୀ ପୁଞ୍ଜିନିବେଶକାରୀଙ୍କୁ ନିଜର ଆର୍ଥିକ ସ୍ଥିତି ଏବଂ ବାଣିଜ୍ୟିକ କାରବାର ବିଷୟରେ ସଠିକ୍ ତଥ୍ୟ ପ୍ରଦାନ କରିନଥିଲେ। ଏଥିସହିତ କିଛି ନିର୍ଦ୍ଦିଷ୍ଟ କାରବାରରେ ସ୍ୱଚ୍ଛତା ଅଭାବରୁ ପୁଞ୍ଜିନିବେଶକାରୀଙ୍କ ସ୍ୱାର୍ଥ ପ୍ରଭାବିତ ହେବାର ଆଶଙ୍କା ଥିଲା।

ଏସଇସି ନଭେମ୍ବର ୨୦୨୪ ରେ ମାମଲା ରୁଜୁ କରିଥିଲା, ଯେଉଁଥିରେ ଗୌତମ ଆଦାନୀ ଭାରତୀୟ ଅଧିକାରୀମାନଙ୍କୁ ଶହ ଶହ ମିଲିଅନ ଡଲାର ଲାଞ୍ଚ ଦେବା କିମ୍ବା ପ୍ରତିଶ୍ରୁତି ଦେବାର ନେତୃତ୍ୱ ନେଇଥିଲେ ବୋଲି ଅଭିଯୋଗ କରାଯାଇଥିଲା। କେବଳ ସେତିକି ନୁହେଁ, ୭୫୦ ମିଲିଅନ ବଣ୍ଡ ଅଫର ସହିତ ଜଡିତ ମାମାଲାରେ କମ୍ପାନୀ ଲାଞ୍ଚ ବିରୋଧୀ ନୀତି ଅବଲମ୍ବନ କଲେ ଓ ନୀତି ପାଳନ କରେ ବୋଲି ତାଙ୍କ ପୁତୁରା ମିଥ୍ୟା ଭାବରେ ପ୍ରଚାର କରିଥିଲେ ବୋଲି ଏସଇସି ଅଭିଯୋଗ କରିଥିଲା। ତେବେ ଏସଇସି ଓ ଆଦାନୀ ଗ୍ରୁପ ମଧ୍ୟରେ ହେବାକୁ ଥିବା ଏହି ବୁଝାମଣା ଅନୁଯାୟୀ, ଗୌତମ ଆଦାନୀ ଅଭିଯୋଗକୁ ସ୍ୱୀକାର କରି ନାହାନ୍ତି କିମ୍ବା ଅସ୍ୱୀକାର ମଧ୍ୟ କରି ନାହାନ୍ତି। ତେବେ ମାମଲାକୁ ଦୀର୍ଘଦିନ ପର୍ଯ୍ୟନ୍ତ ନ ବଢାଇ ଏହାର ପୂର୍ଣ୍ଣଚ୍ଛେଦ ପକାଇବା ପାଇଁ ସେ ଜରିମାନା ବାବଦରେ ୬ ମିଲିୟନ ଡଲାର ପୈଠ କରିବାକୁ ରାଜି ହୋଇଛନ୍ତି। ଏହାସହିତ ଭବିଷ୍ୟତରେ ଏସଇସିର ନିୟମାବଳୀକୁ କଡ଼ାକଡ଼ି ଭାବେ ପାଳନ କରିବାକୁ ସେ ପ୍ରତିଶ୍ରୁତି ଦେଇଛନ୍ତି। ପ୍ରସ୍ତାବିତ ବୁଝାମଣାରେ ତାଙ୍କ ପୁତୁରା ସାଗର ଆଦାନୀ ୧୨ ମିଲିଅନ ଡଲାର ଦେବାକୁ ଏକ ଚୁକ୍ତିନାମା ମଧ୍ୟ ରହିଛି। ଯଦି ଏହା ଚୂଡ଼ାନ୍ତ ହୁଏ, ତେବେ କୋଇଲା ଖଣି ଠାରୁ ଆରମ୍ଭ କରି ବନ୍ଦର ପର୍ଯ୍ୟନ୍ତ ଲମ୍ବିଥିବା ଆଦାନୀ ସାମ୍ରାଜ୍ୟ ପାଇଁ ଏକ ବଡ଼ ଆଶ୍ୱସ୍ତି ହେବ।

ଗୌତମ ଆଦାନୀ ଆଦାନୀ ଗ୍ରୁପ୍ କଙ୍ଗଲୋମୋରେଟ୍ର ଅଧ୍ୟକ୍ଷ ଏବଂ ସାଗର ଆଦାନୀ ଆଦାନୀ ଗ୍ରୀନ୍ ଏନର୍ଜିର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ। ଏସ୍ଇସି ଦ୍ୱାରା ସଂଗଠନ କିମ୍ବା ଏହାର କର୍ପୋରେଟ୍ ୟୁନିଟ୍ ଉପରେ ମାମଲା ରୁଜୁ ହୋଇନଥିଲା। ସେତେବେଳେ କମ୍ପାନୀ ଆମେରିକାର ଅଭିଯୋଗକୁ ଅସ୍ୱୀକାର କରିଥିଲା। ଏହି ଖବର ପ୍ରକାଶ ପାଇବା ପରେ ଆଦାନୀ ଗ୍ରୁପର ବିଭିନ୍ନ କମ୍ପାନୀର ଶେୟାର ମୂଲ୍ୟରେ ସାମାନ୍ୟ ସୁଧାର ଦେଖିବାକୁ ମିଳିଛି। ବିଶେଷଜ୍ଞଙ୍କ ମତରେ, ଆମେରିକା ପରି ଶକ୍ତିଶାଳୀ ବଜାରରେ ଏହି ମାମଲାର ସମାଧାନ ହେବା ଦ୍ୱାରା ବିଶ୍ୱସ୍ତରୀୟ ପୁଞ୍ଜିନିବେଶକାରୀଙ୍କ ମଧ୍ୟରେ କମ୍ପାନୀ ପ୍ରତି ବିଶ୍ୱାସ ବୃଦ୍ଧି ପାଇବ। ଏହା ପୂର୍ବରୁ ହିଣ୍ଡେନବର୍ଗ ରିପୋର୍ଟକୁ ନେଇ ଆଦାନୀ ଗ୍ରୁପ୍ ଅନେକ ଆହ୍ୱାନର ସାମ୍ନା କରିସାରିଛି।

## ୧୮ ହଜାର ଶସ୍ତା ହୋଇଗଲା ସୁନା, ରୁପା ଦରରେ ୧.୧୮ ଲକ୍ଷ ହ୍ରାସ

ନୂଆଦିଲ୍ଲୀ, ୧୫।୫: ଆମଦାନୀ ଶୁଳ୍କ ହ୍ରାସ କରିବା ପରେ ଗତ ଦୁଇ ଦିନ ହେଲା ସୁନା ଓ ରୁପା ଦର ରେକର୍ଡ ସ୍ତରରେ ବୃଦ୍ଧି ପାଇଥିଲା। ହେଲେ ଆଜି(୧୫ ମେ) ଉଭୟ ଧାତୁର ଦର ହ୍ରାସ ପାଇଛି। ଇଣ୍ଡିଆ ବୁଲିୟନ୍ ଆଣ୍ଡ୍ ଜୁଏଲର୍ସ ଆସୋସିଏସନ୍ (ଆଇବିଜେଏ) ଅନୁଯାୟୀ, ଏକ କିଲୋଗ୍ରାମ ରୁପାର ମୂଲ୍ୟ ୧୯,୬୯୩ ଟଙ୍କା ହ୍ରାସ ପାଇ ୨.୬୮ ଲକ୍ଷ ଟଙ୍କା ହୋଇଛି, ଯାହା ଗୁରୁବାର ୨.୮୭ ଲକ୍ଷ ଟଙ୍କା ଥିଲା।

ସେହିପରି ୨୪ କ୍ୟାରେଟ୍ ସୁନାର ୧୦ ଗ୍ରାମ ମୂଲ୍ୟରେ ୩,୦୦୦ ହଜାର ଟଙ୍କା ହ୍ରାସ ପାଇ ୧.୫୮ ଲକ୍ଷ ଟଙ୍କାକୁ ଖସି ଆସିଛି। ଏହା ପୂର୍ବରୁ ୧୬ ଏପ୍ରିଲରେ ସୁନା ଭରି ୧.୬୧ ଲକ୍ଷ ଟଙ୍କା ଥିଲା। ସୁନାର ସର୍ବକାଳୀନ ସର୍ବୋଚ୍ଚ ମୂଲ୍ୟ ୧୦୬ ଦିନ ମଧ୍ୟରେ ୧୭,୯୬୨ ଟଙ୍କା ହ୍ରାସ ପାଇଥିବା ବେଳେ ରୁପାର ମୂଲ୍ୟରେ ୧୧୮,୪୩୩ ଟଙ୍କା ହ୍ରାସ ପାଇଛି। ଜାନୁଆରୀ ୨୯ ତାରିଖରେ ୨୪ କ୍ୟାରେଟ ସୁନାର ୧୦ ଗ୍ରାମ ମୂଲ୍ୟ ୧.୭୬ ଟଙ୍କା ପହଞ୍ଚି ଯାଇଥିଲା। ରୁପାର କେଜି ମୂଲ୍ୟ ୩.୮୬ ଲକ୍ଷ ଟଙ୍କା ଥିଲା।

ଚଳିତ ବର୍ଷ, ସୁନା ଏବଂ ରୁପାର ମୂଲ୍ୟରେ ନିରନ୍ତର ପରିବର୍ତ୍ତନ ଦେଖାଦେଇଛି। କେଉଁଦିନ କମୁଛି ତ ଆଉ କେଉଁ ଦିନ ବଢ଼ିବାରେ ଲାଗିଛି। ଗତବର୍ଷ ୩୧ ଡିସେମ୍ବର ୨୦୨୫ରେ ୨୪ କ୍ୟାରେଟ ୧୦ ଗ୍ରାମ ସୁନା ମୂଲ୍ୟ ୧.୩୩ ଲକ୍ଷ ଟଙ୍କା ଥିଲା। ଏହାପରେ ଚଳିତ ବର୍ଷ ୨୯ ଜାନୁଆରୀ ୨୦୨୬ ଏହା ସର୍ବକାଳୀନ ସର୍ବାଧିକ ୧.୭୬ ଲକ୍ଷ ଟଙ୍କାରେ ପହଞ୍ଚିଥିଲା। ଆଉ ବର୍ତ୍ତମାନର ପରିସ୍ଥିତିରେ ସୁନା ଏହାର ସର୍ବୋଚ୍ଚ ସ୍ତରରୁ ୧୮ ହଜାର ଟଙ୍କା ହ୍ରାସ ପାଇ ୧.୫୮ ଲକ୍ଷ/୧୦ ହୋଇଛି। ତେବେ ସୁନା ତୁଳନାରେ ରୁପା ମୂଲ୍ୟରେ ଅଧିକ ଅପଡାଉନ ହୋଇଛି। ରୁପା ଅଲ୍ ଟାଇମ ହାଇରୁ ଅଧିକ ହ୍ରାସ ପାଇଛି। ୩୧ ଡିସେମ୍ବର ୨୦୨୫ରେ ସୁନା ୨. ୩୦ ଲକ୍ଷ ଟଙ୍କା ଥିଲା। ଏହାପରେ ଚଳିତ ବର୍ଷ ୨୯ ଜାନୁଆରୀ ୨୦୨୬ରେ ଏହା ୩.୮୬ ଲକ୍ଷ ଟଙ୍କାରେ ପହଞ୍ଚିଥିଲା। ସେବେଠାରୁ ଏପର୍ଯ୍ୟନ୍ତ ଗତ ୧୦୬ ଦିନରେ ରୁପା ମୂଲ୍ୟ କେଜି ପ୍ରତି ୧.୧୮ ଲକ୍ଷ ଟଙ୍କା ହ୍ରାସ ପାଇ ବର୍ତ୍ତମାନ କେଜି ୨.୬୮ ଲକ୍ଷ ଟଙ୍କାରେ ପହଞ୍ଚିଛି।



## ପ୍ଲାଟିନମ୍ ଶୁଳ୍କ ବୃଦ୍ଧି, ମହଙ୍ଗା ହେବ କାର୍

ନୂଆଦିଲ୍ଲୀ,୧୫।୫:ପ୍ଲାଟିନମ୍ ଉପରେ ଆମଦାନି ଶୁଳ୍କକୁ ସରକାର ଦୁଇଗୁଣରୁ ଅଧିକ ବୃଦ୍ଧି କରିଛନ୍ତି। ତାହାର ପ୍ରଭାବରେ ଦେଶରେ ଗାଡ଼ି ମୂଲ୍ୟ ବଢ଼ିବା ଆଶଙ୍କା କରାଯାଉଛି। ଏହି ନିଷ୍ପତ୍ତି ଦ୍ୱାରା ଡିଜେଲ୍ ଏସ୍ୟୁଭି ଓ ଶକ୍ତିଶାଳୀ ହାଇବ୍ରିଡ୍ କାରଗୁଡ଼ିକର ଦାମ୍ ଅଧିକ ବଢ଼ିବ। ପ୍ଲାଟିନମ୍ ଶୁଳ୍କ ବୃଦ୍ଧି ଯୋଗୁଁ ଛୋଟ ପେଟ୍ରୋଲ୍ କାର୍ ଦାମ୍ ୮୦୦୦ ଟଙ୍କା ପର୍ଯ୍ୟନ୍ତ, ମଧ୍ୟମ ଆକାରର ଡିଜେଲ୍ ଏସ୍ୟୁଭିଗୁଡ଼ିକର ମୂଲ୍ୟ ୧୨ ହଜାର ଟଙ୍କା ପର୍ଯ୍ୟନ୍ତ ଓ ଶକ୍ତିଶାଳୀ ହାଇବ୍ରିଡ୍ ମଡେଲଗୁଡ଼ିକର ମୂଲ୍ୟ ୧୮ ହଜାର ଟଙ୍କା ପର୍ଯ୍ୟନ୍ତ ବଢ଼ିପାରେ।

ପ୍ଲାଟିନମ୍ ଉପରେ ପ୍ରଭାବୀ ଆମଦାନି ଶୁଳ୍କକୁ ୫.୪ ପ୍ରତିଶତରୁ ୧୫.୪ପ୍ରତିଶତକୁ ବୃଦ୍ଧି କରାଯାଇଛି। ଏହି ଧାତକୁ ଡିଜେଲ୍ ଟ୍ରକ୍, ଏସ୍ୟୁଭି ଓ



ଶକ୍ତିଶାଳୀ ହାଇବ୍ରିଡ୍ ଗାଡ଼ିରେ ବ୍ୟାପକ ଭାବେ ବ୍ୟବହାର କରାଯାଉଥିବାରୁ ସେଗୁଡ଼ିକର ଉତ୍ପାଦନର୍ଚ୍ଚେ ବେଶ ବଢ଼ିଯିବ। ଅଧିକ ଦାମ୍ରେ ଗାଡ଼ି ତିଆରି ହେଲେ ତାହା ନିଶ୍ଚିତ ରୂପେ ଅଧିକ ଦାମ୍ରେ ବିକ୍ରି ହେବ। ଦରବୃଦ୍ଧିର ଚାପ ଗ୍ରାହକମାନଙ୍କୁ ମୁଣ୍ଡାଇବାକୁ ପଡ଼ିବ। ମଧ୍ୟପ୍ରାଚ୍ୟ ଯୁଦ୍ଧ ସଙ୍କଟ ମଧ୍ୟରେ ଅଣ-ଅତ୍ୟାବଶ୍ୟକୀୟ ଆମଦାନିକୁ ରୋକିବା ଓ ବୈଦେଶିକ ମୁଦ୍ରା ସଞ୍ଚୟ କରିବା ଉଦ୍ଦେଶ୍ୟରେ ସୁନା, ରୁପା ଓ ପ୍ଲାଟିନମ୍ ଉପରେ ଆମଦାନି ଶୁଳ୍କ ବୃଦ୍ଧି କରାଯାଇଛି। ଏହି ଧାତୁକୁ ବିଏସ୍-୪ ମାନର ଗାଡ଼ି ନିର୍ମାଣରେ ଏକ ଗୁରୁତ୍ୱପୂର୍ଣ୍ଣ ଉପାଦାନ ଭାବେ ବ୍ୟବହାର କରାଯାଉଛି। ଛୋଟ ପେଟ୍ରୋଲ୍ କାରଗୁଡ଼ିକ ସାଧାରଣତଃ ୨-୪ ଗ୍ରାମ, ମଧ୍ୟମ ଆକାରର ଡିଜେଲ୍ ଏସ୍ୟୁଭିରେ ୬-୧୦ ଗ୍ରାମ, ଶକ୍ତିଶାଳୀ ହାଇବ୍ରିଡ୍ ଗାଡ଼ିରେ ୧୦-୧୫ ଗ୍ରାମ ଓ ଭାରୀ ବାଣିଜ୍ୟିକ ଯାନରେ ୨୦ ଗ୍ରାମ କିମ୍ବା ତାଠାରୁ ଅଧିକ ପ୍ଲାଟିନମ୍ ଗ୍ରୁପ୍ ଧାତୁ ବ୍ୟବହାର କରାଯାଉଛି।

## ବଜାଜ ଚେତକ ଆଣିବ ହାଇଡ୍ରୋଜେନ ସ୍କୁଟର

ନୂଆଦିଲ୍ଲୀ, ୧୫।୫: ବଜାଜ ଏକ ପ୍ରତିଷ୍ଠିତ କମ୍ପାନୀ, ଦୀର୍ଘ ସମୟରୁ ନିଜର ସ୍କୁଟର ଓ ବାଇକ୍ ପାଇଁ ଏହା ଦେଶର ଘରେ ଘରେ ପରିଚିତ। ନିକଟରେ ବଜାଜ ଚେତକ ଇଲେକ୍ଟ୍ରିକ୍ ସ୍କୁଟର ବଜାରରେ ନିଜ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଛି। ଉଲ୍ଲେଖନୀୟ ପ୍ରଦର୍ଶନ ଲାଗି ଏହି ସ୍କୁଟରକୁ ଲୋକେ ବେଶ୍ ପସନ୍ଦ କରୁଛନ୍ତି। ଏବେ ବଜାଜ ଏହି ଇଲେକ୍ଟ୍ରିକ୍ ସ୍କୁଟରକୁ ହାଇଡ୍ରୋଜେନରେ ଚାଲିପାରୁଥିବା ସ୍କୁଟରରେ ପରିବର୍ତ୍ତିତ କରିବାକୁ ଯୋଜନା କରିଛି। ବଜାଜ ସ୍କୁଟରର ବଢୁଥିବା ଚାହିଦାକୁ ନଜରରେ ରଖି ବଜାଜ ଏହି ନିଷ୍ପତ୍ତି ନେଇଛି, ଯାହା ପାଣିରେ ବି ଚାଲି ପାରିବ।

ନିକଟରେ ବଜାଜ ଚେତକର ପେଟେଣ୍ଟ ହୋଇଥିଲା। ଏବେ ଏହାକୁ ଲଞ୍ଚ କରିବାକୁ ପ୍ରସ୍ତୁତି କରାଯାଉଛି। ବଜାଜ ନିକଟରେ ତାଙ୍କ ହାଇଡ୍ରୋଜେନ ସ୍କୁଟରର ଅଧିକାରୀକ ସୂଚନା ପ୍ରଦାନ କରିଛନ୍ତି। ଏଥିରେ ହାଇଡ୍ରୋଜେନ



ଫୁଏଲ ସିଷ୍ଟମର ଉପଯୋଗ ହେବ, ଯାହାର ଅର୍ଥ ହେଉଛି ଏହି ସ୍କୁଟର ପାଣିରେ ଚାଲିବ। ଏହି ସ୍କୁଟରରେ ହାଇଡ୍ରୋଜେନ ଫୁଏଲସେଲ୍ ଉପଯୋଗ କରି ଇଞ୍ଜିନ ତିଆରି କରାଯାଇଛି, ଯାହା ୧ ଲିଟର ପାଣିରେ ୨୮୦ କିଲୋମିଟର ପର୍ଯ୍ୟନ୍ତ ଚାଲି ପାରିବ।

ଏହାର ଡିଜାଇନ ବଜାଜ ଚେତକ ଇଲେକ୍ଟ୍ରିକ୍ ସ୍କୁଟର ଭଳି ହେବ। ଯାହା ସମସ୍ତ ଆଧୁନିକ ଫିଚର ଓ କ୍ଲାସିକ୍ ଡିଜାଇନର ହେବ। ତେବେ ଏହି ହାଇଡ୍ରୋଜେନରେ ଚାଲୁଥିବା ସ୍କୁଟରର ଲଞ୍ଚ ତିଥି ଓ ବଜାର ମୂଲ୍ୟ ନେଇ ଏ ପର୍ଯ୍ୟନ୍ତ କୌଣସି ସୂଚନା ଆସି ନାହିଁ। ତେବେ କିଛି ରିପୋର୍ଟ ଅନୁସାରେ ଆପଣ ବଜାଜ ଚେତକ ହାଇଡ୍ରୋଜନ ସ୍କୁଟରକୁ ୨୦,୦୦୦ ଟଙ୍କା ଡାଉନ ପେମେଣ୍ଟ ଦେଇ କ୍ରୟ କରିପାରିବେ। ଯେତେବେଳେ ଏହାର ବଜାର ମୂଲ୍ୟ ଜଣାପଡିବ ସେତେବେଳେ ଏହି ଅଫର ମଧ୍ୟ ରହିବ।

## ସୋଲାର ପମ୍ପ ସ୍ଥାପନ ପାଇଁ ୯୦% ଯାଏଁ ସବସିଡି ପାଇବେ ଚାଷୀ

ନୂଆଦିଲ୍ଲୀ, ୧୫।୫: କେନ୍ଦ୍ର ସରକାର ଦେଶର ଚାଷୀଙ୍କ ପାଇଁ ବିଭିନ୍ନ ଯୋଜନା ଆରମ୍ଭ କରିଛନ୍ତି। ଯାହାର ଲାଭ ଲକ୍ଷ ଲକ୍ଷ ଚାଷୀ ଉଠାଉଛନ୍ତି। ସେହି ସବୁ ଲାଭକାରୀ ଯୋଜନା ମଧ୍ୟରୁ ପିଏମ୍ କୁସୁମ୍ ଯୋଜନା ହେଉଛି ଅନ୍ୟତମ। ଖାସ୍ କରି ଏହି ଯୋଜନା ଜଳସେଚନ ପାଇଁ ମହଙ୍ଗା ବିଦ୍ୟୁତ୍ କିମ୍ବା ଡିଜେଲ ଉପରେ ନିର୍ଭର କରୁଥିବା ଚାଷୀଙ୍କ ପାଇଁ ଡିଜାଇନ୍ କରାଯାଇଛି।

ସୂଚନାନୁଯାୟୀ, ଚାଷ ଖର୍ଚ୍ଚ ହ୍ରାସ କରିବାକୁ ଏବଂ ଚାଷୀମାନଙ୍କୁ ଶକ୍ତି-ନିର୍ଭରଶୀଳ କରିବା ପାଇଁ ଏହି ଯୋଜନା କରାଯାଇଛି। ଏହି ଯୋଜନା ମାଧ୍ୟମରେ ଏବେ କ୍ଷେତରେ ସୂର୍ଯ୍ୟକିରଣ ଦ୍ୱାରା ପମ୍ପଗୁଡ଼ିକ ଚାଲିବ। ଯାହା ଜଳସେଚନକୁ ସହଜ କରିବ ନାହିଁ ବରଂ ଚାଷୀଙ୍କ ଉପରେ ଆର୍ଥିକ ବୋଝକୁ ମଧ୍ୟ ଯଥେଷ୍ଟ ହ୍ରାସ କରିବ। ସୋଲାର ପମ୍ପ ଦ୍ୱାରା ଜଳସେଚନ ପାଇଁ ସୂର୍ଯ୍ୟକିରଣ ବ୍ୟବହାର କରିପାରିବେ। ଏହା କେବଳ ଆପରଣଙ୍କ ବିଦ୍ୟୁତ୍ ବିଲ୍ ହ୍ରାସ କରେ ନାହିଁ ବରଂ ବିଲକୁ ଜିରୋ କରିଥାଏ। ଯାହା ଦ୍ୱାରା ଚାଷୀଙ୍କ ସଞ୍ଚୟକୁ ଦ୍ୱିଗୁଣିତ କରେ।

ଏଥିସହ ଏହି



ପିଏମ୍ କୁସୁମ୍ ଯୋଜନା ମାଧ୍ୟମରେ ସୋଲାର ପମ୍ପ ଲଗାଇବା ଏବେ ଶସ୍ତା ଏବଂ ସହଜ କରିଛି। ଏହି ଯୋଜନାର ସବୁଠାରୁ ପ୍ରଭାବଶାଳୀ ଦିଗ ହେଉଛି ଫିଡିଙ୍ଗ ଷ୍ଟ୍ରକ୍ଚର। ମୋଟ୍ ଖର୍ଚ୍ଚର ୩୦% କେନ୍ଦ୍ର ସରକାର, ବାକି ୩୦% ସବସିଡି ରାଜ୍ୟ ସରକାର ଯୋଗାଇ ଦିଅନ୍ତି। ବାକି ୪୦% ମଧ୍ୟରୁ ୩୦% ଲୋନ୍ ବ୍ୟାଙ୍କରୁ ସହଜରେ ପାଇପାରିବେ। ଯାହାର ଅର୍ଥ ଚାଷୀମାନଙ୍କୁ ପ୍ରାରମ୍ଭରେ କେବଳ ସେମାନଙ୍କର ନିଜସ୍ୱ ପାଣ୍ଠିର ୧୦% ବିନିଯୋଗ କରିବାକୁ ପଡିବ।

ଅନ୍ୟପଟେ ପ୍ରଧାନମନ୍ତ୍ରୀଙ୍କ ଏହି ଯୋଜନା କେବଳ ଜଳସେଚନ ସମ୍ପର୍କରେ ନୁହେଁ ବରଂ ଚାଷୀଙ୍କୁ ଶକ୍ତି ପ୍ରଦାନ କରିବ। ଫଳରେ ବିଦ୍ୟୁତ୍ ସରକାରୀ ଗ୍ରୀଡକୁ ବିକି ମାସିକ ଆୟ କରିପାରିବେ।



## ଆଜିର ସୁନା ଦର

ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର। ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୬୦,୦୯୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧,୪୬, ୭୫୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନଶ୍ୱେରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୬୦,୦୯୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ ସୁନାର ମୂଲ୍ୟ ହଜାର ୧,୪୬, ୭୫୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ ମୂଲ୍ୟ ୧,୬୦,୦୯୦ ଟଙ୍କା ଓ ୨୨ କ୍ୟାରଟେ ମୂଲ୍ୟ ୧,୪୬, ୭୫୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ ୧,୬୦,୨୪୦ ଟଙ୍କା ଓ ୨୨ କ୍ୟାରଟେ ୧,୪୬,୯୫୦୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରଟେ ମୂଲ୍ୟ ୧,୬୩,୦୯୦ ଟଙ୍କା ଥିବାବେଳେ ୨୨ କ୍ୟାରେଟ ମୂଲ୍ୟ ୧,୪୯,୫୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୬୦,୦୯୦ ଓ ୨୨ କ୍ୟାରେଟ ମୂଲ୍ୟ ୧,୪୬, ୭୫୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୯୦,୦୦୦ ଟଙ୍କା ହୋଇଛି।



## ଆଜିର ପେଟ୍ରୋଲ, ଡିଜେଲ୍ ଦର

ଗାଡ଼ିରେ ପେଟ୍ରୋଲ କିମ୍ବା ଡିଜେଲ ପକାଇବା ପୂର୍ବରୁ ଜାଣି ନିଅନ୍ତୁ ଦର । ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ । ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୦.୯୪ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨.୫୨ ପଇସା ରହିଛି । ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି । ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୪ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି । ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫.୪୫ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି । ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୪ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୮୧ ପଇସା ରହିଛି ।

## ନିଶ୍ଚିନ୍ତକୋଇଲିରେ ବିଜେଡିର ସାଂଗଠନିକ ବୈଠକ ଅନୁଷ୍ଠିତ



ନିଶ୍ଚିନ୍ତକୋଇଲି,୧୫।୫ (ସଂଚାର ବ୍ୟୁରୋ): କଟକସଦର ନିର୍ବାଚନ ମଣ୍ଡଳୀ ଅନ୍ତର୍ଭୁକ୍ତ ନିଶ୍ଚିନ୍ତକୋଇଲି ପଞ୍ଚାୟତ ସମିତି ଅନ୍ତର୍ଗତ ୧୪ଗୋଟି ଗ୍ରାମ ପଞ୍ଚାୟତର ବିଜୁ ଜନତା ଦଳର କର୍ମୀମାନଙ୍କୁ ନେଇ ତା.୧୪.୦୫.୨୦୨୬ରିଖରେ ନିଶ୍ଚିନ୍ତକୋଇଲି ବାଣୀଳାଗର ନଦକୋଇ ଠାରେ ଅବସ୍ଥିତ ଶକ୍ତିଶ୍ୱର ମନ୍ଦିର ପରିସରରେ ଦଳୀୟ ସାଂଗଠନିକ ଆଲୋଚନା ବୈଠକ ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ଅଚ୍ୟୁତାନନ୍ଦ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ କଟକସଦର ବିଧାନସଭା ନିର୍ବାଚନ ମଣ୍ଡଳୀ ବିଜେଡ଼ି ନେତା ତଥା ବିଜେଡ଼ି ରାଜ୍ୟ ବରିଷ୍ଠ ସାଧାରଣ ସମ୍ପାଦକ ଶ୍ରୀଯୁକ୍ତ ଚନ୍ଦ୍ରସାରଥୀ ବେହେରା, କଟକ ଜିଲ୍ଲା ବିଜେଡି ସଭାପତି ପ୍ରଫୁଲ୍ଲ କୁମାର ସିଂହ ଯୋଗ ଦେଇ ଦଳୀୟ ସାଂଗଠନିକ କ୍ଷେତ୍ରରେ ଗୁରୁତ୍ୱ ଦେଇ ସଙ୍ଗଠନ କର୍ମୀ ମାନଙ୍କୁ ପଞ୍ଚାୟତ ସ୍ତରରେ ନେତୃତ୍ୱ ନେବା ସହ ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ସଂଗଠନକୁ ମଜବୁତ୍ କରିବାକୁ ଉପସ୍ଥିତ ଥିବା କର୍ମୀ ମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ୧୪ପଞ୍ଚାୟତର ବିଜୁ ଜନତା ଦଳ କାର୍ଯ୍ୟକାରୀ ସଭାପତି ଭାବେ ଅବସରପ୍ରାପ୍ତ ଶିକ୍ଷା ବିଭାଗ ଅଧିକାରୀ ବାବୁଜଙ୍ଗ ଗ୍ରାମର ବିଶିଷ୍ଟ ବ୍ୟକ୍ତି ଜମ୍ନେଶ୍ୱର ବେଉରାଙ୍କୁ ମନୋନୀତ କରାଯାଇଥିଲା। ବର୍ତ୍ତମାନ ରାଜ୍ୟରେ କ୍ଷମତାରେ ଥିବା ଭାରତୀୟ ଜନତା ପାର୍ଟି ସରକାରର ଜନମାରଣ ନୀତିକୁ ଦୃଢ଼ ଭାବେ ନିନ୍ଦା କରାଯାଇଥିଲା।

କଟକସଦର ବିଧାନସଭା ନିର୍ବାଚନ ମଣ୍ଡଳୀ ବିଜୁ ଜନତା ଦଳ ନେତା ପୂର୍ବତନ ମନ୍ତ୍ରୀ ଶ୍ରୀଯୁକ୍ତ ଚନ୍ଦ୍ରସାରଥୀ ବେହେରାଙ୍କୁ ବିଜେଡି ସୁପ୍ରିମୋ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ବିଜୁ ଜନତା ଦଳ ରାଜ୍ୟ ବରିଷ୍ଠ ସାଧାରଣ ସମ୍ପାଦକ ଭାବେ ମନୋନୀତ କରି ଗୁରୁ ଦାୟିତ୍ୱ ଦେଇଥିବାରୁ ବୈଠକରେ ଉପସ୍ଥିତ କର୍ମୀମାନେ ବିଜେଡ଼ି ରାଜ୍ୟ ସଭାପତି ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜ୍ଞାପନା କରିବା ସହ ଶ୍ରୀଯୁକ୍ତ ବେହେରାଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇଥିଲେ। ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ବିଜୁ ଜନତା ଦଳ କିପରି ଭାବେ ତୃଣମୂଳ ସ୍ତରରୁ ସଂଗଠନକୁ ମଜବୁତ୍ କରି ନିର୍ବାଚନରେ ଭଲ ପ୍ରଦର୍ଶନ କରିବ ସେ ନେଇ ନେତା ଓ କର୍ମୀଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। ବୈଠକରେ ୨ଶହରୁ ଊର୍ଦ୍ଧ୍ୱ କର୍ମୀ ଯୋଗ ଦେଇଥିଲେ। ବିଜୁ ଜନତା ଦଳର କିଛି ଛାମୁଆ କର୍ମୀଙ୍କ ବିୟୋଗରେ ସେମାନଙ୍କ ଆତ୍ମାର ସଦଗତି କାମନା ପାଇଁ ୨ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା।

## ବିଜେଡି କାର୍ଯ୍ୟକାରୀ ସଭାପତିଙ୍କୁ ଶୁଭେଚ୍ଛା



ନିଶ୍ଚିନ୍ତକୋଇଲି,୧୫।୫ (ସଂଚାର ବ୍ୟୁରୋ): କଟକସଦର ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ନିଶ୍ଚିନ୍ତକୋଇଲି ପଞ୍ଚାୟତ ସମିତି ଅନ୍ତର୍ଭୁକ୍ତ ୧୪ ଗୋଟି ପଞ୍ଚାୟତର ବିଜୁ ଜନତା ଦଳ କାର୍ଯ୍ୟକାରୀ ସଭାପତି ଭାବେ ଅବସରପ୍ରାପ୍ତ ଶିକ୍ଷା ବିଭାଗ ଅଧିକାରୀ ବାବୁଜଙ୍ଗ ଗ୍ରାମର ବିଶିଷ୍ଟ ବ୍ୟକ୍ତି ଜମ୍ନେଶ୍ୱର ବେଉରାଙ୍କୁ ବିଜୁ ଜନତା ଦଳ ପକ୍ଷରୁ ମନୋନୀତ କରାଯାଇଛି। ଜମ୍ନେଶ୍ୱର ବେଉରାଙ୍କୁ ବିଜୁ ଜନତା ଦଳର ୧୪ ଗୋଟି ପଞ୍ଚାୟତର ସାଂଗଠନିକ ଦାୟିତ୍ୱ ନିର୍ବାହ କରିବାକୁ ଦାୟିତ୍ୱ ମିଳିଥିବାରୁ ତାଙ୍କ ଉପରେ ଏହି ୧୪ ପଞ୍ଚାୟତର ବିଜୁ ଜନତା ଦଳର କର୍ମୀମାନେ ଆସ୍ଥା ପ୍ରକଟ କରିଛନ୍ତି। ସଂଗଠନକୁ ସୁଦୃଢ଼ କରିବାରେ ସେ ସର୍ବଦା ଦଳୀୟ ନିର୍ଦ୍ଦେଶ ମାନି କାର୍ଯ୍ୟ କରିବା ସହ ମୋତେ ଭରସା କରି ଦଳ ଦେଇଥିବା ଦାୟିତ୍ୱକୁ ମୁଁ କର୍ତ୍ତବ୍ୟ ଭାବି ପାଳନ କରିବି ବୋଲି ଶ୍ରୀ ବେଉରା କହିଥିବା ବେଳେ କଟକସଦର ବିଜେଡ଼ି ନେତା ତଥା ପୂର୍ବତନ ମନ୍ତ୍ରୀ ଶ୍ରୀଯୁକ୍ତ ଚନ୍ଦ୍ରସାରଥୀ ବେହେରାଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ଶ୍ରୀ ବେଉରା ନିଶ୍ଚିନ୍ତକୋଇଲି ବ୍ଲକ ବିଜୁ ଜନତା ଦଳ କାର୍ଯ୍ୟକାରୀ ସଭାପତି ମନୋନୀତ ହେବା ପରେ ତାଙ୍କୁ ସଦର ନିର୍ବାଚନ ମଣ୍ଡଳୀ ବିଜୁ ଜନତା ଦଳ ଯୁବ ସଂଗଠକ ହିମାଂଶୁ ଶେଖର ଦାସ, ବଳଦେବାନନ୍ଦ ଦାସ ପ୍ରମୁଖଙ୍କ ସମେତ ବହୁ ବିଜେଡ଼ି କର୍ମୀମାନେ ଶୁଭେଚ୍ଛା ଜଣାଇଛନ୍ତି।

### ମନ୍ଦିର ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ

# ବର୍ଷ ବିତୁଛି, ଚୋର ଧରିପାରୁନି ପୁଲିସ

**ଅନେକ ମାମଲା ରୁଜୁ ହୋଇ ଫାଇଲ୍‌ରେ ଧୂଳି ଚଢ଼ିଗଲାଣି**

**ପୁଲିସର କାର୍ଯ୍ୟକୁ ନେଇ ଲୋକଙ୍କ ମଧ୍ୟରେ ବଢ଼ୁଛି ଅସନ୍ତୋଷ**

କାକଟପୁର/ଅସ୍ତରଙ୍ଗ,୧୫।୫ (ସଂଚାର ବ୍ୟୁରୋ): ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଧୀନ ଖଣ୍ଡାସାହି (ବାଲିସାହି) ଅଞ୍ଚଳର ରାଧାକୃଷ୍ଣ ମନ୍ଦିରରୁ ଚୋରି ହେଉ କି ଅସ୍ତରଙ୍ଗ ଥାନା ଠାରୁ ଅଳ୍ପ କିଛି ଦୂରରେ କୁଅଁରପୁର ଶିବ ମନ୍ଦିର, ବରଡ଼ି ମନ୍ଦିର, ଆଙ୍ଗୁଅ ମନ୍ଦିର ହେଉ ଠାକୁରଙ୍କ ରୁପା, ସୁନା ମୁକୁଟ ସମେତ ବିଭିନ୍ନ ସାମଗ୍ରୀ ଚୋରି ଘଟଣାର କାକଟପୁର ଓ ଅସ୍ତରଙ୍ଗ ଥାନାରେ ଅଭିଯୋଗ ହୋଇଛି। କିନ୍ତୁ ମାସ ମାସ ବିତିଯାଉଥିଲେ ସୁଦ୍ଧା ପୂର୍ବରୁ ବିଭିନ୍ନ ମନ୍ଦିରରୁ ଚୋରି କରିଥିବା ଚୋରଙ୍କ ଟେର ପାଉନି ପୁଲିସ। କେବଳ ମାମଲା ରୁଜୁ କରି ଚୁପ ବସିଛି ପୁଲିସ। ସ୍ଥାନୀୟ ଥାନା ଅଧିକାରୀ ଙ୍କ ଠାରୁ ଆରମ୍ଭ କରି ଉପଖଣ୍ଡ ଅଧିକାରୀ ବଦଳୁଛନ୍ତି। ଫଳରେ ଅସ୍ତରଙ୍ଗ ବ୍ଲକ ଅଞ୍ଚଳରେ ଥିବା ବିଭିନ୍ନ ମନ୍ଦିରର ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

କାକଟପୁର ଥାନା ଅଧୀନ ଖଣ୍ଡାସାହି (ବାଲିସାହି) ଗ୍ରାମର ରାଧାକୃଷ୍ଣ ମନ୍ଦିରରୁ କିଛି ଦିନ ତଳେ ଚୋରି ହୋଇଥିବା ବେଳେ ଅସ୍ତରଙ୍ଗ ଥାନା ଅଧୀନରେ ଥିବା ବିଭିନ୍ନ ମନ୍ଦିରରୁ ଚୋରି କ୍ରମାଗତ ଜାରି ରହିଛି କିନ୍ତୁ ପୁଲିସ ଦୁର୍ବୃତ୍ତ ଙ୍କୁ ଧରିବାରେ ବିଫଳ ହେଉଥିବାରୁ ପୁଲିସ ପାରିବା ପଣିଆ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବିଳମ୍ବିତ ରାତ୍ରରେ ଦୁର୍ବୃତ୍ତ ମନ୍ଦିର ତାଲା ଭାଙ୍ଗି ରୁପା ମୁକୁଟ ସହ ରୂପା ପାଉଁଜି, ସୁନା ମଙ୍ଗଳସୂତ୍ର, ନାକଫୁଲ, ରୂପା ହାର, ସୁନା ମୁଦି, ଖଡ଼ୁ ଡାଲ ଅନ୍ୟାନ୍ୟ ସାମଗ୍ରୀ ଚୋରି କରିନେଉଛନ୍ତି। ଯାହାକୁ ନେଇ ସ୍ଥାନୀୟ ଲୋକେ ପୁଲିସ ଉପରେ ଆସ୍ଥା ଓ ଭରସା ରଖି ଅଭିଯୋଗ କରୁଛନ୍ତି କିନ୍ତୁ ଥାନା କର୍ମଚାରୀ ଘଟଣାସ୍ଥଳ ପରିଦର୍ଶନ କରି ମାମଲା ରୁଜୁ କରି ବସୁଛନ୍ତି, ଦୁର୍ବୃତ୍ତଙ୍କ ଟେର ପାଉନାହାନ୍ତି। ଅନେକ ମନ୍ଦିରରୁ ଚୋରି ଏକ ବର୍ଷରୁ ଊର୍ଦ୍ଧ୍ୱ ବିତିବାକୁ ବସିଗଲାଣି ତଥାପି ଚୋରକୁ ଠାବ କରିବାରେ ସଫଳ ହୋଇନାହିଁ ପୁଲିସ। ଅନେକ ସ୍ଥାନରେ ସାଇଣ୍ଟିଫିକ ଟିମ୍ କେବଳ ଯାଞ୍ଚ କରି ସାରିବା ପରେ ମାମଲା ରୁଜୁ ହୋଇ ତଦନ୍ତ ଫାଇଲ ତଳେ ରହିଯାଉଛି। ଥାନାରେ ଏତଲା ଦେଇ କେବଳ ଚୁପ ବସିବା ଛଡା ଆଉ କିଛି ଉପାୟ ନାହିଁ ବୋଲି ଅସନ୍ତୋଷ ପ୍ରକାଶ କରିଛନ୍ତି ସ୍ଥାନୀୟ ଲୋକ।

ଅସ୍ତରଙ୍ଗ ବ୍ଲକ ଅଂଚଳରେ ସମସ୍ତ ଦେବାଳୟ ଲୋକଙ୍କ ଆସ୍ଥା ଓ ବିଶ୍ୱାସ। ମାତ୍ର ପୁଲିସର ଆନ୍ତରିକତା ଅଭାବରୁ ମନ୍ଦିରରୁ ଚୋରି ଜିନିଷ ଉଦ୍ଧାର ହେଉନାହିଁ କି ଚୋର ଧରାପଡୁନାହାନ୍ତି। ସମସ୍ତ ଆଧୁନିକ ଜ୍ଞାନ କୌଶଳ ଥିବା ସତ୍ତ୍ୱେ ବର୍ଷ ବର୍ଷ ଧରି ଚୋରଙ୍କୁ ଚିହ୍ନଟ କରିପାରୁନି ପୁଲିସ। ଅନ୍ୟ ପକ୍ଷରେ ଥାନାର ଅଧିକାରୀମାନେ ବଦଳିଲେ ଫାଇଲରେ ଧୂଳି ଲାଗିଯାଉଛି। ସ୍ଥାନୀୟ ଲୋକଙ୍କ ଏସପିଙ୍କ ଉପରେ ଭରସା ରହିଛି, ଯଦି ଅସ୍ତରଙ୍ଗ ଥାନା ଓ କାକଟପୁର ଥାନାର କିଛି ଗାଦି ମଡ଼ା କର୍ମଚାରୀ ଓ ଅଧିକାରୀଙ୍କୁ ବଦଳି କରି ନୂତନ ଅଧିକାରୀମାନେ ନିଯୁକ୍ତି ହୁଅନ୍ତେ ଚୋରି ଘଟଣାର ପର୍ଦ୍ଦାଫାଶ ହୋଇପାରନ୍ତା ବୋଲି ସ୍ଥାନୀୟ ଲୋକେ କହିଛନ୍ତି।

### ନିଆରା ବାହାଘର

## କିନ୍ନରକୁ ବିବାହ କଲେ ଯୁବକ

ନବରଙ୍ଗପୁର/ଉମରକୋଟ,୧୫।୫ (ସଂଚାର ବ୍ୟୁରୋ): ନବରଙ୍ଗପୁରରେ ଦେଖିବାକୁ ମିଳିଛି ନିଆରା ବାହାଘର। ଜଣେ ଯୁବକ ବାହା ହୋଇଛନ୍ତି କିନ୍ନର ଯୁବତୀଙ୍କୁ। ବାହା ହେବା ପରେ ଘର ସଂସାର କରିବାକୁ ନିଷ୍ପତି ନେଇଛନ୍ତି ନବ ଦମ୍ପତି। ଉମରକୋଟରେ ଥିବା କିନ୍ନର ଆଖଡ଼ା ଗୃହରେ ଏହି ବାହାଘର ଧୂମାଧାମରେ ଗତ ସୋମବାର ଦିନ ସମ୍ପନ୍ନ ହୋଇଛି। ସାମାଜିକ ଗଣମାଧ୍ୟମରୁ ଆରମ୍ଭ ଏହି ପ୍ରେମ କାହାଣୀ ବାହା ବେଦୀ ପର୍ଯ୍ୟନ୍ତ ପହଞ୍ଚିଛି, ଆଗକୁ ଘର ସଂସାର କରିବେ।



ଯୁବକ ଜଣକ ହେଉଛନ୍ତି ଜଗତସିଂଗପୁର ତିର୍ତ୍ତୋଲ ଅଂଚଳର ସତ୍ୟଜିତ ଆଚାର୍ଯ୍ୟ। ଦୁଇ ବର୍ଷ ତଳେ ସାମାଜିକ ଗଣମାଧ୍ୟମରେ କଳାହାଣ୍ଡି ଜିଲ୍ଲାର କିନ୍ନର ଶିବାନୀ ସାହୁଙ୍କ ସହ ବନ୍ଧୁତ୍ୱ ଆରମ୍ଭ କରିଥିଲେ। ସମୟ ଗଡ଼ିବା ସହ ବନ୍ଧୁତ୍ୱ ପ୍ରେମରେ ପରିଣତ ହେଲା। ଦୀର୍ଘ ଦୁଇ ବର୍ଷର ପ୍ରେମ ପରେ ବିବାହ ପାଇଁ ନିଷ୍ପତି ନେଲେ। ଇତିମଧ୍ୟରେ ଶିବାନୀ କଳାହାଣ୍ଡିରୁ ନବରଙ୍ଗପୁର ଜିଲ୍ଲା ଉମରକୋଟର ଦେବାଳିନା ଆଚାର୍ଯ୍ୟଙ୍କ ଆଖଡ଼ାକୁ ଆସି ଯାଇଥିଲେ। କିଛି ଦିନ ତଳେ ଶିବାନୀ ଯୁବକ ସତ୍ୟଜିତଙ୍କୁ ଭଲପାଇ ବିବାହ କରିବାକୁ ଚାହୁଁଥିବା ପ୍ରକାଶ କରିଥିଲେ। ଆଖଡ଼ା ଗୁରୁମା ଦେବଲିନା ସତ୍ୟଜିତଙ୍କ ସହ କଥା ହେଲେ। ସେ ମଧ୍ୟ ଶିବାନୀଙ୍କ ସହ ବିବାହ କରିବାକୁ ଇଚ୍ଛା ପ୍ରକାଶ କରିଥିଲେ। ଉଭୟଙ୍କ ନିଷ୍ପତ୍ତିକୁ ସତ୍ୟଜିତଙ୍କ ପରିବାରଙ୍କୁ ଜଣାଇବାରୁ ସେହିମାନେ ପ୍ରଥମେ ଏହି ସମ୍ପର୍କକୁ ବିରୋଧ କରିଥିଲେ ମଧ୍ୟ ପରେ ପୁଅର ପ୍ରେମ ଆଗରେ ମୁଣ୍ଡ ନୂଆଇଥିଲେ ଓ ବାହା ଘର ସକାଶେ ରାଜି ହୋଇଥିଲେ। କିନ୍ତୁ ଶିବାନୀ ସାହୁଙ୍କ ପରିବାର ଶିବାନୀ କିନ୍ନର ହୋଇଥିବା ଯୋଗୁ ବିବାହ ସପକ୍ଷରେ ଯାଇ ନଥିଲେ।

ଏହିପରି ପରିସ୍ଥିତିରେ ଦୁଇ ଜଣ ସାବାଳକ ହୋଇଥିବା ଯୋଗୁ ଆଖଡ଼ାର ନିଷ୍ପତି କ୍ରମେ ଗାନ୍ଧର୍ବ ରୀତିରେ ଗତ ସୋମବାର ଦିନ ବିବାହ ସମ୍ପନ ହୋଇଥିଲା। ନାଚ ଗୀତ ସହ ଭୋଜିଭାତର ଆୟୋଜନ ହୋଇଥିଲା। ସ୍ଥାନୀୟ ଲୋକ ଯୋଗ ଦେଇ ନବ ଦମ୍ପତିଙ୍କୁ ଆର୍ଶୀବାଦ ଦେଇଥିଲେ। ନବରଙ୍ଗପୁର ଜିଲ୍ଲାରେ ଏହି ପ୍ରକାର ବିବାହ ପ୍ରଥମ ହୋଇଥିବା ଯୋଗୁ ଚର୍ଚ୍ଚାର କେନ୍ଦ୍ର ବିନ୍ଦୁ ପାଲଟିଛି।

## ଉପଖଣ୍ଡ ସରକାରୀ ଚିକିତ୍ସାଳୟରେ କିଡ଼ନୀ ଚିକିତ୍ସା କେନ୍ଦ୍ର ଉଦ୍‌ଘାଟିତ



ବାରିପଦା,୧୫।୫ (ସଂଚାର ବ୍ୟୁରୋ): ମୟୂରଭଂଜ ଜିଲ୍ଲାର ବାମନଘାଟୀ ଉପଖଣ୍ଡର କୌଣସି ନା କୌଣସି କାରଣରୁ କିଡନୀ ଆକ୍ରାନ୍ତଙ୍କ ସଂଖ୍ୟା ବହୁ ମାତ୍ରାରେ ବୃଦ୍ଧି ପାଉଛି ।ଯାହାକୁ ନେଇ ଅଞ୍ଚଳବାସୀ ଭୟଭୀତ ।ଏହି ମାରାତ୍ମକ ରୋଗ ଯୋଗୁଁ ବହୁ ଯୁବକରୁ ଓ୍ୱୟସ୍କଙ୍କ ଅମୂଲ୍ୟ ଜୀବନ ଅକାଳରେ ଝରି ପଡୁଛି ।ଏହାକୁ ଲକ୍ଷ୍ୟ କରି ମହାମହିମ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ, ମୟୂରଭଂଜ ସାଂସଦ ନବ ଚରଣ ମାଝୀ, ବିଧାୟକ ଜଲେନ ନାଏକ, ଜିଲ୍ଲା ପ୍ରଶାସନ, ସମାଜସେବୀ ନବିନ ରାମ, ସାଂସଦ ପ୍ରତିନିଧି ମନୋଜ ଦାସ ଙ୍କ ପ୍ରଚେଷ୍ଟାରେ ଭୁବନେଶ୍ୱରର ସମ୍‌ହସ୍ପିଟାଲର ଖ୍ୟାତନାମା କିଡନୀ ରୋଗ ବିଶେଷଜ୍ଞ ଡା. ବିଶ୍ୱଜିତ ମହାନ୍ତିଙ୍କୁ ପ୍ରତ୍ୟେକ ମାସ ଦିତୀୟ ଗୁରୁବାର ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟରେ ରୋଗୀମାନଙ୍କ ଚିକିତ୍ସା ପାଇଁ ଅନୁମତି ପ୍ରଦାନ କରିଛନ୍ତି । ପ୍ରଥମ ଥର ପାଇଁ ଉପଖଣ୍ଡ ଚିକିତ୍ସାଳୟରେ କିଡନୀ ଚିକିତ୍ସା କେନ୍ଦ୍ର ଏସଡିଏମଓ ଡା . ରବୀନ୍ଦ୍ର ନାଥ ମାରାଣ୍ଡି, ଗାଇନୋକୋଲୋଜିଷ୍ଟ ଡା . ପ୍ରମୋଦ ସାହୁ, ଡା. ସତ୍ୟଜିତ ପଣ୍ଡାଙ୍କ କରକମଳରେ ଶୁଭ ଉଦଘାଟିତ ହୋଇଯାଇଛି । ଡା.ଓ୍ୱିଶ୍ୱଜିତ ମହାନ୍ତି ଉପଖଣ୍ଡ ଚିକିତ୍ସାଳୟରେ ପୂର୍ବରୁ ନାମ ପଞ୍ଜିକୃତ କରିଥିବା ୭୦ ରୁ ଉର୍ଦ୍ଧ୍ୱ କିଡନୀ ରୋଗୀଙ୍କ ସହ ପରାମର୍ଶ ଓ ଚିକିତ୍ସା କରିଥିଲେ ।ଏହି କାର୍ଯ୍ୟକ୍ରମରେ ଡା. ସତ୍ୟଜିତ ପଣ୍ଡା ସହାୟତା କରିଥିଲେ ।

କିଡନୀ ଆକ୍ରାନ୍ତ ରୋଗୀ,ମଧୁମେହ ରୋଗୀ,ଉଚ୍ଚ ରକ୍ତଚାପ ରୋଗୀ, ଗୋଡ଼ ଫୁଲିଯିବା,ପରିସ୍ରାରେ ପରିବର୍ତନ ,ଶିଘ୍ର ଥକିଯିବା ଉପରେ ରୋଗୀମାନଙ୍କୁ ସୁପରାମର୍ଶ ଦେବାସହ ଓ ଆବଶ୍ୟକୀୟ ଔଷଧ ଖାଇବାକୁ ପରାମର୍ଶ ଦେଇଥିଲେ । ସେ କହିଥିଲେ ବେଳହୁଁ ସାବଧାନ । ପ୍ରଥମରୁ ଯଦି ନିଜକୁ ରୋଗ ସମ୍ବନ୍ଧୀୟ ସନ୍ଦେହ ହେଲେ ଡାକ୍ତରଙ୍କ ସହ ପରାମର୍ଶ କର ।କିଡନୀ ରୋଗୀ କେଓ୍ୱହେଲେ ଭୟଭୀତ ହୁଅ ନାହିଁ ।ଡାକ୍ତରଙ୍କ ପରାମର୍ଶ ନେଇ କାମ କଲେ ରୋଗ ପ୍ରତିହତ କରିହେବ ବୋଲି ଡା. ମହାନ୍ତି କହିଛନ୍ତି । ପ୍ରତିମାସ ଦିତୀୟ ଗୁରୁବାର ଦିନ ଉପଖଣ୍ଡ ଚିକିତ୍ସାଳୟକୁ କିଡନୀ ସଂକ୍ରାନ୍ତୀୟ ରୋଗୀଙ୍କ ଚିକିତ୍ସା କରିବେ ବୋଲି ସୂଚନା ମିଳିଛି । ତେଣୁ ବାମନଘାଟୀ ଉପଖଣ୍ଡ ବା ଆଖପାଖ ପଡୋଶୀ ଝାଡଖଣ୍ଡ ର ସମସ୍ତ କିଡନୀ ରୋଗୀ ଆସି ଡାକ୍ତରଙ୍କ ସହ ପରାମର୍ଶ କରି ନିଜର ଅମୂଲ୍ଯ ଓ ଦୁର୍ଲଭ ଜୀବନକୁ ସୁରକ୍ଷିତ କରନ୍ତୁ । ପ୍ରଥମ ଥର ପାଇଁ ପ୍ରଶାସନ ତରଫରୁ ଏହି ପଦକ୍ଷେପ ନିଆ ଯାଇଥିବାରୁ କିଡନୀ ରୋଗୀ ଏବଂ ତାଙ୍କ ପରିବାର ତଥା ବାମନଘାଟୀ ଉପଖଣ୍ଡ ବାସୀ ପ୍ରଶାସନକୁ କୃତଜ୍ଞତା ଜଣାଇଛନ୍ତି ।

## ସାମ୍ବାଦିକଙ୍କ ଅକାଳ ବିୟୋଗରେ ଶୋକ



ସୁନ୍ଦରଗଡ଼,୧୫।୫ (ସଂଚାର ବ୍ୟୁରୋ): ସବଡେଗା ବ୍ଲକର 'ସମ୍ବାଦ' ଖବର କାଗଜର ପ୍ରତିନିଧି ପ୍ରଦ୍ୟୁମ୍ନ ନାୟକ (କୁନୁ)ଙ୍କ ଶୁକ୍ରବାର ସକାଳ ୬ ଟା ସମୟରେ ଅକାଳ ବିୟୋଗ ଘଟିଛି । ସେ ବହୁ ଦିନରୁ ଡାଇବେଟିସ ରୋଗରେ ପୀଡିତ ଥିଲେ, ହେଲେ ସକାଳ ଭୋର ୪ ଟା ସମୟରେ ସେ ନିଜକୁ ଅସୁସ୍ଥ ମନେ କରିଥିଲେ,ତାଙ୍କୁ ସଙ୍ଗେ ସଙ୍ଗେ ସବଡେଗା ସ୍ୱାସ୍ଥ୍ୟ କେନ୍ଦ୍ରରେ ପ୍ରାଥମିକ ଚିକିତ୍ସା କରି ସେଠାରୁ ସୁନ୍ଦରଗଡ ମୁଖ୍ୟ ଚିକିତ୍ସାଳୟକୁ ନିଆ ଯାଇଥିଲା, ସେଠାରେ ପହଁଞ୍ଚିବା ବେଳକୁ ଡାକ୍ତର ମୃତ ଘୋଷଣା କରିଥିଲେ । ମୃତ୍ୟୁ ବେଳକୁ ସାଙ୍ଗରେ ସ୍ତ୍ରୀ ହେମଲତା ନାଏକ ଓ ପୁଅ ପ୍ରଦୀପ୍ତ ନାଏକ ଥିଲେ । ତାଙ୍କର ବିୟୋଗର ଖବର ଶୁଣି ଶେଷ ଦର୍ଶନ ପାଇଁ ଅନେକ ଲୋକଙ୍କର ସୁଅ ଛୁଟି ଥିଲା, ତାଙ୍କ ମର ଶରୀରକୁ ସବଡେଗା ମସାଣିକୁ ନିଆଯାଇ ସେଠାରେ ରୀତିନୀତି ହିସାବରେ ସମସ୍ତ କାର୍ଯ୍ୟ ସମ୍ପନ୍ନ କରାଯାଇ ପୁଅ ପ୍ରଦୀପ୍ତ ମୁଖାଗ୍ନି ଦେଇଥିଲେ । ସେ ଜଣେ କର୍ତ୍ତବ୍ୟନିଷ୍ଠ ସାମ୍ବାଦିକ ଏବଂ ସମାଜସେବୀ ବ୍ୟକ୍ତିତ୍ୱ ଭାବରେ ଅଞ୍ଚଳରେ ପରିଚିତ ଥିଲେ ଓ ଅନେକ ସମସ୍ୟାକୁ ଲୋକଲୋଚନକୁ ଆଣିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ତାଙ୍କର ଏହି ବିୟୋଗ ସବଡେଗା ଅଞ୍ଚଳ ତଥା ସାମ୍ବାଦିକତା ଜଗତ ପାଇଁ ଏକ ଅପୂରଣୀୟ କ୍ଷତି ହୋଇଛି, ଏହି ଦୁଃଖଦ ସମୟରେ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମସ୍ତେ ଆଶ୍ୱାସନା ଦେଇଛନ୍ତି ।

## ଭାରତର ସର୍ବୋଚ୍ଚ ନ୍ୟାୟାଳୟରେ ବିଶେଷ ଲୋକ ଅଦାଲତ

ଯାଜପୁର,୧୫।୫ (ସଂଚାର ବ୍ୟୁରୋ): ସହଭାଗୀ ନ୍ୟାୟ ଏବଂ ଲୋକଙ୍କ ନିକଟରେ ନ୍ୟାୟିକ ସେବା ପରିକଳ୍ପନାକୁ ଆଗକୁ ବଢ଼ାଇବା ପାଇଁ "ଦେଶବ୍ୟାପୀ ମଧ୍ୟସ୍ଥତାଭିତ୍ତିକ ବିଚାର ଏବଂ ବିବାଦର ସଦ୍‌ଭାବନାପୂର୍ଣ୍ଣ ସମାଧାନ ପାଇଁ ସର୍ବୋଚ୍ଚ ନ୍ୟାୟାଳୟଙ୍କ ପଦକ୍ଷେପ" - 'ସମାଧାନ ସମାରୋହ'କୁ ଭାରତର ସର୍ବୋଚ୍ଚ ନ୍ୟାୟାଳୟ ଆୟୋଜନ କରୁଛନ୍ତି। ଏହା ୨୧ ଏପ୍ରିଲ ୨୦୨୬ରୁ ଆରମ୍ଭ ହୋଇ ୨୧, ୨୨ ଏବଂ ୨୩ ଅଗଷ୍ଟ ୨୦୨୬ରେ ଏକ ବିଶେଷ ଲୋକ ଅଦାଲତ ଅନୁଷ୍ଠିତ ହେବା ସହିତ ସମାପ୍ତ ହେବ। ଏହି ବିଶେଷ ଲୋକ ଅଦାଲତର ଉଦ୍ଦେଶ୍ୟ ହେଉଛି ସହମତି ଆଧାରିତ ସମାଧାନ ବ୍ୟବସ୍ଥା ମାଧ୍ୟମରେ ଭାରତର ସର୍ବୋଚ୍ଚ ନ୍ୟାୟାଳୟ ସମ୍ମୁଖରେ ବିଚାରାଧୀନ ମାମଲାର ସୌହାର୍ଦ୍ଦ୍ୟପୂର୍ଣ୍ଣ ସମାଧାନକୁ ସୁଗମ କରିବା। ଏହି ପଦକ୍ଷେପ ଅଧୀନରେ ବିବାଦର ପ୍ରଭାବଶାଳୀ ସମାଧାନରେ ସମସ୍ତ ଅଧିବକ୍ତା, ମକଦ୍ଦମାକାରୀ ଏବଂ ଅଂଶୀଦାରମାନଙ୍କୁ ସକ୍ରିୟ ଭାବରେ ଅଂଶଗ୍ରହଣ କରିବାକୁ ଏବଂ ସହଯୋଗ କରିବାକୁ ଅନୁରୋଧ କରାଯାଇଛି ।

## ବିଜେପିର ନାରୀଶକ୍ତି ବନ୍ଦନ କାର୍ଯ୍ୟକ୍ରମ



ସୁନ୍ଦରଗଡ଼,୧୫।୫ (ସଂଚାର ବ୍ୟୁରୋ): ନାରୀ ଶକ୍ତି ବନ୍ଦନ ଅଧିନିୟମ ଭାରତୀୟ ରାଜନୀତିରେ ନାରୀ ସଶକ୍ତିକରଣ ଦିଗରେ ଏକ ଐତିହାସିକ ପଦକ୍ଷେପ। ସଂସଦ ଓ ବିଧାନସଭାରେ ନାରୀମାନଙ୍କ ପାଇଁ ୩୩ ପ୍ରତିଶତ ସରକ୍ଷଣ ନିଶ୍ଚିତ କରିବା ଦ୍ୱାରା ମହିଳାମାନେ ଦେଶର ନୀତି ନିର୍ଦ୍ଧାରଣ ଓ ନେତୃତ୍ୱରେ ଅଧିକ ସଶକ୍ତ ଭାବେ ଅଂଶଗ୍ରହଣ କରିପାରିବେ। କିନ୍ତୁ କଂଗ୍ରେସ, ଟିଏମସି, ବିଜୁ ଜନତା ଦଳ ଓ ୟୁପିଏ ମେଣ୍ଟର ସହଯୋଗୀ ଦଳମାନଙ୍କ ଏହି ଅଧିନିୟମ ପ୍ରତି ଅସମର୍ଥନ ତାଙ୍କର ନାରୀ ସଶକ୍ତିକରଣ ପ୍ରତି ଅନାଗ୍ରହ ଓ ନାରୀ ବିରୋଧୀ ମନୋଭାବକୁ ସ୍ପଷ୍ଟ କରୁଛି। ଏହି ଅନ୍ୟାୟ ଓ ନାରୀମାନଙ୍କ ଅଧିକାରକୁ ଅବହେଳା କରାଯାଉଥିବା ପ୍ରସଙ୍ଗରେ ଆଜି ବିଜେପି ଲେଫ୍ରିପଡ଼ା ମଣ୍ଡଳ ପକ୍ଷରୁ ଦର୍ଲିପାଲି ଠାରେ "ନାରୀ ଜନ ଆକ୍ରୋଶ ମହିଳା ପଦଯାତ୍ରା" ଆୟୋଜିତ ହୋଇଥିଲା। ମଣ୍ଡଳ ସଭାପତି ସୁମନ୍ତ ନାଏକ ଓ ମଣ୍ଡଳ ମହିଳା ମୋର୍ଚ୍ଚା ସଭାନେତ୍ରୀ ସଚିରାଣୀ ପଟେଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ପଦଯାତ୍ରାରେ ମହିଳାମାନଙ୍କ ମନରେ ସଂଚିତ ଆକ୍ରୋଶ ଓ ଅସନ୍ତୋଷର ଜୋରଦାର ପ୍ରତିଫଳନ ଦେଖିବାକୁ ମିଳିଥିଲା। ପଦଯାତ୍ରା ସହ ବିକ୍ଷୋଭ ପ୍ରଦର୍ଶନ ମାଧ୍ୟମରେ ନାରୀ ସମ୍ମାନ ଓ ସମାନ ଅଧିକାର ପ୍ରତି ସମର୍ଥନ ଜଣାଇଥିଲେ କାର୍ଯ୍ୟକର୍ତ୍ତାମାନେ।

କାର୍ଯ୍ୟକ୍ରମରେ ପୂର୍ବତନ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କୃଷକ ମୋର୍ଚ୍ଚା ସୁରେଶ ଚନ୍ଦ୍ର ପଟେଲ, ସାଂସଦଙ୍କ ପୂର୍ବତନ ଏନଟିପିସି ପ୍ରତିନିଧି ସୁନୀଲ ପଟେଲ, ଯୁବ ମୋର୍ଚ୍ଚାର ଆକାଶ ପଣ୍ଡା ଓ ମହିଳା ନେତ୍ରୀ ପ୍ରତିମା କୁଜୁର ତାଙ୍କ ଅଭିଭାଷଣରେ "ନାରୀ ଶକ୍ତି ବନ୍ଦନ ଅଧିନିୟମ"ର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ସେମାନେ କହିଥିଲେ ଯେ, ନାରୀମାନଙ୍କୁ ରାଜନୀତିକ କ୍ଷେତ୍ରରେ ଯଥୋଚିତ ସ୍ଥାନ ଦେବା ହେଉଛି ସତ୍ୟ ସମାଜିକ ନ୍ୟାୟ ଓ ସମାନତାର ପରିଚୟ।

ଏହି ପଦଯାତ୍ରାରେ ମହିଳା ମୋର୍ଚ୍ଚାର ଜୟକୁମାରୀ ପଟେଲ, ଡୁଗୁ କିଷାନ, ହେମବତୀ ପଟେଲ, ଜିତୁ ପଟେଲ, ବିଜୟ ପଟେଲ, ଗୌତମ କାଲୋଙ୍କ ସହିତ ଶତାଧିକ ମହିଳା କାର୍ଯ୍ୟକର୍ତ୍ତା ସାମିଲ ହୋଇଥିଲା।

## ଜେଇଏଲସି ଚର୍ଚ୍ଚର ୧୪୫ବର୍ଷ ପୂର୍ତ୍ତି ଉତ୍ସବ ପାଳିତ



ବୋରିଗୁମ୍ମା,୧୫।୫ (ସଂଚାର ବ୍ୟୁରୋ): ବୋରିଗୁମ୍ମା ଅଞ୍ଚଳର ଐତିହାସିକ ଜେଇଏଲସି ଚର୍ଚ୍ଚର ୧୪୫ ବର୍ଷ ପୂର୍ତ୍ତି ଅବସରରେ ଆଜି ଭକ୍ତିମୟ ପରିବେଶରେ ବିଶେଷ ଧାର୍ମିକ କାର୍ଯ୍ୟକ୍ରମ ଓ ସ୍ମୃତି ଉତ୍ସବ ପାଳନ କରାଯାଇଛି। ଏହି ପବିତ୍ର ଓ ଐତିହାସିକ ଦିନରେ ଚର୍ଚ୍ଚ ସହ ଜଡିତ ସଦସ୍ୟମାନେ ଚର୍ଚ୍ଚର ଇତିହାସ ଓ ଧର୍ମ ପ୍ରଚାରର ପରମ୍ପରାକୁ ସ୍ମରଣ କରିଥିଲେ।

ସୂଚନାନୁସାରେ, ବୋରିଗୁମ୍ମା ଅଞ୍ଚଳରେ ଖ୍ରୀଷ୍ଟୀୟ ଧର୍ମର ପ୍ରଚାର ୧୮୮୨ ମସିହା ମେ ୧୫ ତାରିଖରୁ ଆରମ୍ଭ ହୋଇଥିଲା। ସେହି ସମୟରେ ମିଶନେରୀ ଆନଷ୍ଟ ପୋଲ୍ ଓ ହର୍ମାନ୍ ବୋଥମାନଙ୍କ ମାଧ୍ୟମରେ ପ୍ରଭୁଙ୍କ ସୁସମାଚାର ଏହି ଅଞ୍ଚଳକୁ ପହଞ୍ଚିଥିଲା। ସେଥିଠାରୁ ଆରମ୍ଭ ହୋଇଥିବା ଏହି ଧାର୍ମିକ ପରମ୍ପରା ଆଜି ୧୪୫ ବର୍ଷର ଗୌରବମୟ ଯାତ୍ରା ପୂରଣ କରିଛି।

ଏହି ଅବସରରେ ଚର୍ଚ୍ଚ ପରିସରରେ ବିଶେଷ ପ୍ରାର୍ଥନା ସଭା, ଧନ୍ୟବାଦ ଅର୍ପଣ ଓ ବିଶ୍ୱାସୀ ମାନଙ୍କ ମଧ୍ୟରେ ସାମୂହିକ ଉତ୍ସବ ପାଳନ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବୋରିଗୁମ୍ମା ପ୍ରଧାନ ମଣ୍ଡଳିର ପରିଚାଳକ ସେବାକାରୀ ଖରା, ବୋରିଗୁମ୍ମା ଗ୍ରାମ୍ୟ ମଣ୍ଡଳି ସଭାପତି ଦିଲ୍ଲୀପ ଖରା, ସ୍ତ୍ରୀ ସମାଜ ସଭାପତି, ଚର୍ଚ୍ଚର ଅନ୍ୟାନ୍ୟ ବରିଷ୍ଠ ସଦସ୍ୟମାନଙ୍କ ସହ ସଣ୍ଡେସ୍କୁଲର ଛାତ୍ରଛାତ୍ରୀମାନେ ମଧ୍ୟ ଉପସ୍ଥିତ ଥିଲେ।

ଜେଇଏଲସି ବୋରିଗୁମ୍ମା ପରିବାର ପକ୍ଷରୁ ସମସ୍ତ ଭକ୍ତ ଓ ଅଞ୍ଚଳବାସୀଙ୍କୁ ଏହି ଐତିହାସିକ ଦିବସରେ ହୃଦୟପୂର୍ଣ୍ଣ ଧନ୍ୟବାଦ ଓ ଅଭିନନ୍ଦନ ଜଣାଯାଇଛି। ଏହି ଉତ୍ସବ ବୋରିଗୁମ୍ମା ଅଞ୍ଚଳର ଧାର୍ମିକ ଏକତା ଓ ଐତିହ୍ୟକୁ ଆହୁରି ସୁଦୃଢ଼ କରିବ।

### ଏଠି ବ୍ରତରେ ନୁହେଁ, ବିଶ୍ୱାସରେ ସାବିତ୍ରୀ

# ଜିତୁ ପାଇଁ ଶାନ୍ତିଲତାଙ୍କ ସବୁଦିନ ଲଢ଼େଇ

**ଡାକ୍ତରଙ୍କ ଅବହେଳାରୁ ହରାଇଲେ ଦୃଷ୍ଟିଶକ୍ତି**

**ପରିବାର ଚଳାଇବା ଏବେ କଷ୍ଟକର**

**ସହାୟତା ପାଇଁ ନିବେଦନ**



କାକଟପୁର/ଅସ୍ତରଙ୍ଗ,୧୫।୫ (ସଂଚାର ବ୍ୟୁରୋ): ବ୍ରତରେ ନୁହେଁ, ଏଠି ବିଶ୍ୱାସରେ ସାବିତ୍ରୀ । ଦିନେ ନୁହେଁ ତାଙ୍କ ପାଇଁ ସବୁଦିନ ସାବିତ୍ରୀ । ନାଁ ଦେଇଛନ୍ତି ସୁନା ଗହଣା, ନାଁ ଦେଇଛନ୍ତି ଦାମୀ ଶାଢ଼ୀ । ନାଁ ଅଛି ଭଳିକି ଭଳି ଫଳମୂଳ ଭରା ସାବିତ୍ରୀ ଭାର । ତଥାପି ଏ ସାବିତ୍ରୀ ଜଣକ ସମ୍ପର୍କର ସଂଜ୍ଞା ବୁଝିଛନ୍ତି । ନିଜ ସତ୍ୟବାନଙ୍କ ସେବା କରୁଛନ୍ତି ଶାନ୍ତିଲତା।

ସାବିତ୍ରୀ କହିଲେ ଓଷାବାର ଆଉ ସ୍ତ୍ରୀର ମଥା ସିନ୍ଦୁରକୁ ବୁଝୁଥାନ୍ତି ତାହା ଆଜି ଏ ଯୁଗର ସାବିତ୍ରୀଙ୍କ କାହାଣୀ ଆପଣଙ୍କ ଭାବନାକୁ ଭୁଲ ପ୍ରମାଣିତ କରିନେବ। ବର୍ଷ ସାରା ସ୍ତ୍ରୀଟିଏ ଦିନକ ପାଇଁ ସାବିତ୍ରୀ ବ୍ରତ କରିବାକୁ ଚାହିଁ ରହିଥାଏ । ହେଲେ ପୁରୀ ଜିଲ୍ଲା କାକଟପୁର ବ୍ଲକ ଅଧୀନ କଟକଣା ପଂଚାୟତରେ ବସବାସ କରୁଥିବା ଦିବ୍ୟାଙ୍ଗ ଜିତୁ ଜେନା। ଯିଏ ଜନ୍ମରୁ ଦିବ୍ୟାଙ୍ଗ ହୋଇଥିବା ବେଳେ ପ୍ଲାଷ୍ଟିକ ଗୋଡ଼ ସାହାଯ୍ୟରେ ପରିବାର ପ୍ରତିପୋଷଣ ପାଇଁ ଗାଁ ଗାଁ ବୁଲି ଗୁପଚୁପ ଓ ଆଇସକ୍ରିମ ବେପାର କରି ସ୍ୱଳ୍ପ ରୋଜଗାରରେ ନିଜ ଛୋଟିଆ ସଂସାର ଚଳୁଥିଲା। କିନ୍ତୁ ଦଇବ ଦାଉ ସାଧିଲା ଭଳି ଜିତୁଙ୍କ ଆଖିରେ ସମସ୍ୟା ସୃଷ୍ଟି ହେଲା । ଦିବ୍ୟାଙ୍ଗ ସ୍ୱାମୀର ଆଖିକୁ ଭଲ କରିବାକୁ ସଂଚିତ ସ୍ୱଳ୍ପ ଅର୍ଥରେ ଭୁବନେଶ୍ୱର ସ୍ଥିତ ଏକ ଚକ୍ଷୁ ଚିକିତ୍ସାଳୟକୁ ଗଲେ । ଚିକିତ୍ସାଧୀନ ଡାକ୍ତର ଦିବ୍ୟାଙ୍ଗ ଜିତୁକୁ ପରାମର୍ଶ ଦେଲେ ଆଖି ଅପରେସନ ହେବ। ଅପରେସନ ପରେ କିନ୍ତୁ ଆଖି ଭଲ ହେବା ପରିବର୍ତ୍ତେ ଚିକିତ୍ସାଧୀନ ଡକ୍ଟରଙ୍କ ଚିକିତ୍ସା ଅବହେଳାରୁ ପୂର୍ବରୁ ଦିବ୍ୟାଙ୍ଗ ଥିବା ଜିତୁ ସମ୍ପୂର୍ଣ୍ଣ ଦୃଷ୍ଟି ଶକ୍ତି ହରାଇଲେ।

ଦିବ୍ୟାଙ୍ଗ ଓ ଦୃଷ୍ଟିଶକ୍ତି ହରାଇଥିବା ସ୍ୱାମୀଙ୍କୁ ଚିକିତ୍ସା କରାଇବାକୁ ଅର୍ଥ ନଥିବା ବେଳେ ସ୍ୱାମୀଙ୍କ ଚିକିତ୍ସା ସହ ପରିବାର ମୁହଁରେ ଆହାର ଦେବାକୁ ପତ୍ନୀ ଅନ୍ୟ ସ୍ଥାନରେ କାମ କରୁଛନ୍ତି। ସେଥିରୁ ଯେତିକି ଅର୍ଥ ମିଳେ ପରିବାର କଷ୍ଟରେ ଚଳେ। ସରକାରୀ ସ୍ତରରେ ରାସନ କାର୍ଡ ମିଳୁଥିବା ଚାଉଳରେ ପିଲାଙ୍କ ନାମ ଯୋଡ଼ା ହୋଇନଥିବାରୁ ସେଥିରୁ ମଧ୍ୟ ଚାଉଳ ପାଇବାରୁ ବଂଚିତ ହେଉଛନ୍ତି । ଆଉ ମୁଣ୍ଡ ଗୁଞ୍ଜିବାକୁ ଭଙ୍ଗା ନୂଆଣିଆ ଘର ବ୍ୟତୀତ ଆଉ କିଛି ନାହିଁ। ସରକାରଙ୍କୁ ଅନେକ ଗୁହାରି କଲେ ମଧ୍ୟ ଘରଟିଏ ମିଳିନାହିଁ।

ପତ୍ନୀ ଶାନ୍ତିଲତାଙ୍କ ପାଇଁ ସବୁଦିନ ହିଁ ସାବିତ୍ରୀ ବ୍ରତ, ଆଉ ସବୁଦିନ ହିଁ ସତ୍ୟବାନଙ୍କ ସେବା। ଦୀର୍ଘ ବର୍ଷ ହେଲା ଦିବ୍ୟାଙ୍ଗ ସ୍ୱାମୀର ତଥା ସତ୍ୟବାନ ଜିତୁଙ୍କ ହାତ ଧରି ସ୍ତ୍ରୀ ଶାନ୍ତିଲତା ଦିନ କାଟିଚାଲିଛନ୍ତି ଜୀବନ। ସେଇଥି ପାଇଁ ଆଧୁନିକ ଯୁଗର ସାବିତ୍ରୀ ପାଇଁ ଶାନ୍ତିଲତା ପ୍ରକୃତ ସାବିତ୍ରୀ କହିଲେ ଭୁଲ ହେବନି। ଯଦି କୌଣସି ସହୃଦୟ ତଥା ବଦାନ୍ୟ ବ୍ୟକ୍ତି କିମ୍ବା ସରକାର ସହାୟତା କଲେ ଦିବ୍ୟାଙ୍ଗ ପରିବାର ମୁହଁରେ ହସ ଫୁଟିପାରନ୍ତା।

## ପ୍ରକଳ୍ପ ନିର୍ମାଣରେ କନିଷ୍ଠ ଯନ୍ତ୍ରୀଙ୍କ ତତ୍ପରତା



ନିଶ୍ଚିନ୍ତକୋଇଲି,୧୫।୫ (ସଂଚାର ବ୍ୟୁରୋ): ନିଶ୍ଚିନ୍ତକୋଇଲି ପଞ୍ଚାୟତ ସମିତି ଅଧିନସ୍ଥ ନତକାଇ ପଞ୍ଚାୟତ ନତକାଇ ଗ୍ରାମର ଭାରତ ନିର୍ମାଣ ରାଜୀବ ଗାନ୍ଧୀ ସେବା କେନ୍ଦ୍ର ସମ୍ମୁଖ ଢଳେଇ କାର୍ଯ୍ୟ ନିର୍ମାଣ ହେଉଛି। ପଞ୍ଚଦଶ କେନ୍ଦ୍ରୀୟ ଅର୍ଥ ଆୟୋଗ ଅନୁଦାନ ୧ଲକ୍ଷ ଟଙ୍କା ଅର୍ଥ ବ୍ୟୟ ଅଟକଳରେ ଆର୍ଥିକ ବର୍ଷ ୨୦୨୪-୨୫ରେ ବିଭାଗୀୟ ନାମେ ନିର୍ମାଣ କାର୍ଯ୍ୟ ହେଉଅଛି। କାର୍ଯ୍ୟ ନିର୍ମାଣ ସମୟରେ ସମ୍ପୃକ୍ତ ପଞ୍ଚାୟତ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ସସ୍ମିତା ଓତା କାର୍ଯ୍ୟ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ କାର୍ଯ୍ୟ ସ୍ଥଳରେ ଉପସ୍ଥିତ ରହି ନିର୍ମାଣ କାର୍ଯ୍ୟକୁ ତନତନ କରି ତଦାରଖ କରିଥିଲେ।

ଏଠାରେ ସୂଚନାଥାଉକି ନିଶ୍ଚିନ୍ତକୋଇଲି ପଞ୍ଚାୟତ ସମିତି ଅଧିନ ବିଭିନ୍ନ ପଞ୍ଚାୟତରେ ୫ଲକ୍ଷରୁ ୧୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବ୍ୟୟ ଅଟକଳରେ ନିର୍ମାଣଧୀନ ପ୍ରକଳ୍ପ ଗୁଡ଼ିକର ନିର୍ମାଣ କାର୍ଯ୍ୟ ସମୟରେ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ବା ବିଭାଗୀୟ ଉଚ୍ଚ ପଦସ୍ଥ ଅଧିକାରୀଙ୍କ ଦେଖା ଦର୍ଶନ ମିଳୁନଥିବା ବେଳେ ନତକାଇ ପଞ୍ଚାୟତର ଏହି ୧ଲକ୍ଷ ଟଙ୍କା ବ୍ୟୟ ଅଟକଳ ପ୍ରକଳ୍ପରେ କନିଷ୍ଠ ଯନ୍ତ୍ରୀଙ୍କ କାର୍ଯ୍ୟ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଉପସ୍ଥିତ ରହିବାକୁ ନେଇ ସାଧାରଣରେ ଆଲୋଚନା ହେଉଛି। ନତକାଇ ପଞ୍ଚାୟତର ସରପଞ୍ଚ ପୂର୍ବତନ ମନ୍ତ୍ରୀ ତଥା ମାହାଙ୍ଗା ବିଜେଡ଼ି ନେତା ଶ୍ରୀଯୁକ୍ତ ପ୍ରତାପ ଜେନା ଓ ବିଜେଡ଼ି ସମର୍ଥିତ ସରପଞ୍ଚ ହୋଇଥିବାରୁ ଆକ୍ରୋଶମୂଳକ ଭାବେ ପଞ୍ଚାୟତର ଉନ୍ନୟନମୂଳକ କାର୍ଯ୍ୟରେ ନିଶ୍ଚିନ୍ତକୋଇଲି ପଞ୍ଚାୟତ ସମିତି କାର୍ଯ୍ୟାଳୟ ପକ୍ଷରୁ ହଇରାଣ ହରକତ କରାଯାଉଥିବା ଚର୍ଚ୍ଚା ଯୋର ଧରିଛି।

SANCHAR ସଂଚାର ଶନିବାର ୧୬ ମେ ୨୦୨୬





# ସ୍ୱାସ୍ଥ୍ୟ

## ବଢ଼ାନ୍ତୁ ମୁହଁର ସୌନ୍ଦର୍ଯ୍ୟ



ସାଧାରଣତଃ ଶୀତଦିନେ ମୁହଁ ଶୁଷ୍କ ହେବା, ଫାଟିବା ଓ ବ୍ରଣହେବା ଭଳି ସମସ୍ୟା ଦେଖାଯାଇଥାଏ। ଘରୋଇ ଉପଚାର ଦ୍ୱାରା ଏଭଳି ସମସ୍ୟାକୁ ସହଜରେ ଦୂର କରାଯାଇପାରେ। ମୁହଁର ସୌନ୍ଦର୍ଯ୍ୟ ପାଇଁ ଶୀତଦିନେ ଏହି ଉପଚାର ଅତ୍ୟନ୍ତ ଲାଭଦାୟକ ହୋଇଥାଏ।

❑ ମୁହଁର ସୌନ୍ଦର୍ଯ୍ୟ ପାଇଁ ପାଚିଲା ଅମୃତଭଣ୍ଡା ଓ ପାଚିଲା କଦଳୀକୁ ଭଲ ଭାବେ ଚକଟି ଦିଅନ୍ତୁ। ସେଥିରେ ଦୁଇ ଚାମଚ ମହୁ ମିଶାଇ ଦିଅନ୍ତୁ। ଏହି ମିଶ୍ରଣକୁ ମୁହଁ ଓ ବେକରେ ଲଗାନ୍ତୁ। ୨୦ ମିନିଟ ପରେ ଥଣ୍ଡା ପାଣିରେ ମୁହଁ ଓ ବେକକୁ ଧୋଇ ଦିଅନ୍ତୁ, ଦେଖିବେ ମୁହଁ ଚିକ୍କଣ ରହିବ।

❑ ଗୋଟିଏ ଚାମଚ ଆଲମଣ୍ଡ ପାଉଡ଼ରରେ ଦୁଇ ଚାମଚ କ୍ଷୀର ଗୋଳାଇ ଏକ ମିଶ୍ରଣ ପ୍ରସ୍ତୁତ କରନ୍ତୁ। ସେହି ମିଶ୍ରଣକୁ ମୁହଁରେ ଲଗାଇ ୧୦ ମିନିଟ ଯାଏ ରଖନ୍ତୁ। ତା'ପରେ ଭଲ ଭାବରେ ମୁହଁକୁ ଧୋଇ ଦିଅନ୍ତୁ। ଫଳରେ ମୁହଁର ରୁଖାପଣ ଦୂର ହୋଇଥାଏ ଏବଂ ଚମକ ବଢ଼ିଥାଏ।

❑ ପ୍ରଥମେ ମୁହଁକୁ ଥଣ୍ଡା ପାଣିରେ ଭଲ ଭାବେ ଧୋଇ ଦିଅନ୍ତୁ। ପରେ ତୁଳା ସାହାଯ୍ୟରେ କିଛି ଗ୍ଲିସେରିନ୍ ନେଇ ମୁହଁରେ ଲଗାନ୍ତୁ। କିଛି ସମୟ ପରେ ମୁହଁକୁ ଧୋଇ ଦିଅନ୍ତୁ। ଏହା ମୁହଁର ତ୍ୱଚାକୁ ନରମ ରଖିବାରେ ସାହାଯ୍ୟ କରେ।

❑ ଗୋଟିଏ ଆଭୋକାଡୋ ନିଅନ୍ତୁ, ସେଥିରେ ଦୁଇ ଚାମଚ ମହୁ ମିଶାଇ ଏକ ମାସ୍କ ପ୍ରସ୍ତୁତ କରନ୍ତୁ। ଏହି ମାସ୍କକୁ ମୁହଁ ଏବଂ ବେକରେ ୧୦ ମିନିଟ ଯାଏ ଲଗାଇ ରଖନ୍ତୁ। ତା'ପରେ ଭଲ ଭାବରେ ମୁହଁ ଓ ବେକକୁ ଧୋଇ ଦିଅନ୍ତୁ। ଏହା ଫଳରେ ମୁହଁ ଓ ବେକ ମୁଲାୟମ ରହେ।

❑ ଶୀତ ଦିନେ ପ୍ରାୟତଃ ପାଗ ଶୁଖିଲା ରହୁଥିବାରୁ ଅଧିକ ପରିମାଣରେ ପାଣି ପିଅନ୍ତୁ। ଉଷୁମ ପାଣି ସବୁଠାରୁ ଭଲ। କାନକୁହା କଥା ଶୁଣି ବା କେବଳ ସୋସିଆଲ ମିଡ଼ିଆର ସାହାରା ନେଇ ମୁହଁ ମେକପ ପାଇଁ କ୍ରିମ ବା କୌଣସି ଲୋସନ ବ୍ୟବହାର କରନ୍ତୁ ନାହିଁ। ଏ କ୍ଷେତ୍ରରେ ସୌନ୍ଦର୍ଯ୍ୟ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ।


ଅପର୍ଣ୍ଣା ନାୟକ, ମେନ ସାଗର ପାନ ରୋଡ଼, ନଂ-୩, ବାଲାଜୀ ଡିପାର୍ଟମେଣ୍ଟାଲ ଷ୍ଟୋର, ନୂଆଦିଲ୍ଲୀ, ପିନ-୧୧୦୦୪୬


## ମୁଣ୍ଡ ବିନ୍ଧା ପାଇଁ ଯୋଗ





ମୁଣ୍ଡବିନ୍ଧାକୁ ନେଇ ଚିନ୍ତାରେ କି ? ଏହି ସମସ୍ୟା ଲୋକଙ୍କ ପାଇଁ ଖୁବ୍ ସାଧାରଣ। ପ୍ରାୟ ଲୋକ ଏହି ସମସ୍ୟାରୁ ମୁକ୍ତି ପାଇବା ପାଇଁ ଔଷଧର ସହାୟତା ନେଇଥାନ୍ତି। ସବୁବେଳେ ଔଷଧ ଖାଇବା ଦ୍ୱାରା ଏହା କ୍ରମଶଃ ଅଭ୍ୟାସରେ ପଡିଯାଇଥାଏ, ଯାହା ଆଦୌ ଠିକ୍ ନୁହେଁ। ମୁଣ୍ଡବିନ୍ଧା କୌଣସି ବଡ଼ ରୋଗ ନୁହେଁ। ତଥାପି କମ୍ ବୟସ୍କଙ୍କୁ ଅଧିକ ଯନ୍ତ୍ରଣା ଦେଇଥାଏ। ତେଣୁ କିଛି ଲୋକ ମୁଣ୍ଡବିନ୍ଧା ଓ ଚିନ୍ତାକୁ ଦୂର କରିବା ପାଇଁ ପେନ୍‌କିଲର୍‌ର ସାହାଯ୍ୟ ନେଇଥାନ୍ତି। ସବୁବେଳେ ପେନ୍‌କିଲର୍ ଖାଇବା ଆଦୌ ଠିକ୍ ନିହେଁ। ଏହି ସମସ୍ୟାରୁ ମୁକ୍ତି ପାଇଁ କିଛି ସହଜ ଓ ସରଳ ଯୋଗାସନ କରିପାରିବେ। ଚାଲନ୍ତୁ ଜାଣିବା ସେହି ଯୋଗଗୁଡିକ କ'ଣ ?

**ଉଷ୍ଟ୍ରାସନଃ** ଏହି ଯୋଗାସନ କେବଳ ଶରୀରକୁ ନମନୀୟ କରି ନଥାଏ, ବରଂ ଅନେକ ଫାଇଦା ମଧ୍ୟ ଦେଇଥାଏ। ଏହି ଯୋଗ କରିବା ଦ୍ୱାରା ମସ୍ତିଷ୍କକୁ ଅମ୍ଳଜାନ ସଞ୍ଚାଳନ ତୀବ୍ର ହୋଇଥାଏ, ଯାହାଦ୍ୱାରା ଶରୀର ସତେଜତା ଅନୁଭବ କରିବା ସହ ଚିନ୍ତା ଦୂର କରିଥାଏ। ଉଷ୍ଟ୍ରାସନ କରିବା ଦ୍ୱାରା ପାଚନତନ୍ତ୍ର ସୁସ୍ଥ ରହିବା ସହ ପିଠି ମଜଭୁତ ହୋଇଥାଏ। ଏପରିକି ବସିବାର ଶୈଳୀରେ ମଧ୍ୟ ସୁଧାର ଆସିଥାଏ।

**ବ୍ରିଜ୍ ଆସନଃ** ମୁଣ୍ଡବିନ୍ଧାଜନିତ ସମସ୍ୟା ପାଇଁ ବ୍ରିଜ୍ ଆସନ ଏକ ବରଦାନ। ଏହି ଆସନ ବେକ ଓ କାନ୍ଧ ଯନ୍ତ୍ରଣାକୁ କମ୍ କରିବା ସହ ମୁଣ୍ଡବିନ୍ଧା କମ୍ କରିଥାଏ। ଏହା ଶରୀରକୁ ନମନୀୟ କରିଥାଏ। ନିୟମିତ ଏହି ଆସନ କରିବା ଦ୍ୱାରା ପାଚନ ତନ୍ତ୍ର ଓ ଚିନ୍ତାକୁ କମ୍ ହୋଇଥାଏ। ଫଳରେ ବ୍ୟକ୍ତି ସାରା ଦିନ ସତେଜ ରହିପାରିବେ।

**ପବନମୁକ୍ତାସନଃ** ମୁଣ୍ଡବିନ୍ଧା ଓ ମାଇଗ୍ରେନ୍ ସମସ୍ୟା ଥିଲେ, ପବନମୁକ୍ତାସନ ଖୁବ୍ ଲାଭଦାୟକ। ଏହା ମନକୁ ଶାନ୍ତ ରଖିବା ସହ ନମନୀୟ ରଖିଥାଏ। ପାଚନ ତନ୍ତ୍ରକୁ ସୁସ୍ଥ ରଖିବା ସହ ଶରୀରରେ ଥିବା ବିଷାକ୍ତ ପଦାର୍ଥକୁ ବାହାର କରିଥାଏ।

**ବାଳାସନଃ** ବାଳାସନ ଅର୍ଥାତ ଚାଇଲ୍ଡ ପୋଜ୍ ମୁଣ୍ଡବିନ୍ଧା ଓ ଚିନ୍ତାରୁ ମୁକ୍ତି ଦେଇଥାଏ। ଏହା ଆସନରେ ପିଠିର ମାଂସପେଶୀ ଟାଣି ହୋଇଥାଏ। ଫଳରେ ନତମ୍ବକୁ ମୁକ୍ତ ରଖିବା ସହ ଚିନ୍ତା ଦୂର କରିଥାଏ। ମଥାରେ ଭୂମିକୁ ଛୁଇଁବା ଦ୍ୱାରା ଆକ୍ୟୁପ୍ରେସର ପଏଣ୍ଟ ସକ୍ରିୟ ହୋଇଥାଏ। ଫଳରେ ମୁଣ୍ଡବିନ୍ଧା ଦୂର ହୋଇଥାଏ।

## ପିତ୍ତକୋଷରେ ଷ୍ଟୋନ୍ ହୋଇଛି କି ?



ଯଦି ଆପଣ ଆପଣଙ୍କ ଉପର ପେଟରେ ହଠାତ୍ ତୀବ୍ର ଯନ୍ତ୍ରଣା ଅନୁଭବ କରୁଛନ୍ତି ଯାହା କିଛି ସମୟ ପରେ କମିଯାଉଛି, ତେବେ ଏହା ପିତ୍ତକୋଷରେ ଷ୍ଟୋନ୍‌ର ଲକ୍ଷଣ ହୋଇପାରେ। ଏହି ସମସ୍ୟା ମହିଳାମାନଙ୍କଠାରେ ଅଧିକ ଦେଖାଯାଏ ଏବଂ ପ୍ରାୟତଃ ବିଳମ୍ବରେ ଜଣାପଡ଼ିଥାଏ। ପିତ୍ତକୋଷ ଷ୍ଟୋନ୍ ହେଉଛି ଛୋଟ କଠିନ କଣିକା ଯାହା ପିତ୍ତକୋଷରେ ଗଠିତ ହୁଏ। ଏଗୁଡ଼ିକ କୋଲେଷ୍ଟ୍ରଲ ଏବଂ ପିତ୍ତରୁ ଗଠିତ। ଯେତେବେଳେ ଏଗୁଡ଼ିକ ପିତ୍ତନଳୀକୁ ଅବରୋଧ କରନ୍ତି, ସେତେବେଳେ ଏଗୁଡ଼ିକ ପେଟରେ ତୀବ୍ର ଯନ୍ତ୍ରଣା ସୃଷ୍ଟି କରନ୍ତି ଯାହା ପିଠି କିମ୍ବା କାନ୍ଧରେ ମଧ୍ୟ ହୋଇପାରେ । ପ୍ରାରମ୍ଭରେ, କୌଣସି ଲକ୍ଷଣ ଦେଖା ଦେଇନଥାଏ। ତଥାପି, ଷ୍ଟୋନ୍ ବଢ଼ିବା ସହିତ, ତେଲିଆ ଖାଦ୍ୟ ଖାଇବା ପରେ ଯନ୍ତ୍ରଣା ସହିତ ବାନ୍ତି ହୋଇପାରେ। ଏହି ସମସ୍ୟା ବିଶେଷକରି ମହିଳା, ୪୦ ବର୍ଷରୁ ଅଧିକ ବୟସ୍କ ବ୍ୟକ୍ତି ଏବଂ ମେଦବହୁଳ ଲୋକଙ୍କଠାରେ ସାଧାରଣ। ଦ୍ରୁତ ଓଜନ ହ୍ରାସ କିମ୍ବା ବାରମ୍ବାର ଗର୍ଭଧାରଣ ମଧ୍ୟ ଏହି ବିପଦକୁ ବୃଦ୍ଧି କରେ। ଏହି ସମସ୍ୟା ଗୁରୁତର ହେଲେ, ଏହାକୁ ଆକ୍ୟୁଟ୍ କୋଲେସିଷ୍ଟାଇଟିସ୍ କୁହାଯାଏ। ଏହି ଅବସ୍ଥାରେ ପିତ୍ତକୋଷ ସମ୍ପୂର୍ଣ୍ଣ ଭାବରେ ଅବରୋଧିତ ହୋଇଯାଏ ଏବଂ ରୋଗୀ ଜ୍ୱର, ଥଣ୍ଡା ଏବଂ ବାନ୍ତି ଭଳି ଲକ୍ଷଣ ଅନୁଭବ କରନ୍ତି। ଏପରି ପରିସ୍ଥିତିରେ, ତୁରନ୍ତ ଡାକ୍ତରଙ୍କ ସହିତ ପରାମର୍ଶ କରିବା ଗୁରୁତ୍ୱପୂର୍ଣ୍ଣ। ଯଦି ଯନ୍ତ୍ରଣା ସାମାନ୍ୟ ଥାଏ, ତେବେ ଔଷଧ ଏବଂ ଖାଦ୍ୟପେୟ ସଂଶୋଧନ ଦ୍ୱାରା ଉପଶମ ମିଳିପାରେ। ତଥାପି, ଯଦି ଯନ୍ତ୍ରଣା ଜାରି ରହେ, ତେବେ ଡାକ୍ତରମାନେ ଲାପାରୋସ୍କୋପି ସାହାଯ୍ୟରେ ପିତ୍ତକୋଷ କାଢ଼ିବାକୁ ପରାମର୍ଶ ଦେଇପାରନ୍ତି। ପିତ୍ତକୋଷରେ ଷ୍ଟୋନ୍ ହେବାକୁ ରୋକିବା ପାଇଁ ଛଣା ବା ଡିପ୍ ଫ୍ରାଏଡ୍ ଖାଦ୍ୟ କମ୍ ଖାଆନ୍ତୁ, ଧୀରେ ଧୀରେ ଓଜନ ହ୍ରାସ କରନ୍ତୁ ଏବଂ ପ୍ରତିଦିନ ହାଲୁକା ବ୍ୟାୟାମ କରନ୍ତୁ। ଶରୀରରେ ପିତ୍ତର ସନ୍ତୁଳନ ବଜାୟ ରଖିବା ପାଇଁ ପ୍ରଚୁର ପାଣି ପିଇବା ମଧ୍ୟ ଅତ୍ୟନ୍ତ ଜରୁରୀ। ସର୍ବୋତ୍ତମ ଉପାୟ ହେଉଛି ବର୍ଷକୁ ଥରେ ପେଟର ଅଲ୍ଟ୍ରାସାଉଣ୍ଡ କରାଇବା । ଯାହା ଦ୍ୱାରା ପିତ୍ତକୋଷରେ ଷ୍ଟୋନ୍ ଭଳି ସମସ୍ୟା ଚିହ୍ନଟ ହୋଇପାରିବ ଏବଂ ଚିକିତ୍ସା ସହଜ ହୋଇପାରିବ।

## ବଥୁଆ ଶାଗ ସ୍ୱାସ୍ଥ୍ୟ ପାଇଁ ଉପକାରୀ



ଶୀତଋତୁ ଆସିବା ମାତ୍ରେ ବଜାରରେ ଅଧିକାଂଶ ସତେଜ ସବୁଜ ପନିପରିବା ବିକ୍ରି ହୁଏ। ସବୁଜ ପରିପରିବା ଭିତରେ ଶାଗ ଦେହ ପାଇଁ ଖୁବ ଲାଭଦାୟକ। ଶାଗ ମଧ୍ୟରୁ ବଥୁଆ ଶାଗର କେବଳ ସ୍ୱାଦ ଭଲ ନୁହେଁ, ଏହା ସଞ୍ଜୀବନୀ ଭଳି ଦିଏ ବୋଲି କହିଲେ ଭୁଲ୍ ହେବନି। ଆୟୁର୍ବେଦରେ ବଥୁଆ ଶାଗ ରାମବାଣ ଔଷଧ ପରି। ଦୈନିକ ବଥୁଆ ଖାଇବା ଦ୍ୱାରା ଏହା ରକ୍ତକୁ ସଫା କରି ନାନା ରୋଗ ଦୂର କରେ। ଏହା ଶରୀରରୁ ବିଷାକ୍ତ ପଦାର୍ଥ ବାହାର କରିଥାଏ। ରୋଗପ୍ରତିରାଧକ ଶକ୍ତି ବଢ଼ାଇବାରେ ବଥୁଆର ମୁଖ୍ୟ ଭୂମିକା ରହିଛି। ବଥୁଆ ଶାଗ ଖାଇବା ଦ୍ୱାରା ବିଶେଷକରି ଡାଇବେଟିସ ଓ କୋଲେଷ୍ଟ୍ରୋଲ ଭଳି ଗମ୍ଭୀର ରୋଗ ନିୟନ୍ତ୍ରଣରେ ରହିଥାଏ। ଏହା ଭିଟାମିନ୍-ବି-୧, ବି-୨, ବି-୫ ଏବଂ ଭିଟାମିନ୍ ସିରେ ଭରପୂର। ଏଥିରେ କ୍ୟାଲସିୟମ, ଲୌହସାର, ମ୍ୟାଗ୍ନେସିୟମ୍ ଆଦି ରହିଛି। ବଥୁଆ ସେବନ ଦ୍ୱାରା ରକ୍ତଚାପ ନିୟନ୍ତ୍ରଣରେ ରହିଥାଏ।

❑ ବଥୁଆରେ ଥିବା ପୋଷକ ତତ୍ତ୍ୱ ରକ୍ତ ଶର୍କରା ସ୍ତରକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରେ।

❑ ବଥୁଆ ଖରାପ କୋଲେଷ୍ଟ୍ରଲକୁ ହ୍ରାସ କରି ହୃଦ୍‌ଘାତ ଏବଂ ଷ୍ଟ୍ରୋକର ଆଶଙ୍କା ହ୍ରାସ କରେ। ଏହା ଭଲ କୋଲେଷ୍ଟ୍ରଲକୁ ବୃଦ୍ଧି କରି ହୃଦ୍‌ସ୍ୱାସ୍ଥ୍ୟକୁ ଉନ୍ନତ କରେ।

❑ ବଥୁଆରେ ଭରପୂର ପରିମାଣରେ ଫାଇବର ଥାଏ, ଯାହା ହଜମ ପ୍ରକ୍ରିୟାକୁ ଉନ୍ନତ କରିବାରେ ସାହାଯ୍ୟ କରେ। ଏହା କୋଷ୍ଠକାଠିନ୍ୟ, ବଦହଜମୀ ଏବଂ ଅନ୍ୟାନ୍ୟ ପେଟ ସମସ୍ୟାରୁ ମୁକ୍ତି ଦିଏ।

❑ ବଥୁଆ ରକ୍ତକୁ ପରିଷ୍କାର କରିଥାଏ ଏବଂ ଶରୀରରେ ହିମୋଗ୍ଲୋବିନ ସ୍ତର ବୃଦ୍ଧି କରିଥାଏ। ଏହାକୁ ଶରୀରକୁ ବିଷମୁକ୍ତ କରିବାରେ ବହୁତ ପ୍ରଭାବଶାଳୀ ବୋଲି ବିବେଚନା କରାଯାଏ।

❑ ବଥୁଆ ଆଣ୍ଟିଅକ୍ସିଡାଣ୍ଟରେ ଭରପୂର ଯାହା ସୁସ୍ଥ ଚର୍ମ ବଜାୟ ରଖିବାରେ ସାହାଯ୍ୟ କରେ। ଏହା ବ୍ରଣ, କୁଞ୍ଚନ ଏବଂ ଅନ୍ୟାନ୍ୟ ଚର୍ମ ସମସ୍ୟାକୁ କମ୍ କରିବାରେ ସାହାଯ୍ୟ କରେ।

❑ ବଥୁଆଶାଗରେ ପ୍ରଚୁର ପରିମାଣରେ କ୍ୟାଲସିୟମ ଏବଂ ଫସଫରସ୍ ମିଳିଥାଏ, ଯାହା ହାଡ଼କୁ ମଜବୁତ କରିଥାଏ ଏବଂ ଅଷ୍ଟିଓପୋରୋସିସ୍ ଭଳି ରୋଗକୁ ରୋକିଥାଏ।

❑ ବଥୁଆରେ କ୍ୟାଲୋରୀ କମ୍ ଏବଂ ଫାଇବର ଭରପୂର, ଯାହା ଓଜନ ହ୍ରାସ କରିବାରେ ସାହାଯ୍ୟ କରେ।

❑ ବଥୁଆରେ ଭିଟାମିନ୍ ସି ଭରପୂର ମାତ୍ରାରେ ଥାଏ, ଯାହା ରୋଗ ପ୍ରତିରୋଧକ ଶକ୍ତିକୁ ଦୃଢ଼ କରିଥାଏ। ଶୀତଦିନେ ଥଣ୍ଡା ଏବଂ କାଶ ରୋକିବାରେ ଏହା ବହୁତ ପ୍ରଭାବଶାଳୀ।

## ଖରାଦିନେ ବେଳେବେଳେ ପାଣିରେ ବରଫ ମିଶାଇ ଗାଧାନ୍ତୁ



ଆରମ୍ଭ ହୋଇଛି ଖରାଦିନ। ଏବେଠୁ ହିଁ ଦିନର ତାପମାତ୍ରା ୪୦ ଉପରେ ରହୁଛି। ଫଳରେ ଘରୁ ବାହାରିବା ଏକ ପ୍ରକାରର ଅସମ୍ଭବ ହୋଇପଡ଼ିଛି। ଏଭଳି ସ୍ଥିତିରେ ବାହାରୁ ଆସି ତୁରନ୍ତ ଏସିରେ ବସିଲେ ମୁଣ୍ଡ ବିନ୍ଧା ହେବା ଭଳି ସମସ୍ୟା ଦେଖାଦେବା ସମ୍ଭାବନା ରହିଛି। ଗରମରୁ ମୁକ୍ତି ପାଇଁ ଖରାଦିନେ ଆପଣ ସାଧାରଣ ପାଣି ଅପେକ୍ଷା ବରଫ ମିଶା ପାଣିରେ ଗାଧୋଇ ପାରିବେ। ଏହା ଦ୍ୱାରା ଶରୀରର ତାପମାତ୍ରା ଶୀଘ୍ର କମିଥାଏ। ଅଚାନକ ଶରୀରର ତାପମାତ୍ରା ବଢ଼ିବା ଓ କମିବା ଶରୀର ପାଇଁ ଘାତକ ସାଜିପାରେ। ଏଣୁ ଖରାଦିନେ ଏସି ଅପେକ୍ଷା ବରଫ ମିଶା ପାଣି ବ୍ୟବହାର କରିବା ଲାଭଦାୟକ ହୋଇଥାଏ। ତେବେ ଆସନ୍ତୁ ଜାଣିବା ବରଫ ମିଶ୍ରିତ ପାଣିରେ ଗାଧୋଇବାର ଅନ୍ୟ ଫାଇଦା।

**ଶରୀରର ଉର୍ଜା ବଢ଼େଃ** ଖରାଦିନେ ଶରୀରରୁ ବଳ କମିଯାଏ। ତେଣୁ ଦୁର୍ବଳ ଅନୁଭବ ହୋଇଥାଏ। ଯଦି ଏହି ସମୟରେ ବରଫ ମିଶା ପାଣିରେ ଗାଧାନ୍ତି ତେବେ ଆପଣ ଏନ୍‌ର୍ଜେଟିକ୍ ଅନୁଭବ ହୁଏ।

**ଷ୍ଟ୍ରେସ୍ କମାଏଃ** ବରଫ ମିଶା ପାଣିରେ ଗାଧୋଇବା ଦ୍ୱାରା ମାନସିକ ଚିନ୍ତାରୁ ମଧ୍ୟ ମୁକ୍ତି ମିଳିଥାଏ। ପାଣି ବାଲ୍ଟିରେ ଦୁଇ ଟ୍ରେ ବରଫ ମିଶାଇ ଦିଅନ୍ତୁ। ଏହାର ଥଣ୍ଡା ଟିକେ କମିବା ପରେ ଗାଧାନ୍ତୁ ଦେଖିବେ ଷ୍ଟ୍ରେସ୍ ଦୂର ହୋଇଯିବ।

**ଭୋକ ପରିମାଣକୁ ବଢ଼ାଏଃ** ଗରମ ଦିନରେ କିଛି ଖାଇବାକୁ ଇଚ୍ଛା ହୁଏ ନାହିଁ। କେବଳ ଥଣ୍ଡା ଆଉ ମିଠା ଜିନିଷ ପିଇବାକୁ ଖୁବ୍ ମନ ହୋଇଥାଏ। କିନ୍ତୁ ବରଫ ମିଶା ଥଣ୍ଡା ପାଣିରେ ଗାଧୋଇଲେ, ପ୍ରାକୃତିକ ଭାବେ ଭୋକ ବଢିଥାଏ ବୋଲି କୁହାଯାଉଛି। ତେଣୁ ଭୋକ ନ ହେଉଥିଲେ ଏହି କାମ ନିଶ୍ଚୟ କରନ୍ତୁ।

**ତ୍ୱଚାର ଚମକ ବୃଦ୍ଧି କରେଃ** କୋଲ୍ଡ ସାଓ୍ୱାର ସ୍କିନ୍ ପୋର୍ସକୁ ଟାଇଟ୍ ରଖିବା ସହ ତ୍ୱଚାର ଲୋଚାକୋଚା ପଣକୁ ବି ଦୂର କରିବାରେ ସାହାଯ୍ୟ କରିଥାଏ। ଖରା ଯୋଗୁ ଝାଳ ମାଧ୍ୟମରେ ଶରୀରର ଅଧିକାଂଶ ଜଳୀୟ ଅଂଶ ବାହାରକୁ ଚାଲିଆସେ। ଏଭଳି ସ୍ଥିତିରେ ଥଣ୍ଡା ପାଣିରେ ଗାଧୋଇଲେ ତ୍ୱଚା ଶୀଘ୍ର ଜନିତ ସମସ୍ୟା ଦୂର ହେବା ସହ ରିଙ୍କଲ୍ ଫ୍ରି ରହିଥାଏ।

**ଶରୀରକୁ ରଖେ ମଜଭୁତଃ** ବର୍ଷା ଦିନେ ଶୀଘ୍ର ଥଣ୍ଡା ଧରୁଥିବା ଲୋକ ଯଦି ଖରାଦିନେ ବରଫ ପାଣିରେ ଗାଧାନ୍ତି ତେବେ ତାଙ୍କ ଶରୀରର ଥଣ୍ଡା ସହ ଲଢ଼ିବା କ୍ଷମତା ବୃଦ୍ଧି ପାଇଥାଏ। ଏଭଳି ଅଭ୍ୟାସ କରିବ ଦ୍ୱାରା ବର୍ଷାଦିନେ ଆଉ ବାରମ୍ବାର ଥଣ୍ଡା ହୋଇନଥାଏ।

# ସରକାରୀ ସହାୟତା ଅପେକ୍ଷାରେ ୩ ଅନାଥ ଶିଶୁ



କେନ୍ଦୁଝର,୧୫।୫(ସଂଚାର ବ୍ୟୁରୋ)ଃ ବାଂଶପାଳ ବ୍ଲକ ଅନ୍ତର୍ଗତ କୋଡ଼ିପଶା ପଞ୍ଚାୟତର ଦୁଆରଶୁଣି ଗ୍ରାମର କାହ୍ନୁ ଜୁଆଙ୍ଗଙ୍କ ବାପା ମା' ଛେଉଣ୍ଡ ତିନି ସନ୍ତାନଙ୍କୁ ସହାୟତା ଦେବାକୁ ଦାବି ହେଉଛି। ସେମାନଙ୍କ ବୟସ ୩ରୁ ୫ ବର୍ଷ ହେବ। ପ୍ରକାଶ ଯେ, ସ୍ତ୍ରୀ-ସ୍ୱାମୀ ଓ ତିନି ପିଲାଙ୍କୁ ନେଇ ପରିବାର ଦୁଃଖ କଷ୍ଟରେ ଚାଲିଥିଲା। ଗତ ବର୍ଷ କାହ୍ନୁଙ୍କ ସ୍ତ୍ରୀଙ୍କର ହଠାତ୍ ଦେହାନ୍ତ ହୋଇଯିବାରୁ ବଡ ମା' ପିଲାଙ୍କ ଦାୟିତ୍ୱ ନେଇଥିଲେ। ଭାଗ୍ୟର ବିଡ଼ମ୍ବନା, ସେ ବଡ଼ ମା' ଏଇ କିଛି ଦିନ ତଳେ ଆର ପାରିକି ଚାଲିଗଲେ। ପୁଣି ଗତକାଲି କାହ୍ନୁଙ୍କର ଦେହାନ୍ତ ହୋଇଗଲା। ଏବେ ତିନି ପିଲା ବେସାହାରା। ଅନାଥ ହୋଇ ପଡ଼ିଛନ୍ତି। ଚାଷ ବୋଲି କିଛି ନାହିଁ। ବାପ ମଜୁରୀ କରି ଆଣିଲେ ପରିବାର ଚଳୁଥିଲା। ସେହିପରି ସରକାରଙ୍କ ପକ୍ଷରୁ ସରକାରୀ ଘର ମିଳି ନାହିଁ। ଏଣୁ ପିଲାମାନେ ଭଙ୍ଗା ଦଦରା ଚାଳ ଛପର ଘରେ ରହୁଥିବା ବେଳେ ମାଗି ଖାଇ ଚାଲୁଛନ୍ତି। ଏହି ସମୟରେ ବାପାର ଶୁଦ୍ଧିକ୍ରିୟା କିପରି ହେବ ସେ ନେଇ ବିଷମ ପରିସ୍ଥିତି ସୃଷ୍ଟି ହୋଇଛି। ଏ ଦୁଃଖଦ ଖବର ପାଇ ଏକ ସ୍ୱେଚ୍ଛାସେବୀ ଅନୁଷ୍ଠାନର ଡମ୍ବରୁଧର ଘଣା, ମନୋଜ କୁମାର ପଟେଲ ଓ ରାମଚନ୍ଦ୍ର ମହାନ୍ତ ସେ ଗାଁରେ ପହଞ୍ଚି ସବୁ କଥା ପଚାରି ବୁଝିଛନ୍ତି। ପିଲାଙ୍କ ପାଇଁ କିଛି ରାଶନ ସାମଗ୍ରୀର ବ୍ୟବସ୍ଥା କରିବା ସହ ପିଲାଙ୍କୁ ଶୁଦ୍ଧିକ୍ରିୟା ପାଇଁ ନୂଆ ପୋଷାକ ଦେବାର ଯୋଜନା କରିଛନ୍ତି। ଖବର ପାଇ ସ୍ଥାନୀୟ ଆଦିବାସୀ ନେତା କୃଷ୍ଣଚନ୍ଦ୍ର ଜୁଆଙ୍ଗ ଘଟଣାସ୍ଥଳରେ ପହଞ୍ଚି ସେମାନେ ଶୁଦ୍ଧିକ୍ରିୟା ପାଇଁ କିଛି ଆର୍ଥିକ ସାହାଯ୍ୟ କରିବାର ପ୍ରତିଶ୍ରୁତି ଦେଇଛନ୍ତି।

## ମାତିଛନ୍ତି ଲଘୁ ଖଣି ମାଫିଆ

# ବେଧଡ଼କ ଚାଲିଛି ବେଆଇନ ଚୋରାଚାଲାଣ




ମୟୂରଭଞ୍ଜ,୧୫।୫(ସଂଚାର ବ୍ୟୁରୋ)ଃ ମାତିଛନ୍ତି ଲଘୁ ଖଣି ମାଫିଆ । ରେଳ ବିଭାଗ କାମର ଆଳ ଦେଖାଇ ଖୋଦ୍ ସରକାରୀ ଜଙ୍ଗଲ ଜମିକୁ ବି ଛାଡୁନାହାନ୍ତି । ଯାହା ବନ୍ୟଜନ୍ତୁଙ୍କ ଉପରେ ବି ପ୍ରଭାବ ପକାଇଛି । ସ୍ଥାନୀୟ ପ୍ରଶାସନର ନୀରବତାକୁ ନେଇ ସାଧାରଣରେ ଉଠିଛି ବଡ଼ ପ୍ରଶ୍ନ । ମୟୂରଭଞ୍ଜ ଜିଲ୍ଲା ରାସଗୋବିନ୍ଦପୁର ତହସିଲ ଅଞ୍ଚଳରେ ଚାଲିଛି ମାଟି ଓ ମୋରମର ଲୁଟ୍। ତଥ୍ୟ ଅନୁସାରେ, ରସଗୋବିନ୍ଦପୁର ତହସିଲ ଅଧୀନସ୍ଥ ଅମର୍ଦା, ଝାଟିଗଡା ଏବଂ ସାରୁମୂଳା ଅଞ୍ଚଳରେ ୯ଟି ସ୍ଥାନରେ ମାଟି ଉତ୍ତୋଳନ ପାଇଁ ଅନୁମତି ମିଳିଛି। ହେଲେ ୫୦ରୁ ଅଧିକ ସ୍ଥାନରେ ବେଆଇନ ମାଟି ଓ ମୋରମ୍ ଉତ୍ତୋଳନ ଚାଲିଛି। ରେଳ ବିଭାଗର ଇଷ୍ଟ ଜୋନ୍‌ରେ କାମ କରୁଥିବା ୩ଟି ଘରୋଇ ଠିକା ସଂସ୍ଥା ବାଲେଶ୍ୱରର କିଛି ଦଲାଲଙ୍କ ଜରିଆରେ ମାଟି ସଂଗ୍ରହ କରୁଥିବା ଅଭିଯୋଗ ହୋଇଛି। ଏଥିରେ ଦଲାଲଙ୍କୁ ସହଯୋଗ କରୁଛନ୍ତି ସ୍ଥାନୀୟ ଅଞ୍ଚଳର କିଛି ବେକାର ଯୁବଗୋଷ୍ଠୀ। ମୟୂରଭଞ୍ଜ ସୀମା ଡେଇଁ ପଶ୍ଚିମବଙ୍ଗ ଏବଂ ବାଲେଶ୍ୱରକୁ ଚୋରାଚାଲାଣ ହେଉଛି କୋଟିକୋଟି ଟଙ୍କାର ଲଘୁ ଖଣିଜ! ଯାହା ସ୍ଥାନୀୟ ଜନପ୍ରତିନିଧି, ଜିଲ୍ଲା ପ୍ରଶାସନ, ଖଣି ବିଭାଗ ଏବଂ ପୁଲିସର କାର୍ଯ୍ୟକଳାପ ଉପରେ ପ୍ରଶ୍ନ ଉଠାଇଛି । ଝାଟିଗଡ଼ା ପଞ୍ଚାୟତର ଦ୍ୱାରସୁଣି, ମିର୍ଦ୍ଧପୁର, ବାଲିସାହି ଏବଂ ହରିଣାଶୋଳ ଅଞ୍ଚଳର ବହୁ ଜଙ୍ଗଲ ଜମିରେ ବେଆଇନ ଖନନ ଚାଲିଛି। ଯାହା ବନ୍ୟପ୍ରାଣୀଙ୍କ ପାଇଁ ବଡ଼ ବିପଦ ସାଜିଛି। ରାସଗୋବିନ୍ଦପୁର ରେଞ୍ଜରେ ଏବେ ପ୍ରାୟ ୮୬ଟି ହାତୀ ବିଭିନ୍ନ ଜଙ୍ଗଲରେ ବିଚରଣ କରୁଛନ୍ତି। ମାତ୍ର ଦିନରାତି ଜେସିବି ଓ ହାଇୱାର ବିକଟାଳ ଶବ୍ଦ ଯୋଗୁଁ ହାତୀମାନେ ଅସ୍ତବ୍ୟସ୍ତ ହୋଇ ଜଙ୍ଗଲ ଛାଡ଼ି ଜନବସତି ଆଡ଼କୁ ମାଡ଼ିଆସୁଛନ୍ତି। ସେପଟେ ଜଙ୍ଗଲ ଭିତରେ ଅବାଧ ଖନନ ଯୋଗୁଁ ସୃଷ୍ଟି ହେଉଥିବା ଶହଶହ ଗଭୀର ଖାଲ ହାତୀଙ୍କ ପାଇଁ ମରଣଯନ୍ତା ସାଜିଛି। ଗୋଟିଏ ପଟେ କୋଟିକୋଟି ଟଙ୍କାର ରାଜସ୍ୱ ହାନି, ଅନ୍ୟପଟେ ବନ୍ୟଜନ୍ତୁଙ୍କ ଜୀବନ ପ୍ରତି ବିପଦ। ନିଦାବିଷ୍ଟୁ ସାଜିଛି ଖଣି ବିଭାଗ । ତୁରନ୍ତ ଲଘୁ ଖଣିଜ ଲୁଟ୍ ଉପରେ ରୋକ ଲଗାଇବାକୁ ଦାବି ହୋଇଛି ।

# ରେଲୱେ ମାଲଗୋଦାମ କର୍ମକର୍ତ୍ତା ବୈଠକ



କଳାହାଣ୍ଡି,୧୫।୫(ସଂଚାର ବ୍ୟୁରୋ)ଃ ଭବାନୀପାଟଣା ସ୍ଥିତ ଏମ୍ ଏମ୍ ରୟାଲ ପେଲେସ୍ ଠାରେ ମଙ୍ଗଳବାର ସମ୍ମାନନୀୟ ଡି.ଡି.ଓ. ସରିତା ନାୟକ ଏବଂ ଓଡିଶା ପ୍ରଦେଶ ପ୍ରଭାରୀ ଅବଦୁଲ ଆରଫିନଙ୍କ ତତ୍ତ୍ୱାବଧାନରେ ଏକ ଦିବସୀୟ ବନ୍ଧୁ ମିଳନ କାର୍ଯ୍ୟକ୍ରମ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଭାରତୀୟ ରେଲୱେ ମାଲଗୋଦାମ ଶ୍ରମିକଙ୍କ ସ୍ଥାୟୀ କରଣ ଓ ଦାବି ସମ୍ପର୍କରେ ଆଲୋଚନା କରାଯାଇଥିଲା। ସରକାରଙ୍କ ଦ୍ୱାରା ଅନୁମୋଦିତ ଏବଂ ଶ୍ରମିକଙ୍କୁ ମିଳୁଥିବା ସୁବିଧା ଗୁଡ଼ିକ ଯଥାଃ ସର୍ବନିମ୍ନ ମଜୁରୀ ଓ ସୁବିଧା, ଶ୍ରମିକମାନଙ୍କୁ ସମୟାନୁସାରେ ସର୍ବନିମ୍ନ ମଜୁରୀ, ନିଯୁକ୍ତି ପତ୍ର ଏବଂ କାର୍ଯ୍ୟ ସମୟରେ ସୁରକ୍ଷା ଉପକରଣ ସୁନିଶ୍ଚିତ କରାଯାଉଛି। ସାମାଜିକ ସୁରକ୍ଷାଃ ଶ୍ରମିକମାନେ ଇଏସିଆଇ, ପିଏଫ୍, ପେନସନ ଓ ଦୁର୍ଘଟଣା ବୀମାର ସୁବିଧା ପାଉଛନ୍ତି। ସ୍ୱାସ୍ଥ୍ୟ ଓ କର୍ମକ୍ଷେତ୍ର ଉନ୍ନତିଃ ୪୦ ବର୍ଷରୁ ଅଧିକ ବୟସର ଶ୍ରମିକମାନଙ୍କୁ ବାର୍ଷିକ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ସହିତ ପାନୀୟ ଜଳ, ଶୌଚାଳୟ ଓ କ୍ୟାଣ୍ଟିନ ସୁବିଧା ଯୋଗାଇ ଦିଆଯାଉଛି। ଆଧୁନିକୀକରଣ ଓ ତାଲିମଃ ଶ୍ରମିକ ସଂଘର ସହଯୋଗରେ ପ୍ରଯୁକ୍ତିଗତ ଓ ଦକ୍ଷତାମୂଳକ ତାଲିମ ଦେଇ କାର୍ଯ୍ୟକୁ ଆଧୁନିକ କରାଯାଉଛି, ଯାହା ଦ୍ୱାରା କାମର ଗୁଣବତ୍ତା ବୃଦ୍ଧି ପାଉଛି।ଉପରୋକ୍ତ ବିଷୟଗୁଡ଼ିକୁ ନେଇ ସମ୍ମିଳନୀରେ ବିସ୍ତୃତ ଆଲୋଚନା ହୋଇଥିଲା।ଏହି କାର୍ଯ୍ୟକ୍ରମରେ ଓଡିଶା ପ୍ରଭାରୀ ଅବଦୁଲ ଆରଫିନ, ଓଡିଶା ଟ୍ରେଜେରାର ପ୍ରଶାନ୍ତ କୁମାର ଜେନା, ଡିଭିଜନ ଅଧ୍ୟକ୍ଷ ଅମୀୟ କୁମାର ସ୍ୱାଇଁ, ଡିଭିଜନ ସେକ୍ରେଟାରୀ ସୁବାସ ଚନ୍ଦ୍ର ଦାସ, ଡିଭିଜନ ଓର୍ଗାନାଇଜେସନ୍ ମିନିଷ୍ଟର ପ୍ରଶାନ୍ତ ବରାଳ, ହିମାଂଶୁ ଜେନା ଓ ଅନ୍ୟାନ୍ୟ ସଦସ୍ୟମାନେ ଉପସ୍ଥିତ ରହି ବୈଠକକୁ ସଫଳ କରିଥିଲେ।

# ମାନସିକ ସ୍ୱାସ୍ଥ୍ୟ କର୍ମଶାଳା ଅନୁଷ୍ଠିତ




ସୁବର୍ଣ୍ଣପୁର,୧୫।୫(ସଂଚାର ବ୍ୟୁରୋ)ଃ ସୁବର୍ଣ୍ଣପୁର ଜିଲ୍ଲା ତରଭା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସଭାଗୃହ ଠାରେ ରେଆର ସୋନପୁର ତରଫରୁ ବେସିକ ନିଡ଼୍ ଇଣ୍ଡିଆ ସହାୟତାରେ ମାନସିକ ସ୍ୱାସ୍ଥ୍ୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ତରଭା ସାର୍ବଜନୀନ ସ୍ୱାସ୍ଥ୍ୟ ବିସ୍ତାର ଅଧିକାରୀଣି ଅମିତା ଚାନ୍ଦ, କାର୍ଯ୍ୟକ୍ରମରେ ରେଆର ସାଧାରଣ ସମ୍ପାଦକ ଅନଙ୍ଗ ନେଗୀ ଓ କାର୍ଯ୍ୟକ୍ରମ ସଂଯୋଜକ ଧନୁର୍ଦ୍ଧର ନାଏକ କର୍ମଶାଳାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ବିସ୍ତୃତ ଭାବେ ଆଲୋକପାତ କରିଥିଲେ, କ୍ଷେତ୍ରକର୍ମୀ ମିତ୍ରଭାନୁ ମଲ୍ଲିକ ଓ ବେସିକ ନିଡ଼୍ ଇଣ୍ଡିଆର ରାଜ୍ୟ ସଂଯୋଜକ ରାଜୀବ କର୍ମୀ ମାନସିକ ସ୍ତରରେ ଅସୁସ୍ଥ ବ୍ୟକ୍ତି ଓ ସେମାନଙ୍କ ପରିବାର ସମ୍ମୁଖୀନ ହେଉଥିବା ଅନ୍ଧବିଶ୍ୱାସ, ଅଣଦେଖା ଓ ପ୍ରତିକୁଳ ପରିସ୍ଥିତି ବିଷୟରେ ଆଲୋଚନା କରିଥିଲେ। ମାନସିକ ସ୍ୱାସ୍ଥ୍ୟ ସଚେତନତା, ମାନସିକ ରୋଗର ଲକ୍ଷଣ, ଚିକିତ୍ସା ଆଦି ନେଇ ବ୍ୟାପକ ଭାବରେ ଅଲୋଚନା ହୋଇଥିଲା।

# ସୁରାଚୁଡ଼ରେ ପାନୀୟ ଜଳ ସଙ୍କଟ

## ନୂତନ ନଳକୂପ ଖୋଳିବାକୁ ଦାବି




କନ୍ଧମାଳ,୧୫।୫(ସଂଚାର ବ୍ୟୁରୋ)ଃ କନ୍ଧମାଳ ଜିଲ୍ଲାର ଖଜୁରୀପଡ଼ା ବ୍ଲକ ଅନ୍ତର୍ଗତ ଅରାପାଜୁ ପଞ୍ଚାୟତର ସୁରାଚୁଡ଼ ଗ୍ରାମରେ ଦୀର୍ଘଦିନ ଧରି ପାନୀୟ ଜଳ ସମସ୍ୟା ଲାଗି ରହିଥିବା ଦେଖିବାକୁ ମିଳିଛି। ଗ୍ରାମରେ ହାତଗଣତି କେତୋଟି ନଳକୂପ ଥିଲେ ମଧ୍ୟ ଶିବମନ୍ଦିର ସାହିର ଉପର ସୀମା ଅଞ୍ଚଳରେ ଥିବା ୧୦ ପରିବାର ପାଖରେ ଏକ କୂଅ ଅଛି ସେଥିରୁ ବର୍ଷା ଦିନରେ ୫ ମାସ ପାଣି ବ୍ୟବହାର କରୁଥିବା ବେଳେ ଗ୍ରୀଷ୍ମ ଋତୁ ରେ ପାଣି ସୁଖି ଯାଉଛି। ଯାହା ଫଳରେ ଉକ୍ତ ସାହିର ପରିବାର ଲୋକଙ୍କ ପାଖାପାଖି କୌଣସି ନଳକୂପ ନଥିବାରୁ ପ୍ରାୟ ଦୂରଦୂରାନ୍ତରୁ ପାଣି ବୋହି ଆଣିବାକୁ ବାଧ୍ୟ ହେଉଛନ୍ତି। ବିଶେଷ କରି ଗ୍ରୀଷ୍ମ ଋତୁର ପ୍ରଚଣ୍ଡ ଖରାରେ ଜଳ ସଂକଟ ଗ୍ରାମବାସୀଙ୍କ ଦୈନନ୍ଦିନ ଜୀବନକୁ ଅସୁବିଧାରେ ପକାଇଦେଇଛି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ପୂର୍ବରୁ ଏହି ସମସ୍ୟା ସମାଧାନ ପାଇଁ ଏକ ନୂତନ ନଳକୂପ ଖନନ ନିମନ୍ତେ ପ୍ରଶାସନଙ୍କୁ ଅବଗତ କରାଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି ଫଳପ୍ରଦ ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଏହି ପରିସ୍ଥିତିକୁ ଦୃଷ୍ଟିରେ ରଖି ପ୍ରଶାସନ ତୁରନ୍ତ ହସ୍ତକ୍ଷେପ କରି ଶିବମନ୍ଦିର ଉପର ସାହି ଏକ ନୂତନ ନଳକୂପ ଖୋଳିବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ସିବିଏସ୍‌ଇ ଦ୍ୱାଦଶ ଶ୍ରେଣୀରେ ପ୍ରିୟଦର୍ଶିନୀ ଜିଲ୍ଲା ଓ ରାଜ୍ୟ ଟପ୍ପର୍



କନ୍ଧମାଳ,୧୫।୫(ସଂଚାର ବ୍ୟୁରୋ)ଃ କେନ୍ଦ୍ରୀୟ ସିବିଏସ୍‌ଇ ଦ୍ୱାଦଶ ପରୀକ୍ଷା ଫଳ ସୋମବାର ଦିନ ପ୍ରକାଶ ପାଇଥିବା ବେଳେ କନ୍ଧମାଳ ଜିଲ୍ଲାର ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଧୋବା ତୋଟା ଫୁଲବାଣୀ ବିଜ୍ଞାନ ଛାତ୍ରୀ ପ୍ରିୟଦର୍ଶିନୀ ବେହେରା ସର୍ବମୋଟ ୪୮୮ ଶତକଡା ୯୭.୬ ନମ୍ବର ରଖି ୨୦୨୬ ଯୁକ୍ତ ଦୁଇ ଦ୍ୱାଦଶ ଶ୍ରେଣୀରେ କନ୍ଧମାଳ ଜିଲ୍ଲା ଓ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଂଗଠନ ସ୍ତରରେ ରାଜ୍ୟ ଟପ୍ପର ହୋଇଛନ୍ତି। ପୂର୍ବରୁ ସେ ସିବିଏସ୍‌ଇ ଦଶମ ଶ୍ରେଣୀରେ ମଧ୍ୟ ୨୦୨୪ରେ ପବ୍ଲିକ ସ୍କୁଲରୁ ସର୍ବାଧିକ ୪୮୫ ଶତକଡା ୯୭ ପ୍ରତିଶତ ମାର୍କ ରଖି ଜିଲ୍ଲା ଟପ୍ପର ହୋଇଥିଲେ। ତାଙ୍କର ନିଜ ଗ୍ରାମ ଖଜୁରୀପଡ଼ା ବ୍ଲକ ଅନ୍ତର୍ଗତ ଖଜୁରୀପଡ଼ା ପଞ୍ଚାୟତ ନେଡ୍ରିଖୋଲ ଗ୍ରାମର ହୋଇଥିବା ବେଳେ ବର୍ତ୍ତମାନ ଫୁଲବାଣୀ ପିଅନ ପଡା ସ୍ଥିତ ଚନ୍ଦନ ନଗରରେ ରହୁଛନ୍ତି। ପିତାଙ୍କ ନାମ ମଦନ ମୋହନ ବେହେରା ମାତା ସୌଦାମିନୀ ଦିଗାଲଙ୍କ ସୁପୁତ୍ରୀ। ବାପା ପେସାରେ ଜଣେ ସରକାରୀ ସହକାରୀ ଶିକ୍ଷକ ବର୍ତ୍ତମାନ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଆର୍ ନୂଆ ଗାଁରେ କାର୍ଯ୍ୟରତ ହୋଇଥିବା ବେଳେ ସେହି ପରି ମାଁ ମଧ୍ୟ ଜଣେ ଶିକ୍ଷୟିତ୍ରୀ ବୋଲି ଜଣାପଡ଼ିଛି। ବାପା ମଦନମୋହନ ଆମର ସହଯୋଗ ଓ ଝିଅ ପ୍ରିୟଦର୍ଶିନୀର ପରିଶ୍ରମ ଏବଂ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କ ଆଶିର୍ବାଦରୁ ସଫଳତା ମିଳିଥିବା ସୂଚନା ଦେଇଛନ୍ତି। ତାଙ୍କର ଏହି ସଫଳତା ଖବର ପାଇ ବିଦ୍ୟାଳୟ ଅଧ୍ୟକ୍ଷ, ଶିକ୍ଷକ ଶିକ୍ଷୟିତ୍ରୀ ଓ ଅଞ୍ଚଳର ବିଭିନ୍ନ ମହଲରୁ ଶୁଭେଚ୍ଛା ସୁଅ ଛୁଟିଛି।

## ବାଲିକୁଦାରେ ପାରିବାରିକ ହିଂସା ଅଭିଯୋଗ

# ସୁରକ୍ଷା ଦାବିରେ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ପୀଡ଼ିତ



ବାଲିକୁଦା,୧୫।୫(ସଂଚାର ବ୍ୟୁରୋ)ଃ ରାଜ୍ୟରେ ଦିନକୁ ଦିନ ଆଇନଶୃଙ୍ଖଳା ପରିସ୍ଥିତି ଅବନତି ହେଉଥିବା ବେଳେ ଜଗତସିଂହପୁର ଜିଲ୍ଲା ବାଲିକୁଦା ଥାନା ଅନ୍ତର୍ଗତ ଥାଇଲୋ ଗ୍ରାମରେ ପାରିବାରିକ ହିଂସାକୁ କେନ୍ଦ୍ର କରି ଚାଲିଥିବା ଅରାଜକତା ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ଜମିବାଡ଼ି ବିବାଦକୁ ନେଇ ଗ୍ରାମର ନବଘନ ଦାସଙ୍କ ପରିବାର ଗତ ଦୁଇ ବର୍ଷରୁ ଅଧିକ ସମୟ ଧରି ଭୟ ଓ ଆତଙ୍କ ମଧ୍ୟରେ ଜୀବନ ଯାପନ କରୁଥିବା ଅଭିଯୋଗ ହୋଇଛି। ଅଭିଯୋଗ ଅନୁସାରେ, ନବଘନ ଦାସଙ୍କ ଭାଇ ଏବଂ ପୁତୁରା ସୁଦର୍ଶନ ଦାସ, ବଳରାମ ଦାସ, ତ୍ରିଲୋଚନ ଦାସ, ନିରଞ୍ଜନ ଦାସ ଓ ପରମାନନ୍ଦ ଦାସ ପ୍ରମୁଖ ଦୀର୍ଘଦିନ ଧରି ତାଙ୍କ ପରିବାର ଉପରେ ଆତଙ୍କରାଜ ଚଳାଇଆସୁଥିବା କୁହାଯାଇଛି। ପରିବାର ସଦସ୍ୟମାନଙ୍କୁ ଧମକ ଦେବା, ଘରକୁ ଯିବା ରାସ୍ତା ଅବରୋଧ କରିବା, ମାରଣାସ୍ତ୍ର ଦେଖାଇ ଭୟଭୀତ କରିବା ସହ ଘର ପାଖରେ ଥିବା ଗଛ କାଟିଦେବା, ନବଘନଙ୍କ ଘରକୁ ଯିବା ଆସିବା ବାଟକୁ ଅବରୋଧ ଭଳି ଘଟଣା ବାରମ୍ବାର ଘଟୁଥିବା ନବଘନ ଦାସଙ୍କ ପରିବାର ପକ୍ଷରୁ ଅଭିଯୋଗ କରାଯାଇଛି। ପରିସ୍ଥିତି ଏପରି ସଙ୍କଟଜନକ ହୋଇପଡ଼ିଛି ଯେ, ନବଘନ ଦାସ, ତାଙ୍କ ସ୍ତ୍ରୀ ସଖୀ ଦାସ ଏବଂ ପୁଅ ଭରତ ଦାସ ସୁରକ୍ଷା ଅଭାବରୁ ନିଜ ଗ୍ରାମ ଛାଡ଼ି ଅନ୍ୟତ୍ର ଆଶ୍ରୟ ନେବାକୁ ବାଧ୍ୟ ହୋଇଥିବା ଜଣାପଡ଼ିଛି। ଏନେଇ ଗ୍ରାମବାସୀ, ବାଲିକୁଦା ଥାନା ଓ ସ୍ଥାନୀୟ ଜନପ୍ରତିନିଧିଙ୍କୁ ବାରମ୍ବାର ଅବଗତ କରାଯାଇଥିଲେ ମଧ୍ୟ ସମସ୍ୟାର ସ୍ଥାୟୀ ସମାଧାନ ହୋଇପାରିନଥିବା ଅଭିଯୋଗ ହୋଇଛି। ଅଭିଯୁକ୍ତମାନେ ପୁଲିସ ନିର୍ଦ୍ଦେଶ କିମ୍ବା ଗ୍ରାମର ବୁଦ୍ଧିଜୀବୀ ଓ ଭଦ୍ରଲୋକଙ୍କ ମଧ୍ୟସ୍ଥତାକୁ ମଧ୍ୟ ଅବହେଳା କରୁଥିବାରୁ ପରିବାର ଲୋକଙ୍କ ମଧ୍ୟରେ ଭୟ ଆହୁରି ବଢ଼ୁଥିବା କୁହାଯାଇଛି। ଏହି ପରିପ୍ରେକ୍ଷୀରେ ନବଘନ ଦାସଙ୍କ ପରିବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିବା ସହ ପରିବାରକୁ ସୁରକ୍ଷା ଯୋଗାଇଦେବା ଓ ପାରିବାରିକ ହିଂସାର ସ୍ଥାୟୀ ସମାଧାନ କରିବା ପାଇଁ ଜିଲ୍ଲାପାଳଙ୍କୁ ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି। ଘଟଣାକୁ ପ୍ରଶାସନ କେତେ ଗୁରୁତ୍ୱର ସହ ନେଉଛି ଏବଂ ପୀଡ଼ିତ ପରିବାର କେବେ ସୁରକ୍ଷା ପାଉଛନ୍ତି, ତାହାକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି।

# ବଜାରରେ ଫଳ ଦର ଆକାଶଛୁଆଁ



ପଦ୍ମପୁର,୧୫।୫(ସଂଚାର ବ୍ୟୁରୋ)ଃ ଆସନ୍ତା ୧୬ ତାରିଖରେ ପବିତ୍ର ସାବିତ୍ରୀ ଅମାବାସ୍ୟା। ଏଥିପାଇଁ ବଜାର ଚଳଚଞ୍ଚଳ ହୋଇଯାଇଛି। ସାବିତ୍ରୀ ପାଇଁ ପଦ୍ମପୁର ସହରର ଛୋଟରୁ ବଡ କପଡ଼ା ଦୋକାନରେ ନୂତନ ବସ୍ତ୍ର କିଣିବା ପାଇଁ ଭିଡ଼ ଜମୁଥିବା ଦେଖିବାକୁ ମିଳିଛି। ସେହିଭଳି ଦୈନିକ ବଜାରଠାରୁ ଆରମ୍ଭ କରି ସହରର ବିଭିନ୍ନ ଛକରେ ଭଳିକିଭଳି ଫଳର ପସରା ବସିଛି। ଅମାବାସ୍ୟା ପାଇଁ ଏହି ଫଳର ଦର ମଧ୍ୟ ଆକାଶଛୁଆଁ ବୃଦ୍ଧି ହୋଇଛି। ବିଶେଷକରି ବେପାରୀ ବ୍ରହ୍ମପୁର, ଛତିଶଗଡ଼ର ରାୟପୁରରୁ ଫଳ ଆଣି ପଦ୍ମପୁରରେ ବିକ୍ରି କରୁଛନ୍ତି। ଗୁରୁବାର ପଦ୍ମପୁରରେ ଗୋଟା ପଣସ ୪୦୦/୫୦୦ ଟଙ୍କାରେ ବିକ୍ରି ହେଉଥିବା ବେଳେ ଆମ୍ବ କେଜି ୭୦/୮୦, ସପୁରି ଗୋଟାକୁ ୫୦ ଟଙ୍କା, ଲିଚୁ କେଜି ୧୮୦ରୁ ୨୦୦, ସେଓ ୨୪୦ରୁ ୨୮୦, ଅଙ୍ଗୁର ୨୨୦ ରହିଛି। ଅମାବାସ୍ୟା ଥିବାରୁ ଏହି ଦର ବୃଦ୍ଧି ପାଇବ ବୋଲି ବ୍ୟବସାୟୀ କହିଛନ୍ତି। ଅପରପକ୍ଷରେ ଅନ୍ୟ ବର୍ଷ ଅପେକ୍ଷା ଏଥର ବଜାରକୁ ପାଚିଲା ଦେଶୀଆମ୍ବ କମ୍ ଆସୁଥିବା ଲକ୍ଷ୍ୟ କରାଯାଉଛି।

# ଆଜିଠାରୁ ଝାରସୁଗୁଡ଼ା ପ୍ରିମିୟର ଲିଗ୍

ଝାରସୁଗୁଡ଼ା,୧୫।୫(ସଂଚାର ବ୍ୟୁରୋ)ଃ ଝାରସୁଗୁଡ଼ାରେ ଆସନ୍ତା ୧୬ରୁ ଝାରସୁଗୁଡ଼ା ପ୍ରିମିୟର ଲିଗ୍ ଅନୁଷ୍ଠିତ ହେବାକୁ ଯାଉଥିବା ବେଳେ ଏଥିରେ ଯୋଗଦେବା ପାଇଁ ଆୟୋଜକଙ୍କ ତରଫରୁ ଜିଲାପାଳଙ୍କୁ ଗୁରୁବାର ନିମନ୍ତ୍ରଣ ପତ୍ର ଦିଆଯାଇଛି। ଏହି କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ସହରର ମଙ୍ଗଳ ବଜାର ସୁପର କିଙ୍ଗସ, ଡି.ୱାଇ ୱାରିୟର୍ସ, ଆର୍ଯ୍ୟନ ଡିସି, ବ୍ଲାକ ଡାଇମଣ୍ଡ ଟାଇଟନ୍ସ, ଗ୍ଲୋବାଲ ଟସ୍କ ର୍ସ, ଝଣ୍ଡା ଚୌକ ଲେଜେଣ୍ଡସ, ରୟାଲ ଚାଲେଞ୍ଜର୍ସ ବ୍ରଜରାଜନଗର, ଝାରସୁଗୁଡ଼ା ଟାଉନ ନେଇ ସ୍ଥାନୀୟ ଆଦି ୮ ଟି ଦଳ ଦଳ ଅଂଶ ଗ୍ରହଣ କରୁଛନ୍ତି। ଏହି କ୍ରୀଡ଼ା ମହକୁମ୍ଭ କୁ ନେଇ କ୍ରୀଡ଼ାପ୍ରେମୀଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଛି।

# ପେଟ୍ରୋଲ ପମ୍ପରେ ନାହିଁ ତେଲଃ ଲୋକେ ହନ୍ତସନ୍ତ



ପାଟଣା,୧୫।୫(ସଂଚାର ବ୍ୟୁରୋ)ଃ କେନ୍ଦୁଝର ଜିଲା ପାଟଣା ମୁଖ୍ୟାଳୟରେ ଥିବା ଶିବ କୃପା ପେଟ୍ରୋଲ ପମ୍ପ, ବିଶ୍ୱକର୍ମା ପେଟ୍ରୋଲ ପମ୍ପ ଓ ସାହାରପଡା ବ୍ଲକ ସଞ୍ଜୁ କ୍ରୀଷ୍ଣା ଫିଲିଙ୍ଗ ଷ୍ଟେଶନ ଓ ଇଣ୍ଡିଆନ ପେଟ୍ରୋଲ ପମ୍ପରେ ପେଟ୍ରୋଲ-ଡିଜେଲ ନଥିବା ଦେଖିବକୁ ମିଳିଛି। କେତେକ ପେଟ୍ରୋଲ ପମ୍ପ ମାଲିକମାନେ ନୋ ଷ୍ଟକ ଲେଖିଥିବା ବେଳେ କେତେକ ମାଲିକ ଇରାନ ଆମେରିକା ଯୁଦ୍ଧ ପାଇଁ ପେଟ୍ରୋଲ ଉପଲବ୍ଧ ନାହିଁ ବୋଲି ଉଲ୍ଲେଖ କରିଛନ୍ତି। ଫଳରେ ଉପଭୋକ୍ତାମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହୋଇଛନ୍ତି। ତେବେ ସାଧାରଣରେ ପ୍ରଶ୍ନ ଉଠିଛି ପ୍ରକୃତରେ ପମ୍ପ ଗୁଡ଼ିକରେ ତେଲ ନାହିଁ ନା ତେଲ ବୃଦ୍ଧିକୁ ଆଖି ଆଗରେ ରଖି ପମ୍ପ ମାଲିକମାନେ ତେଲ ଆଣୁ ନାହାନ୍ତି ନା ତେଲ ବର୍ଦ୍ଧିତ ଦରରେ ବିକ୍ରିପାଇଁ ଏଭଳି କରିଛନ୍ତି ତାହା ସାଧାରଣରେ ପ୍ରଶ୍ନ ଉଠିଛି।

# ବିଭିନ୍ନ ଦାବି ନେଇ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ

ଦାରିଙ୍ଗବାଡ଼ି,୧୫।୫(ସଂଚାର ବ୍ୟୁରୋ)ଃ କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ବ୍ଲକରେ ଶୁକ୍ରବାର ଅଲ୍ ଇଣ୍ଡିଆ ମୂଳ ନିବାସୀ ସଂଘ ପକ୍ଷରୁ ବିଭିନ୍ନ ଦାବି ନେଇ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସଂଘର ସଭାପତି ପ୍ରଶାନ୍ତ ପ୍ରଧାନ ଏବଂ ସମ୍ପାଦକ ନୀରଜ ପ୍ରଧାନଙ୍କ ନେତୃତ୍ୱରେ ଶତାଧିକ ସଂଘ ସଦସ୍ୟ ସାରିଙ୍ଗିଇର୍ପି ଆମ୍ବତୋଟାଠାରେ ଏକତ୍ରିତ ହୋଇଥିଲେ। ସେଠାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଉକ୍ତ ସଭାରେ ମୂଳ ନିବାସୀ ପକ୍ଷରୁ ବିଭିନ୍ନ ଦାବି ଉପସ୍ଥାପନା କରାଯାଇ ରାଜ୍ୟପାଳ, ରାଜ୍ୟ ସରକାର ଏବଂ ଜିଲା ପ୍ରଶାସନ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଉକ୍ତ ଦାବିପତ୍ରରେ ଭୂମିହୀନ ଲୋକଙ୍କୁ ତୁରନ୍ତ ଜମିପଟ୍ଟା ପ୍ରଦାନ, ସ୍ଥାନୀୟ ଜନଜାତିଙ୍କୁ ଜଙ୍ଗଲ ଜମି ପଟ୍ଟା ପ୍ରଦାନ, ଜନଜାତି ଅଧ୍ୟୁଷିତ ଅଞ୍ଚଳରେ ଗ୍ରାମସଭାର ବିନା ଅନୁମୋଦନରେ ସରକାର ବିଭିନ୍ନ କମ୍ପାନୀ ହାତକୁ ପ୍ରାୟ ୨୨ ଶହ ଏକର ଜମି ପ୍ରଦାନ ନିଷ୍ପତ୍ତି ଓ ବେଆଇନ ଭାବେ ତାକୁ କାର୍ଯ୍ୟକାରୀ କରି ଜନଜାତିଙ୍କୁ ବିସ୍ଥାପନ କରିବାକୁ ବନ୍ଦ କରିବା ଏବଂ ଦାରିଙ୍ଗବାଡ଼ିର ସାଂଜାସରୁ ଉନ୍ନୟନ ଟ୍ରଷ୍ଟକୁ ରଦ୍ଦ କରିବା ଆଦି ଦାବି ପତ୍ରରେ ଉଲ୍ଲେଖ ରହିଛି। ଶୋଭାଯାତ୍ରାରେ ତହସିଲ କାର୍ଯ୍ୟାଳୟ ପହଞ୍ଚି ସେଠାରେ ବିକ୍ଷୋଭ କରାଯିବା ସହ ତହସିଲଦାର ଧୀରଜ ପାତ୍ରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଆଇନଶୃଙ୍ଖଳାର ତଦାରଖ ପାଇଁ ଆଇଆଇସି ସଂଗ୍ରାମ କେଶରୀ ଜେନାଙ୍କ ତତ୍ତ୍ୱାବଧାନରେ ଶତାଧିକ ସୁରକ୍ଷା କର୍ମୀ ମୁତୟନ ହୋଇଥିଲେ। ଏହି ଆନ୍ଦୋଳନରେ ଆଦିବାସୀ ଦଳିତ ମହାସଂଘ, କୁଇକୁଳ ସମିତି ରାଷ୍ଟ୍ରୀୟ ଆଦିବାସୀ ସେଲ୍‌ଲ, ଏରିଆ ସଂଘର୍ଷ ସମିତି ର ଶତାଧିକ କର୍ମକର୍ତ୍ତା ଓ ସଦସ୍ୟ ଯୋଗଦେଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

# ଆବାସ ଯୋଜନାରୁ ବଞ୍ଚିତ ଦୈମତିଙ୍କ ଦୁର୍ଦ୍ଦଶା ବଢ଼ାଇଲା କାଳବୈଶାଖୀ



ଲୋଇସିଂହା,୧୫।୫(ସଂଚାର ବ୍ୟୁରୋ)ଃ ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବୁଢ଼ୀପଦର ପଞ୍ଚାୟତ ନେଗିପାଲି ଗ୍ରାମର ଦୈମତି ମେସୁଆ (୬୬)। ସରକାରଙ୍କ ବିଭିନ୍ନ ଆବାସ ଯୋଜନା ଥିବା ସତ୍ତ୍ୱେ ସେ ଏ ପର୍ଯ୍ୟନ୍ତ ପକ୍କାଘର ପାଇବାରୁ ବଞ୍ଚିତ ରହିଛନ୍ତି । ଏଭଳି ପରିସ୍ଥିତିରେ ବୁଧବାର ଲୋଇସିଂହା ବ୍ଲକ ଅଞ୍ଚଳରେ ହୋଇଥିବା କାଳବୈଶାଖୀ ତାଙ୍କ ଦୁଃଖକୁ ଆହୁରି ବଢ଼ାଇ ଦେଇଛି । ବର୍ଷା ଓ ପବନ ହେବାରୁ ସେ ରହୁଥିବା ଘରର ଆଜବେଷ୍ଟସ୍ ଛପର ଉଡିଯାଇଥିବା ବେଳେ କିଛି ଅଂଶ କ୍ଷତିଗ୍ରସ୍ତ ହୋଇଛି। ଘର ଛାତ ଉଡି ଯିବା ପରେ ବର୍ଷାପାଣିରେ ତାଙ୍କ ଘରେ ଥିବା ଖାଦ୍ୟ ସାମଗ୍ରୀ ଓ ଜିନିଷପତ୍ର ନଷ୍ଟ ହୋଇଯାଇଛି। ଏବେ ସେ ଅତ୍ୟନ୍ତ ଅସୁରକ୍ଷିତ ଅବସ୍ଥାରେ ଦିନ କାଟୁଛନ୍ତି। ଗ୍ରାମବାସୀଙ୍କ କହିବା ଅନୁସାରେ ଦୈମତି ଜଣେ ଅସହାୟ ବିଧବା ମହିଳା । ସେ ଦୀର୍ଘ ଦିନ ଧରି ଆବାସ ଯୋଜନାରେ ଘର ଖଣ୍ଡିଏ ପାଇବା ପାଇଁ ପଞ୍ଚାୟତରୁ ଆରମ୍ଭ କରି ବ୍ଲକ ସ୍ତରରେ ଅନୁଷ୍ଠିତ ଜନ ଅଭିଯୋଗ ଶୁଣାଣି ଶିବରରେ ପ୍ରଶାସନ ନିକଟରେ ଦାବି କରି ଆସୁଛନ୍ତି । କିନ୍ତୁ ଏ ପର୍ଯ୍ୟନ୍ତ ସେ ଯୋଗ୍ୟ ବିବେଚିତ ହୋଇ ପାରୁନାହାନ୍ତି। ଯଥାଶୀଘ୍ର ପ୍ରଶାସନ ପକ୍ଷରୁ ତାଙ୍କୁ ଆର୍ଥିକ ସହାୟତା ସହ ପକ୍କା ଘର ଯୋଗାଇ ଦେବାକୁ ଦାବି ହେଉଛି। ଏ ସମ୍ପର୍କରେ ସରପଞ୍ଚ ଲକ୍ଷ୍ମୀ ପ୍ରଧାନ କହିଛନ୍ତି, ଅଭିଯୋଗ ପାଇଛି। ସୁଭଦ୍ରା ଯୋଜନା କର୍ମଶାଳା ଥିବାରୁ କ୍ଷେତ୍ର ପରିଦର୍ଶନ କରି ପାରି ନ ଥିଲି । ଘର ପାଇବା ପାଇଁ ସେ ଜଣେ ଯୋଗ୍ୟ ହିତାଧିକାରୀ।

## ସରକାରଙ୍କର କୌଣସି ନିର୍ଦ୍ଧାରିତ ନିୟମ ନାହିଁ

# ତଥାପି ୧୦୦ ଟଙ୍କାରେ ସୀମିତ ପେଟ୍ରୋଲ



ଧାମନଗର,୧୫।୫(ସଂଚାର ବ୍ୟୁରୋ)ଃ ମଧ୍ୟପ୍ରାଚ୍ୟ ଯୁଦ୍ଧ ପରବର୍ତ୍ତୀ ପରିସ୍ଥିତିରେ ସାରା ଦେଶରେ ତୈଳ ଆମଦାନୀ ହ୍ରାସ ପାଇଥିବା ଚର୍ଚ୍ଚା ମଧ୍ୟରେ ରାଜ୍ୟର ବିଭିନ୍ନ ସ୍ଥାନରେ ପେଟ୍ରୋଲ ଓ ଡିଜେଲ ସଙ୍କଟ ଦେଖାଦେଇଛି। କେତେକ ସ୍ଥାନରେ ପେଟ୍ରୋଲ ପମ୍ପ ବନ୍ଦ ରହୁଥିବା ବେଳେ, ଧାମନଗର ଅଞ୍ଚଳରେ ମଧ୍ୟ ତୈଳ ଅଭାବକୁ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି।ରାଜ୍ୟ ସରକାରଙ୍କ ଯୋଗାଣ ମନ୍ତ୍ରୀ ଓ ବିଭାଗୀୟ ସଚିବ ରାଜ୍ୟରେ ଯଥେଷ୍ଟ ପରିମାଣରେ ତେଲ ମହଜୁଦ ଥିବା ଏବଂ ସରକାରଙ୍କ ପକ୍ଷରୁ କୌଣସି ସୀମିତ ବିତରଣ ନୀତି ଲାଗୁ କରାଯାଇନଥିବା କହୁଥିବା ବେଳେ, ଧାମନଗରରେ ତାହାର ସଂପୂର୍ଣ୍ଣ ବିପରୀତ ଚିତ୍ର ଦେଖିବାକୁ ମିଳିଛି।ଶୁକ୍ରବାର ସକାଳୁ ଧାମନଗର ସହରାଞ୍ଚଳର ଦୁଇଟି ପ୍ରମୁଖ ପେଟ୍ରୋଲ ପମ୍ପରେ ଭିଡ଼ ପରିଲକ୍ଷିତ ହୋଇଥିଲା। ଖବର ଲେଖିବା ବେଳକୁ ଏକ ଏଚ୍ ପି ପେଟ୍ରୋଲ ପମ୍ପରେ ତେଲ ନଥିବା ବେଳେ, ଭାରତ ପେଟ୍ରୋଲିୟମ ପମ୍ପରେ ଲମ୍ବା ଲାଇନରେ ଗ୍ରାହକ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରୁଥିଲେ। ଏଠାରେ ପ୍ରତ୍ୟେକ ବାଇକକୁ ମାତ୍ର ୧୦୦ ଟଙ୍କାର ପେଟ୍ରୋଲ ଦିଆଯାଉଥିବାରୁ ଗ୍ରାହକମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ବର୍ତ୍ତମାନର ଦର ଅନୁଯାୟୀ ୧୦୦ ଟଙ୍କାରେ ଏକ ଲିଟରରୁ କମ ପେଟ୍ରୋଲ ମିଳୁଥିବାରୁ ବାଇକ ଚାଳକମାନେ ଦୂର ଯାତ୍ରା କରିବାରେ ସମସ୍ୟାରେ ପଡୁଛନ୍ତି। ବର୍ତ୍ତମାନ ବିବାହ ଓ ଅନ୍ୟାନ୍ୟ ସାମାଜିକ ଉତ୍ସବର ସମୟ ଚାଲିଥିବା ବେଳେ, ତୈଳ ସଙ୍କଟ ବାଇକ ଆରୋହୀ ଓ ସାଧାରଣ ଲୋକଙ୍କ ଦୈନନ୍ଦିନ ଯାତାୟାତକୁ ପ୍ରଭାବିତ କରିଛି। ଏନେଇ ପେଟ୍ରୋଲ ପମ୍ପ ମାଲିକମାନେ କହିଛନ୍ତି ଯେ, ଆବଶ୍ୟକ ପରିମାଣରେ ତେଲ ଆସୁନାହିଁ। ଫଳରେ ସେମାନେ ନିରୁପାୟ ହୋଇ ସୀମିତ ପରିମାଣରେ ତେଲ ବିତରଣ କରୁଛନ୍ତି। ପ୍ରଥମେ ଆମ୍ବୁଲାନ୍ସ ଓ ପୋଲିସ ଗାଡ଼ି ପାଇଁ ତେଲ ସଂରକ୍ଷିତ ରଖିବାକୁ ପଡୁଥିବା ବେଳେ, ପରେ ସାଧାରଣ ଗ୍ରାହକଙ୍କୁ ୧୦୦ରୁ ୨୦୦ଟଙ୍କାର ପେଟ୍ରୋଲ ଦିଆଯାଉଛି ବୋଲି ସେମାନେ କହିଛନ୍ତି।ଗାଡ଼ି ଚାଳକମାନେ ଘଣ୍ଟା ଘଣ୍ଟା ଧରି ଟାଙ୍କି ଆଗରେ ଲମ୍ବା ଧାଡ଼ିରେ ଛିଡ଼ା ହୋଇ ଶେଷରେ ନିରାଶ ହୋଇ ଫେରୁଛନ୍ତି। ଅସାଧୁ ଖୁଚୁରା ବ୍ୟବସାୟୀଙ୍କ ଠାରୁ ପେଟ୍ରୋଲ ଓ ଡିଜେଲ ଚଢ଼ା ଦରରେ କିଣିବା ପାଇଁ ବାଧ୍ୟ ହୋଇ ହେଉଛନ୍ତି। ଏ ସମ୍ପର୍କରେ ଧାମନଗର ଯୋଗାଣ ଅଧିକାରୀ ପ୍ରୀତିଶ ରଞ୍ଜନ ସାମଲଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ସେ ନୂଆକରି ଦାୟିତ୍ୱ ନେଇଥିବାରୁ ସମସ୍ତ ପରିସ୍ଥିତି ଯାଞ୍ଚ କରାଯାଉଛି। ତେଲ ସଙ୍କଟ ନେଇ ସରକାରଙ୍କ ପକ୍ଷରୁ ୧୦୦ ଟଙ୍କାରେ ତେଲ ବିତରଣ ପାଇଁ କୌଣସି ନୀତି ନିର୍ଦ୍ଧାରଣ କରାଯାଇନାହିଁ।